ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୭/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, April 17/2021 | ★★★★★★

୪୭ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# କରୋନା ବିଗାଡ଼ିଲା ପରୀକ୍ଷା

ଦେଶରେ କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ପୁଣି ବିଗିଡ଼ିବାରେ ଲାଗିଛି ଶିକ୍ଷା କ୍ଷେତ୍ର। ଗତବର୍ଷ ମାର୍ଚ୍ଚରେ କରୋନାର ପ୍ରଥମ ପର୍ଯ୍ୟାୟ କାୟା ବିସ୍ତାର କରିଥିଲା। ଏହାପରଠାରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଥିଲା। ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ପରୀକ୍ଷା ମଧ୍ୟ ବନ୍ଦ ରହିଥିଲା। କିଛି ମାସ ହେବ ଶିକ୍ଷାନୁଷ୍ଠାନଗୁଡ଼ିକ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଥିବାବେଳେ କରୋନାର ଦ୍ୱିତୀୟ ଲହର ପୁଣି ଦ୍ୱାର ବନ୍ଦ କରିଦେଇଛି। ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଥମେ ବୁଧବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷା ବାତିଲ କରାଯାଇଥିବାବେଳେ ଦ୍ୱାଦଶ ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ସେହିପରି ଓଡ଼ିଶା ସରକାର ଗୁରୁବାର ମାଟ୍ରିକ ପରୀକ୍ଷାକୁ ବାତିଲ କରିବା ସହିତ ଯୁକ୍ତ୨ ପରୀକ୍ଷାକୁ ସ୍ଥଗିତ ରଖିଛନ୍ତି। ଶୁକ୍ରବାର କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ ଅଫ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ମଧ୍ୟ ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖିଛି। ଏପରିସ୍ଥିତିରେ ଶିକ୍ଷା କ୍ଷେତ୍ର ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି। ଫଳରେ କରୋନା ପୁଣି ପରୀକ୍ଷାକୁ ବିଗାଡ଼ି ଦେଇଛି।

## ୧୯ରୁ ଉଚ୍ଚ ଶିକ୍ଷାନୁଷ୍ଠାନ ବନ୍ଦ

- କଲେଜ, ବିଶ୍ୱବିଦ୍ୟାଳୟ ପରୀକ୍ଷା ସ୍ଥଗିତ
- ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ
- ରୋଷ୍ଟର ଡ୍ୟୁଟି କରିବେ ୫୦ପ୍ରତିଶତ କର୍ମଚାରୀ
- ଇଞ୍ଜିନିୟରିଂ କଲେଜ, ଆଇଟିଆଇଗୁଡ଼ିକ ବନ୍ଦ



**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଆସନ୍ତା ୧୯ ତାରିଖ ସୋମବାରଠାରୁ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ପାଇଁ ବନ୍ଦ କରାଯିବା ସହ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହିତ ସମସ୍ତ ହଷ୍ଟେଲକୁ ତୁରନ୍ତ ଖାଲି କରିବା ସହ ଶିକ୍ଷାନୁଷ୍ଠାନ ପରିଚାଳନା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବା ତଥା ରାଜ୍ୟ ସରକାର କଟକଣା ଜାରି କରିଥିବାରୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଫ୍‌ଲାଇନ୍ ପାଠପଢ଼ା ସହ ପରୀକ୍ଷାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ସୋମବାରଠାରୁ ଏହା କାର୍ଯ୍ୟକାରୀ ହେବ। କୁଳପତି ଓ ଅଧ୍ୟକ୍ଷଙ୍କ ସହ ଆଲୋଚନା ପରେ ସଂଶୋଧିତ ପରୀକ୍ଷା କାର୍ଯ୍ୟସୂଚୀ ଘୋଷଣା କରାଯିବ। ତେବେ ସିଲାବସ୍ ଶେଷ ହେବା ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ କ୍ଲାସ୍ କରାଯିବ। ହଷ୍ଟେଲଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ମୋଟ୍ କ୍ଷମତାର ସର୍ବନିମ୍ନ ୫୦ ପ୍ରତିଶତ ଅଧ୍ୟାପକ ଓ ଅଣଅଧ୍ୟାପକଙ୍କୁ ନେଇ ପରିଚାଳନା କରିବେ। ବିଶ୍ୱବିଦ୍ୟାଳୟ କୁଳପତି ଓ କଲେଜ ଅଧ୍ୟକ୍ଷମାନେ ଅଫିସ୍ କାର୍ଯ୍ୟ ଓ ଏକାଡେମିକ୍ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ କର୍ମଚାରୀଙ୍କର ରୋଷ୍ଟର ଡ୍ୟୁଟି କରିବେ। ଅଧ୍ୟାପକମାନେ ନିଜ କଲେଜ ବା ବିଶ୍ୱବିଦ୍ୟାଳୟରୁ କିମ୍ବା ନିଜ ଘରୁ ଅନ୍‌ଲାଇନ୍‌ରେ କ୍ଲାସ୍ ନେଇପାରିବେ। ରୋଷ୍ଟର ଡ୍ୟୁଟି ନ ଥିବାବେଳେ ଅଧ୍ୟାପକ ଓ ଅଣଅଧ୍ୟାପକ କର୍ମଚାରୀମାନେ ଘରୁ ଡ୍ୟୁଟି କରିବେ ଓ ଖବର ପାଇବା ମାତ୍ରେ ନିଜ ଅନୁଷ୍ଠାନରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବେ ବୋଲି ☞ପୃଷ୍ଠା–୪

### ଆଇସିଏସ୍‌ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ସିଆଇଏସ୍‌ସିଇ ଦ୍ୱାରା ପରିଚାଳିତ ଇଣ୍ଡିଆନ ସ୍କୁଲ୍ ଅଫ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ଆଇସିଏସ୍‌ଇ) ଦଶମ ଓ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍(ଆଇଏସ୍‌ସି) ଦ୍ୱାଦଶ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଶୁକ୍ରବାର ସିଆଇଏସ୍‌ସିଇ ପକ୍ଷରୁ ଘୋଷଣା କରାଯାଇଛି। କେବେ ପରୀକ୍ଷା ହେବ ସେନେଇ ଜୁନ୍ ପ୍ରଥମ ସପ୍ତାହରେ ଜଣାଯିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଆଇସିଏସ୍‌ଇ ଦଶମ ପରୀକ୍ଷା ମେ’ ୪ରୁ ଆରମ୍ଭ ହୋଇ ଜୁନ୍ ୭ ପର୍ଯ୍ୟନ୍ତ ଚାଲିଥାନ୍ତା। କିନ୍ତୁ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଗତ ୮ତାରିଖରୁ ଆରମ୍ଭ ହୋଇଥିବାବେଳେ ଜୁନ୍ ୧୬ରେ ଶେଷ ହୋଇଥାଆନ୍ତା। ଏବେ ଏହି ଦୁଇ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଗତବର୍ଷ ମଧ୍ୟ କରୋନା ଯୋଗୁ ଏହି ପରୀକ୍ଷା ଅଧାରୁ ବନ୍ଦ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଅନ୍ୟ ବିଷୟର ମାର୍କ ଓ ଇଣ୍ଟରନାଲ ପରୀକ୍ଷାଫଳକୁ ଆଧାର କରି ଫଳ ପ୍ରକାଶ କରାଯାଇଥିଲା।






## ଆଜିଠୁ ସବୁ ସହରରେ ରାତ୍ରି କର୍ଫ୍ୟୁ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ରାଜ୍ୟରେ କୋଭିଡ୍–୧୯ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶନିବାର ଠାରୁ ରାଜ୍ୟର ସବୁ ସହରରେ ରାତ୍ରି କର୍ଫ୍ୟୁ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଆଦି ୧୦ଟି ଜିଲାର ସମସ୍ତ ସହରାଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁର ସମୟ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଏହି ସବୁ ଜିଲାରେ କର୍ଫ୍ୟୁ ରାତି ୯ଟାରୁ ସକାଳ ୬ଟା ଯାଏ ଥିଲା। ତେବେ ଉକ୍ତ ଜିଲାଗୁଡିକରେ ଏଣିକି ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ ରହିବ । ସେହିପରି କଟକ, ଭୁବନେଶ୍ୱର ମହାନଗର ନିଗମ ସମେତ ରାଜ୍ୟର ଅନ୍ୟ ୨୦ଟି ଜିଲାର ସମସ୍ତ ସହରାଞ୍ଚଳରେ ରାତି ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

### ପ୍ରଶାସନିକ ସଂସ୍କାର

## ଶନି, ରବିବାର ଶ୍ରୀମନ୍ଦିର ବନ୍ଦ



**ଏ୧୯ରୁ ନୂତନ ଏସ୍‌ଓପି ଲାଗୁ**

**ବାହାର କାଠରୁ ମିଳିବ ଦର୍ଶନ**

- ରାଜ୍ୟ ବାହାର ଭକ୍ତଙ୍କ ପାଇଁ କୋଭିଡ ନେଗେଟିଭ୍, ଟିକା ନେଇଥିବା ପ୍ରମାଣପତ୍ର ବାଧ୍ୟତାମୂଳକ
- ମାସ୍କ ପିନ୍ଧି ନ ଥିଲେ ପ୍ରବେଶ ମନା
- କୁମ୍ଭମେଳା ଯାଇଥିବା ସେବାୟତଙ୍କ କୋଭିଡ୍ ଟେଷ୍ଟ ହେବ

**ପୁରୀ ଅଫିସ, ୧୬।୪**

ଏଣିକି ପ୍ରତ୍ୟେକ ଶନିବାର ଓ ରବିବାର ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ। ସେହିପରି ଅନ୍ୟ ଦିନଗୁଡ଼ିକରେ ଶ୍ରଦ୍ଧାଳୁମାନେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ କରି ବାହାର କାଠରୁ ଦାରୁଦିଅଁଙ୍କ ଦର୍ଶନ କରିପାରିବେ। ତେବେ ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳଙ୍କ ପାଇଁ କୋଭିଡ୍ ନେଗେଟିଭ ପ୍ରମାଣପତ୍ର କିମ୍ବା ଦୁଇଡୋଜ୍ ଟିକା ନେଇଥିବାର ପ୍ରମାଣପତ୍ର ଦେଖାଇବା ବାଧ୍ୟତାମୂଳକ ☞ପୃଷ୍ଠା–୪

## ନୀରବଙ୍କ ପ୍ରତ୍ୟର୍ପଣକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୬।୪**



ନୀରବ ମୋଦି

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ୧୪ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ଭାରତ ପ୍ରତ୍ୟର୍ପଣ ରାସ୍ତା ସହଜ ହୋଇଛି। ବର୍ତ୍ତମାନ ସେ ଲଣ୍ଡନର ଏକ ଜେଲରେ ରହିଥିବା ବେଳେ ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲା ଚାଲିଥିଲା। କୋର୍ଟ ତାଙ୍କୁ ପିଏନ୍‌ବି ଋଣ ଦୁର୍ନୀତିରେ ଅଭିଯୁକ୍ତ ଭାବେ ବିଚାରକୁ ନେଇ ପ୍ରତ୍ୟର୍ପଣ ଲାଗି ଅନୁମତି ଦେଇଥିଲେ। ବ୍ରିଟେନର ହୋମ୍ ସେକ୍ରେଟାରି ପ୍ରୀତି ପଟେଲ ପଳାତକ ନୀରବଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶକୁ ମଞ୍ଜୁରୀ ଦେଇଥିବା ☞ପୃଷ୍ଠା–୪

## ଓଡ଼ିଶାରେ ଏବର୍ଷ କମ୍ ମୌସୁମୀ ବର୍ଷା

**ନୂଆଦିଲ୍ଲୀ, ୧୬।୪(ପି.ଟି.)**



ଚଳିତ ବର୍ଷ ଦକ୍ଷିଣ–ପଶ୍ଚିମ ମୌସୁମୀ ସ୍ୱାଭାବିକ ହେବ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଶୁକ୍ରବାର ଏନେଇ ପୂର୍ବାନୁମାନ କରିଛି। ତେବେ ଓଡ଼ିଶା, ଝାଡ଼ଖଣ୍ଡ, ପୂର୍ବ ଉତ୍ତରପ୍ରଦେଶ, ଆସାମ ଏବଂ ମେଘାଳୟରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ବୋଲି କୁହାଯାଇଛି। ଏହା ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ସ୍ୱାଭାବିକ କିମ୍ବା ଏହାଠାରୁ ଅଧିକ ବର୍ଷା ହେବ। ଦକ୍ଷିଣ–ପଶ୍ଚିମ ମୌସୁମୀ ଦେଶରେ ୭୫ ପ୍ରତିଶତ ବର୍ଷା କରାଇଥାଏ। ଏବର୍ଷ ମୌସୁମୀ ଦୀର୍ଘକାଳୀନ ହାରାହାରି (ଏଲ୍‌ପିଏ)ର ୯୮ ପ୍ରତିଶତ ରହିବ। ଏଥିରେ ୫ ପ୍ରତିଶତ କମ୍ କିମ୍ବା ବେଶି ହୋଇପାରେ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ କହିଛନ୍ତି।

ଜୁନ୍‌ରୁ ସେପ୍ଟେମ୍ବର ୪ ମାସରେ ୯୮ ପ୍ରତିଶତ ବର୍ଷା ହେବ ଯାହା କି ସ୍ୱାଭାବିକ ବୋଲି କୁହାଯାଇଥିବାରୁ ଦେଶ ପାଇଁ ଏହା ବାସ୍ତବରେ ଭଲ ଖବର। କାରଣ ଭାରତର କୃଷି ପ୍ରାୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଭଲ ବର୍ଷା ହେଲେ ଅମଳ ଭଲ ହୋଇଥାଏ। ସେହିପରି ଦେଶର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। କୃଷି ଉତ୍ପାଦନ ବଢ଼ିଲେ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ରାଜୀବନ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପ୍ରଥମ ଥର ପାଇଁ ଆଇଏମ୍‌ଡି ବୃଷ୍ଟିପାତର ସ୍ଥାନିକ ବିତରଣ ଉପରେ ନିର୍ଦ୍ଦିଷ୍ଟ ପୂର୍ବାନୁମାନ କରିଛି। ଏଥିପାଇଁ ଦେଶକୁ ୪ଟି ଡିଭିଜନ ଯଥା ଉତ୍ତରପଶ୍ଚିମ ଭାରତ, ପୂର୍ବ ଏବଂ ଉତ୍ତରପୂର୍ବ ଭାରତ, କେନ୍ଦ୍ରୀୟ ଭାରତ ଏବଂ ଦକ୍ଷିଣ ଉପଦ୍ୱୀପରେ ବିଭକ୍ତ କରାଯାଇଛି। ଗତ ଦୁଇବର୍ଷ ହେଲା ଦେଶରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇଛି। ଭାରତୀୟ ମୌସୁମୀକୁ ଲା ନିନା ଏବଂ ଏଲ୍ ନିନ୍ୟୋ ବିଶେଷ ପ୍ରଭାବିତ କରିଥାଏ। ଲା ନିନା ଯୋଗୁ ପ୍ରଶାନ୍ତ ☞ପୃଷ୍ଠା–୪




**ଡଙ୍ଗା ବୁଡ଼ି ୨୧ ପ୍ରବାସୀ ମୃତ**

ଟ୍ୟୁନିସିଆର କେନ୍ଦ୍ରୀୟ ବନ୍ଦର ସହର ସଫାକ୍ସ ଉପକୂଳରେ ଶୁକ୍ରବାର ଏକ ଡଙ୍ଗା ବୁଡ଼ିଯାଇଛି। ସେଥିରେ ଥିବା ୨୧ ପ୍ରବାସୀଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ୯ ମହିଳା ଓ ଜଣେ ଶିଶୁ ଅଛନ୍ତି। ଅନ୍ୟ ୩ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଦାରିଦ୍ର୍ୟ ମଧ୍ୟରେ ଜୀବନ ବିତାଉଥିବା ପ୍ରବାସୀଙ୍କ ଲାଗି ଇଟାଲୀ ଯାଇ ନୂଆ ଜୀବନ ବିତାଇବା ପାଇଁ ସଫେକ୍ସ ହେଉଛି ପ୍ରସ୍ଥାନ ପଥ।

## ସଂକ୍ଷେପରେ

### କରୋନାରେ ପୂର୍ବତନ ସିବିଆଇ ମୁଖ୍ୟ ରଞ୍ଜିତ ସିହ୍ନାଙ୍କ ପରଲୋକ



**ନୂଆଦିଲ୍ଲୀ, ୧୬।୪:** ସିବିଆଇର ପୂର୍ବତନ ନିର୍ଦ୍ଦେଶକ ରଞ୍ଜିତ ସିହ୍ନାଙ୍କର ଶୁକ୍ରବାର କରୋନାରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ବିହାର କ୍ୟାଡରର ଏହି ଆଇପିଏସ୍ ଅଫିସର ଗୁରୁବାର କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସିବିଆଇ ମୁଖ୍ୟ ପଦବୀରେ ଥାଇ ସେ କୋଇଲା ଦୁର୍ନୀତି ମାମଲାରେ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ତାଙ୍କୁ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୧୨ରେ ସିବିଆଇ ନିର୍ଦ୍ଦେଶକ ପଦରେ ଯୋଗଦେବା ପୂର୍ବରୁ ସେ ଆଇଟିବିପି ବାହିନୀ, ରେଲୱେ ସୁରକ୍ଷା ବଳରେ କାର୍ଯ୍ୟ କରିବା ସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ପାଟନା ଓ ଦିଲ୍ଲୀ କାର୍ଯ୍ୟାଳୟରେ ବରିଷ୍ଠ ଅଧିକାରୀ ପଦରେ ଅବସ୍ଥାପିତ ଥିଲେ। ତାଙ୍କ ବିୟୋଗରେ ସିବିଆଇ ପକ୍ଷରୁ ଶୋକ ବ୍ୟକ୍ତ କରାଯିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି।

### କୁମ୍ଭମେଳା: କରୋନାରେ ମହାମଣ୍ଡଳେଶ୍ୱରଙ୍କ ମୃତ୍ୟୁ



**ନୂଆଦିଲ୍ଲୀ, ୧୬।୪:** ହରିଦ୍ୱାର କୁମ୍ଭମେଳାରେ ଯୋଗଦେଇଥିବା ମଧ୍ୟପ୍ରଦେଶ ନିର୍ୱାଣି ଆଖଡ଼ାର ମହାମଣ୍ଡଳେଶ୍ୱର କପିଳଦେବ ଦାସଙ୍କର କରୋନାରେ ମୃତ୍ୟୁ ଘଟିଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ଗୁରୁବାର ତାଙ୍କୁ ହରିଦ୍ୱାରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କପିଳଙ୍କ ସହ ୧୦ ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଓ ଅନୁଗାମୀ କଙ୍ଖାଲଠାରେ କ୍ୟାମ୍ପ ପକାଇ ରହିଥିଲେ। ସମସ୍ତଙ୍କ ନମୁନା ପରୀକ୍ଷା ପାଇଁ ନିଆଯାଇଛି। ଶୁକ୍ରବାର କୁମ୍ଭମେଳା ସ୍ଥଳରୁ ଆଉ ୮୦ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। କୋଭିଡ୍ ଗାଇଡ୍‌ଲାଇନ ନ ମାନି ଲକ୍ଷ ଲକ୍ଷ ଲୋକ କୁମ୍ଭମେଳାରେ ଯୋଗଦେଇଥିବାରୁ ଏହା ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ସେଠାରୁ ୬ ଦିନ ମଧ୍ୟରେ ପ୍ରାୟ ୨୦୦୦ ସଂକ୍ରମିତ ଚିହ୍ନଟ ହେଲେଣି।

### ୟେଦୁରପ୍ପା କରୋନା ସଂକ୍ରମିତ, ହସ୍ପିଟାଲରେ ଭର୍ତ୍ତି

**ବେଙ୍ଗାଲୁରୁ, ୧୬।୪:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଦ୍ୱିତୀୟ ଥର ପାଇଁ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ଶୁକ୍ରବାର ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୭୮ ବର୍ଷୀୟ ଭାଜପା ନେତା ଗତବର୍ଷ ଅଗଷ୍ଟ ୨ରେ ପ୍ରଥମେ କରୋନା ସଂକ୍ରମିତ ହେବା ପରେ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ସାମାନ୍ୟ ଜ୍ୱର ହେବାରୁ ସେ ଶୁକ୍ରବାର କୋଭିଡ୍ ପରୀକ୍ଷା କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଟୁଇଟ୍ କରିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ନିଜର କୋଭିଡ୍ ପରୀକ୍ଷା କରାଇନେବା ସହ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ୟେଦୁରପ୍ପା ଅନୁରୋଧ କରିଛନ୍ତି।

### ଆମେରିକାରେ ଭାରତୀୟ ବଂଶୋଦ୍ଭବ ଗଣିତଜ୍ଞଙ୍କ ମୃତ୍ୟୁ

**ନ୍ୟୁୟର୍କ,୧୬।୪(ପି.ଟି.):** ନ୍ୟୁୟର୍କର ହୁଡ୍‌ସନ୍ ନଦୀରେ ଭାସୁଥିବା ଭାରତୀୟ ବଂଶୋଦ୍ଭବ ଗଣିତଜ୍ଞ ଶୁଭ୍ର ବିଶ୍ୱାସଙ୍କ ମୃତଦେହ ସୋମବାର ଜବତ ହୋଇଛି। ୩୧ ବର୍ଷୀୟ ଶୁଭ୍ର କ୍ରିପ୍ଟୋ କରେନ୍ସି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ କାର୍ଯ୍ୟ କରୁଥିଲେ। ତାଙ୍କ ମାନସିକ ସ୍ଥିତି ଭଲ ନ ଥିଲା ବୋଲି ଆମେରିକାର ଏକ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ କରିବା ପାଇଁ ନ୍ୟୁୟର୍କ ମେଡିକାଲ ଏକ୍‌ଜାମିନେଶନ ଅଫିସର ଉଦ୍ୟମ ଚଳାଇଛନ୍ତି।

## କିମ୍ ଦକ୍ଷିଣ କୋରିଆ ପ୍ରଧାନମନ୍ତ୍ରୀ



ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍ ଶୁକ୍ରବାର କିମ୍ ବୁ-କ୍ୟୁମ୍‌ଙ୍କୁ ଦେଶର ନୂଆ ପ୍ରଧାନମନ୍ତ୍ରୀ ବାଛିଛନ୍ତି। ତାଙ୍କ ରାଷ୍ଟ୍ରପତିତ୍ୱରେ କିମ୍ ହେଉଛନ୍ତି ତୃତୀୟ ପ୍ରଧାନମନ୍ତ୍ରୀ। ୪ ଥର ଏମ୍‌ପି ହୋଇଥିବା କିମ୍ ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କୁ ନୂଆ ପ୍ରଧାନମନ୍ତ୍ରୀ ରୂପେ ବଛାଯାଇଛି। ସେ ଆଞ୍ଚଳିକବାଦ ବିରୋଧୀ, ସାମାଜିକ ସଂସ୍କାର ଓ ଜାତୀୟ ଏକତା ପ୍ରତି ନିଜକୁ ସମର୍ପିତ କରିଥିବା ରାଷ୍ଟ୍ରପତିଙ୍କ ଅଫିସ ପକ୍ଷରୁ ଘୋଷଣା କରାଯାଇଛି। ନୂଆ ପ୍ରଧାନମନ୍ତ୍ରୀଙ୍କ ସହ ଅନ୍ୟ କେତେକ ମନ୍ତ୍ରଣାଳୟର ମନ୍ତ୍ରୀଙ୍କୁ ମଧ୍ୟ ବଦଳାଯାଇଛି। ଶାସକ ଡେମୋକ୍ରାଟିକ୍ ପାର୍ଟିକୁ ଗତ ସପ୍ତାହରେ ମେୟର ନିର୍ବାଚନରେ ଝଟ୍‌କା ଲାଗିବା ପରେ ଶୀର୍ଷ ନେତୃତ୍ୱରେ ପରିବର୍ତ୍ତନ କରାଯାଇଛି। ପ୍ରଧାନମନ୍ତ୍ରୀ ଚୁଙ୍ଗ୍ ସେ୍ୟ-କ୍ୟୁନ୍‌ଙ୍କ ସ୍ଥାନରେ କିମ୍‌ଙ୍କୁ ଅବସ୍ଥାପିତ କରାଯାଇଛି। ଆସନ୍ତା ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ଚୁଙ୍ଗ୍ ରାଷ୍ଟ୍ରପତି ପ୍ରାର୍ଥୀ ହୋଇପାରନ୍ତି।

## ଇଭିଏମ୍‌କୁ ଷ୍ଟାଲିନ୍‌ଙ୍କ ସନ୍ଦେହ



ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ର ସୁରକ୍ଷା ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏପ୍ରିଲ ୬ ବିଧାନସଭା ନିର୍ବାଚନ ପରେ ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମ୍‌କୁ ଅନଧିକୃତ ଲୋକଙ୍କୁ ଛଡ଼ାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ତାମିଲନାଡୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଷ୍ଟାଲିନ୍ ଏକ ଚିଠି ଲେଖି କହିଛନ୍ତି, ଇଭିଏମ୍‌ର ସୁରକ୍ଷା ନେଇ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତ କରିଥିବା ପ୍ରୋଟୋକଲକୁ ରାଜ୍ୟରେ ପାଳନ କରାଯାଉନାହିଁ। ରାମନାଥପୁରମ୍‌ରେ ରାତିରେ ଷ୍ଟ୍ରଙ୍ଗ୍‌ରୁମ୍‌କୁ କେତେକ ରହସ୍ୟମୟ କଣ୍ଟେନର ନିଆଯାଇଛି। ୩୧ ଜଣ ବ୍ୟକ୍ତି କଣ୍ଟେନର ସହ ୨ଟି ଲାପ୍‌ଟପ୍ ନେଇ ଷ୍ଟ୍ରଙ୍ଗ୍‌ରୁମ୍‌କୁ ଯାଇଥିଲେ। ସେହିପରି ଭୋଟିଂ ମେଶିନ ରଖାଯାଇଥିବା ନେୟଭେଲି ଆନ୍ନା ୟୁନିଭର୍ସିଟି କ୍ୟାମ୍ପସକୁ ମଧ୍ୟ ବିନା ପାସ୍‌ରେ ୩ ଜଣ କମ୍ପ୍ୟୁଟର ବିଶେଷଜ୍ଞଙ୍କୁ ଛଡ଼ାଯାଇଥିଲା, ଯାହାର କାରଣ ଜଣାନାହିଁ ବୋଲି ଇସିଙ୍କ ନିକଟକୁ ପଠାଇଥିବା ପତ୍ରରେ ଷ୍ଟାଲିନ୍ ଉଲ୍ଲେଖ କରିଛନ୍ତି। ଅନାବଶ୍ୟକ ଲୋକଙ୍କୁ ଷ୍ଟ୍ରଙ୍ଗ୍‌ରୁମ୍‌କୁ ଛଡ଼ା ନ ଯାଉ। ଏହାସହ ଇଭିଏମ୍‌ର ସୁରକ୍ଷା କରାଯାଉ ବୋଲି ସେ ଦାବି କରିଛନ୍ତି।

# ୭୨ ଘଣ୍ଟା ପୂର୍ବରୁ ପ୍ରଚାର ବନ୍ଦ

**ପଶ୍ଚିମବଙ୍ଗ ନିର୍ବାଚନକୁ କରୋନା ଭୟ**

- ପ୍ରଚାର ସମୟ ପୂର୍ବାହ୍ଣ ୧୦ଟାରୁ ରାତି ୭ଟା
- ୪ ସଂକ୍ରମିତ ପ୍ରାର୍ଥୀଙ୍କୁ ପ୍ରଚାର ମନା
- ସଂକ୍ରମଣ ପାଇଁ ଭାଜପା ଦାୟୀ: ମମତା
- ଆଜି ୪୫ ଆସନରେ ମତଦାନ



୫ମ ପର୍ଯ୍ୟାୟ ମତଦାନ ପାଇଁ ନଦୀୟା ଜିଲାର ଏକ ବୁଥ୍‌କୁ ଇଭିଏମ୍ ଏବଂ ଅନ୍ୟ ସାମଗ୍ରୀ ନେଇ ଯାଉଛନ୍ତି ପୋଲିଂ ଅଧିକାରୀ।

**ନୂଆଦିଲ୍ଲୀ/କୋଲକାତା,୧୬।୪**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ଉପରେ ଗ୍ରହଣ ଲଗାଇଦେଇଛି ଘାତକ ଭୂତାଣୁ କରୋନା। ମହାମାରୀରେ ୨ ପ୍ରାର୍ଥୀଙ୍କ ପରଲୋକ ଘଟିବା ପରେ ଶୁକ୍ରବାର ୪ ପ୍ରାର୍ଥୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣର ଭୟାବହତା ଦୃଷ୍ଟିରୁ ନିର୍ବାଚନ କମିଶନ (ଇସି) ଶେଷ ୩ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନର ପ୍ରଚାର ମତଦାନର ୭୨ ଘଣ୍ଟା ପୂର୍ବରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ବାଚନ କମିଶନ ଶୁକ୍ରବାର ସନ୍ଧ୍ୟାରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମତଦାନର ୨୪ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ବନ୍ଦ କରିବାକୁ ଆଗରୁ ନିୟମ ଥିବାବେଳେ ଏହି ସାଇଲେନ୍ସ ପିରିୟଡ୍‌କୁ ୭୨ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଦୈନିକ ପ୍ରଚାରରେ ମଧ୍ୟ କାଟଛାଣ୍ଟ କରାଯାଇଛି। ରାତି ୭ଟାରୁ ପରଦିନ ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ କୌଣସି ଦଳ ପ୍ରାର୍ଥୀ ସଭା ସମିତି ବା ଶୋଭାଯାତ୍ରାରେ ପ୍ରଚାର କରିପାରିବେ ନାହିଁ। ପୂର୍ବରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରଚାର ଅନୁମତି ରହିଥିଲା। ଏହା ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଅଜିଜ୍ ଅଫ୍‌ତାବ କୋଲକାତାରେ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। କୋଭିଡ୍-୧୯ ସଂକ୍ରମଣ ଦୃଷ୍ଟିରୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୧୧୪ ଆସନ ପାଇଁ ଶେଷ ୩ ପର୍ଯ୍ୟାୟର ନିର୍ବାଚନ ଏକସଙ୍ଗେ କରାଇବାକୁ ଦାବି କରିଥିଲା। ପଶ୍ଚିମବଙ୍ଗରେ କରୋନା ସଂକ୍ରମଣ ବୃଦ୍ଧି ପାଇଁ ଭାଜପାକୁ ଦାୟୀ କରୁଥିବା

| ପୂର୍ବ ୪ ପର୍ଯ୍ୟାୟ | ତାରିଖ | ଆସନ | ମତଦାନ |
|---|---|---|---|
| ପ୍ରଥମ | ମାର୍ଚ୍ଚ ୨୭ | ୩୦ | ୭୯.୭୯ |
| ଦ୍ୱିତୀୟ | ଏପ୍ରିଲ ୧ | ୩୦ | ୮୩.୯୫% |
| ତୃତୀୟ | ଏପ୍ରିଲ ୬ | ୩୧ | ୭୭.୬୮% |
| ଚତୁର୍ଥ | ଏପ୍ରିଲ ୧୦ | ୪୪ | ୭୮.୪୩% |

ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଏହି ପ୍ରସ୍ତାବକୁ ସାଧାରଣ ସମ୍ପାଦକ ପାର୍ଥୋ ଚାଟାର୍ଜୀ ଉକ୍ତ ବୈଠକରେ ଉପସ୍ଥାପନ କରିଥିଲେ। ଏଥିସହ ବାହାର ନେତାଙ୍କୁ ରାଜ୍ୟରେ ପୂରାଇ ନ ଦେବା ପାଇଁ ମଧ୍ୟ ପାର୍ଥୋ ଦାବି କରିଥିଲେ। ତେବେ ସିଇଓ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଭାଜପା ନେତା ସ୍ୱପନ ଦାସଗୁପ୍ତା ଟିଏମ୍‌ସିର ପ୍ରସ୍ତାବକୁ ବିରୋଧ କରିଥିଲେ। ସେହିପରି ବାମଦଳଗୁଡ଼ିକ ପକ୍ଷରୁ ବୈଠକରେ ପ୍ରତିନିଧିତ୍ୱ କରିଥିବା ସିପିଆଇଏମ୍‌ର ରାଜ୍ୟ ସଭା ସଦସ୍ୟ ବିକାଶ ଭଟ୍ଟାଚାର୍ଯ୍ୟ ମଧ୍ୟ ନିର୍ଦ୍ଧାରିତ ସୂଚୀ ଅନୁସାରେ ଯଥାରୀତି ନିର୍ବାଚନ କରାଯାଉ ବୋଲି ମତ ଦେଇଥିଲେ।

ଏବେ ମଇଦାନରେ ଥିବା ଅନ୍ୟୂନ ୪ ପ୍ରାର୍ଥୀ କରୋନା ସଂକ୍ରମିତ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ମହମ୍ମଦ ଗୁଲାମ ରବ୍ବାନୀ, କଳ୍ପନା କିସ୍କୁ ଓ ଡ. ପ୍ରଦୀପ କୁମାର ବର୍ମା ଟିଏମ୍‌ସିର ଏବଂ ଆନନ୍ଦମୟ ବର୍ମନ ଭାଜପା ପ୍ରାର୍ଥୀ। ଏହି ସଂକ୍ରମିତ ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର କରିପାରିବେ ନାହିଁ। ସେମାନେ ସଙ୍ଗରୋଧରେ ରୁହନ୍ତୁ ଅଥବା ହସ୍ପିଟାଲରେ ଭର୍ତ୍ତି ହୁଅନ୍ତୁ ବୋଲି ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ମାର୍ଚ୍ଚ ୨୭ରେ ଆରମ୍ଭ ହୋଇଥିଲା। ୮ ପର୍ଯ୍ୟାୟ ମତଦାନରୁ ୪ ପର୍ଯ୍ୟାୟ ଶେଷ ହୋଇଯାଇଛି। ଶନିବାର ପଞ୍ଚମ ପର୍ଯ୍ୟାୟରେ ଉତ୍ତର ୨୪ ପ୍ରଗଣା, ପୂର୍ବ ବର୍ଦ୍ଧମାନ, ନଦୀୟା, ଜଳପାଇଗୁଡ଼ି ଓ ଦାର୍ଜିଲିଂ କାଲିମ୍ପୋଙ୍ଗ ଜିଲାର ୪୫ ଆସନରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ। ମଇଦାନରେ ୩୧୯ ପ୍ରାର୍ଥୀ ଅଛନ୍ତି। ଆସନ୍ତା ୨୨ରେ ୪୩, ୨୬ରେ ୩୬ ଓ ୨୯ ତାରିଖରେ ୩୫ ସିଟ୍‌ରେ ଭୋଟ ଗ୍ରହଣ କରାଯିବ। ମେ ୨ରେ ଭୋଟ ଗଣତି ହେବ।

### କରୋନାରେ ଆର୍‌ଏସ୍‌ପି ପ୍ରାର୍ଥୀଙ୍କ ମୃତ୍ୟୁ

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ଜାଙ୍ଗିପୁରା ଆସନର ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି (ଆର୍‌ଏସ୍‌ପି) ପ୍ରାର୍ଥୀ ପ୍ରଦୀପ କୁମାର ନନ୍ଦୀ ୪ ଦିନ ତଳେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗୁରୁବାର ରାତିରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ତାଙ୍କର ପରଲୋକ ହୋଇଯାଇଛି। ପ୍ରକାଶ ଯେ, ଗୁରୁବାର ମୁର୍ଶିଦାବାଦ ଜିଲା ସମ୍‌ସେରଗଞ୍ଜ ଆସନର କଂଗ୍ରେସ ପ୍ରାର୍ଥୀ ରେଜୌଲ ହକ୍‌ଙ୍କ ମୃତ୍ୟୁ ଘଟିଥିଲା।

## ଦିନକରେ ୨.୧୭ ଲକ୍ଷ ପଜିଟିଭ୍

**ନୂଆଦିଲ୍ଲୀ, ୧୬।୪**

**କରୋନା ଅପ୍‌ଡେଟ୍**

**ନୂଆ ମାମଲା:** ୨ ଲକ୍ଷ ୧୭ ହଜାର
**ମୃତ୍ୟୁ:** ୧୧୮୫
**ସକ୍ରିୟ ମାମଲା:** ୧୫ ଲକ୍ଷ ୬୯ ହଜାର
**ଭାକ୍ସିନ ନେଲେଣି:** ୧୧ କୋଟି ୭୨ ଲକ୍ଷ+
**ମୋଟ ମାମଲା:** ୧ କୋଟି ୪୨ ଲକ୍ଷ+
**ମୋଟ ମୃତ୍ୟୁ:** ୧ ଲକ୍ଷ ୭୪ ହଜାର+
ତା.୧୬.୪.୨୦୨୧ ପୂର୍ବାହ୍ଣ ୧୦ଟା ସୁଦ୍ଧା (୨୪ ଘଣ୍ଟାର ରେକର୍ଡ)



ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୨,୧୭,୩୫୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଯାହାକି ମହାମାରୀ ଆରମ୍ଭଠାରୁ ଇତିମଧ୍ୟରେ ସର୍ବାଧିକ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମଣ ୧.୪୩ କୋଟି ଛୁଇଁଛି। ମାତ୍ର ୬ ଦିନରେ ସଂକ୍ରମଣ ୧୦ ଲକ୍ଷ ବୃଦ୍ଧି ପାଇଛି। ଏପ୍ରିଲ ୧୦ରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୩୨,୦୫,୯୨୬ ଥିଲାବେଳେ ୧୬ରେ ଏହା ୧,୪୨,୯୧,୯୨୭ରେ ପହଞ୍ଚିଛି, ଅର୍ଥାତ୍ ଏହି ସମୟ ମଧ୍ୟରେ ୧୦,୮୬,୦୦୧ ନୂଆ ମାମଲା ସାମିଲ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୧୫ ଲକ୍ଷ ଅତିକ୍ରମ କରିଛି। ସେହିପରି କରୋନାଜନିତ ମୃତ୍ୟୁସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିଚାଲିଛି। ଶୁକ୍ରବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୧,୧୮୫ ଜଣଙ୍କ ଜୀବନ ନେଇଛି ଭୂତାଣୁ। ଗତବର୍ଷ ସେପ୍ଟେମ୍ବର ୧୯ ପରେ ଏହା ସର୍ବାଧିକ ଦୈନିକ ମୃତ୍ୟୁ। ଏହାକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୧,୭୪,୩୦୮ରେ ପହଞ୍ଚିଛି। କ୍ରମାଗତ ୩୭ ଦିନ ହେଲା ସଂକ୍ରମଣ ଦ୍ରୁତ ବଢ଼ିଚାଲିଛି।

## ରେମ୍‌ଡେସିଭିର୍ କଳାବଜାର

**ନୂଆଦିଲ୍ଲୀ, ୧୬।୪**

**ଓଏଲ୍‌ଏକ୍ସରେ ୬୦୦୦ ଟଙ୍କାରେ ବିକ୍ରି**




କୋଭିଡ୍ ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଆଣ୍ଟିଭାଇରାଲ ଡ୍ରଗ୍ ରେମ୍‌ଡସିଭିର୍‌ର ଅଭାବ ବିଭିନ୍ନ ରାଜ୍ୟରେ ଦେଖାଦେଇଛି। ଏହି ଇଞ୍ଜେକ୍‌ଶନ ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଥିବାବେଳେ ଅସାଧୁ ବ୍ୟବସାୟୀମାନେ ଏହାର କଳାବଜାର ଆରମ୍ଭ କରିଦେଇଛନ୍ତି। ଓଏଲ୍‌ଏକ୍ସ ୱେବ୍‌ସାଇଟରେ ଏହି ଇଞ୍ଜେକ୍‌ଶନ ୬ ହଜାର ଟଙ୍କାରେ ଅବାଧରେ ବିକ୍ରି ହେଉଛି। ଗୁଜରାଟ ଓ ମହାରାଷ୍ଟ୍ରର ଅନେକ ଓଏଲ୍‌ଏକ୍ସ ବ୍ୟବହାରକାରୀ ରେମଡେସିଭିର ଇଞ୍ଜେକ୍‌ଶନ ବିକ୍ରି କରୁଥିବା ଜଣାପଡ଼ିଛି। ବ୍ୟବସାୟୀମାନେ ଉକ୍ତ ଇଞ୍ଜେକ୍‌ଶନକୁ ବେଆଇନ ଭାବେ ମହଜୁଦ ରଖି ଓଏଲ୍‌ଏକ୍ସରେ ଉଚ୍ଚ ଦାମ୍‌ରେ ବିକୁଥିବାବେଳେ ଏହାକୁ ରୋକିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।



ରମଜାନ ମାସରେ ପବିତ୍ର ଉପବାସ ବେଳେ ଶୁକ୍ରବାର ନୂଆଦିଲ୍ଲୀର ଜାମା ମସ୍‌ଜିଦରେ ଜଣେ ମୁସଲମାନ ବାଳକ।

## ଗୁଳିକାଣ୍ଡରେ ୮ ମୃତ

**ଇଣ୍ଡିଆନାପଲିସ,୧୬।୪**

**ନିଜ ଗୁଳିରେ ଟଳିଲେ ଆକ୍ରମଣକାରୀ**

ଆମେରିକାର ଇଣ୍ଡିଆନାପଲିସ୍ଥିତ ବିମାନବନ୍ଦର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି। ଫେଡ୍‌ଏକ୍ସ ଫାସିଲିଟିରେ ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରମଣରେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଆକ୍ରମଣକାରୀ ଏହି କାଣ୍ଡ ଭିଆଇବା ପରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ପୋଲିସ କହିଛି।

ମେଟ୍ରୋପଲିଟାନ୍ ପୋଲିସ ମୁଖପାତ୍ର ଜେନାଏ କୁକ୍ କହିଛନ୍ତି, ରାତି ୧୧ଟା ପରେ ଗୁଳିକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ଫେଡ୍‌ଏକ୍ସ କମ୍ପାନୀର କର୍ମଚାରୀ ଅଛନ୍ତି। ୫ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ସେ ବିଲ୍ଡିଂ ଭିତରେ କାମ କରୁଥିବାବେଳେ ଗୁଳି ଶବ୍ଦ ଶୁଣିଥିଲେ। କିଛି ସମୟ ପରେ ଜଣେ ବ୍ୟକ୍ତି ରାଇଫଲ ଧରି ସେଠାରୁ ବାହାରୁଥିବା ଦେଖିଥିଲେ। ସେ କ'ଣ ସବୁ କହିଯାଉଥିଲେ ବୁଝିହେଉ ନ ଥିଲା। ଖବର ପାଇ ପୋଲିସ ଆସିବାବେଳକୁ ସେ ଆତ୍ମହତ୍ୟା କରିଥିଲେ। ମୃତ ଆକ୍ରମଣକାରୀଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ପୋଲିସ ତନାଘନା ଜାରି ରଖିଛି। ଆମେରିକାରେ ଏହା ହେଉଛି ଚଳିତ ବର୍ଷର ତୃତୀୟ ଗଣହତ୍ୟା। ଆମେରିକାରେ ବନ୍ଧୁକ ହିଂସା ବଢ଼ିବାରେ ଲାଗିଛି। ଗନ୍ ଭାଓଲେନ୍ସ ଆର୍କାଇଭ୍ ଅନୁସାରେ ୨୦୨୧ରେ ବଡ଼ ଧରଣର ଗୁଳିକାଣ୍ଡରେ ୧୪୭ ଜଣଙ୍କ ଜୀବନ ଗଲାଣି। ଏହାକୁ ରୋକିବା ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍ ଗତ ସପ୍ତାହରେ ୬ଟି ଏକ୍‌ଜିକ୍ୟୁଟିଭ୍ ଆକ୍ସନ ଘୋଷଣା କରିଥିଲେ।



## ୟୁପିରେ ରବିବାର ଲକ୍‌ଡାଉନ

**ଲକ୍ଷ୍ନୌ, ୧୬।୪:** ଉତ୍ତରପ୍ରଦେଶରେ କରୋନା ସଂକ୍ରମଣ ବଢ଼ୁଥିବାବେଳେ ରବିବାର ସାରା ରାଜ୍ୟରେ ଲକ୍‌ଡାଉନ କରିବା ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି। ମାସ୍କ ନ ପିନ୍ଧି ପ୍ରଥମ ଥର ଧରାପଡ଼ିଲେ ହଜାରେ ଟଙ୍କା ଓ ଦ୍ୱିତୀୟ ଥର ୧୦ ହଜାର ଟଙ୍କା ଜରିମାନା ଗଣିବାକୁ ପଡ଼ିବ। ରବିବାର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି।

# ଟିକା ରପ୍ତାନିକାରୀରୁ ଆମଦାନିକାରୀ ହେଲା ଭାରତ

**ନୂଆଦିଲ୍ଲୀ, ୧୬।୪**



ଭାରତରେ କରୋନା ମହାମାରୀର ଦ୍ୱିତୀୟ ଲହର ଭୟଙ୍କର ଭାବେ ବଢ଼ିଚାଲିଛି। ଏପରିସ୍ଥଳେ ଦେଶରେ କୋଭିଡ୍ ଟିକାର ଅଭାବ ଦେଖାଦେଇଛି। ବିଭିନ୍ନ ଦେଶକୁ କୋଭିଡ୍ ଟିକାର ଲକ୍ଷ ଲକ୍ଷ ଡୋଜ୍ ଦାନ ତଥା ବିକ୍ରି କରିଥିବା ଭାରତକୁ ଏବେ ଅନ୍ୟ ଦେଶରୁ ଟିକା ଆମଦାନୀ କରିବାକୁ ପଡ଼ିବ। ଦେଶର ଏଭଳି ସ୍ଥିତି ସାରା ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି। ଭାରତରେ କ୍ରମାଗତ ଦୁଇଦିନ ହେଲା ଦୈନିକ ସଂକ୍ରମଣ ୨ ଲକ୍ଷରୁ ଅଧିକ ରହିଛି। ଫଳରେ ୧୩୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶରେ ଉତ୍ପାଦିତ ଟିକା ଆବଶ୍ୟକତାକୁ ପୂରଣ କରିପାରୁ ନାହିଁ। କାରଣ ସଂକ୍ରମଣର ମୁକାବିଲା ପାଇଁ ଅଧିକରୁ ଅଧିକ ଲୋକଙ୍କୁ ତୁରନ୍ତ ଟିକା ଦେବା ଜରୁରୀ ହୋଇପଡ଼ିଛି। ପୂର୍ବରୁ ଫାଇଜରକୁ ମନା କରିଥିବା ଭାରତ ଏବେ ଟିକା ଆମଦାନୀକୁ ତ୍ୱରାନ୍ୱିତ କରିବା ଲାଗି ନିୟମରେ ପରିବର୍ତ୍ତନ କରିଛି। ୧୨.୫ କୋଟି ଲୋକଙ୍କ ପାଇଁ ଚଳିତ ମାସରୁ ଭାରତ ରୁଷିଆ ପ୍ରସ୍ତୁତ ସ୍ପୁଟନିକ୍ ଭି ଟିକା ଆମଦାନୀ କରିବାକୁ ଯାଉଛି। ଭାରତରେ ଟିକାର ନିଅଣ୍ଟ ସ୍ଥିତି କେବଳ ମହାମାରୀ ମୁକାବିଲାରେ ବାଧା ସୃଷ୍ଟି କରିବ ନାହିଁ ବରଂ ୬୦ରୁ ଊର୍ଦ୍ଧ୍ୱ ଗରିବ ଦେଶରେ ଟିକାକରଣ ବାଧାପ୍ରାପ୍ତ ହେବ। କାରଣ ଏହିସବୁ ଦେଶକୁ ଭାରତ ମାଗଣାରେ ଟିକା ଯୋଗାଇ ଦେଉଥିଲା। ସାରା ବିଶ୍ୱରେ ଟିକାକରଣକୁ ଆଗେଇ ନେବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଗାଭି ଭାକ୍ସିନ ଆଲିଆନ୍ସ ପକ୍ଷରୁ ଆୟୋଜିତ କୋଭାକ୍ସ କାର୍ଯ୍ୟକ୍ରମକୁ ଭାରତ ସର୍ବାଧିକ ଟିକା ଯୋଗାଉଥିଲା। ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଭାରତ ୬୪ ନିୟୁତ ଡୋଜ୍ ଭାକ୍ସିନ ବିଦେଶକୁ ପଠାଇଥିବାବେଳେ ଚଳିତ ମାସରେ ଏହା ୧.୨ ନିୟୁତରେ ସୀମିତ ରହିଛି। ଦେଶରେ ଆବଶ୍ୟକତା ବଢ଼ୁଥିବାରୁ ବିଦେଶକୁ ଟିକା ଯୋଗାଇବା ସମ୍ଭବ ହେଉନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଷ୍ଟକ୍ ସମୀକ୍ଷା କଲେ ମୋଦି

**ବିଦେଶରୁ ଅକ୍ସିଜେନ୍ ଆମଦାନୀ ନିଷ୍ପତ୍ତି**

ସଂକ୍ରମଣ ବୃଦ୍ଧି ସାଙ୍ଗକୁ କେତେକ ରାଜ୍ୟରେ କରୋନା ରୋଗୀଙ୍କ ପାଇଁ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅକ୍ସିଜେନ୍ ଷ୍ଟକ୍ ସମୀକ୍ଷା କରିଛନ୍ତି। ନିଅଣ୍ଟ ଭରଣା ପାଇଁ ମେଡିକାଲ ମାନର ଅମ୍ଳଜାନ ଆମଦାନୀ ପାଇଁ ପଦକ୍ଷେପ ନିଆଯାଉଥିବା ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସମସ୍ତ ପ୍ଲାଣ୍ଟ ସାମର୍ଥ୍ୟ ଅନୁଯାୟୀ ଅକ୍ସିଜେନ୍ ଉତ୍ପାଦନ ବଢ଼ାଇବାକୁ ମୋଦି ପ୍ରସ୍ତାବ ଦେଇଥିଲେ। ଅମ୍ଳଜାନ ଚାହିଦା ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ୫୦ ହଜାର ମେଟ୍ରିକ୍ ଟନ୍ ମେଡିକାଲ ଅକ୍ସିଜେନ ଆମଦାନୀ ପାଇଁ ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତ୍ତି ନେଇଥିଲା।




# ମାଢ଼ ଭୟରେ ଲୁଚିବା ହେଲା କାଳ

## ଜେସିବି ଚକ ତଳେ ନାବାଳିକାଙ୍କ ଜୀବନ ଗଲା

**ସୋର, ୧୬।୪ (ଡି.ଏନ.ଏ)**

ମା'ଙ୍କଠାରୁ ମାଢ଼ ଭୟରେ ନାବାଳିକା ଝିଅ ଟ୍ରାକ୍ଟର ଟାୟାର ତଳେ ଲୁଚିଥିଲେ । ହେଲେ ଏହି ଲୁଚିବା ତାଙ୍କ ପାଇଁ କାଳ ସାଜିଲା । ଏହି ସମୟରେ ଏକ ଜେସିବି ଚଢ଼ିଯିବାରୁ ତାଙ୍କ ଜୀବନ ଯାଇଛି । ବାଲେଶ୍ୱର ଜିଲା ସୋର ବ୍ଲକ ବାଗୁଡ଼ି ଦୁର୍ଗା ଷ୍ଟୋନ କ୍ରଶରରେ ଗୁରୁବାର ଅପରାହ୍ନରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା ।

ପ୍ରକାଶ ଯେ, ସ୍ଥାନୀୟ ଆଙ୍ଗୁଳା ଗ୍ରାମର କଣ୍ଢେଇ ବିନ୍ଧାଣୀଙ୍କ ଝିଅ ଆଶା(୮) ଦ୍ୱିପ୍ରହରରେ ଘରେ ଖାଇବା ବେଳେ ଘରେ ଅଝଟ କରିଥିଲେ । ମାଢ଼ ଭୟରେ ସେ ଏହି କ୍ରଶରରେ ପଡ଼ିଥିବା ଏକ ଟ୍ରାକ୍ଟର ଟାୟାର ଭିତରେ ଲୁଚି ଯାଇଥିଲେ । ଏହା ଜାଣି ନ ପାରି କ୍ରଶରରେ ଥିବା ଏକ ଜେସିବି ମେଶିନ ସେହି ଟାୟାର ଉପରେ ଚଢ଼ିଯିବାରୁ ଚାପିହୋଇ ଆଶାଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସୋର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି । ତେବେ ଆଶାର ଏଭଳି ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଶଟ୍‌ଡାଉନ୍‌ରେ ଟିକାକରଣ ବନ୍ଦ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ବନ୍ଦ ରହିବ ଟିକାକରଣ । ଛତିଶଗଡ଼ ସୀମାବର୍ତ୍ତୀ ଓଡ଼ିଶାର ୧୦ ଜିଲାର ସହରାଞ୍ଚଳରେ ଶନିବାର ଓ ରବିବାର ଲାଗୁ ହୋଇଥିବା ସପ୍ତାହନ୍ତ ଶଟ୍‌ଡାଉନବେଳେ କରୋନା ଟିକାକରଣ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସେସବୁ ଜିଲାର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି । ସେ ଲେଖିଛନ୍ତି ଯେ, କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଆଦି ୧୦ ଜିଲାର ସହରାଞ୍ଚଳରେ ସପ୍ତାହାନ୍ତ ଶଟଡାଉନ ଘୋଷଣା କରାଯାଇଛି । ଏହି ସମୟରେ କରୋନା ଟିକାକରଣ ବନ୍ଦ ରହିବ । ତେବେ ଏସବୁ ଜିଲାର ଗ୍ରାମାଞ୍ଚଳ ଓ ଅନ୍ୟ ଅଞ୍ଚଳରେ ପୂର୍ବପରି ଟିକାକରଣ ଚାଲୁ ରହିବ । ତେବେ ଟିକାକରଣବେଳେ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ନାଲ୍‌କୋକୁ ଉତ୍କଳ-ଇ କୋଇଲା ବ୍ଲକ ଲିଜ୍

**ଭୁବନେଶ୍ୱର,୧୬।୪**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)କୁ ଓଡ଼ିଶା ସରକାର ଉତ୍କଳ-ଇ କୋଇଲା ଖଣି ପାଇଁ ଲିଜ୍ ମଞ୍ଜୁର କରିଛନ୍ତି । ଏ ସଂକ୍ରାନ୍ତରେ ଇସ୍ପାତ ଏବଂ ଖଣି ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧୨ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଉତ୍କଳ- ଇ କୋଇଲା ଖଣି ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ନନ୍ଦିଛୋଡ, ଗୋପୀନାଥପୁର ଜଙ୍ଗଲ, କୁଣ୍ଡାଝରି ଜଙ୍ଗଲ, କୋଶଳ ଏବଂ କୋରଡା ଗ୍ରାମର ୫୨୩.୭୩ ହେକ୍ଟର ଜମିରେ ଅବସ୍ଥିତ । ଏହି ବ୍ଲକରେ ୭୦ ମିଲିୟନ ଟନ ଖଣିଜ ସଂରକ୍ଷିତ ରହିଛି । ଏହି ଖଣିରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବାର୍ଷିକ ୨ ନିୟୁତ ଟନ୍ କୋଇଲା ଉତ୍ପାଦନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚରେ ନାଲ୍‌କୋର ଉତ୍କଳ-ଡି କୋଇଲା ବ୍ଲକ ପାଇଁ ଲିଜ୍ କାର୍ଯ୍ୟକାରୀ ହୋଇଛି । ଉତ୍କଳ-ଡି ଏବଂ ଉତ୍କଳ-ଇ କୋଇଲା ବ୍ଲକର ମୋଟ କ୍ଷମତା ୧୭୫ ନିୟୁତ ଟନ୍ । ଅନୁଗୋଳସ୍ଥିତ କମ୍ପାନୀର ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପ ପାଇଁ କୋଇଲା ଯୋଗାଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ଖଣି ଲିଜ୍ ପ୍ରଦାନ ଲାଗି ଧନ୍ୟବାଦ ଦେଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ଉତ୍କଳ-ଡି ବ୍ଲକରୁ ଉତ୍ପାଦନ ଆରମ୍ଭ ନେଇ ଯୋଜନା ରଖାଯାଇଛି । ଉତ୍କଳ ଇ- ଖଣି ପାଇବା ପରେ ଯୋଜନାବଦ୍ଧ ସମ୍ପ୍ରସାରଣ ଏବଂ କମ୍ପାନୀର ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ସେ ଆଶାବାଦୀ ରହିଛନ୍ତି । ଏହି ୨ ବ୍ଲକ କାର୍ଯ୍ୟକ୍ଷମ ହେଲେ କମ୍ପାନୀ ପ୍ରାରମ୍ଭିକ ବର୍ଷଗୁଡିକରେ ୪ ନିୟୁତ ଟନ୍ ଉତ୍ପାଦନ କରିବାରେ ସକ୍ଷମ ହେବ । ଏହି ୨ ବ୍ଲକର ଲିଜ୍ ନାଲ୍‌କୋକୁ ୩୦ ବର୍ଷ ଅବଧି ଲାଗି ପ୍ରଦାନ କରାଯାଇଛି ।


ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଭାରତ ସରକାର | Skill India କୌଶଲ ଭାରତ - କୁଶଲ ଭାରତ | ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱର | ପରିଚାଳନା ଇଣ୍ଡିଆନ୍‌ଅଏଲ୍



"ଆମେ ଦକ୍ଷତା ବିକାଶକୁ ଯେତେ ଅଧିକ ଗୁରୁତ୍ୱ ଦେବା, ଆମର ଯୁବବର୍ଗ ସେତେ ଅଧିକ ସାମର୍ଥ୍ୟବାନ ହେବେ ।"
ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ, ଭାରତ ସରକାର

## ନାମଲେଖା ବିଜ୍ଞପ୍ତି

### ପାଠ୍ୟକ୍ରମ ଉପଲବ୍ଧ

| ପାଠ୍ୟକ୍ରମ | ସର୍ବନିମ୍ନ ଯୋଗ୍ୟତା |
|---|---|
| ଇଣ୍ଡଷ୍ଟ୍ରିଆଲ୍ ଇଲେକ୍ଟ୍ରିସିଆନ୍ | ଦ୍ୱାଦଶ/ ଆଇଟିଆଇ |
| ଇଣ୍ଡଷ୍ଟ୍ରିଆଲ୍ ୱେଲ୍ଡର୍ | ୧୦ମ/ ଦ୍ୱାଦଶ/ ଆଇଟିଆଇ |
| ଫିଟର ଫ୍ୟାବ୍ରିକେଶନ୍ | |
| ପାଇପ୍ ଫିଟର-ସିଜିଡି | |
| ସିଆର୍‌ଏମ୍ ଆସୋସିଏଟ୍ | ସ୍ନାତକ (କେବଳ ମହିଳା ସ୍ନାତକମାନଙ୍କ ପାଇଁ) |
| ଟେକ୍‌ନିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟେଶନ୍ | ଡିପ୍ଲୋମା-ମେକାନିକାଲ/ଇଲେକ୍‌ଟ୍ରୋନିକ୍ସ/ଇଲେକ୍ଟ୍ରିକାଲ୍ ଏବଂ ମେକାଟ୍ରୋନିକ୍ସ |
| ବିଲ୍‌ଡିଂ ଅଟୋମେସନ୍ ସ୍ପେଶାଲିଷ୍ଟ | ଡିପ୍ଲୋମା-ମେକାନିକାଲ/ସିଭିଲ୍/ଇଣ୍ଡଷ୍ଟ୍ରିଆଲ/ଇଲେକ୍‌ଟ୍ରୋନିକ୍ସ/ଇନ୍‌ଷ୍ଟ୍ରୁମେଣ୍ଟେଶନ୍/ ଇଲେକ୍ଟ୍ରିକାଲ/ମେକାଟ୍ରୋନିକ୍ସ |
| ଇଣ୍ଡଷ୍ଟ୍ରିଆଲ୍ ଅଟୋମେସନ୍ ସ୍ପେଶାଲିଷ୍ଟ | ଇଞ୍ଜିନିୟରିଂରେ ସ୍ନାତକ (ଇଲେକ୍ଟ୍ରିକାଲ, ଇଲେକ୍‌ଟ୍ରୋନିକ୍ସ, ମେକାଟ୍ରୋନିକ୍ସ, ଇନ୍‌ଷ୍ଟ୍ରୁମେଣ୍ଟେଶନ୍) କିମ୍ବା ବିଜ୍ଞାନରେ ସ୍ନାତକୋତ୍ତର (ଇଲେକ୍‌ଟ୍ରୋନିକ୍ସ) |
| ଡିଜାଇନର-ମେକାନିକାଲ୍ | ଡିପ୍ଲୋମା (ମେକାନିକାଲ୍), ଡିଗ୍ରୀ (ମେକାନିକାଲ/ଅଟୋମୋବାଇଲ୍) କିମ୍ବା ସମାନ ଧରଣର ଶିକ୍ଷାଗତ ଯୋଗ୍ୟତା |
| ସିଏନ୍‌ସି ପ୍ରୋଗ୍ରାମର୍ | |
| ଆଡ୍‌ଭାନ୍ସଡ ୱେଲ୍‌ଡିଂ ଟେକ୍ନୋଲୋଜି | ଆଇଟିଆଇ (ୱେଲ୍ଡିଂ/ଫିଟର) |
| ସିସ୍‌କୋ ସାର୍ଟିଫାଏଡ୍ ନେଟ୍‌ୱର୍କ ଆସୋସିଏଟ୍ (ସିସିଏନ୍‌ଏ) | ଡିପ୍ଲୋମା-କମ୍ପ୍ୟୁଟର ସାଇନ୍ସ କିମ୍ବା ଆଇଟି/ ବିଏସ୍‌ସି (ଯେକୌଣସି ଷ୍ଟ୍ରିମ୍)/ ବିସିଏ/ଇଞ୍ଜିନିୟରିଂରେ ସ୍ନାତକ/ ବି.ଟେକ୍ (ଯେକୌଣସି ଷ୍ଟ୍ରିମ୍)/ଏମ୍‌ସିଏ |
| ସିସ୍‌କୋ ଡେଭ୍‌ନେଟ୍ | |

### ପାଠ୍ୟକ୍ରମ ଦେୟ

| ଶିକ୍ଷାର୍ଥୀଙ୍କ ଅବଦାନ | ସଂସ୍ଥାନର ଅବଦାନ |
|---|---|
| ୩ ମାସିଆ ପାଠ୍ୟକ୍ରମ - ଟ. ୩୦୦୦<br>୬ ମାସିଆ ପାଠ୍ୟକ୍ରମ - ଟ. ୫୦୦୦<br>୧୨ ମାସିଆ ପାଠ୍ୟକ୍ରମ - ଟ.୧୦୦୦୦ | ତୈଳ ସରକାରୀ ସେବା ଉଦ୍ୟୋଗଗୁଡ଼ିକର କର୍ପୋରେଟ୍ ସାମାଜିକ ଦାୟିତ୍ୱର ଅଂଶ ଭାବରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଖର୍ଚ୍ଚର ସିଂହ ଭାଗ ଏସ୍‌ଡିଆଇ ବହନ କରିବ |

### ମୁଖ୍ୟାଂଶ

- ୧୦ମ, ଦ୍ୱାଦଶ ଏବଂ ଆଇଟିଆଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଶିଳ୍ପ ଅନୁକୂଳ ଦକ୍ଷତା ବିକାଶ କାର୍ଯ୍ୟକ୍ରମ
- ଡିପ୍ଲୋମା ଏବଂ ବି.ଟେକ୍ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉନ୍ନତ ଦକ୍ଷତା ବିକାଶ ପାଠ୍ୟକ୍ରମ
- କେବଳ ମହିଳା ସ୍ନାତକମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପାଠ୍ୟକ୍ରମ



### ବୈଶିଷ୍ଟ୍ୟ

- ପେସାଦାର ଭାବେ ସକ୍ରୀୟ ବିଶ୍ୱସ୍ତରୀୟ ବହୁବିଧ ଦକ୍ଷତା କେନ୍ଦ୍ର
- ନିଯୁକ୍ତି/ଉଦ୍ୟମ/ଷ୍ଟାର୍ଟଅପ୍ ପାଇଁ ସହାୟକ
- ସ୍ମାର୍ଟ କ୍ୟାମ୍ପସ ଏବଂ ଇ-ଲର୍ଣ୍ଣିଂ ପରିଚାଳନା ବ୍ୟବସ୍ଥା
- ପ୍ରମୁଖ ଉଦ୍ୟୋଗ ସହିତ ଉତ୍କର୍ଷ କେନ୍ଦ୍ର ବା ସେଣ୍ଟର ଅଫ୍ ଏକ୍‌ସେଲେନ୍ସ (ସିଓଇ)
- ଭବିଷ୍ୟତ ଅନୁକୂଳ ଦକ୍ଷତା: ଇଣ୍ଡଷ୍ଟ୍ରୀ ୪.୦ ଏବଂ ଇମର୍ସିଭ୍ ଜ୍ଞାନକୌଶଳ
- ସାମଗ୍ରିକ ଶିକ୍ଷଣ ଅନୁଭବ

ଦ୍ରଷ୍ଟବ୍ୟ: କୋଭିଡ-୧୯ ମହାମାରୀ ସ୍ଥିତି ପାଇଁ ଅଫ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ପରିବର୍ତ୍ତେ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଅନ୍‌ଲାଇନ୍ ଫର୍ମ ପୂରଣ କରିବାକୁ ଅନୁରୋଧ ।

**ନାମଲେଖା ପ୍ରକ୍ରିୟା**

- ଆମ ୱେବ୍‌ସାଇଟ୍ www.sdibhubaneswar.in ରେ ଅନ୍‌ଲାଇନ୍ ପଞ୍ଜୀକରଣ କରନ୍ତୁ
- ଆବେଦନକାରୀଙ୍କୁ ନିର୍ଦ୍ଧାରିତ ତାରିଖ ଓ ସମୟରେ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ଦେବାକୁ ହେବ । ତା ୨୪.୦୪.୨୦୨୧ ରିଖ ଠାରୁ ତା ୨୬.୦୪.୨୦୨୧ ରିଖ ପର୍ଯ୍ୟନ୍ତ ଯେକୌଣସି ଗୋଟିଏ ଦିନ ଅନ୍‌ଲାଇନ୍ ପରୀକ୍ଷା ସମ୍ପର୍କରେ ହ୍ୱାଟ୍‌ସଆପ/ଏସ୍‌ଏମ୍‌ଏସ୍/ଇମେଲ୍ ଜରିଆରେ ଅବଗତ କରାଯିବ ।

**ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, ଭୁବନେଶ୍ୱର (ଏସ୍‌ଡିଆଇବି)**
ସ୍ଥାନ/ପୋଷ୍ଟ: ତରାବୋଇ, ବ୍ଲକ୍/ଥାନା-ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍ -୭୫୨୦୫୦
ଇମେଲ୍: contact@sdibhubaneswar.co.in, ୱେବ୍: www.sdibhubaneswar.in
ଆମକୁ ଅନୁସରଣ କରନ୍ତୁ : skilldevelopmentinstitutebhubaneswar sdibhubaneswar
ମୋବାଇଲ୍/ହ୍ୱାଟ୍‌ସଆପ୍ : 8280109799, 6371610488, 9078429182, 7848911154

ସହାୟକ ସଂସ୍ଥାନ: IndianOil | ONGC | Bharat Petroleum | HP | GAIL (India) Limited | Oil India Limited Conquering Newer Horizons | EIL



MARUTI SUZUKI ARENA

Happy Navratri

ବିଶେଷ ଉତ୍ସବରେ ଘରକୁ ନେଇ ଆସନ୍ତୁ
ଗୋଟିଏ ବିଶେଷ ଆଶୀର୍ବାଦ!
ଘରକୁ ନେଇ ଆସନ୍ତୁ ଆପଣଙ୍କ ମନପସନ୍ଦର ମାରୁତି ସୁଜୁକୀ କାର
ଆକର୍ଷକ ଅଫର୍ସ ସହିତ ।



SWIFT SAVE UP TO ₹43 000*
VITARA BREZZA SAVE UP TO ₹38 000*

SWIFT VITARA BREZZA

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. NIMAPARA: 7381093626 JAGATSINGHPUR: 9583022090 PARADEEP: 9583022034/48 PURI: 9583022035.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. JAJPUR: 9776900777.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variant. Above mentioned savings amount is the value of maximum savings on selected models. *Terms & Conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th April 2021.

**ଆଜିର ମନ୍ତବ୍ୟ**

ପଶ୍ଚିମବଙ୍ଗରେ କରୋନା ସଂକ୍ରମଣ ବୃଦ୍ଧି ପାଇଁ ଭାଜପା ଦାୟୀ। ବାହାର ନେତାଙ୍କୁ ପ୍ରଚାରରୁ ବାରଣ କରାଯିବା ଉଚିତ।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲସୁଆ କପାଳକୁ ଗଙ୍ଗା ବିଜେ କରିବା ।**

ଗଙ୍ଗା ମଙ୍ଗଳର ଚିହ୍ନ। ଏହା ପବିତ୍ର ତଥା ଉପକାରୀ। ଘରେ ବସି ବସି କିଛି ଚେଷ୍ଟା ନ କରି ଯଦି କିଛି ଭଲ ଜିନିଷ ମିଳିଯାଏ ବା ଘଟିଯାଏ ତେବେ ଭଲକଥା। ଅକର୍ମାର ଭାଗ୍ୟ ଉଦୟ ହେବା ବା କର୍ମ ଖୋଲିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଗା, ବଗା, ଖଗା; ତିନିହେଁ ତିନି ଅଲଗା ।**

ଭିନ୍ନ ମତବାଦର ବ୍ୟକ୍ତି ଏକାଠି ମିଳିଲେ କିଛି କରିପାରନ୍ତି ନାହିଁ। ବରଂ ବିଭ୍ରାଟ ସୃଷ୍ଟି କରି ବସନ୍ତି। କାହା ମନ କାହା ସହ ମିଶି ନ ପାରିବା କାରଣରୁ ସେମାନେ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଜଳ ପର୍ଯ୍ୟଟନ ପାଇଁ ୪୨ ସ୍ଥାନ ଚିହ୍ନଟ

ଭୁବନେଶ୍ୱର,୧୬।୪(ବ୍ୟୁରୋ)-ଜଳ ପର୍ଯ୍ୟଟନର ବିକାଶ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ନଦୀ, ହ୍ରଦ ଓ ଜଳାଶୟରେ ଏହି ପର୍ଯ୍ୟଟନ ଆରମ୍ଭ ହେବ। ଏଥିଲାଗି ପର୍ଯ୍ୟଟନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୪୨ଟି ସ୍ଥାନ ଚିହ୍ନଟ କରିବା ସହ ଜଳ ପର୍ଯ୍ୟଟନର ବହୁଳ ପ୍ରସାର କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛି। ଜଳ ପର୍ଯ୍ୟଟନରେ ଜଳକ୍ରୀଡ଼ା, ବୋଟିଂ, ମିନି ପାର୍କ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ସୁବିଧା ରହିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ୩୧ ନଦୀ, ୫ ହ୍ରଦ ଓ ୬ ଡ୍ୟାମ୍‌ରେ ଜଳ ପର୍ଯ୍ୟଟନ କରିବାକୁ ସ୍ଥାନ ଚିହ୍ନଟ କରାଯାଇଛି। ମହାନଦୀର ସମ୍ବଲପୁର, ସୋନପୁର, ବୌଦ୍ଧ, ନୟାଗଡ଼, ଅନୁଗୋଳ, କଟକ ଏବଂ ଯାଜପୁର, ବ୍ରାହ୍ମଣୀ ନଦୀର ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, କଟକ ଓ ଯାଜପୁର ଜିଲାରେ ଜଳ ପର୍ଯ୍ୟଟନର ବିକାଶ କରାଯିବ। ଖୋର୍ଦ୍ଧା ଜିଲାର ଦୟା, ପୁରୀ ଜିଲାର କୁଶଭଦ୍ରା, କୋରାପୁଟ ଜିଲାର କୋଲାବ, ମାଲକାନଗିରି ଜିଲାର ସିଲେରୁ, କନ୍ଧମାଳ ଓ ଗଞ୍ଜାମ ଜିଲାର ଋଷିକୁଲ୍ୟାକୁ ଏଥିରେ ସାମିଲ କରାଯିବା ଯୋଜନା ରହିଛି। ସେହିପରି ହୀରାକୁଦ, ଇନ୍ଦ୍ରାବତୀ, କୋଲାବ, ମନ୍ଦିରା, ଡେରାସ ଏବଂ ରେଙ୍ଗାଲି ଡ୍ୟାମ୍‌ରେ ପର୍ଯ୍ୟଟନର ବିକାଶ କରାଯିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କୁ ନିଜର ମତ ଦେବା ସହ ଫିଜିବିଲିଟି ରିପୋର୍ଟ ଦେବାକୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଶନି, ରବିବାର ଶ୍ରୀମନ୍ଦିର ...

କରାଯାଇଛି। ଆସନ୍ତା ୧୯ ତାରିଖଠାରୁ ଏହି ନୂତନ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଲାଗୁ ହେବ। କରୋନାର ମାତ୍ରାଧିକ ସଂକ୍ରମଣକୁ ଦୃଷ୍ଟିରେ ରଖି ଶୁକ୍ରବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ। କରୋନା ସଂକ୍ରମଣ ବଢୁଥିବାରୁ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ଲାଗି ସ୍ୱତନ୍ତ୍ର ଏସ୍‌ଓପି ଜାରି ପାଇଁ ସ୍ଥିର ହୋଇଛି। ଶ୍ରୀମନ୍ଦିର ଭିତରେ ଓ ବାହାରେ ମାସ୍କ ପରିଧାନ, ହାତ ସାନିଟାଇଜେଶନ ଓ ସାମାଜିକ ଦୂରତା ରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଦର୍ଶନ ଲାଗି ଆର୍‌ଟି-ପିସିଆର୍ ନେଗେଟିଭ ପ୍ରମାଣପତ୍ର କିମ୍ବା କୋଭିଡ୍ ଟିକାର ଦୁଇଟି ଡୋଜ ନେଇଥିବା ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ୭ଦିନ ମଧ୍ୟରେ ଏହି ପ୍ରମାଣପତ୍ର ମିଳିଥିବା ଆବଶ୍ୟକ। ଭକ୍ତମାନେ ଧାଡ଼ିରେ ସାମାଜିକ ଦୂରତା ରକ୍ଷା କରି ନିଜ ପରିଚୟପତ୍ର ଓ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିବେ। ଭିତରକାଠ ଦର୍ଶନ ବନ୍ଦ ରହିବ। ପୂର୍ବରୁ ସାଧାରଣ ଦର୍ଶନ ପାଇଁ ରବିବାର ଶ୍ରୀମନ୍ଦିର ବନ୍ଦ ରହୁଥିଲା। ମାତ୍ର ଆସନ୍ତା ୧୯ ତାରିଖଠାରୁ ସପ୍ତାହରେ ଦୁଇଦିନ ଶନିବାର ଓ ରବିବାର ବନ୍ଦ ରହିବ। ଏହି ସମୟରେ ଶ୍ରୀମନ୍ଦିର ଭିତରବେଢା, ଚତୁଃପାର୍ଶ୍ୱ, ସ୍ୱତନ୍ତ୍ର ବ୍ୟାରିକେଡ୍, ବଡଦାଣ୍ଡ ଆଦି ସାନିଟାଇଜେଶନ କରାଯିବ। କୋଭିଡ୍ ଗାଇଡଲାଇନ ଅନୁପାଳନ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ୩ଟି ଟିମ୍ ମିଳିତ ଭାବେ କାର୍ଯ୍ୟ କରିବେ। ଭକ୍ତମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ଭିତର ବେଢାରେ ମହାପ୍ରସାଦ ସେବନ, ଫୁଲ ଏବଂ ଦୀପ ନେବା ଉପରେ କଟକଣା ଜାରି କରାଯାଇଛି। ଶ୍ରୀମନ୍ଦିର ପରିସରରେ ଯେଉଁମାନେ ପାନ, ଗୁଟ୍‌ଖା ପ୍ରଭୃତି ସେବନ କରିବେ ସେମାନଙ୍କଠାରୁ ୫୦୦ ଟଙ୍କା ଜରିମାନା ଆଦାୟ ହେବ। ସେହିପରି କୁମ୍ଭମେଳା ଯାଇଥିବା ସେବାୟତମାନଙ୍କର କୋଭିଡ୍ ଟେଷ୍ଟ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟେଷ୍ଟିଂ ବ୍ୟବସ୍ଥା ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ନୀରବଙ୍କ ପ୍ରତ୍ୟର୍ପଣକୁ ...

ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୯ ମାର୍ଚ୍ଚରେ ନୀରବଙ୍କୁ ଲଣ୍ଡନରେ ଗିରଫ କରାଯିବା ପରଠାରୁ ସେ ସେଠାକାର ଜେଲରେ ରହୁଛନ୍ତି। ସେ ଭାରତ ଆସିଲେ ତାଙ୍କ ବିରୋଧରେ ରହିଥିବା ମାମଲାର ଫଇସଲା କରାଯିବ। ଉଲ୍ଲେଖଯୋଗ୍ୟ, ଠକେଇ, ବେଆଇନ ଅର୍ଥ କାରବାର, ସାକ୍ଷ୍ୟ ଏବଂ ପ୍ରମାଣ ନଷ୍ଟ କରିବା ଭଳି ଅଭିଯୋଗ ତାଙ୍କ ନାମରେ ରହିଛି। ପିଏନ୍‌ବିରୁ ୧୪ ହଜାର କୋଟି ଟଙ୍କା ଋଣ ଠକେଇରେ ତାଙ୍କ ସମ୍ପୃକ୍ତି ଜଣାପଡିବା ପରେ ସେ ଦେଶ ଛାଡ଼ି ପଳାୟନ କରିଥିଲେ। ବ୍ରିଟେନ ହୋମ୍ ସେକ୍ରେଟାରିଙ୍କ ମଞ୍ଜୁରୀ ପରେ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ନୀରବଙ୍କ ନିକଟରେ ୧୪ ଦିନର ସମୟ ରହିଛି। ଯଦି କୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରନ୍ତି, ତାହା ଲଣ୍ଡନ ହାଇକୋର୍ଟର ଆଡମିନିଷ୍ଟ୍ରେଟିଭ ଡିଭିଜନରେ ବିଚାର କରାଯିବ। ସେ ଭାରତକୁ ପ୍ରତ୍ୟର୍ପଣ ହେଲେ ମୁମ୍ବାଇ ଆର୍ଥର ରୋଡ୍ ଜେଲର ବାରାକ ନମ୍ବର ୧୨ରେ ରହିବେ ବୋଲି ଜଣାପଡିଛି।

### ଓଡ଼ିଶାରେ ଏବର୍ଷ କମ୍ ...

ମହାସାଗର ଶୀତଳ ରହିବା ଫଳରେ ଭଲ ବର୍ଷା ହୋଇଥାଏ। ଅନ୍ୟ ପକ୍ଷରେ ଏଲ୍ ନିନ୍ୟୋ ପ୍ରଶାନ୍ତ ମହାସାଗର ଉତ୍ତପ୍ତ ରହିବା ସହ ସମ୍ପୃକ୍ତ। ଏଭଳି ସ୍ଥିତିରେ ବୃଷ୍ଟିପାତ କମ୍ ହୋଇପାରେ। ଚଳିତ ବର୍ଷ ଏଲ୍ ନିନ୍ୟୋ ସୃଷ୍ଟି ହେବାର କମ୍ ସମ୍ଭାବନା ଥିବା ରାଜୀବନ କହିଛନ୍ତି। ସେହିପରି ଭାରତ ମହାସାଗରରେ ଉତ୍ତାପରେ ଭିନ୍ନତା (ଆଇଓଡି) ମଧ୍ୟ ମୌସୁମୀ ବର୍ଷାକୁ ପ୍ରଭାବିତ କରିଥାଏ। ସମୁଦ୍ର ଉପରିଭାଗ ତାପମାତ୍ରା କମ୍ ରହିଲେ ଭଲ ବର୍ଷା ହୋଇଥାଏ। ବିଶ୍ୱସ୍ତରୀୟ ସଦ୍ୟତମ ପୂର୍ବାନୁମାନ ମଡେଲ ଅନୁଯାୟୀ ଆଗାମୀ ମୌସୁମୀ ଋତୁରେ ବିଷୁବ ମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ଏଲ୍ ନିନ୍ୟୋର ଦକ୍ଷିଣୀ ଦୋଳନ ସ୍ଥିତି (ଇଏନ୍‌ଏସ୍‌ଓ) ଏବଂ ଆଇଓଡି ସ୍ଥିତି ନକାରାତ୍ମକ ରହିପାରେ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବ ବୋଲି ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ସ୍କାଏମେଟ ୱେଦର ମଧ୍ୟ ପୂର୍ବରୁ କହିଥିଲା। ତେବେ ମୌସୁମୀ ବର୍ଷା ଏଲ୍‌ପିଏର ୧୦୩ ପ୍ରତିଶତ ରହିବ ବୋଲି ଏହା ପୂର୍ବାନୁମାନ କରିଥିଲା। ଏଥିରେ ଉତ୍ତର ଭାରତୀୟ ସମତଳ ଭୂମି, ଉତ୍ତରପୂର୍ବାଞ୍ଚଳର କିଛି ଅଂଶ ଏବଂ କର୍ଣ୍ଣାଟକର ଆଭ୍ୟନ୍ତରୀଣ ଅଞ୍ଚଳରେ କମ୍ ବର୍ଷା ହେବ ବୋଲି କୁହାଯାଇଥିଲା।

### ୧୯ରୁ ଉଚ୍ଚ ଶିକ୍ଷାନୁଷ୍ଠାନ ...

ନିର୍ଦ୍ଦେଶନାମା ଜାରି ହୋଇଛି। ତେବେ ଉଚ୍ଚଶିକ୍ଷା ବିଭାଗର ଏହି ନିର୍ଦ୍ଦେଶନାମା ମେଡିକାଲ କଲେଜଗୁଡ଼ିକ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି କୁହାଯାଇଛି। ସେହିପରି ରାଜ୍ୟର ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ଓ ପ୍ରଫେସନାଲ କଲେଜ, ଡିପ୍ଲୋମା ଇନ୍‌ଷ୍ଟିଚ୍ୟୁଟ୍, ଆଇଟିଆଇଗୁଡ଼ିକ ଆସନ୍ତା ୧୯ ତାରିଖରୁ ବନ୍ଦ ରଖିବାକୁ ଶୁକ୍ରବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସମସ୍ତ କ୍ଲାସ୍ ବନ୍ଦ କରିଦିଆଯାଇଥିବାବେଳେ ପରୀକ୍ଷା ଓ ସିଲାବସ୍ ସାରିବା ପାଇଁ ଅନ୍‌ଲାଇନ୍‌ରେ କ୍ଲାସ୍ କରିବା ଲାଗି କୁହାଯାଇଛି। ଏଥିସହିତ ହଷ୍ଟେଲ ଖାଲି କରିବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ଗବେଷଣା ବା ପ୍ରୋଜେକ୍ଟ ପାଇଁ ସ୍କଲାର୍, ରିସର୍ଚ୍ଚର ଓ ଛାତ୍ରୀଛାତ୍ର ହଷ୍ଟେଲରେ ରହିପାରିବେ। କିନ୍ତୁ ଏଥିପାଇଁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବା ନିମନ୍ତେ ବାଧ୍ୟତାମୂଳକ କରାଯାଇଛି।

# ବାୟୁରେ ବ୍ୟାପୁଛି କରୋନା ଭୂତାଣୁ

## ମିଳିଲା ବଳିଷ୍ଠ ପ୍ରମାଣ

କଲରାଡୋ, ୧୬।୪

କରୋନା ବା ସାର୍ସ-କୋଭ୍-୨ ଭୂତାଣୁ ମୁଖ୍ୟତଃ ବାୟୁ ମାଧ୍ୟମରେ ବ୍ୟାପୁଥିବାର ବଳିଷ୍ଠ ପ୍ରମାଣ ମିଳିଥିବା ମେଡିକାଲ ପତ୍ରିକା ଲାନ୍‌ସେଟ୍‌ରେ ପ୍ରକାଶ ପାଇଛି। କୋଅପରେଟିଭ୍ ଇନ୍‌ଷ୍ଟିଚ୍ୟୁଟ ଫର୍ ରିସର୍ଚ୍ଚ ଇନ୍ ଏନ୍‌ଭାଇରନମେଣ୍ଟାଲ ସାଇନ୍ସ ତଥା କଲରାଡୋ ବୁଲ୍ଡର ୟୁନିଭର୍ସିଟିର କେମିଷ୍ଟ ଜୋସ୍ -ଲୁଇସ୍ ଜିମେନେଜ୍‌ଙ୍କ ସମେତ ବ୍ରିଟେନ, ଆମେରିକା ଓ କାନାଡ଼ାର ୬ ବିଶେଷଜ୍ଞଙ୍କ ଏକ ଟିମ୍ ଏହି ଅଧ୍ୟୟନ କରିଥିଲେ। ଭୂତାଣୁ ବାୟୁବାହିତ ହୋଇଥିବାରୁ ଏହା ଦ୍ରୁତ ବେଗରେ ବ୍ୟାପୁଛି ଓ ଲୋକଙ୍କୁ ସୁରକ୍ଷା ଦେଇ ହେଉନାହିଁ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ବୃହତ୍ ଜଳକଣା ମାଧ୍ୟମରେ ଭୂତାଣୁ ବ୍ୟାପିବାର ପ୍ରମାଣ ନ ଥିବା ଜିମେନେଜ୍ କହିଛନ୍ତି। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ସଂସ୍ଥା ବୈଜ୍ଞାନିକ ପ୍ରମାଣ ଆଧାରିତ ସଂକ୍ରମଣ ବିବରଣ ଅନୁରୂପ ପଦକ୍ଷେପ ନେଲେ ବାୟୁବାହିତ ସଂକ୍ରମଣକୁ ହ୍ରାସ କରିବାରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟିର ତ୍ରିଶ୍ ଗ୍ରୀନହାଲଗ୍ ବିଶେଷଜ୍ଞ ଟିମ୍‌ର ନେତୃତ୍ୱ ନେଇଥିଲେ। ସ୍କାଗିଟ୍ ଚୋଇର୍‌ଠାରେ ଜଣକଠାରୁ ୫୩ ଜଣଙ୍କୁ କରୋନା ସଂକ୍ରମଣ ହୋଇଥିଲା। ସେମାନେ ପରସ୍ପର ସଂସ୍ପର୍ଶରେ ଆସି ନ ଥିଲେ । ସେମାନେ କୌଣସି ଜିନିଷ କିମ୍ବା ପୃଷ୍ଠକୁ ଛୁଇଁ ନ ଥିବା ସ୍ପଷ୍ଟ ହୋଇଥିଲା। ତେବେ ବାହାର ଅପେକ୍ଷା ଘର ଭିତରେ ଭୂତାଣୁ ସଂକ୍ରମଣ ଅଧିକ ବେଗରେ ହେଉଥିବା ଏବଂ ବାୟୁ ଚଳାଚଳ କରୁଥିବା ଘରେ କମ୍ ହେଉଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ମୋଟ ସଂକ୍ରମଣର ୪୦ ପ୍ରତିଶତ କୌଣସି ଲକ୍ଷଣ ନ ଥିବା ଏବଂ କାଶ କିମ୍ବା ଛିଙ୍କ ହେଉ ନଥିବା ଲୋକଙ୍କ ପାଇଁ ହେଉଥିବା ଜଣାପଡ଼ିଛି। ଏହାକୁ ନୀରବ ସଂକ୍ରମଣ କୁହାଯାଉଛି। ବିଶ୍ୱରେ କୋଭିଡ୍-୧୯ ବ୍ୟାପିବାର ଏହା ମୁଖ୍ୟ ମାଧ୍ୟମ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ଆଜିଠୁ ସବୁ ସହରରେ ...

୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ଲାଗୁ କରାଯିବ। ଏ ନେଇ ସମସ୍ତ ଜିଲାର ଜିଲାପାଳ, ମହାନଗର ନିଗମ କମିଶନର, ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କୁ ନିଜ ନିଜ ଅଞ୍ଚଳରେ ନାଇଟ୍ କର୍ଫ୍ୟୁକୁ କଡ଼ାକଡ଼ି ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦ ରହିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ତୃତୀୟସ୍ଥ ମଙ୍ଗଳଙ୍କ ପ୍ରଭାବରୁ ଧୈର୍ଯ୍ୟ ଓ ସାହସିକତା ପ୍ରଦର୍ଶନ କରି ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ୍ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** - ବିଳାସସ୍ଥାନରେ ଶୁକ୍ର ଅବସ୍ଥାନ କରିଥିବାରୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟରେ ସୁଫଳ ପ୍ରଦାନ କରିବେ। ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନ ମରାମତି, ଦୋକାନ ପ୍ରଭୃତି କାମରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ।

**ମିଥୁନ** - ଆଜିର ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ ବୈଷୟିକ ସୁଖ, ସମୃଦ୍ଧି, ମାନସିକ ଶାନ୍ତି ପ୍ରଦାନରେ ସହାୟକ ହେବ। ଘର, ଜମିଜମା, ପୁରୁଣା ଗାଡ଼ି କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ପରିବାର କିମ୍ବା ବନ୍ଧୁଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ହୋଇ ନ ପାରେ। ଆଜି ଆଗାମୀ ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** - ଦୁଃସ୍ଥାନସ୍ଥ ଚନ୍ଦ୍ରଙ୍କ ଯୋଗୁ ମାନସିକ ଅସ୍ଥିରତା ସଙ୍ଗକୁ ବନ୍ଧୁବର୍ଗଙ୍କ ସମାଲୋଚନାରୁ ଶାନ୍ତି ଭଗ୍ନ ହୋଇପାରେ। ବିବାଦୀୟ ଘଟଣାରେ କଚେରି ମାମଲା ମନ୍ଥର ହେବା କାରଣରୁ ଚିନ୍ତା କରିପାରନ୍ତି। ପରିବାରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କଠାରୁ ଶୁଭ ସୂଚନା ପାଇବେ।

**ସିଂହ** - ଚତୁର୍ଥଭାବରେ କେତୁ ଅବସ୍ଥାନ କରିଥିବାରୁ ଅସ୍ୱସ୍ତିକର ପାରିପାର୍ଶ୍ୱିକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ହେବ। ବାଣିଜ୍ୟ, ପରିବହନ, ଜମିଜମା, ନିର୍ମାଣ କ୍ଷେତ୍ରରୁ ଲାଭ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କରିବାରୁ କେତେକ ବ୍ୟତିକ୍ରମ ଦେଖା ଦେଇ ପାରେ। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ କାମରେ ହେଳା କରିବେ ନାହିଁ।

**କନ୍ୟା** - ଆଜି ଯାହା ଚାହୁଁଛନ୍ତି ତାହା ତ ନିଶ୍ଚିତ ପାଇବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ରାଜନୀତି, ସଂଗଠନ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ଯାହା ଇଚ୍ଛା କରୁଛନ୍ତି ତାହା ପାଇବେ।

**ତୁଳା** - ଆଧାତ୍ମିକ ଗ୍ରହ ବଳଶାଳୀ ଶନି ଜୀବନଚର୍ଯ୍ୟାରେ ଅସଂଗତି ଦୂର କରିବା ସକାଶେ ଅନୁକୂଳ ଭାବନା ଜାଗ୍ରତ କରାଇବେ। ସାହିତ୍ୟ ଚର୍ଚ୍ଚା, ଲେଖା ପଢା,ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। କୌଣସି ସମ୍ପର୍କୀୟଙ୍କ ଅଶାଳୀନ ବ୍ୟବହାରରେ ବ୍ୟଥିତ ହୋଇପାରନ୍ତି।

**ବିଛା** - ଆଜିର ଗ୍ରହସ୍ଥିତି ପ୍ରଭାବରେ ଅନାଗତ ଆଶଙ୍କାର ପରିକଳ୍ପନାରେ ମନ ଭାରାକ୍ରାନ୍ତ ରହିବ। ପ୍ରତ୍ୟେକ କ୍ଷେତ୍ରରେ ବାରମ୍ବାର ବିନା କୌଣସି ଦୃଢ ପଦକ୍ଷେପ ନେବା ଠିକ୍ ହେବନି। ସପ୍ତମସ୍ଥ ବଳବାନ୍ ରାହୁଙ୍କ ଯୋଗୁ ବାଣିଜ୍ୟ, ଆମଦାନୀ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**ଧନୁ** - ବାକ୍ ସଂଯମତା ସାମାଜିକ ଓ ପାରିବାରିକ ଜୀବନରେ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ କରିବ। ମୂଳା ନକ୍ଷତ୍ର ଆତ୍ମୀୟଙ୍କ ରୋଷର ଶିକାର ହୋଇ କାମରେ ସହଯୋଗ ପାଇବେ ନାହିଁ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଦୁଃସ୍ଥ ଆର୍ଥିକ ପରିସ୍ଥିତି ପୂର୍ବପରି ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରେ।

**ମକର** - କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଇ କିମ୍ବା ନୂତନ ସମ୍ପର୍କରୁ ଖୁସି ରହିବେ। ହିତୈଷୀଙ୍କ ପରାମର୍ଶ କ୍ରମେ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ, ଗବେଷଣା, ଅନୁସନ୍ଧାନ ଏବଂ ରଚନାତ୍ମକ କାମରୁ ସୁଫଳ ପାଇବେ। ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ଧନିଷ୍ଠା ନକ୍ଷତ୍ର ପାଇଁ ବିପରୀତ ଫଳ ମିଳିବ।

**କୁମ୍ଭ** - ଆଜି ଅନ୍ତହୀନ ଦୁର୍ଭାବନା ଆପଣଙ୍କ ଭାବ ଓ ଭାଷାକୁ ଅନୁଚିତ କ୍ରିୟାଶୀଳ କରାଇପାରେ। ଅତୀତ କାର୍ଯ୍ୟାବଳୀ ସକାଶେ ଅନୁତାପର ସମୟ ପାଇବେ ନାହିଁ। ଧନାଧିପ ଗୁରୁ ସ୍ୱଗୃହାଭିମୁଖୀ ହେତୁ ଆର୍ଥିକ ସ୍ଥିତି ସୁଦୃଢ ରହିବ, କିନ୍ତୁ ଋଣ ପରିଶୋଧ କରିବାରେ ପଛେଇ ଯିବେ। ଭୁଲ୍ ବୁଝାମଣାଜନିତ ପରିବହନରେ ଝଗଡାର ସମ୍ମୁଖୀନ ହୋଇପାରନ୍ତି।

**ମୀନ** - କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ସଙ୍ଗକୁ ମନ୍ଥର ଗତି ହେତୁ ସଫଳତାରେ ଆଶଙ୍କା ସୃଷ୍ଟି ହୋଇପାରେ। ବୁଧାଦିତ୍ୟ ଯୋଗ ପ୍ରଭାବରେ ଦୈନନ୍ଦିନ ବ୍ୟବସାୟରେ ସ୍ଥିରତା ଫେରିପାଇବେ। ସାମାଜିକ ସ୍ତରରେ, ସଭାସମିତିରେ, ଆଲୋଚନାରେ, ତର୍କ ବିତର୍କରେ ସଫଳତା ମିଳିବ। ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ଚୈତ୍ର ଶୁକ୍ଳ ୫ମୀ ଶନିବାର, ଏପ୍ରିଲ ୧୭ ତାରିଖ। ଭୂମିପୁତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ। ବିଶ୍ୱ ହିମୋଫିଲିଆ ଦିବସ। ରାଶିନକ୍ଷତ୍ର-ଦିବା ଘ.୦୧.୦୮ ମି. ପର୍ଯ୍ୟନ୍ତ ମୃଗଶିରା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ବିଛା ଓ କନ୍ୟା ରାଶିର ଘାତଚନ୍ଦ୍ର। ସକାଳ ଘ.୦୯.୪୧ମି. ଗତେ ଘ.୦୧.୦୧ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୮ମି. ଗତେ ଘ.୧୦.୧୨ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




## SALE

ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots). D-70816

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

1200sqft. gharabari boundary plot 30ft. road Gudiapokhari 8,00,000/- Rangabazar 10,00,000/-, 8455094875. D-70828

4000sqft. free hold plot sale at Sahidnagar. Phone: 7978388025. D-20526

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891. D-20409

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Plot for Sale, 2000sqft (10nos) per sqft-1800 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227. D-20497

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-20464

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648. D-20490

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830

ଭୁବନେଶ୍ୱର ନିକଟସ୍ଥ ବାଲିଅନ୍ତା ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି boundarywall, electricity ଥାଇ gharabari plot ବିକ୍ରି କରାଯାଉଅଛି ଏବଂ invest କଲେ ମଧ୍ୟ 2years ମଧ୍ୟରେ ଭଲ return ପାଇ ପାରିବେ। sqft. 550/-. Contact: 9937161494. D-20527

ରବିଟକିଜ ଛକ ପାଖରୁ ମାତ୍ର 6 କିଲୋମିଟର ଟଙ୍କପାଣି ରୋଡ୍ ସାଇ ମନ୍ଦିର ନିକଟ ବାଙ୍କୁଆଳରେ ପାଚେରି ହୋଇଥିବା ଘରବାରି ପ୍ଲଟ୍ ବିକ୍ରୟହେବ। ବ୍ୟାଙ୍କ୍ ଫାଇନାନ୍ସ ସୁବିଧା ଅଛି। 6372897984, 8144658008. D-20524

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## PURCHASE

Require more than 15 acres land within 7 kilometers from Khurda collectorate preferably blacktop roadside. Require plots for Apartment project in Bhubaneswar. 7008563697. D-20517




3BHK Ommniloy A201 near Flyover Shahid Nagar, Family/Office. 7032925529, 9337555288. D-20496

10000sqft. open land for Godown or Commercial use purpose, NH 316, Lingipur, Bhubaneswar. M.9437110900. D-20530

HIG 2BHK with 4wheeler large Garage in Pragati Enclave Chandrasekharpur. 8618781596. D-69393




Newly open full body massage ladies and gents. 9040900385. D-69547

Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Ayurvedic full body massage by experienced (M/F) therapist. 9861193818, 8018656899. D-59986

Monalisa massage club : All types body massage with hiprofile smart lady rooms service available 9708545108. D-20518

## AFFIDAVIT

By virtue of an affidavit before Executive Magistrate, Bhubaneswar. I do hereby declare that Balaram Jena and Balaram Naik is one and same person. My self Balaram Jena for all purpose from today. D-46300

Affidavit before Executive Magistrate, Jajpur road, Jajpur, I Munganda Surya Kala age about 28 solemnly declared that Munganda Surya Kala and Dadala Suryakala, W/o- Dadala Lokanathrao, D/o- Munganda Taviti Raju At- Railway Colony, Jajpur road, Dist- Jajpur is one and same person. She can benefit all Official purpose. D-20532

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୦୨,୦୯,୫୧୮ | ୩୦,୦୫,୫୮୪ | ୧୧,୯୧,୪୪,୭୩୪ |
| ଭାରତ | ୧,୪୪,୯୫,୦୦୬ | ୧,୭୫,୪୫୫ | ୧,୨୬,୪୯,୧୭୯ |
| ଓଡ଼ିଶା | ୩,୬୧,୪୫୦ | ୧୯୩୮(+୫୩) | ୩,୪୨,୫୬୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୨ ବିଜେଡି କର୍ମକର୍ତ୍ତା ନିଲମ୍ବିତ

ଭୁବନେଶ୍ୱର,୧୬।୪(ବ୍ୟୁରୋ): ସୁନ୍ଦରଗଡ଼ ଜିଲାର ବିଜୁ ଜନତା ଦଳ କର୍ମକର୍ତ୍ତା ଅମରେଶ ପଣ୍ଡା ଏବଂ ବିନୟ ପଣ୍ଡାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟଙ୍କୁ ଦଳରୁ ନିଲମ୍ବନ କରିଥିବା ବିଜେଡି ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

### ମେଡିକାଲ ସାମଗ୍ରୀ କଳାବଜାରକାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

#### ରାଜ୍ୟସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର, ୧୬।୪(ବ୍ୟୁରୋ): ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଛି। କେତେକ ଅସାଧୁ ବ୍ୟବସାୟୀ ଔଷଧ ଓ ଅତ୍ୟାବଶ୍ୟକ ମେଡିକାଲ ସାମଗ୍ରୀର କଳାବଜାର ଚଳାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଔଷଧ ଓ ମେଡିକାଲ ସାମଗ୍ରୀ ଗଚ୍ଛିତ ରଖୁଥିବା କିମ୍ବା କଳାବଜାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କଳାବଜାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ କମିଟିରେ ଅତିରିକ୍ତ ଡିଜିପି, ସିଆଇଡି, କ୍ରାଇମବ୍ରାଞ୍ଚ, କଟକ ଅଧକ୍ଷ ରହିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ର୍ୟାଙ୍କ୍‌ର ଜଣେ ଅଫିସର ସଦସ୍ୟ ଏବଂ ଡ୍ରଗ୍ସ କଣ୍ଟ୍ରୋଲର ଏହାର ସଦସ୍ୟ ଆବାହକ ରହିବେ। ଜିଲାସ୍ତରରେ ଅଧିକାରୀମାନେ ଅତ୍ୟାବଶ୍ୟକ ମେଡିକାଲ ଉପକରଣର ଉପଲବ୍ଧତାକୁ ତଦାରଖ କରିବେ। ତେବେ ରାଜ୍ୟସ୍ତରୀୟ କମିଟି ଜିଲା ଅନୁଯାୟୀ ଅତ୍ୟାବଶ୍ୟକ ମେଡିକାଲ ସାମଗ୍ରୀ ଯୋଗାଣ ଏବଂ କଳାବଜାରକୁ ରୋକିବା ପାଇଁ ଅଧିକାରୀମାନେ ନିୟମିତ ଯାଞ୍ଚ, ଚଢ଼ାଉ ଓ ଜବତ କାର୍ଯ୍ୟ କରୁଛନ୍ତି କି ନାହିଁ ସେ ନେଇ ନିଶ୍ଚିତ କରିବେ।

# ବାହାହେବାକୁ ଜିଦ୍ ଧରିବା କାଳ ହେଲା

## ଶୁଭଶ୍ରୀଙ୍କୁ ହତ୍ୟା କରିଥିଲେ ପ୍ରେମିକ

ଯାଜପୁର ଟାଉନ, ୧୬।୪ (ଡି.ଏନ୍.ଏ.)

ଯାଜପୁର ସଦର ଥାନା ଅନ୍ତର୍ଗତ କପିଳେଶ୍ୱର ଗ୍ରାମ ନିକଟ ପୋଖରୀରୁ ଗତ ୮ ତାରିଖରେ ମିଳିଥିଲା ନରକଙ୍କାଳ। ଓଢ଼ଣୀରୁ ଉକ୍ତ କଙ୍କାଳ ଖଣ୍ଡରା ଗ୍ରାମର ନିଖୋଜ ଯୁବତୀ ଶୁଭଶ୍ରୀ ରାଉତ(ବେଙ୍ଗୁଲୀ)ଙ୍କର ବୋଲି ଜଣାପଡ଼ିଥିଲା। ତଦନ୍ତ ପରେ ଶୁଭଶ୍ରୀଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିବାବେଳେ ତାଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ଅଭିଯୁକ୍ତ ପ୍ରେମିକ ମିରଚାନ୍ଦପୁର ଗ୍ରାମର ଅରୁଣ ଜେନାଙ୍କୁ ପୋଲିସ ହାଇଦ୍ରାବାଦରୁ ଗିରଫ କରିଥିଲା। ଅରୁଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପୂର୍ବରୁ ଶୁଭଶ୍ରୀଙ୍କୁ ହତ୍ୟା ପଛର କାରଣ ସମ୍ପର୍କରେ ପୋଲିସ ଗଣମାଧ୍ୟମକୁ ଜଣାଇଛି। ବାହାହେବାକୁ ଜିଦ୍ ଧରିବା ହିଁ ଶୁଭଶ୍ରୀଙ୍କ ପାଇଁ କାଳ ହୋଇଛି। ପ୍ରେମିକା ଶୁଭଶ୍ରୀଙ୍କ ସହ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିବା ଅରୁଣ ଶେଷରେ ତାଙ୍କ ଜୀବନ ନେବାକୁ ପଛାଇ ନ ଥିଲେ ବୋଲି ଅତିରିକ୍ତ ଏସ୍‌ପି (କଳିଙ୍ଗନଗର) ଜୟରାମ ଶତପଥୀ ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ନାରାୟଣ ଚନ୍ଦ୍ର ବାରିକ କହିଛନ୍ତି।

ଜେରା ବେଳେ ଅରୁଣଙ୍କ ସ୍ୱୀକାରୋକ୍ତି ସମ୍ପର୍କରେ ଅତିରିକ୍ତ ଏସ୍‌ପି ଶତପଥୀ କହିଛନ୍ତି ଯେ, ଶୁଭଶ୍ରୀ ୨୦୨୦ ଅକ୍ଟୋବର ୩୦ରେ ଘରୁ ପଳାଇଥିଲେ। ଅରୁଣଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ଶୁଭଶ୍ରୀଙ୍କୁ ଅରୁଣ ସ୍ଥାନୀୟ ନିର୍ମାଣାଧୀନ ପଞ୍ଚାୟତ କାର୍ଯ୍ୟାଳୟରେ ୨ ଦିନ ଧରି ଲୁଚାଇ ରଖିଥିଲେ। ସେହି ୨ ଦିନ ଯାକ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ତୃତୀୟ ଦିନ ଜଣେ ପରିଚିତ ଲୋକଙ୍କ ସହ ଶୁଭଶ୍ରୀଙ୍କୁ ଭୁବନେଶ୍ୱରର ଏକ ସ୍ଥାନକୁ ପଠାଇ ଦେଇଥିଲେ। ଶୁଭଶ୍ରୀ ଭୁବନେଶ୍ୱରରେ ରହୁଥିବା ବେଳେ ଅରୁଣ ତାଙ୍କ ସହିତ ନିୟମିତ ମୋବାଇଲରେ କଥାବାର୍ତ୍ତା ହେଉଥିଲା। ଗତ ଜାନୁୟାରୀ ୧୯ରେ ଶୁଭଶ୍ରୀ ବସ୍‌ରେ ଫେରି ଆସି କୁଆଖିଆରେ ଓହ୍ଲାଇବା ପରେ ଅରୁଣ ତାଙ୍କୁ ବାଇକ୍‌ରେ ନେଇ ଖଣ୍ଡରା ପଞ୍ଚାୟତ ଅଫିସ ଘରେ ୩ ଦିନ ରଖିଥିଲେ। ସେଠାରେ ବି ଶାରୀରିକ ସମ୍ପର୍କ ରଖିଥିଲେ। ଶୁଭଶ୍ରୀ ଭୁବନେଶ୍ୱର ପଳାଇଯାଇ ପୁଣି ଜାନୁୟାରୀ ୨୩ରେ ବସ୍‌ଯୋଗେ କୁଆଖିଆରେ ଓହ୍ଲାଇଥିଲେ। ଏହିଦିନ ଅରୁଣ ୩୬ ଥର ଶୁଭଶ୍ରୀଙ୍କ ସହିତ ମୋବାଇଲରେ କଥା ହୋଇଥିଲେ। ଅରୁଣ କୁଆଖିଆରୁ ଶୁଭଶ୍ରୀଙ୍କୁ ସାଙ୍ଗରେ ନେଇ କପିଳେଶ୍ୱର ଗାଁ ପୋଖରୀକୁ ଯାଇଥିଲେ। ପୋଖରୀ ହୁଡ଼ାରେ ଦୁହେଁ ବସି କଥାବାର୍ତ୍ତା ହେବାବେଳେ ଶୁଭଶ୍ରୀ ଅରୁଣଙ୍କୁ ବାହା ହେବା ପାଇଁ ଜିଦ୍ ଧରିଥିଲେ। ଏପରି କି ଥଇଥାନ କରିବା ପାଇଁ ଶୁଭଶ୍ରୀ କହିଥିଲେ। ହେଲେ ଅରୁଣ ପୂର୍ବରୁ ବିବାହ କରିଥିବାରୁ ଶୁଭଶ୍ରୀଙ୍କୁ ବାହାହେବାକୁ ରୋକଠୋକ୍ ମନା କରିଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତିତର୍କ ହୋଇଥିଲା। ରାତି ପ୍ରାୟ ୧୧ଟା ବେଳେ ଅରୁଣ ଭାବିଥିଲେ ଯେ, ଶୁଭଶ୍ରୀଙ୍କୁ ମାରିଦେଲେ ସବୁ ସମସ୍ୟା ତୁଟିଯିବ। ଏଭଳି ଚିନ୍ତା କରି ଶୁଭଶ୍ରୀଙ୍କ ପଛକୁ ଯାଇ ସେ ପିନ୍ଧିଥିବା ଓଢ଼ଣୀକୁ ତାଙ୍କ ବେକରେ ଗୁଡ଼ାଇ ଭିଡ଼ି ମାରି ଦେଇଥିଲେ। ଏହାପରେ ଅରୁଣ ମୃତଦେହକୁ ଗୋଟିଏ ବସ୍ତାରେ ପଥର ସହ ପୂରାଇ ପୋଖରୀରେ ପକାଇ ଦେଇଥିଲେ। ଶୁଭଶ୍ରୀ ସାଥିରେ ଆଣିଥିବା ବ୍ୟାଗରୁ ପୋଷାକକୁ ବାହାର କରି ପୋଖରୀରେ ଫିଙ୍ଗିଦେଇଥିଲେ। ସେହିପରି ବ୍ୟାଗଟିକୁ ନିକଟସ୍ଥ ଏକ ଘରର ପ୍ରାଚୀର ପାର୍ଶ୍ୱରେ ଲୁଚାଇ ଦେଇଥିଲେ। ଏହାପରେ ଶୁଭଶ୍ରୀଙ୍କ ମୋବାଇଲ ଫୋନକୁ ନେଇ ଅରୁଣ ସେଠାରୁ ହାଇଦ୍ରାବାଦ ପଳାଇଥିଲେ।

ଅନ୍ୟପକ୍ଷରେ ଶୁଭଶ୍ରୀଙ୍କ କଙ୍କାଳ ମିଳିବା ପରେ ହତ୍ୟାର କାରଣ କ'ଣ ଏବଂ ହତ୍ୟାକାରୀଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ଏସ୍‌ପି ରାହୁଲ ପି.ଆର.ଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବା ସହିତ ସାଇବର ସେଲ୍‌ର ସହଯୋଗରେ ଅରୁଣ ଏବଂ ଶୁଭଶ୍ରୀଙ୍କ ମୋବାଇଲ ଫୋନ କଲ୍ ରେକର୍ଡକୁ ସଂଗ୍ରହ କରାଯାଇଥିଲା। ତଦନ୍ତରୁ ଅରୁଣ ହାଇଦ୍ରାବାଦରେ ରହୁଥିବା ଜଣାପଡ଼ିବା ପରେ ତାଙ୍କୁ ସେଠାରୁ ୨ ଦିନ ତଳୁ ଗିରଫ କରାଯାଇଥିଲା। ଘଟଣା ସମ୍ପର୍କରେ ଯାଜପୁର ସଦର ଥାନାରେ ଆଇପିସି ଦଫା ୩୦୨ ଓ ୨୦୧ ଅନୁସାରେ ମାମଲା(ନଂ. ୯୧/୨୧) ରୁଜୁ ହୋଇଛି। ଶୁକ୍ରବାର ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅରୁଣଙ୍କୁ ଯାଜପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି।

### ପୋଖରୀରୁ ନରକଙ୍କାଳ ମିଳିବା ଘଟଣା



# ଆଜିଠୁ ୭ ଦିନିଆ ରିମାଣ୍ଡରେ ହାଇଦର

କଟକ ଅଫିସ, ୧୬।୪

କଟକ ଏସ୍‌ସିବି ମେଡିକାଲରୁ ଫେରାର ହୋଇଥିବା ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ୧୨୦ ଘଣ୍ଟା ପରେ ପୋଲିସ ହାତରେ ଧରାପଡିଥିଲେ। ଗୁରୁବାର ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲାରୁ ପୋଲିସ ତାଙ୍କୁ ଗିରଫ କରିବା ପରେ ଶୁକ୍ରବାର ବିମାନରେ ଭୁବନେଶ୍ୱର ଆଣିଥିଲା। ପରେ ତାଙ୍କୁ ସୁରକ୍ଷା ବଳୟ ଭିତରେ କଟକ ଡିସିପିଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ପଚରାଉଚରା କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅପରାହ୍ନରେ କଟକ ଜେଏମ୍‌ଏଫସିରେ ହାଜର କରାଯାଇଥିଲା। ସେଠାରେ ପୋଲିସ ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ହେଲେ ୭ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଥିଲେ। ଏହାପରେ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ମଙ୍ଗଳାବାଗ ପୋଲିସ ତାଙ୍କୁ ଶନିବାରଠାରୁ ରିମାଣ୍ଡରେ ନେଇ ପଚରାଉଚରା କରିବ।

କଟକ ଡିସିପିଙ୍କ କାର୍ଯ୍ୟାଳୟରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇ କହିଛନ୍ତି, ହାଇଦର ଦୁଇଟି ମାମଲାରେ ସମ୍ବଲପୁର ଜେଲ୍‌ରେ ସଜା କାଟୁଥିଲେ। ଅସୁସ୍ଥତା କାରଣରୁ ସେ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ମାର୍ଚ୍ଚ ୨୩ରେ ଏସ୍‌ସିବି ମେଡିକାଲ ଆସି ସର୍ଜରି ବିଭାଗର ୫ନଂ. ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ଗତ ୧୦ ତାରିଖ ଅପରାହ୍ନ ୪ଟାରୁ ସାଢେ ୪ଟା ଭିତରେ ସେ ଫେରାର ହୋଇଯାଇଥିଲେ। ଏହି ଖବର କଟକ କମିଶନରେଟ୍ ପୋଲିସ ପ୍ରାୟ ରାତି ୭ଟା ପରେ ପାଇବା ପରେ ତତ୍ପର ହୋଇଥିଲା। ଏତେବଡ ଅପରାଧୀ କେମିତି ଫେରାର ହେଲେ, ସେ କୁଆଡେ ଯାଇଥାଇପାରନ୍ତି, ତାଙ୍କ ପୂର୍ବ ରେକର୍ଡ କ'ଣ, ତାଙ୍କ ଲିଙ୍କ୍‌ରେ କିଏ ଅଛନ୍ତି ତାହାକୁ ନେଇ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଅତୀତରେ ଯେହେତୁ ହାଇଦର ମହାରାଷ୍ଟ୍ରରୁ ଧରାପଡିଥିଲେ, ତେଣୁ ସେ ରାଜ୍ୟ ବାହାରକୁ ଯାଇଥିବା ଅନୁମାନ କରିଥିଲା ପୋଲିସ। ତାଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ପଶ୍ଚିମବଙ୍ଗ, ଝାଡଖଣ୍ଡ, ମହାରାଷ୍ଟ୍ର, ଆନ୍ଧ୍ର, ତେଲଙ୍ଗାନା ଯାଇ ହାଇଦରଙ୍କୁ ଖୋଜାଖୋଜି କରୁଥିଲା। ଟେକ୍ନିକାଲ ସର୍ଭିଲାନ୍ସ ଯୋଗୁ ଡିସିପି ଅଫିସରେ ଥିବା ସାଇବର ଟିମ୍ ହାଇଦର ତେଲଙ୍ଗାନାରେ ଥିବା ଜାଣିବାକୁ ପାଇଥିଲା। ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ ଓ ବାଦାମବାଡି ଥାନାଧିକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଗତ ୧୧ ଓ ୧୨ ତାରିଖରେ ତେଲଙ୍ଗାନାରେ ପହଞ୍ଚିଥିଲା। ସେଠାରେ ଉଭୟ ଥାନାଧିକାରୀ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସତର୍କତାର ସହ ହାଇଦରଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଏହି ତଦନ୍ତରେ ହାଇଦ୍ରାବାଦ ଓ ତେଲଙ୍ଗାନା ପୋଲିସ ଟିମ୍ ସେମାନଙ୍କୁ ସାହାଯ୍ୟ କରିଥିଲା। ଗୁରୁବାର ସନ୍ଧ୍ୟା ୬.୩୦ ମିନିଟ୍‌ରେ ସାଙ୍ଗାରେଡ୍ଡୀ ଜିଲାର ଜାହିରାବାଦ ଅଞ୍ଚଳରେ ହାଇଦର ବାଇକ୍‌ରେ ଯାଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ରଶ୍ମିରଞ୍ଜନଙ୍କ ଟିମ୍, ତେଲଙ୍ଗାନା ଓ ହାଇଦ୍ରାବାଦ ପୋଲିସ ଟିମ୍ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ବିଳମ୍ବିତ ରାତିରେ ହାଇଦରଙ୍କୁ ତେଲଙ୍ଗାନାର ଜାହିରାବାଦ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇ ତିନି ଦିନର ଟ୍ରାନ୍‌ଜିଟ୍ ରିମାଣ୍ଡରେ ଅଣାଯାଥିଲା। ତେବେ ହାଇଦର ଏସସିବିରୁ ଫେରାର ହେବା ପରେ ଏକ କାର୍‌ରେ ହାଇଦ୍ରାବାଦରେ ପହଞ୍ଚିଥିଲା। ହାଇଦରଙ୍କୁ ଫେରାର କରାଇବା ପଛରେ କେଉଁମାନଙ୍କର ହାତ ରହିଛି ଓ ଅନ୍ୟାନ୍ୟ ଦିଗ ଉପରେ ପୋଲିସ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଜଣାପଡିଛି। ଏସ୍‌ସିବିରୁ ଫେରାର ହେବା ଘଟଣାରେ ନିଲମ୍ବିତ କନଷ୍ଟେବଲ ମହମ୍ମଦ ମୌସିମ୍ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ କେସ୍ ନଂ.୧୦୧/୨୧ ରୁଜୁ କରିଥିଲା। ଏହି ଘଟଣାରେ ହାଇଦରଙ୍କୁ ଗିରଫ କରାଯାଇଛି। ହାଇଦରଙ୍କୁ କଟକ ଡିସିପି ପ୍ରତୀକ୍ ସିଂଙ୍କର ତତ୍ତ୍ୱାବଧାନ ଓ ଅତିରିକ୍ତ ଡିସିପି ପ୍ରମୋଦ ରଥଙ୍କ ନେତୃତ୍ୱରେ ଅପରେସନ୍ ହାଇଦରର ଆରମ୍ଭ ହୋଇଥିଲା।



ପୋଲିସ ହେପାଜତରେ ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର।

## ଫେରାର ପଛରେ ୮ ଜଣଙ୍କ ସମ୍ପୃକ୍ତି

କଟକ ଅଫିସ, ୧୬।୪

ଏସ୍‌ସିବି ମେଡିକାଲରୁ ହାଇଦର ଫେରାର ହେବା ପଛରେ ୩ ମହିଳାଙ୍କ ସମେତ ୮ ଜଣଙ୍କର ସମ୍ପୃକ୍ତି ରହିଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ସେମାନେ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଆପିଲୋ ଝାଡେଶ୍ୱର ଗ୍ରାମର ବନୀତା ରାଉତ(୨୬), ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ବରୁଣ ରଥ, ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଅର୍ଚ୍ଚନା ପରିଡ଼ା, କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଶରତ ନାୟକ, ସୋନାଲି ସ୍ୱାଇଁ, କେନ୍ଦ୍ରାପଡା ଟାଉନ୍ ଅଞ୍ଚଳର ଶେଖ୍ ରୈସୁଦ୍ଦିନ୍, ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଟିଣପିଟା ସାହିର ଚିକୁ ଓରଫ୍ ଶେଖ୍ ଇବ୍ରାହିମ୍, ଇସ୍ତିୟାକ୍ ଖାନ୍। ଏମାନଙ୍କୁ ପୋଲିସ ପଚରାଉଚରା ଜାରି ରଖିଥିବା କମିଶନର ସୂଚନା ଦେଇଛନ୍ତି। ହାଇଦରଙ୍କ ସମେତ ଇସ୍ତିୟାକ୍ ଖାନ୍ ଓ ଶେଖ୍ ଇବ୍ରାହିମଙ୍କୁ କଟକ କମିଶନରେଟ ପୋଲିସ କଡା ସୁରକ୍ଷା ମଧ୍ୟରେ ନେଇ ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ପରେ ସେମାନଙ୍କୁ ଚୌଦ୍ୱାର ଜେଲକୁ ପଠାଯାଇଛି।

# ଧାମରାରେ ଆରଓ-ପ୍ୟାକ୍ସ ଜେଟି ପ୍ରକଳ୍ପ

## ବିନିଯୋଗ ହେବ ୧୧୦ କୋଟି




- ବିଭାଗୀୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର
- ହ୍ରାସ ପାଇବ ସହରର ଦୂରତା

ଭୁବନେଶ୍ୱର,୧୬।୪

କେନ୍ଦ୍ର ସରକାରଙ୍କ ସାଗରମାଳା ଯୋଜନା ଅଧୀନରେ ଓଡ଼ିଶାର ଭଦ୍ରକ ଜିଲ୍ଲାର (ଧାମରା) କାଣୀନାଳିଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆକୁ ସଂଯୋଗ କରୁଥିବା ଆରଓ-ପ୍ୟାକ୍ସ (ରୋଲ-ଅନ୍ ଓ ରୋଲ୍ ଅଫ ଯାତ୍ରୀବାହୀ) ଜେଟି ପ୍ରକଳ୍ପ ସହ ଉକ୍ତ ଅଞ୍ଚଳର ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ପାଇଁ ମୋଟ ୧୧୦.୬୦ କୋଟି ଟଙ୍କା ଖର୍ଚ୍ଚ (ନିବେଶ) କରାଯିବ ବୋଲି ସୂଚନା ମିଳିଛି। ଏହାର ବିକାଶ ଓ ଭିତ୍ତିଭୂମି ନିର୍ମାଣ ପାଇଁ ଶୁକ୍ରବାର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ୫୦.୩୦କୋଟି ଟଙ୍କାର ବ୍ୟୟ ବରାଦ ଲାଗି ପ୍ରଶାସନିକ ଅନୁମୋଦନ ଦିଆଯାଇଛି। ସେହିଭଳି ଏହି ପ୍ରକଳ୍ପ ପାଇଁ ଅତିରିକ୍ତ ୫୦% ଅର୍ଥ ଓଡ଼ିଶା ସରକାର ବହନ (ଖର୍ଚ୍ଚ) କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଆରଓ-ପ୍ୟାକ୍ସ ଜେଟି ପ୍ରକଳ୍ପ ଦ୍ୱାରା ଉଭୟ ଭଦ୍ରକ ଓ କେନ୍ଦ୍ରାପଡାର ବିକାଶ ଦ୍ରୁତ ଗତିରେ ତ୍ୱରାନ୍ୱିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେହିପରି ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନିରନ୍ତର ଦୃଷ୍ଟି ଦେଉଥିବାରୁ ସେ ପ୍ରଧାନମନ୍ତ୍ରୀ ଓ ଜାହାଜ ଚାଳାଚଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କାଣୀନାଳି ଏବଂ ତାଳଚୁଆ ଠାରେ ଆରଓ-ପ୍ୟାକ୍ସ ପୋତା ଶ୍ରୟ, ପାର୍କିଂ ଅଞ୍ଚଳର ବିକାଶ, ନୌବହନ ସହାୟତା ଓ ଖନନ ଭଳି ଭିତ୍ତିଭୂମି ନିର୍ମାଣ ପାଇଁ ଏହି ଅର୍ଥ ବ୍ୟୟ କରାଯିବ। ଫଳରେ ସ୍ଥାନୀୟ ଅଞ୍ଚଳର ଦୂରତା ସହର ଠାରୁ ବହୁ ପରିମାଣରେ କମିଯିବ ବୋଲି ଜଣାପଡିଛି। ପୂର୍ବରୁ ଯେଉଁ ଦୂରତାକୁ ଅତିକ୍ରମ କରିବା ଲାଗି ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରାୟ ୬ ଘଣ୍ଟା ସମୟ ଲାଗୁଥିଲା ଏହି ପ୍ରକଳ୍ପ ଶେଷ ପରେ ତାହା ମାତ୍ର ୧ଘଣ୍ଟାରେ ଅତିକ୍ରମ କରିହେବ ବୋଲି ଜଣାପଡିଛି। ବର୍ତ୍ତମାନ ଘାଟରେ ସବୁଦିନିଆ ଆରଓ-ପ୍ୟାକ୍ସ ଜେଟି ନିର୍ମାଣ କରାଯିବା ଫଳରେ ନୌକା, ଲଞ୍ଚ ଓ ଅନ୍ୟ ଡଙ୍ଗା ଯାତାୟାତ ପାଇଁ ସୁବିଧା ହେବ। ଏହାଦ୍ୱାରା ଏକ ସମୟରେ ୧୦ଟି ହାଲୁକା ଯାନ, ୨୦ଟି ଦୁଇ ଚକିଆ ଏବଂ ୬୦ ଜଣ ଯାତ୍ରୀପରିବହନ କରିପାରୁଥିବା ଗାଡି ଚଳାଚଳ କରିପାରିବ। ତାଳଚୁଆ ଏବଂ ଏହାର ଆଖପାଖ ଗ୍ରାମର ଲୋକମାନେ ଜୀବିକା ପାଇଁ ଧାମରା ବନ୍ଦର ଉପରେ ନିର୍ଭର କରିଥାନ୍ତି। ଯାହାକି କାଣିନାଳୀ ଘାଟ ଠାରୁ ୪ କିମି ଦୂରରେ ଅବସ୍ଥିତ। ଏହି ଅଞ୍ଚଳରୁ ଧାମାରା ପର୍ଯ୍ୟନ୍ତ ସଡ଼କ ପଥରେ କୌଣସି ଯୋଗାଯୋଗର ବ୍ୟବସ୍ଥା ନଥିବାରୁ ଲୋକମାନେ କାଣୀନାଳି ଏବଂ ତାଳଚୁଆ ଘାଟରୁ ପ୍ରାୟ ୭ କିମି ରାସ୍ତା ଡଙ୍ଗାରେ ପାର ହେବାକୁ ପଡିଥାଏ।

# ସୂର୍ଯ୍ୟମନ୍ଦିର ବନ୍ଦ, ନିରାଶରେ ଫେରିଲେ ପର୍ଯ୍ୟଟକ



ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକରେ ତାଲା ପଡ଼ିଛି।

କୋଣାର୍କ,୧୬।୪ (ଡି.ଏନ.ଏ)

ମହାମାରୀ କରୋନାର ଦ୍ୱିତୀୟ ଲହର ରାଜ୍ୟରେ କାୟା ବିସ୍ତାର କରିଚାଲିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ମେ ୧୫ ତାରିଖ ପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟମନ୍ଦିର ବନ୍ଦ ରଖିବା ଲାଗି କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ସୂର୍ଯ୍ୟମନ୍ଦିର ବନ୍ଦ ରହିଥିଲେ ମଧ୍ୟ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ଖୋଲା ରହିଥିବା ଦେଖିବାକୁ ମିଳିଛି। ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ଆସିଥିବା ଅନେକ ପର୍ଯ୍ୟଟକ ମୁଖ୍ୟ ଦ୍ୱାର ବନ୍ଦ ରହିଥିବା ଦେଖି ନିରାଶ ହୋଇ ଫେରିଯାଇଥିଲେ। ସେହିପରି କୋଣାର୍କ ସୂର୍ଯ୍ୟମନ୍ଦିର ପରିସର, ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠ ଏକପ୍ରକାର ଜନଶୂନ୍ୟ ହୋଇପଡ଼ିଛି। ଦେଶ ବିଦେଶର ପର୍ଯ୍ୟଟକଙ୍କ ଗହଳିଚହଳି ନାହିଁ। ଫଳରେ ଏସବୁ ଉପରେ ନିର୍ଭର କରି ଚଳୁଥିବା ଫଟୋଗ୍ରାଫର, ଗାଇଡ, ହୋଟେଲ, ଲଜ, ହସ୍ତଶିଳ୍ପ ଓ ଅନ୍ୟ ବ୍ୟବସାୟୀଙ୍କୁ ଚିନ୍ତା ଘାରିଲାଣି। ଅନ୍ୟପକ୍ଷରେ କୋଣାର୍କ ବସଷ୍ଟାଣ୍ଡ, ମେଡିକାଲ ଛକ, ରିଂରୋଡ୍, ଥାନା ଛକ, ମାଧିପୁର ଛକ ଓ ଜୁଣେଇ ବଜାରରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଛି। ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣା ଜାରି ହୋଇଥିଲେ ମଧ୍ୟ ତାହାକୁ ପାଳନ କରାଯାଉ ନାହିଁ। କରୋନା କଟକଣା ଯୋଗୁ ପ୍ରଥମ ଥର ଗତ ୬ମାସ ସୂର୍ଯ୍ୟମନ୍ଦିର ବନ୍ଦ ରହିଥିଲା।




“ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। —ଶ୍ରୀଅରବିନ୍ଦ



# ପ୍ରଶାସନିକ ସଂସ୍କାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତ ବର୍ଷ ସେପ୍ଟେମ୍ବରରେ ମୋଦି ସରକାର ଅମଲାତନ୍ତ୍ରରେ ସଂସ୍କାର ଆଣିବା ପାଇଁ ସବୁଠୁ ମହତ୍ତ୍ୱାକାଂକ୍ଷୀ ପ୍ରୟାସ କରିଥିଲେ। ଏହି ଅବସରରେ ସରକାର ନ୍ୟାଶନାଲ କାପାସିଟି ବିଲ୍ଡିଂ ପ୍ରୋଗ୍ରାମ ବା 'ଜାତୀୟ କ୍ଷମତା ବିକାଶ କାର୍ଯ୍ୟକ୍ରମ'କୁ ଆଗକୁ ବଢ଼ାଇଥିଲେ। ଶେଷରେ ଏହି ଯୋଜନାରେ କାପାସିଟି ବିଲ୍ଡିଂ କମିଶନ ବା କ୍ଷମତା ବିକାଶ ଆୟୋଗ (ସିବିସି) ଗଠନ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ନ୍ୟାଶନାଲ ପ୍ରୋଗ୍ରାମ ଫର୍ ସିଭିଲ ସର୍ଭିସ କାପାସିଟି ବିଲ୍ଡିଂ ବା ରାଷ୍ଟ୍ରୀୟ ସିଭିଲ ସର୍ଭିସ କ୍ଷମତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏହା କାର୍ଯ୍ୟ କରୁଛି। ଏହା ମଧ୍ୟ 'ମିଶନ କର୍ମଯୋଗୀ' ନାମରେ ଜଣାଶୁଣା। ସରକାର ଏବେ ଘରୋଇ କ୍ଷେତ୍ରରେ ଥିବା ବିଶେଷଜ୍ଞମାନଙ୍କ ସମ୍ପର୍କରେ ଅଧିକ ଚିନ୍ତା କରୁଥିବା ଜଣାପଡ଼ିଛି। ଏହି କ୍ରମରେ ନୂତନ ସିବିସିର ମୁଖ୍ୟ ଭାବେ କ୍ୱାଲିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ(କ୍ୟୁସିଆଇ) ବା ଭାରତୀୟ ଗୁଣବତ୍ତା ପରିଷଦର ମୁଖ୍ୟ ଅଦିଲ ଜୈନୁଲଭାଇଙ୍କୁ ନିଯୁକ୍ତି ଦିଆଯାଇଛି। କ୍ୟୁସିଆଇ ଏକ ସ୍ୱୟଂଶାସିତ ସଂସ୍ଥା ଓ ଏହା ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ୍ ପ୍ରମୋଶନ(ଶିଳ୍ପ ନୀତି ଓ ପ୍ରୋତ୍ସାହନ ବିଭାଗ) ଅଧୀନରେ କାର୍ଯ୍ୟ କରେ। ଅଦିଲ ମ୍ୟାକ୍‌କିନସେ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ଏବଂ ମୋଦିଙ୍କର ଜଣେ ସମର୍ଥକ। ସିବିସିର ଦୁଇ ଜଣ ସଦସ୍ୟ ରହିବେ। ସେମାନେ ହେଲେ ରାମସ୍ୱାମୀ ବାଲ୍‌ସୁବ୍ରମଣ୍ୟମ ଏବଂ ୧୯୮୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରବୀଣ ପରଦେଶୀ। ଏହିସବୁ ବିଷୟ ଉପରେ ନଜର ରଖିଥିବା ବ୍ୟକ୍ତିମାନେ ବିଚାର କରନ୍ତି ଯେ, ଯେଉଁଦିନ ମଲ୍ଲିକା ଶ୍ରୀନିବାସନ ପବ୍ଲିକ ଏଣ୍ଟରପ୍ରାଇଜେସ ସିଲେକ୍‌ସନ ବୋର୍ଡ (ପିଇଏସ୍‌ବି) ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡର ନୂତନ ଅଧ୍ୟକ୍ଷ ହେବେ ବୋଲି ଘୋଷଣା କରାଯାଇଥିଲା ଠିକ୍ ସେହି ଦିନ ଜୈନୁଲଭାଇଙ୍କ ନିଯୁକ୍ତି ହୋଇଥିଲା। ପ୍ରଥମ ଥର ପାଇଁ ପିଇଏସ୍‌ବିର ମୁଖ୍ୟ ଭାବେ ଜଣେ ଘରୋଇ କ୍ଷେତ୍ରର ବିଶେଷଜ୍ଞଙ୍କୁ ନିଯୁକ୍ତ କରାଯାଇଛି। ସେଣ୍ଟ୍ରାଲ ପବ୍ଲିକ ସେକ୍ଟର ଏଣ୍ଟରପ୍ରାଇଜେସ୍‌ରେ ଥିବା ଶୀର୍ଷ ମ୍ୟାନେଜମେଣ୍ଟ ପଦବୀଗୁଡ଼ିକରେ ନିଯୁକ୍ତି ଦେବା ଏହି ବୋର୍ଡର ଦାୟିତ୍ୱ। ଫେବ୍ରୁୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ଆଇଏଏସ୍‌ଙ୍କୁ ତୀବ୍ର ସମାଲୋଚନା କରିବା ସମୟରୁ ସ୍ପଷ୍ଟ ବାର୍ତ୍ତା ମିଳିଯାଇଛି। 'ସ୍ୱର୍ଗରେ ଜନ୍ମିତ' ବୋଲି କୁହାଯାଉଥିବା ଆଇଏଏସ୍‌ମାନଙ୍କୁ ନେଇ ପ୍ରଶାସନ ଚଳାଇବା ଉପରେ ସରକାର ସବୁବେଳେ ନିର୍ଭର କରିବା ବଦଳରେ ବାହାରୁ ବିଭିନ୍ନ କ୍ଷେତ୍ରରୁ ଅଧିକ ବିଶେଷଜ୍ଞଙ୍କୁ ଆଣିବାକୁ ସ୍ପଷ୍ଟ ଘୋଷଣା କରିଛନ୍ତି। ଆଇଏଏସ୍‌ମାନେ କିଛି ବାଧା ସୃଷ୍ଟି କରିବେ ଏହା ନିଃସନ୍ଦେହ। କିନ୍ତୁ ଏହି ବାଧା ହଟାଇ ଅତ୍ୟାବଶ୍ୟକ ସଂସ୍କାର ଆଣିବା ଲାଗି ମୋଦି ଦୃଢ ନିଶ୍ଚିତ ଅଛନ୍ତି।

### ଅନିଶ୍ଚିତ ନିଯୁକ୍ତି

ତାମିଲନାଡୁର ପୂର୍ବତନ ମୁଖ୍ୟ ଶାସନ ସଚିବ ଗିରିଜା ବୈଦ୍ୟନାଥନ ଆଗାମୀ ଦିନଗୁଡ଼ିକରେ ଅନିଶ୍ଚିତତାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଜଣେ ବିଶେଷଜ୍ଞ ସଦସ୍ୟ ଭାବେ ଭିବଷ୍ୟତରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲରେ ଯୋଗଦେବାକୁ ଥିବା ବୈଦ୍ୟନାଥନଙ୍କ ନିଯୁକ୍ତିକୁ ମାଡ୍ରାସ ହାଇକୋର୍ଟ ସ୍ଥଗିତ ରଖିଛନ୍ତି। ନିଯୁକ୍ତି ଉପରେ ମଧ୍ୟବର୍ତ୍ତିକାଳୀନ ସ୍ଥଗିତାଦେଶ ଦେବା ସହ ବୈଦ୍ୟନାଥନଙ୍କ ପରିବେଶଗତ ସମସ୍ୟା ସଞ୍ଚାଳନ କରିବାରେ ୫ ବର୍ଷର ଅଭିଜ୍ଞତା ହାସଲ କରିଥିବାର ସର୍ବନିମ୍ନ ଯୋଗ୍ୟତା ନାହିଁ ବୋଲି କୋର୍ଟ ଦର୍ଶାଇଥିଲେ। ପରିବେଶଗତ ସୁରକ୍ଷା ସହ ଜଡ଼ିତ କର୍ମକର୍ତ୍ତାମାନଙ୍କ ପିଟିଶନ ଉପରେ କୋର୍ଟ ଶୁଣାଣି କରୁଥିଲେ। କର୍ମକର୍ତ୍ତାମାନେ ବୈଦ୍ୟନାଥନଙ୍କ ନିଯୁକ୍ତି ସମ୍ପର୍କିତ ୧୨ ଡିସେମ୍ବର ବିଜ୍ଞପ୍ତିକୁ ରଦ୍ଦ କରାଯାଉ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ସୂତ୍ରରୁ ଜଣାପଡ଼ିଛି ଯେ, ବୈଦ୍ୟନାଥନ ତାଙ୍କ ୧୯୮୭ ବ୍ୟାଚ୍‌ର ସହକର୍ମୀ କେ.ସତ୍ୟଗୋପାଲଙ୍କ ସହ ଏନ୍‌ଜିଟିର ବିଶେଷଜ୍ଞ ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ। ସତ୍ୟଗୋପାଲ ଯୁଗ୍ମ ଶାସନ ସଚିବ ଏବଂ ରାଜସ୍ୱ ପ୍ରଶାସନର କମିଶନର ଭାବେ ଦାୟିତ୍ୱ ବହନ କରି ଅବସର ନେଇଥିଲେ। ତେବେ ବୈଦ୍ୟନାଥନ ପରିବେଶ ସମ୍ବନ୍ଧିତ ବିଭିନ୍ନ ପ୍ରଶାସନିକ ପଦବୀରେ ରହି ଦାୟିତ୍ୱ ନିର୍ବାହ କରିଥିବା ଯୁକ୍ତି ବାଢିଥିଲେ ମଧ୍ୟ ତାହା କୋର୍ଟଙ୍କୁ ପ୍ରଭାବିତ କରିପାରି ନ ଥିଲା। କୋର୍ଟ ଏହି ମାମଲାର ଶୁଣାଣି ଜାରି ରଖିବେ ବୋଲି ଜଣାପଡ଼ିଛି।

### ଆଶା ମଉଳି ଗଲା

ମୁଖ୍ୟ ନିର୍ବାଚନ କମିଶନର ଭାବେ ସୁନୀଲ ଆରୋରାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଦାୟିତ୍ୱ ନିର୍ବାହ କରିଛନ୍ତି ସୁଶୀଲ ଚନ୍ଦ୍ରା। ଉକ୍ତ ନିଯୁକ୍ତି ସମସ୍ତଙ୍କୁ ଚକିତ କରିଦେଲା, କାରଣ ସେମାନେ ଭାବିଥିଲେ ଯେ ଆରୋରାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ହେବ। କେତେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ଅଧିକାରୀମାନଙ୍କୁ ଯଦି ପ୍ରଭାବୀ କିମ୍ବା ଯୋଗ୍ୟ ବିଚାର କରାଯାଏ, ତେବେ ସେମାନଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯିବା ମୋଦି ସରକାରରେ ଏକ ଧାରା ରହି ଆସିଛି। କିନ୍ତୁ ଆରୋରାଙ୍କ ପାଇଁ କିଛି ବ୍ୟକ୍ତି ଆଶା ବାନ୍ଧିଥିଲେ ଯେ, ଅବସର ପରେ ସେ ଆଉ ଏକ ଭଲ ପଦବୀରେ ଅବସ୍ଥାପିତ ହେବେ, ଯାହା ତାଙ୍କୁ ଆଉ କିଛି ବର୍ଷ ପାଇଁ ଚର୍ଚ୍ଚାରେ ରଖିବ। କିନ୍ତୁ ଆଶା ମଉଳି ଗଲା। ୧୯୮୦ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଚନ୍ଦ୍ରା ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଟିରେ ଜଣେ ସବୁଠୁ ବରିଷ୍ଠ ନିର୍ବାଚନ କମିଶନର ଥିଲେ। କଳାଧନ ବିରୋଧରେ କେନ୍ଦ୍ରର ଲଢ଼େଇର ସମ୍ମୁଖରେ ଯେଉଁ କେତେଜଣ ଅଧିକାରୀ ରହିଥିଲେ ସେମାନଙ୍କ ମଧ୍ୟରେ ଏବକାର ନୂଆ ସିଇସି ଥିଲେ। ଚନ୍ଦ୍ରା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ଅଧ୍ୟକ୍ଷ ଭାବେ ୨୦୧୬ରେ ବିମୁଦ୍ରୀକରଣ ପରେ ଟିକସ ଫାଙ୍କିବା ବିରୋଧରେ ବିଭାଗୀୟ ଅଭିଯାନର ନେତୃତ୍ୱ ମଧ୍ୟ ନେଇଥିଲେ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | 3 | | | 5 |
| | 5 | | | 7 | | 4 | 6 | |
| | 7 | | | | | 3 | | |
| | | 1 | | | | | | |
| | 4 | | 7 | | | | 8 | 2 |
| 3 | 6 | | 4 | 2 | | | | |
| | | | | 4 | | | 5 | |
| | | 2 | 3 | 6 | | 1 | | 8 |
| | 3 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 9 | 2 | 8 | 7 | 4 | 6 |
| 9 | 7 | 4 | 3 | 6 | 1 | 2 | 5 | 8 |
| 2 | 6 | 8 | 5 | 4 | 7 | 3 | 9 | 1 |
| 8 | 2 | 9 | 4 | 1 | 5 | 6 | 7 | 3 |
| 7 | 4 | 1 | 2 | 3 | 6 | 5 | 8 | 9 |
| 6 | 5 | 3 | 8 | 7 | 9 | 4 | 1 | 2 |
| 3 | 9 | 6 | 1 | 5 | 4 | 8 | 2 | 7 |
| 5 | 1 | 2 | 7 | 8 | 3 | 9 | 6 | 4 |
| 4 | 8 | 7 | 6 | 9 | 2 | 1 | 3 | 5 |

ଗତକାଲିର ଉତ୍ତର

# ଓଡ଼ିଆ ସ୍ୱାଭିମାନର ପ୍ରତୀକ



ଡ. ପ୍ରଫୁଲ୍ଲ କୁମାର ସାହୁ

ବେଳେ ବେଳେ ମହାକାଳକୁ ଚକିତ କରି ଏମିତି ଜଣେ ଜଣେ ଯୋଗଜନ୍ମା ପୁରୁଷ ଜନ୍ମ ନିଅନ୍ତି, ଯିଏ ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ଇତିହାସ ସୃଷ୍ଟି କରନ୍ତି, ଇତିହାସକୁ ବଦଳାଇ ଦିଅନ୍ତି ଏବଂ ଇତିହାସ ନିର୍ମାଣ ପାଇଁ ଉତ୍ତର ପୁରୁଷଙ୍କ ଆଖିରେ ଭରି ଦିଅନ୍ତି ଅସୁମାରି ସ୍ୱପ୍ନ। ସେମାନଙ୍କ କୀର୍ତ୍ତିକୁ ଧାରଣା କରି ଧନ୍ୟ ହୁଏ ଇତିହାସ। ସେହିଭଳି ଜଣେ ବଳିଷ୍ଠ ଓ ଗରିଷ୍ଠ ଜାତିପ୍ରାଣ ବ୍ୟକ୍ତିତ୍ୱ ଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ; ଯିଏ ନିଜର ବୀରତ୍ୱ, ବିବେକ, ବିଚାର, ସଂକଳ୍ପ ଓ ସ୍ୱାଭିମାନ ବଳରେ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଥିଲେ ଓଡ଼ିଆ ଜାତିର ପରିଚୟ ଓ ପ୍ରତିଷ୍ଠା। ସେଥିପାଇଁ ତାଙ୍କ ନାମ ଉଚ୍ଚାରଣ ମାତ୍ରକେ ପ୍ରତ୍ୟେକ ଓଡ଼ିଆଙ୍କ ଆଖି ଆଗରେ ନାଚିଯାଏ ଶିଖରକୁ ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି। ପଢ଼ିଆରେ ଫୁଟବଲ ଖେଳିବାଠାରୁ ଆକାଶରେ ବିମାନ ଉଡ଼ାଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୁରନ୍ଧର ଓ ଦୁର୍ଦ୍ଧର୍ଷ। ନିଜର ଘଟଣା ବହୁଳ ଜୀବନରେ ସେ ପିଲାଟି ବେଳୁ ଏମିତି ଅନେକ କାମ କରିଯାଇଛନ୍ତି, ଯାହା କେବଳ ତାଙ୍କରି ଦ୍ୱାରା ସମ୍ଭବ ଏବଂ ସେହି କାରଣରୁ ତାଙ୍କ ଦୁଃସାହସ, ନିର୍ଭୀକତା ଓ ଦେଶପ୍ରେମକୁ କେନ୍ଦ୍ରକରି ଗଢ଼ିଉଠିଛି ଅନେକ କାହାଣୀ ଓ କିମ୍ବଦନ୍ତୀ। ୧୯୨୩ମସିହାର କଥା। ସାତ ବର୍ଷର ବାଳକ। କିଛିଦିନ ଧରି ସେ ପେଟରେ ଅନୁଭବ କରୁଥିବା ଯନ୍ତ୍ରଣା ଅସହ୍ୟ ହେବାରୁ ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ ପିତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ମାତା ଆଶାଲତା ଦେବୀ। ଡାକ୍ତରଖାନା ନେବାରୁ ଜଣାପଡ଼ିଲା ଆପେଣ୍ଡିସାଇଡ୍ ଫାଟିଯାଇଛି ଏବଂ ତୁରନ୍ତ ଅପରେଶନ ନ ହେଲେ ସଙ୍କଟାପନ୍ନ ହୋଇପଡ଼ିବ ପିଲାର ଜୀବନ। ମାତ୍ର ସେଠାରେ ତତ୍କାଳ ନିଶ୍ଚେତକ ବ୍ୟବସ୍ଥା ଉପଲବ୍ଧ ହୋଇ ନ ପାରିବା କାରଣରୁ ବିନା ନିଶ୍ଚେତକରେ ଅପରେଶନ କଲେ ପିଲା କଷ୍ଟ ସହିପାରିବ କି ନାହିଁ ଭାବି ଡାକ୍ତର ଯେତେବେଳେ କିଂ କର୍ତ୍ତବ୍ୟବିମୂଢ଼ ହୋଇ ପଡିଲେ, ସେତେବେଳେ ତାଙ୍କ ଚିନ୍ତାର କାରଣ ବୁଝିପାରି ନିର୍ଭୀକ ବାଳକ ବିଜୁ କହିଥିଲେ, ଆପଣ ଅପରେଶନ କରନ୍ତୁ, ମୁଁ ପ୍ରସ୍ତୁତ। ଜଣେ ଛୋଟ ପିଲାର ସାହସିକତା ଦେଖି ଇଂରେଜ ଡାକ୍ତର ଜଣକ ଏତେ ପ୍ରଭାବିତ ହୋଇଥିଲେ ଯେ ସଫଳତାର ସହ ଅପରେଶନ ପରେ ବିଜୁଙ୍କୁ ସମ୍ବୋଧନ କରି କହିଥିଲେ-'ବ୍ରେଭ ଏଣ୍ଡ ଡେୟାରିଙ୍ଗ ବୟ'।

୧୯୨୬ ମସିହା କଥା। କଟକ ସ୍ୱରାଜ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କୁ ଦେଖିବା ଭିଡ଼ ଠେଲି ସେ ଆଗକୁ ଯିବାବେଳେ ତାଙ୍କ ପିଠିରେ ବାଜିଲା ଫିରିଙ୍ଗି ପୋଲିସ୍‌ର ଲାଠି ପ୍ରହାର। ପୋଲିସର ଏଭଳି ନିର୍ମମ ଆଚରଣ ତାଙ୍କ ପ୍ରାଣକୁ ଏମିତି ଆଘାତ ଦେଲା ଯେ ସେ ବଡ଼ ହେଲେ ପୋଲିସ୍ ଠାରୁ ଆହୁରି ଦୁର୍ଦ୍ଧର୍ଷ ହେବା ପାଇଁ ମନେ ମନେ ପ୍ରତିଜ୍ଞା କଲେ ସେଇ ମୁହୂର୍ତ୍ତରେ। ସତକୁ ସତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସୈନ୍ୟଙ୍କ କବଳରୁ ଗୋରା ପରିବାରକୁ ଉଦ୍ଧାର କରିବାକୁ ଯାଇ ସେ ଯେଉଁ ସାହସିକତା ପ୍ରଦର୍ଶନ କଲେ, ସେଥିରେ ଅଭିଭୂତ ହୋଇ ଅତି ଉତ୍ସୁକତାର ସହିତ ତାଙ୍କୁ ମେଡାଲ ପିନ୍ଧେଇ ସମ୍ବର୍ଦ୍ଧିତ କରିଥିଲେ ଭାଇସରାୟଙ୍କ ପତ୍ନୀ। ଏକଦା ଡଙ୍ଗାରେ ରିଲିଫ ସାମଗ୍ରୀ ନେଇ କନିକା ବନ୍ୟାଞ୍ଚଳକୁ ଯାଉଥିଲେ ଉତ୍କଳମଣି ଗୋପବନ୍ଧୁ ଦାଶ। ସାଥିରେ ଥିଲେ ୧୨ ବର୍ଷର ବାଳକ ବିଜୁ ପଟ୍ଟନାୟକ ଓ ଅନ୍ୟ କେତେ ଜଣ ସ୍ୱେଚ୍ଛାସେବୀ।



ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ଉପଲକ୍ଷେ

ଗୋପବନ୍ଧୁ ଧରିଥିବା ଛତାଟି ଅସାବଧାନତା ବଶତଃ ଡଙ୍ଗାରୁ ପାଣିକୁ ଖସି ପଡ଼ିଲା ଠିକ୍ ନଈ ମଝିରେ। ସହସା ଭଉଁରି କାଟୁଥିବା ନଈ ଭିତରକୁ ଲମ୍ଫ ଦେଇ ଛତାଟିକୁ ଉଠେଇ ଆଣିଲେ ବାଳକ ବିଜୁ। ଭୟ ପାଇ ଯାଇଥିବା ପଣ୍ଡିତ ଗୋପବନ୍ଧୁ ଓ ଅନ୍ୟମାନଙ୍କ ଉଦ୍‌ବେଗକୁ ଲକ୍ଷ୍ୟ କରି କହିଲେ- ମୋ ଜୀବନଠାରୁ ଏ ଛତାର ମୂଲ୍ୟ ବହୁତ ବେଶି। କାରଣ ଏ ଯାହି ତାହି ଛତା ନୁହେଁ, ଦାସେ ଆପଣେଙ୍କ ଛତା। ଏ ଛତା ସହିତ ଯୋଡ଼ି ହୋଇ ରହିଛି ଓଡ଼ିଆଙ୍କ ସେବା ଓ ତ୍ୟାଗର ସଂସ୍କୃତି।

କଟକ କିଲା ପଡ଼ିଆରେ ଅବତରଣ କରୁଥିବା ବିମାନକୁ ଛୁଇଁବାକୁ ଯାଇ ବାଳକ ବିଜୁ ଯେଉଁଦିନ ଗୋରା ସାହେବଠାରୁ ମାଡ଼ ଖାଇଥିଲେ, ସେଦିନ ତାଙ୍କ ମନକୁ ଘାରିଥିଲା ନିଜେ ଉଡାଜାହାଜ ଉଡ଼େଇବାର ନିଶା। ସେଦିନର ଦୃଢ଼ ପ୍ରତିଜ୍ଞା ଭବିଷ୍ୟତରେ ତାଙ୍କୁ ଜଣେ ଦୁର୍ଦ୍ଧର୍ଷ ବୈମାନିକରେ ରୂପାନ୍ତରିତ କରିଦେଲା ଓ ସେ ବିମାନ ଚାଳନା କରି ସୃଷ୍ଟିକଲେ ଗୋଟିଏ ପରେ ଗୋଟିଏ ବିରଳ ଇତିହାସ। ୧୯୪୨ ମସିହା ଜୁଲାଇ ୨୩ ତାରିଖ ବର୍ଷାଭିଜା ସକାଳ। କଲିକତା ଏୟାର୍ ପୋର୍ଟରୁ ଉଡ଼ିବାକୁ ପ୍ରସ୍ତୁତ ହେଉଥାଏ ଏକ ଡାକୋଟା ବିମାନ। ଆକାଶରେ ଚାଲିଥାଏ ମାଳମାଳ ଭସା ବାଦଲର ଲୁଚକାଳି ଖେଳ। ଧୀରେ ଧୀରେ ବଢୁଥାଏ ପବନର ବେଗ। ପାଇଲଟଙ୍କୁ ସତର୍କ କରାଇଦେବା ଉଦ୍ଦେଶ୍ୟରେ କେହି ଜଣେ କହିଲେ-ଝଡ଼ ଆସୁଛି। ଛୋଟ ବେଳୁ ବିପଦ ସହିତ ଖେଳିବାକୁ ଭଲ ପାଉଥିବା ପାଇଲଟ ଜଣକ ସେ କଥାକୁ ଭୃକ୍ଷେପ ନ କରି ବେପରୁଆ ଭାବରେ କହିଲେ-'ବିଜୁର ବିମାନ ଉଡ଼େ ଝଡ଼ର ଉପରେ'। ତା'ପରେ ବିମାନ ନେଇ ଆକାଶର ମଥାନ ଉପରକୁ ସେ ଉଡ଼ିଗଲେ ଠିକ୍ ଗୋଟେ ଇଗଲ୍ ପରି। ସାଧାରଣତଃ ପକ୍ଷୀମାନେ ଝଡ଼ର ସୂଚନା ପାଇଲେ ଉଡ଼ିଯାଆନ୍ତି ନିରାପଦ ସ୍ଥାନକୁ। ମାତ୍ର ଝଡ଼ ଆସୁଛି ବୋଲି ଜାଣି ସୁଦ୍ଧା ଇଗଲ ନିର୍ଭୀକ ଭାବରେ ଉଡ଼ିବାକୁ ଭଲପାଏ ଉଚ୍ଚ ଆକାଶରେ। ଝଡ଼ର ବେଗ ଯେତିକି ଯେତିକି ବଢ଼େ, ଇଗଲ୍ ଉଠି ଉଠି ଯାଏ ସେତେ ଉଚ୍ଚ ଆକାଶକୁ। ସେଦିନ ଠିକ୍ ସେମିତି ଝଡ଼ ବତାସକୁ ଫୁତ୍କାରରେ ଉଡ଼ାଇ ଦେଇ କଲିକତାରୁ ଯାଇ ଜାଭାରେ ପହଞ୍ଚି ଯାଇଥିଲା ବିଜୁବାବୁଙ୍କ ଡାକୋଟା ବିମାନ। ସେଠାରେ ସେ ଡଚ୍ ସେନା ଆଖିରେ ଆଙ୍ଗୁଠି କେଞ୍ଚି ଇଣ୍ଡୋନେସିଆର ଦୁଇ ତୁଙ୍ଗ ନେତା ସନତ ସହରିନ୍ ଓ ମହମ୍ମଦ ହାଟ୍ଟାଙ୍କୁ ଉଡ଼ାଇ ଆଣିଥିଲେ ନୂଆଦିଲ୍ଲୀ। ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ମିଳିଥିଲା ଇଣ୍ଡୋନେସିଆର ସର୍ବୋଚ୍ଚ ପୁରସ୍କାର ଭୂମିପୁତ୍ର ଉପାଧି। ବିଜୁବାବୁ ଥିଲେ ପ୍ରଥମ ଭାରତୀୟ, ଯିଏ ସବୁ ପ୍ରତିକୂଳ ପରିସ୍ଥିତିକୁ ବେଖାତିର କରି ଅଶାନ୍ତ କଶ୍ମୀର ଉପତ୍ୟକାରେ ବିମାନ ଅବତରଣ କରାଇ ଭାରତୀୟ ସେନା ପାଖରେ ପହଞ୍ଚାଇ ଥିଲେ ଖାଦ୍ୟ ଓ ଯୁଦ୍ଧ ଉପକରଣ।

ବିଜୁବାବୁ ଥିଲେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ। ତାଙ୍କ ଅଭିଳଷିତ ସ୍ୱପ୍ନ ଥିଲା ଓଡ଼ିଶାର ପ୍ରତ୍ୟେକ ନାଗରିକ ମୁଣ୍ଡ ଉପରେ ଖଣ୍ଡିଏ ଭଲ ଛାତ, ସବୁ ପରିବାରକୁ ପିଇବା ପାଣି, ସବୁ ପିଲାଙ୍କ ପାଇଁ ଭଲ ସ୍କୁଲ ଓ ସମସ୍ତଙ୍କ ଲାଗି ମାଗଣାରେ ଭଲ ସ୍ୱାସ୍ଥ୍ୟସେବା ଇତ୍ୟାଦି। ଏତଦ୍ ଭିନ୍ନ ବିଶ୍ୱ ଦରବାରରେ ଓଡ଼ିଆର ସ୍ୱତନ୍ତ୍ର ପରିଚୟ ପାଇଁ ସେ ସ୍ୱପ୍ନ ଦେଖୁଥିଲେ ଏବଂ ତାଙ୍କ ପାଖରେ ଭରପୂର ହୋଇ ରହିଥିଲା ବଡ଼ ବଡ଼ ସ୍ୱପ୍ନ ଦେଖିବାର ସାମର୍ଥ୍ୟ। ଓଡ଼ିଶାର ପ୍ରାୟ ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ବିଜୁବାବୁଙ୍କ ପାଦ ପଡ଼ିନି କି ଓଡ଼ିଶାରେ ଏମିତି କେହି ଲୋକ ନାହିଁ, ଯା' କାନରେ ପଡ଼ିନି ବିଜୁବାବୁଙ୍କ ନାମ। ଓଡ଼ିଶାର ସେ ହିଁ ପ୍ରଥମ ମୁଖ୍ୟମନ୍ତ୍ରୀ, ଯିଏ ମହିଳା ନିଗମ ଗଠନ କରି ମହିଳାମାନଙ୍କୁ ଦେଇଥିଲେ ଆର୍ଥିକ ସହାୟତା। ସମଗ୍ର ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରାୟ ଅଢ଼େଇ ବର୍ଷ ପୂର୍ବରୁ ଓଡ଼ିଶାରେ ସେ ଏହାକୁ କାର୍ଯ୍ୟକାରୀ କରିଥିଲେ ଏକ ନୂଆ ରୂପରେ। ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ଭାଗ ଆସନ ସଂରକ୍ଷଣ ଲାଗି ସେ ହିଁ ଆଣିଥିଲେ ଆଇନ୍‌ରେ ବ୍ୟାପକ ପରିବର୍ତ୍ତନ। ବସ୍ତୁତଃ କ୍ଷମତା ବିକେନ୍ଦ୍ରୀକରଣ ଓ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କ୍ଷେତ୍ରରେ ସେ ଥିଲେ ଭାରତବର୍ଷରେ ଅଗ୍ରଗଣ୍ୟ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା।

ରାଜନୀତିରେ ସେ ଥିଲେ ଜଣେ ଭିନ୍ନ ବ୍ୟକ୍ତିତ୍ୱ। ଭାରି ରୋକ୍ ଠୋକ୍ ଓ ବେପରୁଆ। ରାଜନୈତିକ ସ୍ୱଚ୍ଛତା ଦୃଷ୍ଟିରୁ ବିଚାର କଲେ ତାଙ୍କ ଉଚ୍ଚତା ଆଗରେ ଏବେ ଖୁବ୍ ଖର୍ବକାୟ ମନେ ହୁଅନ୍ତି ଜାତୀୟ ସ୍ତରର ଯେ କୌଣସି ନେତା। ବିଜୁବାବୁଙ୍କ ଉଚ୍ଚତାକୁ ଆକଳନ କରି ନ ପାରିବା କାରଣରୁ ତାଙ୍କୁ ହୁଏତ ଭାରତ ରତ୍ନ ଘୋଷଣା କରାଯାଇ ନ ପାରେ, ମାତ୍ର ଭାରତ ରତ୍ନ ଭାବରେ ଲୋକଙ୍କ ହୃଦୟରେ ସେ ଅଛନ୍ତି ଓ ରହିବେ କାଳ କାଳ ପାଇଁ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ
ପଡିଆବେଡା, ମୟୂରଭଞ୍ଜ
ମୋ-୯୪୩୮୪୫୦୮

# ଦୁଃଖ ଦେବିନାହିଁ



ଡ. ବାସୁଦେବ ମିଶ୍ର

ଜୀବନରେ କେବେ କାହାରିକୁ କିଛି ଦୁଃଖ ଦେବିନାହିଁ କିମ୍ବା କାହାରି ଦୁଃଖର କାରଣ ହେବିନାହିଁ ବୋଲି ଯେତେ ଚିନ୍ତାକଲେ ମଧ୍ୟ ତାହା ବାସ୍ତବରେ ସମ୍ଭବ ହୋଇପାରେ ନାହିଁ। ଭାବି ଦେଖିଲେ ଜାଣିହୁଏ, ଭୂମିଷ୍ଠ ହେବାଠାରୁ ଆଜି ପର୍ଯ୍ୟନ୍ତ ଅନେକ ଲୋକ ଆମ କାରଣରୁ ଦୁଃଖ ପାଇଛନ୍ତି। ପୃଥିବୀର ଆଲୋକ ଦେଖିବା ପୂର୍ବରୁ ଜନନୀଙ୍କର ଜଠରରେ ଥାଇ ତାଙ୍କୁ କେତେ ଦୁଃଖ ନ ଦେଇଛେ। ଭୂମିଷ୍ଠ ହେବାର ସମୟ ନିକଟତର ହେବା ସଙ୍ଗେ ସଙ୍ଗେ ତାଙ୍କର ବେଦନା ମଧ୍ୟ ବହୁଗୁଣିତ ହୋଇଛି। ଆମେ ପୃଥିବୀକୁ ଆସିବା ପରେ ମାତାପିତା ଉଭୟ ଆମର ଯତ୍ନ ନେଇ ଆମର ଲାଳନପାଳନ କରୁଥିବା ବେଳେ ମଧ୍ୟ ଆମେ ତାଙ୍କୁ କମ୍ କଷ୍ଟ ଦେଇନାହେଁ। କେବେ ସେମାନେ ଆମକୁ ତାଙ୍କର ଅମୂଲ୍ୟ ସ୍ନେହ ପ୍ରଦାନ କରୁଥିବା ସମୟରେ ଆମେ ତାଙ୍କ ପ୍ରତି କୃତଜ୍ଞ ନ ରହି ଅଜ୍ଞାତରେ ହେଲେ ମଧ୍ୟ ତାଙ୍କ ପ୍ରତି ଅନେକ ଅସୌଜନ୍ୟ ବ୍ୟବହାର କରିଛେ। ତାଙ୍କ ଉପରେ ପଦାଘାତ କରିଛେ। ତାଙ୍କ ଉପରେ ମଳମୂତ୍ର ତ୍ୟାଗ କରିଛେ। ଆମର କୌଣସି ପ୍ରକାର ଶାରୀରିକ ଅସୁସ୍ଥତା ତାଙ୍କର ଦୁଃଖ ଓ କଷ୍ଟକୁ ବହୁଗୁଣିତ କରିଥିବା ଆମେ ଜାଣୁ। ସେମାନଙ୍କ ବ୍ୟତୀତ ଅନ୍ୟ କେତେ ଯେ ଲୋକ ଆମ ପାଇଁ କି କି ଦୁଃଖ ସହିଛନ୍ତି, ତାହାର ସୀମା ନାହିଁ। ଆମ ସାହିପଡ଼ିଶା, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଏ ସମସ୍ତେ କୌଣସି ନା କୌଣସି ପ୍ରକାରରେ କେବେ ନା କେବେ ଆମ ପାଇଁ ଅଳ୍ପ ବହୁତ ଦୁଃଖ ଯେ ନ ସହିଛନ୍ତି ଏ କଥା ନୁହେଁ। ସେଥିପାଇଁ ସେମାନଙ୍କ ନିକଟରେ ଆମେ କେବେ ଦୁଃଖପ୍ରକାଶ କରିପାରୁନା କିମ୍ବା ତାଙ୍କର ଦୁଃଖକୁ ଲାଘବ କରିବା ପାଇଁ ଆମର ସାଧ୍ୟ ନ ଥାଏ।

ଅନ୍ୟ କେହି ଆମ ପାଇଁ ଦୁଃଖ ପାଉଛି, ଏକଥା କେବେ ଦୃଷ୍ଟିକୁ ଆସିଲେ ହୃଦୟ ଭିତରେ ଖୁବ୍ ଅସ୍ୱସ୍ତି ବୋଧହୁଏ। ଯଦିଓ ଶାସ୍ତ୍ର କହିଛି- ସୁଖସ୍ୟ ଦୁଃଖସ୍ୟ ନ କେଽପି ଦାତା। ହେଲେ ମଧ୍ୟ ବେଳେବେଳେ ଆମେ ଅନ୍ୟର ଦୁଃଖର କାରଣ ବୋଲି କଥାଟା ସ୍ପଷ୍ଟ ହୋଇଯାଏ। ଅବଶ୍ୟ ଆମେ ନ ଚାହୁଁଥିଲେ ମଧ୍ୟ, ଆମ ଜାଣତରେ ଅବା ଅଜାଣତରେ ଆମେ ଅନ୍ୟର ଦୁଃଖର କାରଣ ହୋଇଥାଉ। ବେଳେବେଳେ ଅନ୍ୟକୁ ଦୁଃଖ ଦେବାପାଇଁ କିଛି ବାଧ୍ୟବାଧକତା ମଧ୍ୟ ଥାଏ। ପିଲାମାନଙ୍କୁ ଭଲମଣିଷ କରି ଗଢ଼ିବା ପାଇଁ ହେଲେ ମାତାପିତା କେବେ କେମିତି ସେମାନଙ୍କୁ ଦଣ୍ଡ ଦିଅନ୍ତି। ଦଣ୍ଡ ଦିଅନ୍ତି ସିନା, ତାହାଦ୍ୱାରା ସେମାନେ ନିଜେ କମ୍ କଷ୍ଟ ପାଆନ୍ତି ନାହିଁ। ପୁଅଝିଅଙ୍କୁ ଦଣ୍ଡଦେଇ ମା' ନିଜେ କାନ୍ଦୁଥାଏ ଆଉ ଥରେ ସେମାନଙ୍କୁ ସ୍ନେହ ନ କରିବା ପର୍ଯ୍ୟନ୍ତ।

ଅନ୍ୟକୁ ଦୁଃଖ ଦେଇ ନିଜେ ଖୁସି ମନାଉଥିବା ଲୋକଙ୍କ ସଂଖ୍ୟା ଏହି ସଂସାରରେ ସବୁଠାରୁ ବେଶି। ଇତିହାସ କହେ-ରୁଷିଆର ଜାରମାନଙ୍କ ଶାସନକାଳରେ ସମ୍ଭ୍ରାନ୍ତମାନେ ଗ୍ୟାଲେରିରେ ବସି ଯୋଦ୍ଧାମାନଙ୍କର ଯୁଦ୍ଧର ଦୃଶ୍ୟ ଉପଭୋଗ କରୁଥିଲେ। ଜଣେ ଅନ୍ୟଜଣେ ଯୋଦ୍ଧାକୁ ପରାସ୍ତ କରିବା ତଥା ତାକୁ ମୃତ୍ୟୁର ଆରପାରିକୁ ପଠାଇବାର ଦୃଶ୍ୟକୁ ଆଖି ସାମ୍ନାରେ ଦେଖି ସେମାନେ ଖୁସିରେ ଆତ୍ମହରା ହେଉଥିଲେ। ଆଜି ବି କେହି ମଲ୍ଲଯୋଦ୍ଧା ଲହୁଲୁହାଣ ହୋଇ ପରାସ୍ତ ତଥା ସଂଜ୍ଞାହୀନ ଅବସ୍ଥା ପ୍ରାପ୍ତ ହେଲେ ଦର୍ଶକମାନଙ୍କର ଉତ୍ସାହ କାହିଁରେ କେତେ ବଢ଼ିଯାଏ। ଆଜି ମଧ୍ୟ କୌଣସି ମେଳା ମହୋତ୍ସବରେ କୁକୁଡ଼ା ତଥା ଅନ୍ୟ ପକ୍ଷୀମାନଙ୍କ ଗୋଡ଼ରେ ଛୁରି ବାନ୍ଧି ସେମାନଙ୍କୁ ପରସ୍ପର ମଧ୍ୟରେ ଲଢ଼ାଉଥିବାର ଦୃଶ୍ୟ ଏବଂ ଗୋଟିଏ କୁକୁଡ଼ାର ଗୋଡ଼ରେ ବନ୍ଧାହୋଇଥିବା ଛୁରି ଦ୍ୱାରା ଅନ୍ୟଟିର ଜୀବନ ଯିବାର ଦୃଶ୍ୟ ଦେଖି ଦର୍ଶକ ଆମୋଦିତ ହେବା ଦେଖାଯାଏ।

କୌଣସି କାରଣରୁ ଆମେ ଯାହାକୁ ଶତ୍ରୁ ବୋଲି ଭାବୁ, ତା'ର କୌଣସି ପ୍ରକାର ଦୁଃଖ ଆମ ସୁଖର କାରଣ ହୋଇଯାଏ। ଆମ ବନ୍ଧୁ କେବେ କିଛି ଦୁଃଖ ନ ପାଉ ଏହା ଆମେ ଆଶା କରୁ। ଆମର ଦୁଃଖ ଦେଖି ଖୁସି ହେଉଥିବା ଲୋକଟି ଆମ ନଜରରେ ଗୋଟିଏ ଦୁଷ୍ଟପ୍ରାଣୀ ହିସାବରେ ଆମ ଆଗରେ ଠିଆହୁଏ। ଠିକ୍ ସେହି ସମୟରେ ସେହି ଲୋକଟିର କାର୍ଯ୍ୟକଳାପ ଈଶ୍ୱରଙ୍କ ଦ୍ୱାରା ବିଚାରିତ ହୋଇ ତା'ର ଫଳାଫଳ ଧାର୍ଯ୍ୟ ହେଉଥାଏ, ଏହି କଥାଟି ଆମେ ଭାବି ପାରୁନା। ଆମେ ତା' ପ୍ରତି କ୍ରୁଦ୍ଧହୋଇ ଅଭିଶାପ ବର୍ଷଣ କରୁ। ନଚେତ୍ ତାକୁ ଆକ୍ରମଣ କରିବାକୁ ଚେଷ୍ଟା କରୁ। ତା'ର କୌଣସି ପ୍ରକାର କ୍ଷତି କରିବାକୁ ଚେଷ୍ଟା କରୁ। କିନ୍ତୁ ଆମର ଅଭିଶାପ ଅଥବା କ୍ଷତି କରିବାର ଚେଷ୍ଟାରେ କିଛି ଫଳ ନ ଥାଏ। ତା'ର ସାମଗ୍ରିକ କାର୍ଯ୍ୟକଳାପର ଫଳାଫଳ ତାକୁ ନିଶ୍ଚୟ ପ୍ରାପ୍ତ ହୁଏ। ଆମେ ତା'ର କ୍ଷତି ଚିନ୍ତା କରୁଥିବା ବେଳେ ଯଦି ତା'ର କୌଣସି ଉନ୍ନତି ପରିଲକ୍ଷିତ ହୁଏ ତେବେ ଆମେ ସେଥିପାଇଁ ଈଶ୍ୱରଙ୍କୁ ଦୋଷ ଦେଉ, ନଚେତ୍ ନିଜ ଭାଗ୍ୟକୁ ନିନ୍ଦୁ। ଆଉ ଯଦି ସତକୁ ସତ ତା'ର କୌଣସି କ୍ଷତି ହୋଇଯାଏ, ତେବେ ଆମେ ଆମର ଅଭିଶାପ ତା' ଉପରେ ପଡ଼ିଲା ବୋଲି ବିଚାରି ନିଜକୁ ଜଣେ ସିଦ୍ଧପୁରୁଷ ବୋଲି ଭାବିନେଉ। କିନ୍ତୁ ସେପରି ଭାବନାରେ କିଛି ବାସ୍ତବିକତା ନ ଥାଏ।

ସତ କହିବାକୁ ଗଲେ କାହାରିକୁ ଦୁଃଖ ଅଥବା ସୁଖ ଦେବା ଅନ୍ୟ କାହାରି ହାତରେ ନ ଥାଏ। ବିଭିନ୍ନ କିସମର ସୁଖ ଓ ଦୁଃଖ ମଧ୍ୟରୁ କେଉଁ କର୍ମର ଫଳସ୍ୱରୂପ କେଉଁ ପ୍ରାଣୀକୁ କେତେବେଳେ କିପରି ଭାବରେ କେଉଁ କିସମର ସୁଖ ଅଥବା ଦୁଃଖ କେତେ ପରିମାଣର ଦିଆଯିବ, ତା'ର ଏକ ସୁନ୍ଦର ଖସଡ଼ା ତିଆରି ହୁଏ ଅଦୃଶ୍ୟରେ। ତା'ର ପତ୍ତା କାହାରିକୁ ନ ଥାଏ। କର୍ମଫଳକୁ ଭୋଗ କରିବା ଅନିବାର୍ଯ୍ୟ। ତାକୁ ଏଡ଼ାଇଯିବା କଦାପି ସମ୍ଭବ ନୁହେଁ। କର୍ମ ଏବଂ ତା'ର ଫଳକୁ ଭୋଗ କରିବାରେ ବିଚାରଗତ ତାରତମ୍ୟ କଦାପି ରହେନାହିଁ। ତା'ର ମାପଚୁପ ସମାନ ଏବଂ ବିଚାର ନିତାନ୍ତ ନ୍ୟାୟସଙ୍ଗତ। କେହି ପ୍ରାଣୀ ତା' ବିଚାରରେ କର୍ମର ସେହି ଫଳକୁ କମ୍ ଅଥବା ବେଶି ବୋଲି ମନେକଲା, ସେଥିରେ କିଛି ଯାଏଆସ ନାହିଁ। ସେ ବିଚାର ସର୍ବୋତ୍ତମ ଏବଂ ଅବଧାରଣୀୟ। ତାହା ହିଁ ସୁପ୍ରିମକୋର୍ଟ। ତେଣୁ ସେହି ନ୍ୟାୟକୁ ଚାଲେଞ୍ଜ କରି କୌଣସି ଉପରିସ୍ଥ କୋର୍ଟକୁ ଯିବାର ଅବକାଶ ଅଥବା ଉପାୟ ନ ଥାଏ।

ଦଶରଥପୁର, ଯାଜପୁର
ମୋ: ୯୪୩୮୩୨୮୭୫୫

## ଏଇ ଭାରତରେ

୧୨ ହଜାର ଫୁଟରୁ ଅଧିକ ଉଚ୍ଚରେ ଥିବା ଏକ ହ୍ରଦର ପୁନରୁଦ୍ଧାର କରିବା ସହ ପ୍ରତିଦିନ ଏହାକୁ ସଫା କରିବାରେ ଉଦାହରଣ ସୃଷ୍ଟି କରିଛନ୍ତି ସିକିମ୍‌ର ସଞ୍ଜା ଲାମ୍ଵା। ଟୁରିଷ୍ଟମାନଙ୍କୁ ଗାଇଡ୍ କରିବା ସହ ସେ ଏହି କାର୍ଯ୍ୟ କରିଥାନ୍ତି। ସଞ୍ଜାଙ୍କ ବୟସ ୩୭। ସେ ଓ ତାଙ୍କ ଟିମ୍ ଟସୋମଗୋ ହ୍ରଦରୁ ୨୦ ଟ୍ରକ୍ ବର୍ଜ୍ୟ ସଫା କରିବାରେ ସକ୍ଷମ ହୋଇଛନ୍ତି। ସଞ୍ଜା ୨୦୦୮ରୁ ଟସୋମଗୋ ପୁଖରି ସଂରକ୍ଷଣ ସମିତିରେ କାର୍ଯ୍ୟ କରୁଛନ୍ତି। ୧୨,୪୦୬ ଫୁଟ ଉଚ୍ଚରେ ତଥା ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଭାବେ ଜଣାଶୁଣା ଟସୋମଗୋ ହ୍ରଦ ପାଖରେ ବି ଏକ ଓ୍ୱେଷ୍ଟ ଟ୍ରିଟ୍‌ମେଣ୍ଟ ଓ ରିସାଇକ୍ଲିଂ ୟୁନିଟ୍ ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ବର୍ଜ୍ୟର ପୁନଃ ଉପଯୋଗ କରାଯାଇପାରୁଛି। ଟସୋମଗୋ ହ୍ରଦର ଲମ୍ବ ୧.୫ କି.ମି. ଏବଂ ଚଉଡ଼ା ୫୦୦ମିଟର। ଗ୍ୟାଙ୍ଗଟକଠାରୁ ୪୦କି.ମି. ଦୂରରେ ଥିବା ଏହି ହ୍ରଦ ଉପରେ ପାଖାପାଖି ୩୦୦ ପରିବାର ନିର୍ଭର କରନ୍ତି। ଏଣୁ ସଞ୍ଜା ଲାମ୍ବାଙ୍କ ପ୍ରୟାସ ଯୋଗୁ ଲୋକମାନେ ବି ଉପକୃତ ହେଉଛନ୍ତି। ପ୍ରତିଦିନ ସକାଳ ୮ଟା ଓ ଅପରାହ୍ନ ୪ଟାରେ ବର୍ଜ୍ୟ ସଂଗ୍ରହ କରାଯାଏ। ବର୍ଜ୍ୟ ସ୍ଥାନାନ୍ତର ପାଇଁ ଆବଶ୍ୟକ ଖର୍ଚ୍ଚ ସେ ଟୁରିଷ୍ଟମାନଙ୍କଠାରୁ ପାଇଥାଆନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଏପ୍ରିଲ ୧୯୯୬

- ଅନ୍ତର୍ଜାତୀୟ ନିରୀକ୍ଷକ ଦଳକୁ ସନ୍ଦିଗ୍ଧ ରସାୟନ ଅସ୍ତ୍ର ପ୍ରକଳ୍ପ ନିରୀକ୍ଷଣ କରିବା ନେଇ ଲିବ୍ୟା ପକ୍ଷରୁ ସର୍ତ୍ତମୂଳକ ଅନୁମତି ପ୍ରଦାନ।
- କାବେରୀ ଟ୍ରିବ୍ୟୁନାଲ ତାହାର ଅନ୍ତରୀଣ ଆଦେଶକୁ ଅନ୍ୟୂନ ୩ ମାସ ସ୍ଥଗିତ ରଖିବାକୁ କର୍ଣ୍ଣାଟକ ସରକାର କରିଥିବା ଆବେଦନକୁ କାବେରୀ ଜଳ ବିବାଦ ଟ୍ରିବ୍ୟୁନାଲ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।
- ବୟୋଜ୍ୟେଷ୍ଠ ପ୍ରବୀଣ ସାମ୍ବାଦିକ ନଗେନ ବେଉରିଆଙ୍କ ୬୪ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଘୋଷଣା ପାଣିର ଗାର

ମହାଶୟ,

ବିଗତ ଦିନମାନଙ୍କରେ ସରକାର ଅନେକ ନଭଶ୍ଚୁମ୍ବି ଯୋଜନା ଘୋଷଣା କରିଛନ୍ତି। ଜଙ୍ଗଲ ପରିବେଶ ନାଁରେ କେନ୍ଦ୍ର ସରକାର ଦେଉଥିବା ଅର୍ଥରେ ମନ୍ତ୍ରୀ ଯନ୍ତ୍ରୀଠାରୁ ଆରମ୍ଭ କରି ଛୋଟ କର୍ମଚାରୀ ଲାଲେଲାଲ। କେବଳ କାଗଜ କଲମରେ ଲକ୍ଷ ଲକ୍ଷ ଗଛ ଲାଗୁଛି, ହଜାର ହଜାର ପୋଖରୀ ଖୋଳା ହେଉଛି। ଜଙ୍ଗଲ ବିଭାଗର ମହାକେଳେଙ୍କାରୀ ଖବର ସାଧାରଣ ଲୋକଟିକୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ସାଧାରଣ ଲୋକମାନଙ୍କ ପଇସାରେ ନେତା ଏବଂ ଅଧିକାରୀମାନେ କିଭଳି ମଉଜ କରୁଛନ୍ତି ଏହାକୁ ପ୍ରମାଣିତ କରିଛି। କିଛିଦିନ ତଳେ ସରକାର ନଦୀ ଶଯ୍ୟାରେ ବ୍ୟାପକ ବୃକ୍ଷରୋପଣ କରିବେ ବୋଲି ଘୋଷଣା କରିଥିଲେ। ଦୁଃଖର କଥା ଗତବର୍ଷ ଯାଇ ପୁଣି କିଛିଦିନ ପରେ ବର୍ଷାଦିନ ହେବ, ଲୋକମାନେ କେବଳ ଦେଖିବା ବାକି ରହିଛି। ଶିମିଳିପାଳରେ ହଜାର ହଜାର ଗଛ ଜଳି ପାଉଁଶ ହୋଇଯାଇଥିବା ବେଳେ, ଜଙ୍ଗଲ ଅଧିକାରୀ ଏହାକୁ ହାଲକା ଭାବରେ ଗ୍ରହଣ କରି କହିଛନ୍ତି ଯେ, କିଛି ଶୁଖିଲା ଘାସ ଜଳିଯାଇଛି। ଏହା ଅତ୍ୟନ୍ତ ଦୁଃଖର କଥା। ସରକାରଙ୍କୁ ନିବେଦନ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା, ଅନ୍ୟଥା ଆଗାମୀ ଦିନରେ ନେଡ଼ି ଗୁଡ଼ କହୁଣିକୁ ବୋହିଯିବ।

—ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଚିରନ୍ତନୀ

ପଥହୀନ ଅନ୍ଧକାରେ ଏକା ସେହି
ଆଲୋକ ପ୍ରତ୍ୟକ୍ଷ
ସକଳ ବିଶ୍ୱର ଯେହୁ ଏକମାତ୍ର
ଚିରନ୍ତନ ଲକ୍ଷ୍ୟ।
(ପ୍ରାଚୀନ ଓ ନବୀନ)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୧୭ ଏପ୍ରିଲ୍, ୨୦୨୧

**ଅଜିତଙ୍କ ପରିବାର ଲୋକଙ୍କ ସହ କଥା ହେଲେ ରାହୁଲ**

ଭୁବନେଶ୍ୱର,(ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର କଂଗ୍ରେସ ନେତା ସ୍ୱର୍ଗତ ଅଜିତ ମଙ୍ଗରାଜଙ୍କ ପରିବାର ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ରାହୁଲ ଅଜିତଙ୍କ ଧର୍ମପତ୍ନୀ ବନ୍ଦନା ମଙ୍ଗରାଜ ଏବଂ ଦୁଇ ପୁଅ ଅଭିଳାଷ ଓ ଆଶୁତୋଷଙ୍କ ସହ କଥା ହୋଇଥିବା ଜଣାପଡିଛି। ଅଜିତଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଏଭଳି ସଙ୍କଟ ସମୟରେ କଂଗ୍ରେସ ଦଳ ତାଙ୍କ ପରିବାର ସହିତ ଛିଡା ହୋଇଛି ଏବଂ ଆଗକୁ ରହିବ ବୋଲି ସେ କହିଛନ୍ତି। ଶୋକସନ୍ତପ୍ତ ପରିବାର ସଦସ୍ୟ ଏବଂ ତାଙ୍କ ଶୁଭେଚ୍ଛୁମାନଙ୍କୁ ରାହୁଲ ଗଭୀର ସମବେଦନା ଜମାଇଛନ୍ତି।



# ରାଜସ୍ୱ ଆଦାୟ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

## ବଢ଼ିଛି ୨୦ ପ୍ରତିଶତ

ଭୁବନେଶ୍ୱର,୧୬।୪(ବ୍ୟୁରୋ)



ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭିଡିଓ କନ୍‌ଫରେନ୍ସରେ ରାଜସ୍ୱ ବୃଦ୍ଧି ଉପରେ ଆଲୋଚନା କରୁଛନ୍ତି।

କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ରାଜ୍ୟରେ ରାଜସ୍ୱ ସଂଗ୍ରହରେ ବୃଦ୍ଧି ଘଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୨୦୧୯-୨୦ ତୁଳନାରେ ୨୦ ପ୍ରତିଶତ ରାଜସ୍ୱ ବୃଦ୍ଧି ପାଇଛି। ୨୦୨୦-୨୧ରେ ରାଜସ୍ୱ ଆଦାୟ ୫୬,୩୬୩ କୋଟି ଟଙ୍କା ହୋଇଛି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ରାଜ୍ୟର ରାଜସ୍ୱ ଆଦାୟ ସମ୍ପର୍କରେ ଏହି ସୂଚନା ଦେଇଥିଲେ। ୨୦୨୧-୨୨ ଆର୍ଥିକବର୍ଷ ଲାଗି ଗତବର୍ଷ ତୁଳନାରେ ୧୫% ଅଧିକ ରାଜସ୍ୱ ସଂଗ୍ରହ କରିବାକୁ ମୁଖ୍ୟ ଶାସନ ସଚିବ ଟାର୍ଗେଟ ଦେଇଛନ୍ତି। ସେଥିରୁ ଚଳିତ ଆର୍ଥିକବର୍ଷରେ ନିଜସ୍ୱ ଟିକସ ବାବଦରେ ୪୦ ହଜାର କୋଟି ଏବଂ ଅଣ ଟିକସରୁ ୨୧ ହଜାର ୫୦୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଚଳିତ ବଜେଟରେ ନିଜସ୍ୱ ଟିକସ ଆଦାୟ ୩୭,୫୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଅଣ ଟିକସ ବାବଦରେ ୨୦ ହଜାର କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ସାମାଜିକ ସୁରକ୍ଷା, ପୁଞ୍ଜି ବିନିଯୋଗ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ଅଧିକ ରାଜସ୍ୱର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଅର୍ଥ ବିଭାଗ ସଚିବ ମୀନା କହିଛନ୍ତି ଯେ ୫-ଟି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ୯୫% ଟିକସ ଇଲେକ୍ଟ୍ରୋନିକ ମୋଡ୍ ଜରିଆରେ ସଂଗ୍ରହ କରାଯାଉଛି। ଏହା ଟିକସଦାତାଙ୍କ ପାଇଁ ସହଜ ହେଉଛି। ରାଜସ୍ୱ ସଂଗ୍ରହ ଉପରେ ଧ୍ୟାନଦେବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଥିବା ଜଳ କର ଏବଂ ବିଦ୍ୟୁତ୍ ଶୁଳ୍କ ବକେୟାକୁ ଆପୋସ ବୁଝାମଣା ଏବଂ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଖାଦ୍ୟ ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା, ଇସ୍ପାତ ଓ ଖଣି ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମଧୁସୂଦନ ପାଢ଼ୀ ଏବଂ ରାଜସ୍ୱ ବିଭାଗ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ସଚିବ ପ୍ରମୁଖ ଯୋଗ ଦେଇଥିଲେ।

## ଛତିଶଗଡ଼ରୁ ଆସୁଥିବା ଟ୍ରେନ୍ ୧୫ଦିନ ବନ୍ଦ କରାଯାଉ

### ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମୁଖ୍ୟ ଶାସନ ସଚିବଙ୍କ ଚିଠି

ଭୁବନେଶ୍ୱର, ୧୬।୪(ବ୍ୟୁରୋ): ପଡ଼ୋଶୀ ଛତିଶଗଡ଼ରୁ କୋଭିଡ୍ ସଂକ୍ରମଣ ବହୁମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଛତିଶଗଡ଼ରୁ ଓଡିଶାକୁ ଟ୍ରେନ୍ ନିୟମିତ ଯାତାୟାତ ଫଳରେ ଓଡିଶାର ସୀମାବର୍ତ୍ତୀ ଜିଲାଗୁଡିକରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାର ଲକ୍ଷ୍ୟ କରାଯାଉଛି। ଓଡ଼ିଶାରେ ଏହି ମହାମାରୀ ସଂକ୍ରମଣ ରୋକିବା ନିମନ୍ତେ ଛତିଶଗଡ଼ରୁ ଆସୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକୁ ଅତି କମ୍‌ରେ ୧୫ଦିନ ପର୍ଯ୍ୟନ୍ତ ବନ୍ଦ କରିବାକୁ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିଥିବା ଜଣାପଡ଼ିଛି। ସୂଚନା ମୁତାବକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଶାସନ ସଚିବଙ୍କୁ ଚିଠି ଲେଖି ଏହି ଅନୁରୋଧ କରିଛନ୍ତି। ବର୍ତ୍ତମାନ ସମୟରେ ଛତିଶଗଡ଼ରୁ ଓଡ଼ିଶାକୁ ପ୍ରାୟ ୧୮ଟି ସ୍ୱତନ୍ତ୍ର ଟ୍ରେନ ଯାତାୟତ କରୁଛି।

# ୩ ହଜାର ଟପିଲା ଦୈନିକ ସଂକ୍ରମଣ

- ୩,୧୦୮ ଚିହ୍ନଟ, ୩ ମୃତ
- ଖୋର୍ଦ୍ଧା ଜିଲାରେ ସର୍ବାଧିକ ଆକ୍ରାନ୍ତ
- ଟିକା ପାଇଁ ପୁଣି ଚିଠି ଲେଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୪(ବ୍ୟୁରୋ)



ରାଜ୍ୟରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବାବେଳେ ଦୈନିକ ସଂକ୍ରମଣ ତିନି ହଜାର ଟପିଯାଇଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୩,୧୦୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧,୮୦୬ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରିଥିବାବେଳେ ୧,୩୦୨ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ୫ଶହ ଟପିଛି। ଏହି ଜିଲାରୁ ୫୩୪ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୫୨୩, କଟକ ୧୬୩, ନବରଙ୍ଗପୁର ୧୫୬, ସମ୍ବଲପୁର ୧୫୩, ବାଲେଶ୍ୱର ୧୫୧, ନୂଆପଡ଼ା ୧୪୦, ବଲାଙ୍ଗୀର ୧୩୩, ବରଗଡ଼ ୧୩୨, ପୁରୀ ୧୧୪, କେନ୍ଦୁଝର ୧୦୫ ଓ ଅନ୍ୟସବୁ ଜିଲାରୁ ଏହାଠାରୁ କମ୍ ନୂଆ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୬୧,୪୫୦ରେ ପହଞ୍ଚିଛି। ସେପଟେ ସକ୍ରିୟ ରୋଗୀ ସଂଖ୍ୟାରେ ଦୁଇଟି ଜିଲା ଖୋର୍ଦ୍ଧା ଓ ସୁନ୍ଦରଗଡ଼ ରେଡ୍ ଜୋନ୍‌ରେ ଥିବାବେଳେ ୯ଟି ଜିଲା ୟେଲୋ ଜୋନ୍‌ରେ ରହିଛି। ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୩,୨୯୫ଜଣ ସକ୍ରିୟ ରୋଗୀ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ରାଜ୍ୟରେ ଆଉ ୩ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରୁ ବଲାଙ୍ଗୀର, ଗଞ୍ଜାମ ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୩୮କୁ ବୃଦ୍ଧି ପାଇଛି।

ଏପଟେ ଟିକା ଅଭାବ ଯୋଗୁ ରାଜ୍ୟରେ ଏବେ ଟିକାକରଣ ବାଧାପ୍ରାପ୍ତ ହେଉଛି। ଶୁକ୍ରବାର ମଧ୍ୟ କମ୍ ଅର୍ଥାତ୍ ୯୧,୧୯୫ ଟିକାକରଣ ହୋଇଛି। ଏଥିମଧ୍ୟରେ ୮୨,୨୬୫ କୋଭିଶିଲ୍ଡ ଓ ୮,୯୩୦ ଡୋଜ୍ କୋଭାକ୍ସିନ ରହିଛି। ତେଣୁ ଟିକା ଯୋଗାଇ ଦେବାକୁ ପୁଣି କେନ୍ଦ୍ରକୁ ଚିଠି ଲେଖିଛନ୍ତି ରାଜ୍ୟ ସରକାର। ଆସନ୍ତା ୧୦ଦିନ ପାଇଁ ୨୫ଲକ୍ଷ ଡୋଜ୍ ଟିକା ଯୋଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଚିଠି ଲେଖି ଅନୁରୋଧ କରିଛନ୍ତି। ରାଜ୍ୟରେ ଦୈନିକ ୩ଲକ୍ଷ ଟିକାକରଣ କ୍ଷମତା ଥିବାବେଳେ କେନ୍ଦ୍ର ସରକାର ଓଡ଼ିଶାକୁ ମାତ୍ର ୨ରୁ ୩ଲକ୍ଷ ଡୋଜ୍ ଟିକା ଦେଉଛନ୍ତି। ଶୁକ୍ରବାର ଟିକା ଅଭାବ ଯୋଗୁ ୧୫୦୦ ଟିକାକରଣ କେନ୍ଦ୍ରରୁ ୭୪୬ଟି କେନ୍ଦ୍ରରେ ଟିକାକରଣ ହୋଇଥିଲା। ତେଣୁ ଯଥାଶୀଘ୍ର ଟିକା ଯୋଗାଇବା ପାଇଁ ନବ ଦାସ ଅନୁରୋଧ କରିଛନ୍ତି।










# ୧୦ ଲକ୍ଷ ଦେବେ ମୁଖ୍ୟମନ୍ତ୍ରୀ

### କଟକ ସ୍ୱରେଜ ଦୁର୍ଘଟଣା ପ୍ରସଙ୍ଗରେ ୨ ଅଧିକାରୀଙ୍କୁ ବଦଳି, ୨ଜଣଙ୍କ ନାମରେ ମାମଲା

ଭୁବନେଶ୍ୱର, ୧୬।୪(ବ୍ୟୁରୋ): କଟକ ସେକ୍ଟର-୧୦ ଅଞ୍ଚଳରେ ଗତ ଗୁରୁବାର ସ୍ୱେରେଜ ସଫେଇ ବେଳେ ଶ୍ୱାସରୁଦ୍ଧ ହୋଇ ୨ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟଜଣେ ଗୁରୁତର ହୋଇଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଶୁକ୍ରବାର ପିଏଚ୍‌ଇଓର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ୱାଟ୍‌କୋ ଜିଏମ୍ ସୁଶାନ୍ତ ଘଡ଼େଇ, ୱାଟ୍‌କୋ ଏସ୍‌ଡିଓ ତଥା ଜିଏମ୍ ସୁବାସ ରାଉତଙ୍କୁ ବଦଳି କରି ଦିଆଯାଇଛି। କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୋତ କୁମାର ସାହୁଙ୍କୁ ନିଲମ୍ବିତ କରାଯାଇଛି। ଯନ୍ତ୍ରୀ ପ୍ରଦ୍ୟୋତ ଏବଂ ସର୍ଭିସ ପ୍ରୋଭାଇଡର ଦୀପକ ନାୟକଙ୍କ ବିରୋଧରେ ସିଏମ୍‌ସି ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ସେମାନଙ୍କ ଆତ୍ମୀୟଙ୍କ ଲାଗି ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହାସହ ଚିକିତ୍ସାଧୀନ ଥିବା ଡି. ଶିବାଙ୍କ ଲାଗି ୨ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ସ୍ୱେରେଜ ସଫେଇ ବେଳେ ଶ୍ୱାସରୁଦ୍ଧ ହୋଇ କଟକ ମେରିଆ ବଜାର ମକରାବାଗ୍ ସାହିର ପି. ଶଙ୍କର (୨୩), ବଡମ୍ବା ଅଞ୍ଚଳର ବିଷ୍ଣୁ ନାୟକ (୨୨)ଙ୍କ ମୃତ୍ୟୁ ଘଟିଥିଲା। ମକରାବାଗ୍ ସାହିର ଡି. ଶିବା ଗୁରୁତର ହୋଇଥିଲେ।

# ଚୂନମାଟି ତଳେ ଚାପିହୋଇ ୩ ମୃତ

- ମାଟି ସଂଗ୍ରହ ପାଇଁ ଯାଇଥିଲେ ୧୧ ମହିଳା
- ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ଲକ୍ଷ ଲେଖାଏ ସହାୟତା ଘୋଷଣା

ପଟ୍ଟାଙ୍ଗୀ,୧୬।୪(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକରେ ଶୁକ୍ରବାର ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ଗୁନ୍ଥା ପାହାଡ଼ ନିକଟରେ ମାଟି ଧସି ୩ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅନ୍ୟପଟେ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସେମାନଙ୍କ ସମ୍ପର୍କୀୟଙ୍କ ଲାଗି ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ଗୁରୁତରଙ୍କ ଦେୟମୁକ୍ତ ଚିକିତ୍ସା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରାଲେଗଡ଼ା ପଞ୍ଚାୟତ ଅନ୍ତର୍ଗତ ମିରିଆଲପାଡୁର ୧୧ ଜଣ ମହିଳା ଗ୍ରାମଠାରୁ ୨୫ କି.ମି. ଦୂରରେ ଅବସ୍ଥିତ ପଟ୍ଟାଙ୍ଗୀ ବ୍ଲକ ରେଙ୍ଗା ପଞ୍ଚାୟତର ପଡ଼ାଗୁଡ଼ା ଗ୍ରାମ ନିକଟସ୍ଥ ଗୁନ୍ଥା ପାହାଡ଼କୁ ଚୂନମାଟି ସଂଗ୍ରହ କରିବାକୁ ଯାଇଥିଲେ। ମାଟି ଖୋଳୁଥିବାବେଳେ ହଠାତ୍ ଏକ ବିରାଟକାୟ ଅତଡ଼ା ଖସି ପଡ଼ିଥିଲା। ଏଥିରେ ଚାପି ହୋଇ ରହିଯାଇଥିଲେ ରାମୁଲୁ ଆମ୍ମା ମୁସୁରି (୩୮), ତାଙ୍କ ଝିଅ ଦେବୀ ମୁସୁରି (୧୭), ମୁତୁଲା କଟା (୩୩)। ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ଆପାଲୁ କଟାଙ୍କ ସ୍ତ୍ରୀ ମୁତୁଲ କଟା (୩୨) ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ମହିଳାମାନେ ସମ୍ପୃକ୍ତ ୪ ଜଣଙ୍କୁ ମାଟି ତଳୁ ବାହାର କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ମୁତୁଲଙ୍କୁ ପଟ୍ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।



ଦୁର୍ଘଟଣାସ୍ଥଳରେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା ଏବଂ ରାଲେଗଡ଼ା ସରପଞ୍ଚ ତ୍ରିନାଥ କଟା।

ସୂଚନା ପାଇ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା ଏବଂ ରାଲେଗଡ଼ା ସରପଞ୍ଚ ତ୍ରିନାଥ କଟା ପ୍ରମୁଖ ପହଞ୍ଚିଥିଲେ। ଥାନା ଅଧିକାରୀ କୈବଲ୍ୟ ସେଠ ସଦଳବଳ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ମୃତା ମହିଳାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରାଯାଇଛି। କଂଗ୍ରେସ ନେତା ଗୋବିନ୍ଦ ଖରା ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ହରିପଦ ମଣ୍ଡଳ କୁହନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆସିବା ପରେ ମୃତ ମହିଳାଙ୍କ ପରିବାରଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-BBS-Colony-139-21

କାର୍ଯ୍ୟର ନାମ : 02 ବର୍ଷ ସମୟାବଧି ନିମନ୍ତେ ଭୁବନେଶ୍ୱର ରେଳବାଇ କଲୋନୀର ଦୈନିକ ସଫେଇ ଏବଂ ଝାଡୁ ମାରିବା ତଥା ଆବର୍ଜନା ନିଷ୍କାସନ ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 64,25,660.02,
ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-,
ଶେଷ ହେବା ଅବଧି : 730 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.21.04.2021ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.05.2021 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ସିନିୟର୍ ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧାରୋଡ଼
PR-30/M/21-22

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

(୧) ଇ-ଟେଣ୍ଡର ନଂ.: ସିନିୟର ଡିଇଇ-ଜି-ଆର୍-ଓଟିପି-୨୧-୨୨-୦୧, ତାରିଖ: ୦୮।୦୪।୨୦୨୧। କାର୍ଯ୍ୟ: କାର୍ଯ୍ୟର ବୈଦ୍ୟୁତିକ (ଜି) ଅଂଶ- "ଆର୍‌ଓଏଚ୍, ଡିପୋ/ପିପି ୟାର୍ଡ ଭିଲାଇର ମେଶିନ ଶପ୍‌ରେ ସିଏନ୍‌ସି ସର୍ଫେସ୍ ହ୍ୱିଲ୍ ଲେଦ୍ ବ୍ରଡ୍ ଗେଜ୍ ସ୍ଥାପନ କରିବା ।" ଟେଣ୍ଡର ମୂଲ୍ୟ: ₹୨୪,୫୯,୦୯୭.୦୦ । ଅମାନତ ଜମା ରାଶି: ଶୂନ୍ୟ । ଟେଣ୍ଡର ଦାଖଲ: ତା୧୨।୦୫।୨୦୨୧ରିଖ ୧୧.୪୫ ଘଟିକା ପର୍ଯ୍ୟନ୍ତ ।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡି.ଇ.ଇ. (ଜି)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ରଦ୍ଦ କରିଦିଆଯିବ ।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ ରାୟପୁର
PR/R/Sr.DEE(G)/IP/04
South East Central Railway @secrail

CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

**ନିଯୁକ୍ତି**
କୌଶଳ ବିକାଶ ଯୋଜନା (PMMKVY) ଅଧିନରେ (SMS JOB) କାର୍ଯ୍ୟ କରିବା ନିମନ୍ତେ ୧୫୨୧ ଯୁବକ/ଯୁବତୀ ଆବଶ୍ୟକ। ଘରେ ରହି ପାର୍ଟ/ଫୁଲ୍ ଟାଇମ୍ କାର୍ଯ୍ୟ କରି ମାସିକ ୨୦,୦୦୦ ରୁ ୬୦,୦୦୦ ସହିତ ମୋବାଇଲ୍ + ଲ୍ୟାପ୍‌ଟପ୍ ମାଗଣା
ହେଲ୍ପଲାଇନ୍: ୯୫୮୨୩୩୯୯୧୯
ହ୍ୱାଟ୍ସଆପ୍: ୭୪୭୯୦୪୦୭୮୨

**APPOINTMENT**
SMS JOB & DATA ENTRY OPERATOR WORK
(ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ)
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile + Laptop + Printer ଉପହାର Free
ଇଚ୍ଛୁକ ପ୍ରାର୍ଥୀ ତୁରନ୍ତ ଆବେଦନ କରନ୍ତୁ ।
09667693638, 09667693639

**ଆବଶ୍ୟକ**
୧. ବଗିଚା କାମ ପାଇଁ ମାଳୀ
୨. ଅଫିସ୍ କାମ ପାଇଁ ଝିଅପିଲା ଆବଶ୍ୟକ। ଘର ସହ 10,000/- ।
ଫୁଲନଖରା, କଟକ
ଯୋଗାଯୋଗ: 8249851363, 8118078023

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

**LEPRA SOCIETY**
Requires one Male and one Female ORWs for Target Intervention (IDU) Project, Bhubaneswar. 8th Standard with Good Knowledge of the Local Community and Local Language for ORWs. Salary: Rs.7,500/- (Per Month) Apply to hrd@leprahealthinaction.in within 7 days. For details visit: www.leprasociety.org

**ରୋଷେୟା ଆବଶ୍ୟକ**
ଭୁବନେଶ୍ୱରରେ ଏକ ଷ୍ଟାର୍ଟଅପ୍ ବୁକ୍ କ୍ୟାଫେ ସହିତ ରେଷ୍ଟୁରାଣ୍ଟ ପାଇଁ Cook/Chef ଆବଶ୍ୟକ ।
ଆକର୍ଷଣୀୟ ଦରମା
ଫୋନ୍: 8328985517, 7358530465

See Career Appointment on every Wednesday & Saturday

**ବୃନ୍ଦାବନ ଓ ଓଁ ଶ୍ରୀଜଗନ୍ନାଥ ଛପନଭୋଗ ଦୁଇଟି ରେଷ୍ଟୁରାଣ୍ଟର**
ପାହାଳ, ଜଗନ୍ନାଥ ମନ୍ଦିର ପାଖ, ଭୁବନେଶ୍ୱରରେ ନିମ୍ନଲିଖିତ ପ୍ରାର୍ଥୀ ଆବଶ୍ୟକ।
୧. ମନ୍ଦିର ରୋଷେୟା- ୨ ଜଣ (ଦରମା- ଟ ୧୫,୦୦୦/-)
୨. ଖାଇବା ସପ୍ଲାଏ ବଏ- ୧୦ ଜଣ (ଦରମା - ଟ ୮୦୦୦/-)
୩. ବାସନ ଉଠାଇବା ଲୋକ- ୨ ଜଣ (ଦରମା- ଟ ୮୦୦୦/-)
୪. ଟିଫିନ୍ ମିସ୍ତ୍ରି- ୨ ଜଣ (ଦରମା- ଟ ୧୩,୦୦୦/-)
ରହିବା ଓ ଖାଇବା ମାଗଣା ।
ଯୋଗାଯୋଗ: Mobile-8599002100

**ଆବଶ୍ୟକ** ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ ମାର୍କେଟିଂ ମ୍ୟାନେଜର, ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଅଫିସର, ପ୍ରୋକୋରମେଣ୍ଟ ଅଫିସର, ଡାଟା ଏଣ୍ଟ୍ରି-କମ୍-ଆକାଉଣ୍ଟାଣ୍ଟ ଓ ଅଟୋ, ଟାଟା ଏସି ବୋଲେରୋ ଗାଡ଼ି ଚଳାଉଥିବା ଅଭିଜ୍ଞତା ଥିବା ଲାଇସେନ୍ସପ୍ରାପ୍ତ ଡ୍ରାଇଭର ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ଠିକଣା: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

# ୨ କୋଟିର ଫେରୋକ୍ରୋମ ଜବତ, ୬ ଗିରଫ



### ଆନ୍ତଃ ରାଜ୍ୟ ର୍‍ୟାକେଟ୍ ଧରାପଡ଼ିଲା

- କଟକର ବିଭିନ୍ନ ସ୍ଥାନରେ ଏସ୍‌ଟିଏଫ୍ ଚଢ଼ାଉ
- କୋଲକାତା, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡକୁ ଲମ୍ବିଛି ଚେର

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଓଡ଼ିଶାରୁ କୋଟି କୋଟି ଟଙ୍କାର ଫେରୋକ୍ରୋମ ଚୋରି କରାଯାଇ ବାହାର ରାଜ୍ୟକୁ ଚାଲାଣ ହେଉଛି। ଏଥିରେ ସମ୍ପୃକ୍ତ ଏକ ଆନ୍ତଃରାଜ୍ୟ ର୍‍ୟାକେଟକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଧରିଛି। କଟକର ଟାଙ୍ଗୀ, ମଙ୍ଗୁଳି ସମେତ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଫେରୋକ୍ରୋମ ଜବତ କରିବା ସହ ୩ ମାମଲା ରୁଜୁ କରି ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଅଜିତ୍ ଗୁପ୍ତା, ସନ୍ତୋଷ କୁମାର ବର୍ମା, ବବଲି ଗୁପ୍ତା, କୁନ୍ଦନ ପଶୱାନ୍, ନନ୍ଦ କିଶୋର ସିଂହ ଏବଂ ରାଧେଶ୍ୟାମ ଗୁପ୍ତା। ସେମାନଙ୍କ ନିକଟରୁ ପ୍ରାୟ ୨୧୪ ଟନ୍‌ର ଚୋରା ଫେରୋକ୍ରୋମ ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨କୋଟି ଟଙ୍କା ହେବ। ସେହିଭଳି ଏହି କାରବାରରେ ବ୍ୟବହୃତ ତିନୋଟି ଟ୍ରକ୍, ଜେନେରେଟର୍ ସେଟ୍, ଇଲେକ୍ଟ୍ରି ସିୟୁଇଙ୍ଗ୍ ମେଶିନ ଆଦି ଜବତ କରାଯାଇଛି। ଏହି ର୍‍ୟାକେଟର ଚେର ଆନ୍ଧ୍ରପଦେଶ, କୋଲକାତା ଓ ଝାଡଖଣ୍ଡକୁ ଲମ୍ବିଥିବା ସେମାନଙ୍କୁ ପଚରାଉଚରାବେଳେ ଜଣାପଡିଛି। ତେବେ ଏହି ର୍‍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ତଦନ୍ତ ଜାରି ରହିଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ବନ୍ଦର ଦେଇ ଦେଶ ବାହାରକୁ ଫେରୋକ୍ରୋମ୍ ରପ୍ତାନୀ କରାଯାଉଛି। ମୁଖ୍ୟତଃ ଜାପାନ, କୋରିଆ ଆଦି ଦେଶକୁ ଓଡ଼ିଶାରୁ ଯାଉଥିବା ଫେରୋକ୍ରୋମକୁ ଟ୍ରକ୍ ମାଧ୍ୟମରେ ବନ୍ଦରରେ ପହଞ୍ଚାଯାଉଛି। ହେଲେ ର୍‍ୟାକେଟରେ ସମ୍ପୃକ୍ତ ଅଭିଯୁକ୍ତମାନେ ଅଧା ରାସ୍ତାରୁ ଟ୍ରକ୍‌ରୁ ଫେରୋକ୍ରମ ଚୋରି କରିନେବା ପରେ ନିଜ ଟ୍ରକ୍‌ରେ ରାଜ୍ୟ ବାହାରକୁ ପଠାଇଥାନ୍ତି। ଏଥିରୁ ବହୁ କୋଟି ଟଙ୍କା ରୋଜଗାର କରିଥାନ୍ତି। କିଛିଦିନ ତଳେ ଏସ୍‌ଟିଏଫ୍ ଏହି ଏହି ର୍‍ୟାକେଟ ସମ୍ପର୍କରେ ଜାଣିବାକୁ ପାଇବା ପରେ ଏହା ଉପରେ ନଜର ରଖିଥିଲା। ଗତ ଦୁଇଦିନ ଧରି ଏସ୍‌ଟିଏଫ୍ ଟିମ୍ କଟକର ଟାଙ୍ଗୀ ଓ ମୁଙ୍ଗୁଳି ଅଞ୍ଚଳରେ ଚଢାଉ ଆରମ୍ଭ କରିଥିଲା।

**Canara Bank** ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ୍, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| କ୍ର. ନଂ. | ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାମାନଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|---|
| ୧. | ବରମୁଣ୍ଡା (୧୭୯୯୫) / ୯୪୩୭୪୭୭୩୯୧ | କୁମାର ନାୟକ / ୭୯୯୫୯୯୧୦୦୦୦୪୩/୦୨.୦୫.୨୦୧୬ | PIGVPL Passenger D3S Auto / OD33 G9598 | ଟ.୩୦,୦୦୦/-/ ଟ.୩,୦୦୦/- |
| ୨. | ବରମୁଣ୍ଡା (୧୭୯୯୫) / ୯୪୩୭୪୭୭୩୯୧ | ଜ୍ୟୋତିରଞ୍ଜନ କର / ୭୯୯୫୭୯୧୦୦୦୦୪୩/୧୨.୧୧.୨୦୧୫ | PIGVPL Passenger D3S Auto / OD33 E7869 | ଟ. ୨୦,୦୦୦/-/ ଟ. ୨,୦୦୦/- |
| ୩. | ବରମୁଣ୍ଡା (୧୭୯୯୫) / ୯୪୩୭୪୭୭୩୯୧ | ସୋଭନ ପାଣି / ୭୯୯୫୭୯୧୦୦୦୦୭୫୮/୨୬.୦୨.୨୦୧୬ | PIGVPL Passenger D3S Auto / OD33 G0212 | ଟ. ୨୦,୦୦୦/-/ ଟ. ୨,୦୦୦/- |
| ୪. | ଚନ୍ଦ୍ରଶେଖରପୁର (୨୮୪୨) / ୭୬୦୫୦୦୯୦୫୫ | ବଳରାମ ସାହୁ / ୨୮୪୨୭୬୮୦୦୦୦୦୬/୦୬.୧୨.୨୦୧୪ | TVS King DSL / OD33 B3507 | ଟ. ୧୫,୦୦୦/-/ ଟ. ୧,୫୦୦/- |
| ୫. | ଚନ୍ଦ୍ରଶେଖରପୁର (୨୮୪୨) / ୭୬୦୫୦୦୯୦୫୫ | ମ୍ରିଣାଳ ଚଢା / ୨୮୪୨୬୦୩୦୦୦୮୮୯/୦୩.୦୭.୨୦୧୩ | Renault Scala / OD02 N2000 | ଟ. ୧,୭୦,୦୦୦/- / ଟ. ୧୭,୦୦୦/- |
| ୬. | ଘାଟିକିଆ (୩୬୭୪) / ୭୬୦୫୦୦୯୦୫୭ | ହର ପ୍ରସାଦ ପଟ୍ଟନାଏକ / ୩୬୭୪୭୪୦୦୦୦୦୦୯/୧୫.୦୭.୨୦୧୬ | Maruti Swift Dezire Tour Diesel / OD02 AD3791 | ଟ. ୨,୦୦,୦୦୦/- / ଟ. ୨୦,୦୦୦/- |
| ୭. | ଆଇଆର୍‌ସି ଭିଲେଜ୍-୧(୩୬୭୫) / ୭୬୦୫୦୦୯୦୫୯ | ନାରାୟଣ ମହାରଣା / ୩୬୭୫୬୦୩୦୦୦୦୨୫/୩୦.୧୨.୨୦୧୬ | TATA Motors Tiago XT 1.2 RTN/ OD05Y2918 | ଟ. ୧,୮୦,୦୦୦/- / ଟ. ୧୮,୦୦୦/- |
| ୮. | ଖୋର୍ଦ୍ଧା - ୨ (୧୮୦୧୯) / ୯୪୩୭୫୫୩୫୧୧ | ମନୋରଞ୍ଜନ ସେଠୀ / ୮୦୧୯୭୯୧୦୦୦୦୩୪୪/୨୪.୦୪.୨୦୧୩ | PVP Ape Auto D3S / OD02 F2031 | ଟ. ୨୦,୦୦୦/-/ ଟ. ୨,୦୦୦/- |
| ୯. | ଖୋର୍ଦ୍ଧା - ୨ (୧୮୦୧୯) / ୯୪୩୭୫୫୩୫୧୧ | ବିଶ୍ୱ କୃଷ୍ଣ ପଟ୍ଟନାଏକ / ୮୦୧୯୭୯୧୦୦୦୦୧୪୭/ ୨୧.୧୨.୨୦୧୧ | Bolero Plus AC 2WD/ OR02 BV1622 | ଟ.୮୦,୦୦୦/-/ ଟ. ୮,୦୦୦/- |
| ୧୦. | ଖୋର୍ଦ୍ଧା - ୨ (୧୮୦୧୯) / ୯୪୩୭୫୫୩୫୧୧ | ଚିତ୍ତରଞ୍ଜନ ସେଠୀ / ୮୦୧୯୭୮୯୦୦୦୦୩୧୨/ ୦୩.୧୦.୨୦୧୧ | PIGVPL Ape City D3S Auto/ OR02 BS5002 | ଟ. ୨୫,୦୦୦/-/ ଟ. ୨,୫୦୦/- |
| ୧୧. | ସାକ୍ଷୀଗୋପାଳ (୧୮୦୧୩) / ୯୪୩୭୪୭୮୫୨୯ | ଶ୍ରୀକାନ୍ତ ମିଶ୍ର / ୮୦୧୩୯୭୯୦୦୦୦୦୧୮/ ୧୯.୧୦.୨୦୧୬ | Maruti Alto 800 LXI / OD02 AE8418 | ଟ. ୧,୦୦,୦୦୦/- / ଟ. ୧୦,୦୦୦/- |

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର ୧୦ ଦିନ ମଧ୍ୟରେ ଅର୍ଥାତ୍ ତା.୨୭.୦୪.୨୦୨୧ରିଖ ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡିକ ତା.୨୮.୦୪.୨୦୨୧ରିଖ ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୨୬.୦୪.୨୦୨୧ରିଖ ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୧୦ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୧୦ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୬.୦୪.୨୦୨୧ — ସ୍ୱା/- ଉପ ମହାପ୍ରବନ୍ଧକ, କାନାରା ବ୍ୟାଙ୍କ

**ଆଣ୍ଟିଜେନ ପରୀକ୍ଷାରୁ ଜଣେ ମହିଳା, ୩ ପୁରୁଷ ପଜିଟିଭ**

ଖୁଣ୍ଟୁଣୀ,(ଡି.ଏନ୍.ଏ.)- ଆଠଗଡର ବିଭିନ୍ନ ଅଞ୍ଚଳରେ କରୋନା କାୟା ବିସ୍ତାର କରି ଚାଲିଥିବା ବେଳେ ଶୁକ୍ରବାର ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨୫ ଜଣଙ୍କ ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଶ୍ରୀ ସିମେଣ୍ଟରେ କାର୍ଯ୍ୟରତ ଜଣେ ଯୁବକ ଓ ଜଣେ ମହିଳା ଶ୍ରମିକଙ୍କର କୋଭିଡ୍ ପଜିଟିଭ ଥିବାବେଳେ ଅନୁରୂପ ଭାବେ ଅଲ୍ଟ୍ରାଟେକ ସିମେଣ୍ଟରେ କାର୍ଯ୍ୟରତ ୨ଶ୍ରମିକଙ୍କର ପଜିଟିଭ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦିଲୀପ ଦାସ ପ୍ରକାଶ କରିଛନ୍ତି। କାରଖାନାଗୁଡିକରେ ଶ୍ରମିକମାନଙ୍କୁ ଉପଯୁକ୍ତ ନିରାପତ୍ତା ପ୍ରଦାନ କରାଯାଉ ନ ଥିବା ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ନ ଥିବାରୁ ସେମାନେ ଅଧିକ ଶିକାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ବିଜୁ ପଟ୍ଟନାୟକ ପାର୍କ, ସକାଳ ୯ଟା।
- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ବିଜୁ ଯୁବକ ଛାତ୍ର ଜନତା କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ରକ୍ତଦାନ ଶିବିର, ଜୟଦେବ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସକାଳ ୯ଟା।

## ୯ ଦିନରେ ୨.୭୦ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

**କଟକ ଅଫିସ, ୧୬।୪**

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଶୁକ୍ରବାର ସ୍ପେଶାଲ ଡ୍ରାଇଭ୍ କରାଯାଇ ୯ ଦିନ ମଧ୍ୟରେ ୨.୭୦ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି। ମାତ୍ର ଏହି ଡ୍ରାଇଭ୍‌ର ନବମ ଦିନରେ ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୭୭୩ ଜଣଙ୍କ ୧ ଲକ୍ଷ ୫୨ ହଜାର ଟଙ୍କା ଓ ମାସ୍କ ପିନ୍ଧି ନଥିବା ୭, ୮୬୧ ଜଣଙ୍କଠାରୁ ୨୫ ଲକ୍ଷ ୬୫ ହଜାର ୦୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ମଦ ଜବତ:୨ ଗିରଫ

ଆଠଗଡ଼,୧୬।୪( ସ୍ୱ.ପ୍ର.) - ଆଠଗଡ଼ରେ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ୩୮ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଆଠଗଡ଼ ଥାନା ବେଣ୍ଟପଦା ଗ୍ରାମର ସୂର୍ଯ୍ୟ କାନ୍ତ ବେହେରା ଓ ଗୋବିନ୍ଦପୁର ଗ୍ରାମର କିରଣ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। । ସେମାନଙ୍କଠାରୁ ୩୮ ଲିଟର ମଦ ଜବତ କରାଯାଇଛି।

### ଡିଜିଟାଲ ପାଠପଢ଼ା ପାଇଁ ଭିତ୍ତିଭୂମି ଅନୁଧ୍ୟାନ

ମାହାଙ୍ଗା/ନିଶ୍ଚିନ୍ତକୋଇଲି,୧୬।୪(ସ୍ୱ.ପ୍ର.): ଜିଲାପାଳ ଭବାନୀ ଶଙ୍କର ଚୟନୀ ଶୁକ୍ରବାର ମାହାଙ୍ଗା ବ୍ଲକ ଝାଡେଶ୍ୱରପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିଦର୍ଶନରେ ଆସି ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ କରିଥିଲେ। ସେ ସ୍ମାର୍ଟ କ୍ଲାସରୁମ୍, ଇ-ପାଠାଗାର ଓ ଡିଜିଟାଲ ପାଠ ପଢ଼ାପାଇଁ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟର ରୂପାନ୍ତରୀକରଣ ପାଇଁ ୩୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ନିହାର ରଞ୍ଜନ ମଲିକଙ୍କ ସମେତ ଜିଲା ଶିକ୍ଷା ଅଧିକାରିଣୀ ସୁସ୍ମିତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା ଓ ପ୍ରଧାନଶିକ୍ଷକ ଚୌଧୁରୀ ରମାକାନ୍ତ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲାପାଳ ଚୟନୀ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସି ସେଠାକାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ନିଶ୍ଚିନ୍ତକୋଇଲି ତହସିଲଦାର ମାନସ ରଞ୍ଜନ ତରାସିଆ, ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ଏବିଇଓ ଲକ୍ଷ୍ମଣ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ଇଶାଣିବରହମପୁର ପଞ୍ଚାୟତସ୍ଥିତ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟକୁ ଯାଇ ସମୀକ୍ଷା କରିଥିଲେ।

### 'ଡାଇନାମିକ୍ସ ଅଫ କରିକୁଲମ ଡେଭଲପମେଣ୍ଟ' ଉନ୍ମୋଚିତ

କଟକ ଅଫିସ,୧୬।୪- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ପୁସ୍ତକ 'ଡାଇନାମିକ୍ସ ଅଫ କରିକୁଲମ ଡେଭଲପମେଣ୍ଟ' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ, ଡ. ପ୍ରଦୀପ୍ତ କୁମାର ମିଶ୍ର ଏବଂ ଡ. କୁଳମଣି ସାହୁ ଏହି ପୁସ୍ତକ ଲେଖିଛନ୍ତି। ଏଥିରେ ଶରତ ସାହୁ, ବିକଳି ଚରଣ ଦାସ, ଅଶୋକ ଦଂଶାନା, ଡ. ଦଧିବାମନ ଟାଲି, ଗୀତାଞ୍ଜଳି ମହାନ୍ତି, ଅଜୟ ମହାନ୍ତି ଉପସ୍ଥିତ ଥିଲେ।

### ୧୩୬ ୟୁନିଟ୍ ରକ୍ତ ସଂଗ୍ରହ

ଆଠଗଡ଼,୧୬।୪( ସ୍ୱ.ପ୍ର.) -ଆଠଗଡ଼ ବିଜେଡି ପକ୍ଷରୁ ବଳରାମପୁରସ୍ଥିତ ସର୍ବେଶ୍ୱର ବିଦ୍ୟାପୀଠରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୧୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ନୃସିଂହଚରଣ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# କଟକଣା ସତ୍ତ୍ୱେ ଭିନ୍ନକ୍ଷମ ଶିବିର ଆୟୋଜନ

**ନିଶ୍ଚିନ୍ତକୋଇଲି, ୧୬।୪**



ଶିବିରରେ ଯୋଗଦେଇଥିବା ଦିବ୍ୟାଙ୍ଗମାନେ ।

ରାଜ୍ୟ ସରକାର ଶୁକ୍ରବାରଠାରୁ କୋଭିଡ୍ କଟକଣା କଡ଼ାକଡ଼ି କରିଛନ୍ତି। ଏହି ସମୟରେ ଜନ ସମାଗମକୁ ସ୍ୱୀକୃତି ନ ଦେବା ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରାଯାଇଛି। ପ୍ରଶାସନ ପକ୍ଷରୁ ଶୁକ୍ରବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ମାତ୍ର ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ଉପରେ ଧ୍ୟାନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଶିବିରରେ ୩୫୮ ଜଣ ଯୋଗ ଦେଇଥିଲେ। ଅସ୍ଥିଶଲ୍ୟ ବିଭାଗର ୧୫୦, ସ୍ନାୟୁ ବିଭାଗରେ ୭, ମାନସିକ ବିଭାଗରେ ୭୦,ଚକ୍ଷୁ ବିଭାଗରେ ୭୨ ଓ ଶ୍ରବଣ ବିଭାଗରେ ୪୦ ଜଣ ଯୋଗଦେଇଥିଲେ। ସେମାନଙ୍କୁ ବିଭାଗୀୟ ଡାକ୍ତର ପରୀକ୍ଷା ନିରୀକ୍ଷା କରି ଭିନ୍ନକ୍ଷମ ଭାବେ ଚିହ୍ନଟ କରିଛନ୍ତି। କାର୍ଯ୍ୟକ୍ରମରେ ୧୫ ଜଣ ଦିବ୍ୟାଙ୍ଗଙ୍କୁ ବସ୍ ପାସ୍, ୨ ଜଣଙ୍କୁ ଟ୍ରାଇସାଇକେଲ, ୩ ଜଣଙ୍କୁ ଶ୍ରବଣ ଯନ୍ତ୍ର, ଜଣଙ୍କ ପାଇଁ ଲୋନ ବ୍ୟବସ୍ଥା କରାଯାଇଥିଲା ବେଳେ ଆଉ ଜଣକୁ ଆୟ ପ୍ରମାଣପତ୍ର ଦିଆଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା, ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବିଡିଓ କର୍ଣ୍ଣଦେବ ସମାଦ୍ଦାର, ଜିପିଓ ଜନ୍ମେଜୟ ରାଉତ, ସମାଜ ମଙ୍ଗଳ ଅଧିକାରିଣୀ ମଧୁସ୍ମିତା ସାହୁ ଓ ଅତିରିକ୍ତ ବିଡିଓ ସୁଶାନ୍ତ ରଣା ପ୍ରମୁଖ ଯୋଗ ଦେଇଥିଲେ। ତେବେ କୋଭିଡ୍ କଟକଣା ଜାରି ହେବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କିଭଳି ଏତେବଡ଼ ଶିବିରର ଆୟୋଜନ କରାଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର କୁହନ୍ତି, କଟକଣା ଜାରି ହେବା ପୂର୍ବରୁ ଶିବିର ନିମନ୍ତେ ଆୟୋଜନ ସରିଯାଇଥିବାରୁ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ମାସ୍କ ବଣ୍ଟନ କରାଯାଇଛି।

- କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ
- ମାସ୍କ ଓ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଇନି

# ଉନ୍ନୟନ କମିଶନରଙ୍କ ୨ ଚିଠି ଗାଏବ

**କଟକ ସଦର,୧୬।୪(ଡି.ଏନ.ଏ.):**

**କଟକ ସଦର ବ୍ଲକ**

ରାଜ୍ୟ ସଭା ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କଟକ ମହାନଗର ନିଗମ(ସିଏମ୍‌ସି) ୫୨ନଂ. ୱାର୍ଡରେ ଏକ ଧାର୍ମିକ ସ୍ଥଳରେ ସଦ୍‌ଭାବନା ଗୃହ ନିର୍ମାଣ କରାଯାଇଥିଲା। ଏହି କାର୍ଯ୍ୟ କଟକ ସଦର ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିଲା। ଏମ୍‌ପି ପାଣ୍ଠି କୌଣସି ପରିସ୍ଥିତିରେ ଧାର୍ମିକ ସ୍ଥଳରେ ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ହେଲେ ଏଠାରେ ଏହି ଗାଇଡ୍‌ଲାଇନ୍ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଉନ୍ନୟନ କମିଶନର ପତ୍ରସଂଖ୍ୟା ୩୦୭/୧୫।୨।୨୦ ଓ ୭୪୫୭/୧୭।୭।୨୦ରେ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ, ବିଡିଓଙ୍କଠାରୁ ସଦ୍‌ଭାବନା ଗୃହ ନିର୍ମାଣ ବାବଦ ଖର୍ଚ୍ଚ କରାଯାଇଥିବା ୩ ଲକ୍ଷ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ଦୁଇଟି ଚିଠି ଗାଏବ ହୋଇଯାଇଥିବା ଜଣାପଡିଛି। ତେଣୁ ଏହି ଚିଠି ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ା ଜାଣି ନ ଥିବା କହିଛନ୍ତି। ଏହାଛଡା କଟକ ଜିଲା ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଏକ ରିମାଇଣ୍ଡର ସଂଖ୍ୟା ୧୧୬୪/୨୧।୮।୨୦ରେ କଟକ ସଦର ବିଡିଓଙ୍କୁ ଦିଆଯାଇ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା। ଏ ସମ୍ପର୍କିତ ଚିଠି ତାଙ୍କ ଦୃଷ୍ଟିକୁ ଅଣାଯାଇ ନ ଥିବା ବିଡିଓ ପରିଡ଼ା କହିଛନ୍ତି।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ପୁସ୍ତକ 'ଡାଇନାମିକ୍ସ ଅଫ କରିକୁଲମ ଡେଭଲପମେଣ୍ଟ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ଭତ୍ତା ନ ପାଇ ହିତାଧିକାରୀ ହତାଶ

**ନିଶ୍ଚିନ୍ତକୋଇଲି, ୧୬।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତର ହିତାଧିକାରୀଙ୍କୁ ଗୁରୁବାର ଭତ୍ତା ପାଇଁ ହଟହଟା ହେବାକୁ ପଡ଼ିଛି। ଏହି ବ୍ଲକ ତହବିଲରେ ଟଙ୍କା ନ ଥିବାରୁ ଏଭଳି ଅସୁବିଧା ହୋଇଛି। ବ୍ଲକରେ ପ୍ରତିମାସର ୧୫ ତାରିଖ ସୁଦ୍ଧା ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ଦିଆଯାଇଥାଏ। ଗୁରୁବାର ଭତ୍ତା ବଣ୍ଟନର ଶେଷ ତାରିଖ ଥିବାରୁ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା କରିବା ସତ୍ତ୍ୱେ ଟଙ୍କା ନ ମିଳିବାରୁ ଫେରିଯିବାକୁ ବାଧ୍ୟ ହୋଇଛନ୍ତି। ଏସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର କୁହନ୍ତି, ବ୍ଲକ ତହବିଲରେ ଟଙ୍କା ନଥିବା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। କଟକ ସଦର ବ୍ଲକରୁ ଟଙ୍କା ଆସିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ସେଠାରୁ ଠିକ୍ ଭତ୍ତା ଟଙ୍କା ନ ମିଳିବାରୁ ଭତ୍ତା ଦିଆଯାଇ ପାରିନାହିଁ। ଆସନ୍ତା ୨୦ ତାରିଖରେ ସମସ୍ତଙ୍କୁ ଭତ୍ତା ପ୍ରଦାନ କରାଯିବ।

## ୫ ବସ୍ତିରେ ଚଢ଼ାଉ, ୧୧ ଗାଡ଼ି ଜବତ

**ଭୁବନେଶ୍ୱର,୧୬।୪(ବ୍ୟୁରୋ):**

ରାଜଧାନୀର ବିଭିନ୍ନ ବସ୍ତିକୁ ଅପରାଧମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ଏହା ଉପରେ ନଜର ରଖିବାକୁ ସମସ୍ତ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନରଙ୍କ ନିର୍ଦ୍ଦେଶ ପରେ ଜୋନ୍-୪ ଏସିପି ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଥାନା ଅଞ୍ଚଳର ୫ଟି ବସ୍ତିରେ ଚଢ଼ାଉ କରି ୧୧ ଗାଡ଼ି ଜବତ କରିଛନ୍ତି। ଗୁରୁବାର ରାତିରେ ଏସିପି ରଜତ ରାୟଙ୍କ ସହ ଆଇଆଇସି ଭରତ ଚରଣ ସାହୁ ଓ ବିଶ୍ୱରଞ୍ଜନ ନାୟକ ହଳଦୀପଡିଆ ବସ୍ତି, ଷ୍ଟେଶନ୍ ପରିସର, ମଧେଇ ଖାଲ, ମହିଷା ଖାଲ ବସ୍ତି ଓ କେନାଲ ବନ୍ଧ ବସ୍ତିରେ ଚଢ଼ାଉ କରି ଏହି ସବୁ ଗାଡ଼ି ଜବତ କରିଛନ୍ତି। ଏହି ଜବତ ଗାଡି ମଧ୍ୟରୁ କିଛି ଚୋରା ଗାଡ଼ି ଥିବା ଜଣାପଡିଛି।

# ମୁକୁଳା ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ ଲାଗିଲା

**କଟକ ଅଫିସ,୧୬।୪**

**ଧରିତ୍ରୀ ପ୍ରଭାବ**

କଟକ ଡଗରପଡା ଷ୍ଟୋନିରୋଡରେ ଥିବା ଦୁଇଟି ଷ୍ଟାଣ୍ଡପୋଷ୍ଟ ଦୀର୍ଘଦିନ ଧରି ମୁକୁଳା ରହିଥିଲା। ଏଥିଯୋଗୁ ପ୍ରତିଦିନ ପାଣି ବହିଯାଉଥିଲା। ଏନେଇ 'ନାଳକୁବହିଯାଉଛି ପିଇବା ପାଣି' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପରେ ବିଭାଗୀୟ କର୍ମଚାରୀମାନେ ଡଗରପଡା ଅଞ୍ଚଳରେ ଥିବା ଦୁଇଟି ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ୍ ଲଗାଇଥିବା ଦେଖିବାକୁ ମିଳିଛି। ଫଳରେ ସେଠାରେ ଜଳ ଅପଚୟକୁ ରୋକାଯାଇପାରିଛି।

ସୂଚନାଥାଉ କି, ସାଢେ ୬ ଲକ୍ଷ ଲୋକ ସଂଖ୍ୟା ବିଶିଷ୍ଟ କଟକ ସହରବାସୀଙ୍କ ପାଇଁ ପ୍ରତିଦିନ ୯୨.୮୫ ମିଲିୟନ ଲିଟର ପାନୀୟ ଜଳର ଆବଶ୍ୟକତା ରହିଛି। ତେବେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୈନିକ ଆବଶ୍ୟକତାରୁ ଅଧିକ ୧୦୭.୭ ମିଲିୟନ ଲିଟର ପାନୀୟଜଳ ଯୋଗାଇ ଦିଆଯାଉଛି। ସେଥିମଧ୍ୟରୁ ୩୦ରୁ ୪୦ ପ୍ରତିଶତ ପାନୀୟଜଳ ନଷ୍ଟ ହେଉଛି। ପାଇପ ଲାଇନ ଲିକେଜ, ପାଣିଟାଙ୍କିରୁ ଓଭର ଫ୍ଲୋ ଓ ଅଧିକାଂଶ ପାଣି ଟ୍ୟାପ୍ ଅନେକ ସମୟରେ ଖୋଲା ରହୁଥିବାରୁ ବହୁ ପରିମାଣର ଜଳ ଅଯଥାରେ ନଷ୍ଟ ହେଉଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com




@ ବାବୁଲି



@ ସ୍ୱାଗତ



@ ରାଜଦୀପ



@ ସୁଧା



@ ସୌମ୍ୟରଞ୍ଜନ



@ ସନ୍ତୋଷ



@ ସୁବ୍ରତ

# ଲୋକଙ୍କୁ ସଚେତନ କଲା ଅଗ୍ନିଶମ ବିଭାଗ

**କଟକ ଅଫିସ,୧୬।୪**

ବକ୍ସିବଜାରସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟଠାରେ ଶୁକ୍ରବାର ଅଗ୍ନିଶମ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଅଗ୍ନିଶମ ଅଧିକାରୀ ଭାବଗ୍ରାହୀ ଘଡାଇ ୪ଟି ସଚେତନତା ଗାଡି ଉଦ୍‌ଘାଟନ କରିଥିଲେ। ଅଗ୍ନିକାଣ୍ଡ ଘଟିଲେ ନିଜକୁ ସୁରକ୍ଷିତ ରଖି ଅନ୍ୟକୁ ଉଦ୍ଧାର କରିବା ଓ ତୁରନ୍ତ ନିକଟସ୍ଥ ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେବା ଲାଗି ଏହି ଗାଡ଼ି ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ସପ୍ତାହ ପାଳନ କରାଯାଉଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ଅବନୀ କୁମାର ସ୍ୱାଇଁ କହିଛନ୍ତି।




# ପୁଣି ଗଡ଼ିବ ପିଙ୍କ୍ ଅଟୋ

**ଭୁବନେଶ୍ୱର,୧୬।୪(ବ୍ୟୁରୋ):**

**କମିଶନରେଟ ପୋଲିସକୁ ପରିବହନ ବିଭାଗର ଚିଠି**

ରାଜଧାନୀରେ ଲୁଟେରାଙ୍କ ଆତଙ୍କ ବଢ଼ିଯାଇଥିବାବେଳେ ମହିଳାଙ୍କ ସୁରକ୍ଷା ପାଇଁ ବନ୍ଦ ହୋଇଯାଇଥିବା ପିଙ୍କ୍ ଅଟୋ ସେବା ପୁଣି ଆରମ୍ଭ ହେବାକୁ ଯାଉଛି। ଭୁବନେଶ୍ୱର ଏବଂ କଟକରେ ଆରମ୍ଭ ହୋଇଥିବା ଏହି ସେବା ପୁନଃ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଉଛି। ଏଥିପାଇଁ ପରିବହନ ବିଭାଗର ସଚିବ ମଧୁସୂଦନ ପାଢୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଚିଠି ଲେଖି ଏହି ସେବା ପୁନଃ ଚାଲୁ କରିବାକୁ କହିଛନ୍ତି।

ସୂଚନାଯୋଗ୍ୟ, ବିଶେଷ କରି ମହିଳାମାନେ ପୁରୁଷଙ୍କ ସହ ଗୋଟିଏ ଅଟୋରେ ବସି ଯାତ୍ରା କରିବାବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଅଟୋ ଚାଳକ ଓ ପୁରୁଷ ଯାତ୍ରୀଙ୍କ ସହ ଯାଉଥିବାବେଳେ ମହିଳା, ଛାତ୍ରୀମାନେ ଲୁଟ, ଅସଦାଚରଣ ଶିକାର ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ୨୦୧୪ ଜୁନ ୨୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ପିଙ୍କ୍ ଅଟୋ ସେବା ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୦୦, ଦ୍ୱିତୀୟରେ ୧୦୦ ଏବଂ ତୃତୀୟ ପର୍ଯ୍ୟାୟରେ ୫୦ଟି ଅଟୋ ଚଳାଚଳ କରିଥିଲା। ସହରରେ ୪୫୦ରୁ ଅଧିକ ପିଙ୍କ ଅଟୋ ଚଳାଚଳ କରିବାକୁ କମିଶନରେଟ ପୋଲିସ ପକ୍ଷରୁ ଯୋଜନା କରାଯାଇଥିଲା। ଏହି ଅଟୋର ଚାଳକଙ୍କୁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପରିଚୟ ପତ୍ର ଦେବା ସହ ଚାଳକଙ୍କ ଲାଇସେନ୍ସ, ମାନସିକ ଅବସ୍ଥା, ପରିବାରର ଇତିହାସ ଓ ଆପରାଧିକ ତଥ୍ୟକୁ ତନଖି କରାଯାଇ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା। ରାଜଧାନୀର ବରମୁଣ୍ଡା ଓ ମାଷ୍ଟର କ୍ୟାଣ୍ଟିନ୍ ଓ କିଟ୍ ଛକରେ ଏହାର ଟିକେଟ୍ କାଉଣ୍ଟର ଖୋଲାଯାଇଥିଲା। ବୁକିଂ କାଉଣ୍ଟରରେ ଦୀର୍ଘ ସମୟ ଧରି ଛିଡ଼ାହୋଇ ଫର୍ମ ପୂରଣ କରିବା ପାଇଁ ପଡୁଥିବାରୁ ଏହାକୁ ଯାତ୍ରୀମାନେ ପସନ୍ଦ କରି ନ ଥିଲେ। ଫଳରେ ଅଟୋ ଚାଳକଙ୍କୁ ଯାତ୍ରୀ ମିଳିବା କଷ୍ଟ ହୋଇପଡ଼ିଥିଲା। ପରେ୨୦୧୮ରୁ ଏହି ସେବା ବନ୍ଦ ହୋଇଯାଇଥିଲା।

# ବସ୍ ଟିକସ ଛାଡ଼ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

**କଟକ ଅଫିସ, ୧୬।୪**

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ପଡୋଶୀ ରାଜ୍ୟକୁ ବସ୍ ଚଳାଚଳ ବନ୍ଦ କରିଦେଇଛନ୍ତି। ଫଳରେ ଏହି ବସ୍ ମାଲିକଙ୍କୁ କ୍ଷତି ସହିବାକୁ ପଡୁଛି। ତେଣୁ ବସ୍ ଟିକସ ଛାଡ ପାଇଁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଏଥିସହ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ରାଜ୍ୟ ପରିବହନ ଆୟୁକ୍ତଙ୍କ ଜରିଆରେ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ବାହାର ରାଜ୍ୟକୁ ବସ୍ ଚଳାଚଳ ପାଇଁ ପରମିଟ୍ ବାବଦକୁ ଅର୍ଥ ଡିପୋଜିଟ୍ ହୋଇଛି। ବସ୍ ଚଳାଚଳ ବନ୍ଦ ହେବା ଫଳରେ ଏହି ଅର୍ଥ ବେକାର ହୋଇଯିବ। ସରକାର ରାଜ୍ୟ ଭିତରକୁ ବାହାର ରାଜ୍ୟରୁ ଟ୍ରେନ୍ ଓ ଫ୍ଲାଇଟ୍ ଚଳାଚଳ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଟ୍ରେନ୍‌ରେ ରାଜ୍ୟ ଭିତରକୁ ଦୈନିକ ପ୍ରାୟ ୩୦ହଜାର ଯାତ୍ରୀ, ଫ୍ଲାଇଟ୍‌ରେ ୨ ହଜାରରୁ ଅଧିକ ଯାତ୍ରୀ ଆସୁଛନ୍ତି। ଅଥଚ ପ୍ରତ୍ୟେକ ବସ୍‌ରେ ମାତ୍ର ୪୦ଜଣ ଯାତ୍ରୀ କୋଭିଡ୍ ନିୟମ ମାନି ଆସୁଥିଲେ। ହେଲେ ଏବେ ରାଜ୍ୟ ସରକାର ଏହି ବସ୍ ଚଳାଚଳ ବନ୍ଦ କରି ଘରୋଇ ବସ ମାଲିକମାନଙ୍କର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେବାକୁ ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। କରୋନା ସମୟରେ ବସ୍‌ମାଲିକମାନେ ଏପ୍ରିଲ ମାସର ପରମିଟ୍ ବାବଦ ଟିକସ ପଇଠ କରିସାରିଥିବାରୁ ଏହାକୁ ମେ' ମାସ ପାଇଁ ଭରଣା କରାଯାଉ, ୨୦୨୧ ଜୁନ୍, ଜୁଲାଇର ଟିକସ୍ ଛାଡ କରାଯାଉ ବୋଲି ସାହୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏତଦ୍‌ବ୍ୟତୀତ ବୀମା କମ୍ପାନୀଗୁଡିକ ପଲିସି ସୀମାର ଅବଧିକୁ ୩ ମାସ ବୃଦ୍ଧି କରିବାକୁ ନିବେଦନ କରାଯାଇଛି। ସେହିପରି ଋଣ କିସ୍ତି ବାବଦକୁ ପଇଠ ଅର୍ଥର ଅବଧି ୩ ମାସ ପର୍ଯ୍ୟନ୍ତ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସାହୁ ଅନୁରୋଧ କରିଛନ୍ତି।

**ଗଣ୍ଡଗୋଳ: ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ, ଅଭିଯୁକ୍ତ ଗିରଫ**

**ବାଲିପାଟଣା,(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ଆଳଇ ଗ୍ରାମରେ ଋଣ ଟଙ୍କା ଫେରସ୍ତ ନ କରିବାରୁ ଗଣ୍ଡଗୋଳ ଘଟିଥିଲା। ଏଥିରେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗଣେଶ ସାହୁଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ମୃତକଙ୍କ ସ୍ତ୍ରୀ କବିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୦୫/୨୧)ରୁଜୁକରି ଅଭିଯୁକ୍ତ ଦୀପକ ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। କବିତା ମହିଳା ମଣ୍ଡଳରୁ ୧୬ହଜାର ଟଙ୍କା ଋଣ ଆଣିଥିଲେ। ଚୁକ୍ତି ମୁତାବକ ଋଣ ଶୁଝି ନ ପାରିବାରୁ ମଣ୍ଡଳ ସଭ୍ୟା ରଶ୍ମିମଣି ସାହୁ ଗତ ୧୨ ତାରିଖରେ ତାଙ୍କ ଘରକୁ ଟଙ୍କା ମାଗିବାକୁ ଆସିଥିଲେ। ପରେ ରଶ୍ମିମଣିଙ୍କ ପୁଅ ଦୀପକ ଗଣେଶଙ୍କୁ ଠେଲି ରାସ୍ତାରେ କଚାଡ଼ି ଦେଇଥିଲେ।

## ସଂକ୍ଷେପରେ

### ବାଲିଅନ୍ତା ବ୍ଲକରେ ୧୨ ପଜିଟିଭ୍ ଚିହ୍ନଟ

**ବାଲିଅନ୍ତା,୧୬।୪(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଞ୍ଚଳରେ ଗତ ୨ଦିନ ମଧ୍ୟରେ ୧୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ବିଶେଷ କରି ବଇଁଚୁଆ ପଞ୍ଚାୟତର ୩ଟି ଗାଁରେ ୮ଜଣ ଆକ୍ରାନ୍ତ ରହିଛନ୍ତି। ଗୋଟିଏ ଗ୍ରାମରେ ଗୋଟିଏ ପରିବାରର ୬ଜଣ ସଂକ୍ରମିତ ହେବା ପରେ ସମସ୍ତଙ୍କୁ ହୋମ ଆଇସୋଲେଶନରେ ରଖାଯାଇଛି। ଜଣେ ଆକ୍ରାନ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଆକ୍ରାନ୍ତ ପରିବାରକୁ ଜରୁରୀ ସେବା ଯୋଗାଇବାକୁ ଆସୁଛନ୍ତି। ତେବେ ଆକ୍ରାନ୍ତ ବ୍ୟକ୍ତିଙ୍କ କୌଣସି ଲକ୍ଷଣ ଦେଖାଯାଇ ନ ଥିବା ସ୍ୱାସ୍ଥ୍ୟ ଅଧିକାରୀ ଡ.ତନ୍ମୟ ତ୍ରିପାଠୀ କହିଛନ୍ତି। ବଇଁଚୁଆ ପଞ୍ଚାୟତରେ ଏବେ ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ଚାଲୁଥିବାରୁ କରୋନା ସଂକ୍ରମଣ ବୃଦ୍ଧି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

### ରଥକୁ ଚଢ଼ିବା ପୂର୍ବରୁ ଆର୍‌ଟି-ପିସିଆର୍ ରିପୋର୍ଟ ବାଧ୍ୟତାମୂଳକ

**ପୁରୁଣା ଭୁବନେଶ୍ୱର,୧୬।୪(ଡି.ଏନ୍.ଏ.):** ଆସନ୍ତା ୨୦ତାରିଖରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଚଳିତ ବର୍ଷ ରଥ ଉପରେ ୨୫ଜଣ ସେବାୟତ ରହିବା ଲାଗି ସ୍ଥିର ହୋଇଛି। ରଥକୁ ଚଢ଼ିବା ପୂର୍ବରୁ ଆର୍‌ଟି-ପିସିଆର ଟେଷ୍ଟ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ଶୁକ୍ରବାର ପାଳିଆ ସେବାୟତଙ୍କୁ ନେଇ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବୋର୍ଡ କାର୍ଯ୍ୟନିର୍ବାହୀ ପ୍ରସନ୍ନ କୁମାର ଦାଶ ଅଧ୍ୟକ୍ଷତା କରି ଏହା କହିଛନ୍ତି। ବିନା ଭକ୍ତରେ ଏହି ଯାତ୍ରା ଅନୁଷ୍ଠିତ ହେବ।

ସ୍ୱେରେଜ ସଫେଇବେଳେ ୨ ମୃତ୍ୟୁ ଘଟଣା

### ଏନଏଚଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ):** କଟକ ସିଡିଏ ସେକ୍ଟର-୧୦ ଅଞ୍ଚଳରେ ଗୁରୁବାର ସ୍ୱେରେଜ ସଫେଇବେଳେ ୨ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାର ସରକାରୀ ଓ ନ୍ୟାୟିକ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଶୁକ୍ରବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପିଟିଶନ କରିଛନ୍ତି। ଏହି ମନୁଷ୍ୟକୃତ ହତ୍ୟା ଘଟଣାରେ ୨ ମୃତକଙ୍କୁ ୧୦ଲକ୍ଷ ଲେଖାଏ ଓ ଗୁରୁତରଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରିବାକୁ ନାୟକ କମିଶନଙ୍କୁ ଅନୁରୋଧ କରିଛନ୍ତି। ଏନେଇ କମିଶନ କଟକ ଜିଲାପାଳ, ମହାନଗର ନିଗମ କମିଶନର, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସିଇଓ ଓ ସ୍ୱେରେଜ ବୋର୍ଡର ନିର୍ଦ୍ଦେଶକଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ପି. ଶଙ୍କର, ଡି. ଶିବା ଓ ବିଷ୍ଣୁ ନାୟକ ସ୍ୱେରେଜ ଟାଙ୍କି ଭିତରେ ରହିଯାଇଥିଲେ। ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ସିବିକୁ ପଠାଇଥିଲେ। ପି. ଶଙ୍କର ଓ ବିଷ୍ଣୁ ନାୟକଙ୍କୁ ମୃତ ଘୋଷଣା କରାଯାଇଥିଲା।





**କରୋନା କଟକଣା ଫୁ:** ନାଇଟ୍ କର୍ଫ୍ୟୁ ପୂର୍ବରୁ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଓ ୟୁନିଟ୍-୧ ହାଟରେ ଲୋକଙ୍କ ପ୍ରବଳ ଗହଳି।

# ନାଇଟ୍ କର୍ଫ୍ୟୁ ପାଇଁ ରାଜଧାନୀରେ କଡ଼ା କଟକଣା

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

**୨୫ ଛକ ନାକାବନ୍ଦୀ, ଜଗିବେ ୧୦ ପ୍ଲାଟୁନ୍ ଫୋର୍ସ**

- ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ପୂର୍ବ ଭଳି ଚାଲୁ ରହିବ ଜରୁରିକାଳୀନ ସେବା

ଶନିବାରଠାରୁ ରାଜଧାନୀରେ ନାଇଟ୍ କର୍ଫ୍ୟୁ ଆରମ୍ଭ ହେଉଛି। ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। କର୍ଫ୍ୟୁ ସମୟରେ ଅମାନିଆଙ୍କୁ ଜଗିବେ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ। ଏଥିସହିତ ୨୫ ସ୍ଥାନରେ ନାକାବନ୍ଦୀ କରାଯାଇ କଡ଼ା ଯାଞ୍ଚ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସମୟରେ କୋଭିଡ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରାଯିବା ସହ ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବ। ନାଇଟ୍ କର୍ଫ୍ୟୁ ନିୟମ ଉଲ୍ଲଂଘନକାରୀଙ୍କ କୌଣସି ବାହାନା ଶୁଣାଯିବ ନାହିଁ। ଧରାପଡିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି କର୍ଫ୍ୟୁ ସମୟରେ ଜରୁରିକାଳୀନ ସେବା ପୂର୍ବ ଭଳି ଚାଲୁ ରହିବ। ଜରୁରିକାଳୀନ ସେବାରେ ନିୟୋଜିତ କର୍ମଚାରୀଙ୍କୁ ଯିବାଆସିବା ପାଇଁ ଅନୁମତି ମିଳିବ। ସମସ୍ତ ସୁରକ୍ଷା ଦାୟିତ୍ୱର ତଦାରଖ କରିବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ତାଙ୍କ ସହିତ ଡିସିପି, ୫ ଏସିପି ଓ ସବୁ ଥାନା ଅଧିକାରୀ କ୍ଷେତ୍ର ସ୍ଥଳକୁ ଯାଇ କର୍ଫ୍ୟୁ କଟକଣାର ସମୀକ୍ଷା କରିବେ। ମିଳିଥିବା ସୂଚନାନୁସାରେ, ପିଏମ୍‌ଜି, ମାଷ୍ଟରକ୍ୟାଣ୍ଟିନ୍, କଳ୍ପନା ଛକ, ସାମନ୍ତରାପୁର, ରସୁଲଗଡ, ପଳାଶୁଣୀ, ପାହାଳ, ସହିଦନଗର, ଜୟଦେବ ବିହାର, ସିଆରପି, ଗଙ୍ଗନଗର, ଗୋପବନ୍ଧୁ, ଖଣ୍ଡଗିରି, ବରମୁଣ୍ଡା, ପଟିଆ, ଡମଣା, କିଟ୍ ଛକଗୁଡ଼ିକରେ ପୋଲିସ ବ୍ଲକିଂ ଓ ଚେକିଂକୁ କଡାକଡି କରାଯିବ। ଏହି ସବୁ ସ୍ଥାନମାନଙ୍କରେ ପୋଲିସ ପକ୍ଷରୁ ବାରିକେଟ୍ କରାଯାଇ ଯାଞ୍ଚ କରାଯିବ। ଏଥିସହିତ ଅନ୍ୟ ରାଜ୍ୟରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ମଧ୍ୟ ନଜର ରଖାଯିବ।

### କେଉଁ ସେବା ଚାଲିବ, ବନ୍ଦ ରହିବ

ପ୍ରଶାସନିକ, ମ୍ୟୁନିସିପାଲ, ଟେଲିଫୋନ, ପୋଲିସ, ସ୍ୱାସ୍ଥ୍ୟ, ଅଗ୍ନିଶମ, ବିଦ୍ୟୁତ୍, ଜଳଯୋଗାଣ, ପରିମଳ, ସ୍ୱେରେଜ୍, ଆଇଟି, ରସାୟନ ସାମଗ୍ରୀ, ଶିଳ୍ପ ସଂସ୍ଥା, ନିର୍ମାଣ, ଅତିଥି ସେବା ଯୋଗାଉଥିବା ହୋଟେଲ, ଗମନାଗମନ, ପେଟ୍ରୋଲ ପମ୍ପ, ଢାବା ଓ ଗଣମାଧ୍ୟମ ଆଦିକୁ ନାଇଟ୍ କର୍ଫ୍ୟୁ କଟକଣାରୁ ବାଦ୍ ଦିଆଯାଇଛି। ସେହିପରି ରେଳ ଷ୍ଟେଶନ ଓ ବିମାନ ବନ୍ଦରକୁ ଟ୍ୟାକ୍ସି ସେବା ଜାରି ରହିବ। ଅତ୍ୟାବଶ୍ୟକ ସେବା ପାଇଁ ନିୟୋଜିତ ଗାଡ଼ିଗୁଡିକ ଟିକେଟ, କାଗଜପତ୍ର ଓ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ଯାଇପାରିବେ। ବିଭିନ୍ନ କାର୍ଯ୍ୟାଳୟ ଓ ଅନୁଷ୍ଠାନର କର୍ମଚାରୀମାନେ କର୍ତ୍ତୃପକ୍ଷ ଦେଇଥିବା ପରିଚୟପତ୍ର ଦେଖାଇ ଯିବା ଆସିବା କରିପାରିବେ। ଏସବୁ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଯିବା ସହ ବିଏମ୍‌ସିର ସମସ୍ତ ୱାର୍ଡ ଅଫିସ୍‌ରେ କୋଭିଡ୍ ସଚେତନତା ବାର୍ତ୍ତା ପ୍ରଦର୍ଶନ ଆରମ୍ଭ ହୋଇଛି। ବିଏମ୍‌ସି ପକ୍ଷରୁ ସଚେତନତା ବାର୍ତ୍ତା ବାଣ୍ଟୁଥିବା ଗାଡିଗୁଡିକ ସହରର ବିଭିନ୍ନ ସ୍ଥାନରେ ବୁଲି ପ୍ରଚାର କରୁଛନ୍ତି। ଏହାସତ୍ତ୍ୱେ ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ନାଗରିକମାନେ ଏଥିରେ ସହଯୋଗ କରି କୋଭିଡ୍‌ର ଦ୍ୱିତୀୟ ଲହରଠାରୁ ଦୂରେଇ ରହିବାକୁ ବିଏମ୍‌ସି ପକ୍ଷରୁ ନିବେଦନ କରାଯାଇଛି।

# ଦରବୃଦ୍ଧି ଆଶଙ୍କା, ଦୋକାନ ବଜାରରେ ଭିଡ଼ ବଢ଼ିଲା

**ଭୟଭୀତ ନ ହେବାକୁ ପରାମର୍ଶ ଦେଲେ ବିଏମ୍‌ସି କମିଶନର**

**ଭୁବନେଶ୍ୱର,୧୬।୪ (ବ୍ୟୁରୋ)**

ନାଇଟ୍ କର୍ଫ୍ୟୁକୁ ନେଇ ରାଜଧାନୀବାସୀ ଭୟଭୀତ ହୋଇପଡିଛନ୍ତି। ବିଶେଷକରି କର୍ଫ୍ୟୁ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଓ ଦରଦାମ ବୃଦ୍ଧି ଆଶଙ୍କା କରି ବିଭିନ୍ନ ଦୋକାନ ବଜାର, ହାଟରେ ଭିଡ଼ ଆରମ୍ଭ ହୋଇଛି। ଶୁକ୍ରବାର ସକାଳୁ ରାତି ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀ ଦୋକାନଗୁଡ଼ିକରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସହରରେ ଦୈନିକ ୩ଶହ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଏଭଳି ଭିଡ଼ ସଂକ୍ରମଣକୁ ବେଶ୍ ସୁହାଇବ ଓ ସ୍ଥିତି ଆହୁରି ବିଗିଡିଯିବ ବୋଲି କୁହାଯାଉଛି। ତେଣୁ ଏହା ନଜରକୁ ଆସିବା ପରେ ବିଏମ୍‌ସି ପକ୍ଷରୁ ଲୋକଙ୍କୁ ସଚେତନ ଓ ସତର୍କ କରାଯାଇଛି। ଏଥିସହିତ କର୍ଫ୍ୟୁ ସମୟରେ କେଉଁ ସେବା ବନ୍ଦ ରହିବ ଓ କ’ଣ ସବୁ କଟକଣାମୁକ୍ତ ହେବ ସେ ସମ୍ପର୍କରେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ଏନେଇ ଏକ ସଚେତନତା ବାର୍ତ୍ତା ଜାରି କରିଛନ୍ତି। ଭୁବନେଶ୍ୱରବାସୀ ଭୟଭୀତ ନ ହୋଇ ଅଯଥାରେ ସାମଗ୍ରୀ କିଣିବାକୁ ଦୋକାନରେ ଭିଡ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଲୋକେ ସାମାଜିକ ଦୂରତା ନ ମାନି ବଜାର ଅଞ୍ଚଳକୁ ଯାଇ ଗହଳି କରୁଛନ୍ତି। ମାତ୍ର କର୍ଫ୍ୟୁ ପାଇଁ ସହରରେ ଅତ୍ୟାବଶ୍ୟକ ସାମଗ୍ରୀ ମିଳିବାରେ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ତେଣୁ ଭିଡ ଭିତରକୁ ଯାଇ ସଉଦା କାରବାର କରିବାରୁ ନାଗରିକମାନେ ଦୂରେଇ ରୁହନ୍ତୁ। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଯେପରିକି ଔଷଧ, କ୍ଷୀର, ଖାଇବା ସଉଦା ଆଦି ସହର ପାଇଁ ଉପଲବ୍ଧ ଅଛି। ତେଣୁ ନାଗରିକମାନେ ଏହାକୁ ବିନା ଭିଡରେ ଯାଇ ଆଣନ୍ତୁ କିମ୍ବା ଅନ୍‌ଲାଇନ ଯୋଗେ କିଣନ୍ତୁ। ତେଣୁ ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି କମିଶନର ଚୌଧାରୀ।

# ମାଛ ମାର୍କେଟରେ ପୋଲିସ ଚଢାଉ



ୟୁନିଟ୍-୪ ମାଛ ମାର୍କେଟରେ ପୋଲିସ ସଚେତନ କରୁଛି।

**ଭୁବନେଶ୍ୱର, ୧୬।୪ (ବ୍ୟୁରୋ)**

ସଂକ୍ରମଣ ହୁହୁ ହୋଇ ବଢୁଥିଲେ ମଧ୍ୟ ଅମାନିଆ କିଛି ମାନୁନାହାନ୍ତି। ହାଟ, ବଜାର ଓ ଦୋକାନରେ ଗହଳି କରୁଛନ୍ତି। ଶୁକ୍ରବାର ସକାଳୁ ବିଭିନ୍ନ ଆମିଷ ମାର୍କେଟରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସାମାଜିକ ଦୂରତାକୁ ଲୋକେ ଭୁଲି ଯାଇଥିଲେ। ଖବର ପାଇ କମିଶନରେଟ ପୋଲିସ ଟିମ୍ ଜୟଦେବ ବିହାରରୁ କ୍ରାଉନ ହୋଟେଲ ରାସ୍ତା ପାର୍ଶ୍ୱରେ ଥିବା ମାଛ ଓ ମାଂସ ବଜାରରେ ଚଢାଉ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ସେହିପରି କଟକଣାକୁ ମାନିବା ସହ ସାମାଜିକ ଦୂରତା ବଜାୟ ରଖିବାକୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଥିଲା। ସେହିଭଳି ୪ନଂ. ମାଛ ଓ ମାଂସ ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଲୋକଙ୍କୁ ସଚେତନ ଓ ସତର୍କ କରାଯିବା ସହ ପଦକ୍ଷେପ ନିଆଯାଇଥିଲା।

# ଭୁବନେଶ୍ୱରରେ ଦୈନିକ ୩ ହଜାର ଟେଷ୍ଟିଂ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୬।୪ (ବ୍ୟୁରୋ)**

**ଆଉ ୩୧୧ ପଜିଟିଭ୍**

**ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ**

- ୧୯୨୯ ନଂ.ରେ ଜଣାଇଲେ ୩୦ ମିନିଟ୍‌ରେ ସେବା
- ଭିଡ଼ ତଦାରଖ କରିବେ ଏନ୍‌ଫୋର୍ସମେଣ୍ଟ ଟିମ୍

ଗତ କିଛିଦିନ ହେବ ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ୩ଦିନ ହେଲା ଲଗାତର ଆକ୍ରାନ୍ତଙ୍କ ସଂଖ୍ୟା ୩ଶହ ପାର କରୁଛି। ଶେଷ ୨୪ ଘଣ୍ଟାରେ ମଧ୍ୟ ସହରରୁ ୩୧୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୬୬ଜଣ କ୍ୱାରାଣ୍ଟାଇନ୍‌ରୁ ରହିଥିବାବେଳେ ୨୪୫ଜଣ ଲୋକାଲ କେସ୍ ବା ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ଏହାକୁ ମିଶାଇ ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୪ ହଜାର ୮୯୦କୁ ବୃଦ୍ଧି ପାଇଛି। ତେବେ ଭୁବନେଶ୍ୱର ପାଇଁ ଖୋର୍ଦ୍ଧା ଏବେ ରେଡ୍ ଜୋନ୍‌ରେ ରହିଥିବାବେଳେ ରାଜ୍ୟରେ ସର୍ବାଧିକ ଆକ୍ରାନ୍ତ ଏହି ଜିଲାରୁ ଚିହ୍ନଟ ହେଉଛନ୍ତି। ତେଣୁ ଭୁବନେଶ୍ୱରର ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସହରର କରୋନା ସ୍ଥିତିର ସମୀକ୍ଷା କରି ଟ୍ରେସିଂ ଓ ଟ୍ରିଟ୍‌ମେଣ୍ଟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦୈନିକ ୩ହଜାର ନମୁନା ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨୪ଘଣ୍ଟିଆ ଟୋଲ୍ ଫ୍ରି କଲ୍ ସେଣ୍ଟର କାର୍ଯ୍ୟକାରୀ କରିବା ସହ କଲ୍ ପାଇବାର ୩୦ ମିନିଟ୍ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆବଶ୍ୟକ ସେବା ଯୋଗାଇଦେବାକୁ କହିଛନ୍ତି।

ବିଏମ୍‌ସିର କରୋନା ମୁକାବିଲା ସଂକ୍ରାନ୍ତରେ କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିଛନ୍ତି। ସେ କହିଛନ୍ତି, କରୋନା ସଂକ୍ରାନ୍ତ ସୂଚନା ପାଇବା ପାଇଁ ବିଏମ୍‌ସି ପକ୍ଷରୁ ଟୋଲ୍ ଫ୍ରି ନଂ.୧୯୨୯ ଜାରି କରାଯାଇଛି। ସେହିପରି ହୋମ୍ ଆଇସୋଲେଶନରେ ରହୁଥିବା ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଦିନକୁ ଅତି କମ୍‌ରେ ଥରେ ପଚାରି ବୁଝିବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋମ୍ ଆଇସୋଲେଶନ ବ୍ୟବସ୍ଥାର ତଦାରଖ ପାଇଁ ସହରର ବିଭିନ୍ନ ସ୍ଥାନରେ ୩୩ ରାପିଡ୍ ରେସ୍‌ପନ୍ସ ଟିମ୍‌କୁ ନିୟୋଜିତ କରାଯାଇଛି। ଏହାବ୍ୟତୀତ ବିଭିନ୍ନ ମାର୍କେଟ, ଦୋକାନ ବଜାର, ରାସ୍ତା କଡ ଚା’ ଓ ଅନ୍ୟ ଦୋକାନରେ ଗହଳି ରୋକିବାକୁ ଚଢ଼ାଉ ସହ ଆବଶ୍ୟକ ପଡିଲେ ପୋଲିସ ସହାୟତାରେ ସମ୍ପୃକ୍ତ ଦୋକାନକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିରଗୁଡିକରେ ଯେପରି ଶ୍ରଦ୍ଧାଳୁଙ୍କ ଗହଳି ନ ହେବ ସେଥିପାଇଁ ମନ୍ଦିର ପରିଚାଳନା କମିଟିର ସହାୟତା ଲୋଡାଯିବ। ଏହା ବ୍ୟତୀତ ନାଇଟ୍ କର୍ଫ୍ୟୁ ଓ କୋଭିଡ୍ କଟକଣା ସମ୍ପର୍କରେ ସହରରେ ବୁଲି ବୁଲି ମାଇକ ଦ୍ୱାରା ପ୍ରଚାର କରାଯିବ ବୋଲି ଡେଭଲପ୍‌ମେଣ୍ଟ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ସେହିପରି ବିଏମ୍‌ସିର ସମସ୍ତ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ଟେଷ୍ଟିଂ କିଟ୍ ଓ ମେଡିସିନ୍ ଉପଲବ୍ଧ ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ଜେନା କହିଛନ୍ତି।

# ପୋଲିସ ଛାଇରେ, ଆନ୍ଦୋଳନକାରୀ ଖରାରେ

**ଭୁବନେଶ୍ୱର, ୧୬।୪ (ବ୍ୟୁରୋ)**

**ଟିପିସିଓଡିଏଲ୍‌କୁ ୧୪ ଦଫା ଦାବିପତ୍ର ପ୍ରଦାନ**

ବିଭିନ୍ନ ଦାବିନେଇ ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ଇଡ୍‌କୋ ଟାୱାରସ୍ଥିତ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିବାକୁ ଯାଉଥିବାବେଳେ ପୋଲିସ ବାରଣ କରିବା ସହ ହଟାଇ ଦେଇଥିଲା। ଫଳରେ ସେମାନେ ଦୀର୍ଘ ସମୟ ଧରି ଖରାରେ ଛିଡ଼ା ହୋଇ ଦାବି ଉପସ୍ଥାପନ କରିବା ସହ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ୧୪ଦଫା ଦାବିପତ୍ର ପ୍ରଦାନ କରିଥିଲେ। ୧୫ଦିନ ଭିତରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିବା ସଂଘ ପକ୍ଷରୁ କୁହାଯାଇଛି। ତେବେ ଆନ୍ଦୋଳନ ରୋକିବାକୁ ପୋଲିସ ସେଠାରେ ତମ୍ବୁ ପକାଇ ଜଗି ରହିଥିଲା। କରୋନା ସଂକ୍ରମଣ ନାଁରେ ଆନ୍ଦୋଳନକୁ ବନ୍ଦ କରିଦେଇଥିଲା। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଆନ୍ଦୋଳନକାରୀମାନେ ପୋଲିସକୁ ଇଙ୍ଗିତ କରି ‘ତୁମେ ଛାଇରେ ଜଗିଲ, ଆମକୁ ଖରାରେ କାହିଁକି ଠିଆ କଲ’ ବୋଲି କହୁଥିବା ଦେଖିବାକୁ ମିଳିଥିଲା।



ଭୁବନେଶ୍ୱର ଇଡ୍‌କୋ ଟାୱାର ସ୍ଥିତ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ଖରାରେ ଠିଆ ହୋଇଥିବା ଆନ୍ଦୋଳନକାରୀମାନେ।

ଗଣବଳାତ୍କାର ଘଟଣା

### ଅଭିଯୋଗକାରିଣୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ରାଜଧାନୀରେ ଜଣେ ମହିଳା ଗଣବଳାତ୍କାରର ଶିକାର ହୋଇଥିବା ନେଇ ଗତ ମାର୍ଚ୍ଚ ମାସରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ ତଦନ୍ତ ଚଳାଇଥିବାବେଳେ ଅଭିଯୋଗର ସତ୍ୟତା ନ ଥିବା ଜଣାପଡିଛି। ତେଣୁ ଡିସିପିଙ୍କ ଅନୁମୋଦନ ପରେ ମାମଲାକୁ ବନ୍ଦ କରିଦିଆଯିବ। ଏଥିସହ ଅଭିଯୋଗକାରିଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଲକ୍ଷ୍ମୀସାଗର ଥାନା ଅଧିକାରୀ ଭରତ ଚରଣ ସାହୁ ସୂଚନା ଦେଇଛନ୍ତି। ଗତ ଫେବୃୟାରୀ ୨୬ରେ ମହିଳା ଜଣକ ବାପଘର ବୁଦ୍ଧେଶ୍ୱରୀ କଲୋନୀରୁ ଶାଶୁ ଘର ହଳଦୀପଡିଆ ବସ୍ତି ଅଞ୍ଚଳକୁ ଚାଲି ଚାଲି ଫେରୁଥିବାବେଳେ ତାଙ୍କୁ ପ୍ରଥମେ ୪ଜଣ ଓ ପରେ ୩ଜଣ ବ୍ୟକ୍ତି ବଳାତ୍କାର କରିଥିଲେ। ପୋଲିସ କମିଶନରଙ୍କ ନିର୍ଦ୍ଦେଶ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ମାର୍ଚ୍ଚ ୧୮ରେ ମାମଲା ରୁଜୁ କରିଥିଲା।

### କରୋନା ମୃତକଙ୍କ ପାଇଁ, ‘ଓଡ଼ିଶା ମୋ ପରିବାର’ ହେଲ୍ପ ଡେସ୍କ ଆରମ୍ଭ

**ଭୁବନେଶ୍ୱର,୧୬।୪(ବ୍ୟୁରୋ):** କରୋନା ମୃତକଙ୍କ ପରିବାରକୁ ଅନ୍ତେଷ୍ଟିକ୍ରିୟାରେ ସାହାଯ୍ୟ କରିବା ପାଇଁ ଓଡ଼ିଶା ମୋ ପରିବାର ପକ୍ଷରୁ ହେଲ୍ପ ଡେସ୍କ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଶୁକ୍ରବାର ଅନୁଷ୍ଠାନର ଆବାହକ ଅରୂପ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତବର୍ଷ ଜୟ ଓଡ଼ିଶା ସଂଗଠନ ସହଯୋଗରେ ଓଡ଼ିଶା ମୋ ପରିବାର ପକ୍ଷରୁ ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ଏହାକୁ ଆରମ୍ଭ କରାଯାଇଥିଲା।

# ସ୍ତ୍ରୀଙ୍କୁ ନେବାକୁ ଆସି ମାଡ଼ ଖାଇଲେ ସ୍ୱାମୀ

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

**ପୁରୁଷ ବନ୍ଧୁଙ୍କ ସହ ସ୍ତ୍ରୀ ରହୁଥିବା ଅଭିଯୋଗ**

ସ୍ତ୍ରୀଙ୍କୁ ନେବାକୁ ଆସି ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ସ୍ୱାମୀ। ପୁରୁଷ ବନ୍ଧୁଙ୍କ ସହ ମିଶି ସ୍ତ୍ରୀ ମାଡ଼ ମାରି ଲହୁଲୁହାଣ କରିବା ପରେ ଶୁକ୍ରବାର ସ୍ୱାମୀ ମଞ୍ଚେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ ସହଯୋଗ ନ ମିଳିବାରୁ ସେ ସନ୍ଧ୍ୟାରେ ଥାନା ସାମ୍ନା ରାସ୍ତା କଡ଼ରେ ବସି କାନ୍ଦୁଥିଲେ। ସ୍ଥାନୀୟ ଲୋକେ ଏହାଦେଖି ତାଙ୍କୁ ପଚରାଉଚରା କରିବାରୁ ସେ ପୂରା ଘଟଣା କହିଥିଲେ। ଉକ୍ତ ବ୍ୟକ୍ତିଙ୍କ ଘର ଅନୁଗୋଳ ଜିଲା କଣିଆ ବ୍ଲକର ରେଙ୍ଗାଲି ଗ୍ରାମରେ ଓ ତାଙ୍କ ନାଁ ବିଜୟ କୁମାର ସାହୁ (୩୨)। ବାହାଘରକୁ ୧୧ ବର୍ଷ ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ହେଲେ ବର୍ଷେ ହେଲା ତାଙ୍କ ସ୍ତ୍ରୀ ଆଉଜଣେ ପୁରୁଷଙ୍କ ସହ ଘରୁ ଲୁଚି ପଳାଇ ଆସିଥିଲେ। ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ମଞ୍ଚେଶ୍ୱରର ଝରଣା ସାହି (କ) ବସ୍ତିରେ ରହୁଥିବା ଜାଣିବା ପରେ ସେ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଧରି ଶୁକ୍ରବାର ଭୁବନେଶ୍ୱର ଆସି ତାଙ୍କ ଘରେ ପହଞ୍ଚିଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ସ୍ତ୍ରୀଙ୍କ ସହ ରହୁଥିବା ପୁରୁଷ ବନ୍ଧୁ ଓ ଅନ୍ୟ କେତେଜଣ ଯୁବକ ତାଙ୍କୁ ଘେରି ଯାଇ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଜୀବନ ବିକଳରେ ମାଡ଼ଖାଇ ଉଭୟ ସେଠାରୁ ଖସି ଆସି ଥାନାରେ ପହଞ୍ଚିଥିଲେ। ସ୍ତ୍ରୀଙ୍କ ଇଙ୍ଗିତରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଆକ୍ରମଣ କରିଥିବା ବିଜୟ କହିଛନ୍ତି। ପୋଲିସ ସବୁକଥା ବୁଝିବା ପରେ ବିଜୟଙ୍କୁ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।



ଥାନା ସମ୍ମୁଖରେ କାନ୍ଦୁଥିବା ବିଜୟ କୁମାର ସାହୁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଏପ୍ରିଲ୍‌, ୨୦୨୧



## ସଂକ୍ଷେପରେ

### ରଥ ନିର୍ମାଣ ପାଇଁ ଗଲା ୨୩ ଖଣ୍ଡ କାଠ



**ନୟାଗଡ଼ ଅଫିସ/ଦଶପଲ୍ଲା, ୧୬।୪(ଡି.ଏନ୍‌.ଏ.):** ପୁରୀ ରଥଯାତ୍ରା ପାଇଁ ରଥ ନିର୍ମାଣ ଉଦ୍ଦେଶ୍ୟରେ ଶୁକ୍ରବାର ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜରୁ ଧଉରା ୨୦ ଫୁଟର ୧୪ଟା, ଅସନ ୨୦ ଫୁଟିଆ ୩, ଧଉରା ୧୨ ଫୁଟିଆ ୬ଟି ଏପରି ମୋଟ୍‌ ୨୩ ଖଣ୍ଡ ଧଉରା ଓ ଅସନ କାଠ ଯାଇଛି। ଏହି କାଠ ପୋଖରୀଗୋଛା ରିଜର୍ଭ ଫରେଷ୍ଟର କମ୍ପାର୍ଟମେଣ୍ଟ ୧୧ ଓ ୧୨ରୁ ଏବଂ ଚଢ଼େୟାପଲ୍ଲୀ ରିଜର୍ଭ ଫରେଷ୍ଟର କମ୍ପାର୍ଟମେଣ୍ଟ ୩ରୁ କଟାଯାଇଛି। ଦଶପଲ୍ଲା ରେଞ୍ଜର ଅଖିଳେଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପୋଖରୀଗୋଛା ଫରେଷ୍ଟର ଶୁଭେନ୍ଦୁ କୁମାର, ଚଢ଼େୟାପଲ୍ଲୀ ଫରେଷ୍ଟର ସୁରେଶ ସାହୁ କାଠ କଟା ଓ ପଠାଇବା ଅଭିଯାନରେ ସାମିଲ ହୋଇଥିଲେ। ଦଶପଲ୍ଲା ବନଖଣ୍ଡରୁ ୧୩୦ ଖଣ୍ଡ କାଠ ପଠାଯିବାକୁ ନିର୍ଦ୍ଦେଶ ଥିବାବେଳେ ଶୁକ୍ରବାର ସୁଦ୍ଧା ୭୨ ଖଣ୍ଡ କାଠ ଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

### ଭିଜିଲାନ୍ସ ଜାଲରେ ହାଇସ୍କୁଲ କିରାଣି

**ସାଲେପୁର,୧୬।୪( ଡି. ଏନ.ଏ):** କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ଛାଣିପୁର ହାଇସ୍କୁଲର ଜଣେ କିରାଣି ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ଅରୁଣ ପରିଡ଼ା। ଛାତ୍ରୀଙ୍କ ପାଇଁ ଆସିଥିବା ମେଧାବୃତ୍ତି ଟଙ୍କା ଦେବାକୁ ଲାଞ୍ଚ ନେଉଥିବା ବେଳେ ସେ ଭିଜିଲାନ୍ସ ଟିମ୍‌ ହାତରେ ଧରାପଡ଼ିଛନ୍ତି। ଏହି ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ



ମୋନାଲିସା ବିଶ୍ୱାଳଙ୍କ ମେଧାବୃତ୍ତି ପାଇଁ ୧୦ ହଜାର ଟଙ୍କାର ଚେକ୍‌ ଆସିଥିଲା। ଅରୁଣ ଏହା ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଛାତ୍ରୀଙ୍କ ପିତା ବିପିନ ବିହାରୀ ବିଶ୍ୱାଳ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗର ଯୋଜନା ଅନୁଯାୟୀ, ମୋନାଲିସା ବିଦ୍ୟାଳୟରେ ଅରୁଣଙ୍କୁ ସକାଳେ ପ୍ରାୟ ୮ଟା ବେଳେ ୪ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇରହିଥିବା ଭିଜିଲାନ୍ସ ଅଧିକାରୀମାନେ ସମ୍ପୃକ୍ତ କିରାଣିଙ୍କୁ ଧରିଥିଲେ। ପରେ ଟିମ୍‌ ପକ୍ଷରୁ ତାଙ୍କ ଭୀମଦାସପୁରସ୍ଥିତ ବାସଭବନ ଓ ମାଛୁଆତିସ୍ଥିତ ଭଡ଼ା ଘରେ ଚଢ଼ାଉ କରାଯାଇଥିଲା। ଏଥିସହ ଅରୁଣଙ୍କୁ ସେମାନେ ସାଙ୍ଗରେ କଟକ ନେଇଯାଇଥିବା ସୂଚନା ମିଳିଛି।

# ତଦନ୍ତ କରିବେ ଲୋକାୟୁକ୍ତ ଅନୁସନ୍ଧାନ ଶାଖା ନିର୍ଦ୍ଦେଶକ

**ଯାଜପୁର ଅଫିସ,୧୬।୪**

## ନଗଡ଼ା ବିକାଶ ଅର୍ଥ ଆତ୍ମସାତ୍‌ ମାମଲା

### ୨ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବେ

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଆତ୍ମସାତ୍‌ ହୋଇଛି। ଏନେଇ ରାଜ୍ୟ ସୂଚନା ଅଧିକାର ଅଭିଯାନ ଆବାହକ ପ୍ରଦୀପ ପ୍ରଧାନ ଲୋକାୟୁକ୍ତରେ ୧୪।୧୦।୨୦୧୯ରେ ଅଭିଯୋଗ କରିଥିଲେ। ଏହାପରେ ଓଡ଼ିଶା ଲୋକାୟୁକ୍ତ (ଏଲ୍‌ୱାଇ)-୪୫୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ଗତ ୧୨ ତାରିଖରେ ଅଭିଯୋଗର ଶୁଣାଣି କରି ନିଜସ୍ୱ ଅନୁସନ୍ଧାନ ଶାଖା (ଇନକ୍ୱାରୀ ୱିଙ୍ଗ୍‌) ନିର୍ଦ୍ଦେଶକ ତଦନ୍ତ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ କୌଣସି ପବ୍ଲିକ ସର୍ଭେଣ୍ଟ କିମ୍ବା ବ୍ୟକ୍ତିଙ୍କ ନାମରେ ମାମଲା ଅଛି କି ନାହିଁ, ତାହା ଜାଣିବା ପାଇଁ ପ୍ରାଥମିକ ଅନୁସନ୍ଧାନ କରାଯିବ। ଏହାସହ ଅନୁସନ୍ଧାନ ନିର୍ଦ୍ଦେଶକ ନିଶ୍ଚିତ କରିବେ ଯେ ଲୋକାୟୁକ୍ତ ଆଇନର ଧାରା ୨୦ ଉପଧାରା ୨ର ବ୍ୟବସ୍ଥା କଡ଼ାକଡ଼ି ଭାବେ ପାଳନ କରାଯାଇଛି କି ନାହିଁ। ସେ ୨ ମାସ ମଧ୍ୟରେ ପ୍ରାଥମିକ ଅନୁସନ୍ଧାନର



ନଗଡ଼ା ଗାଁ।

ରିପୋର୍ଟ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଜୁନ୍‌ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ନଗଡ଼ାରେ ୨୦୧୬ ଜୁଲାଇରେ ପୁଷ୍ଟିହୀନତା ଯୋଗୁ ୧୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା, ଯାହା ଦେଶବିଦେଶରେ ଚର୍ଚ୍ଚା ହୋଇଥିଲା। ଫଳରେ ରାଜ୍ୟ ସରକାର ନଗଡ଼ାର ବିକାଶ ପାଇଁ ଉଦ୍ୟମ କରିଥିଲେ। ନଗଡ଼ାକୁ ରାସ୍ତା ନିର୍ମାଣ ସହିତ ସ୍ୱାସ୍ଥ୍ୟ, ପାନୀୟ ଜଳ ଇତ୍ୟାଦି କ୍ଷେତ୍ରରେ ପ୍ରାୟ ୨୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚର ସବିଶେଷ ତଥ୍ୟ ପାଇବା ପାଇଁ ଆବାହକ ପ୍ରଧାନ ସୂଚନା ଅଧିକାର ଆଇନ ଜରିଆରେ ବହୁ ଉଦ୍ୟମ କରିଥିଲେ। ଶେଷରେ ଓଡ଼ିଶା ସୂଚନା କମିଶନଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଡିଆରଡିଏ ପକ୍ଷରୁ ୩।୫।୨୦୧୯ରେ ପ୍ରଧାନଙ୍କୁ ତଥ୍ୟ ଦିଆଯାଇଥିଲା। ଉକ୍ତ ତଥ୍ୟ ଅନୁସାରେ ଆଇଏପି(ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ)ରେ ୨୧.୫୭ ଲକ୍ଷ ଟଙ୍କା, ସୁକିନ୍ଦା ବିଡିଓଙ୍କ ଜରିଆରେ ୪୨.୪୧ ଲକ୍ଷ ଟଙ୍କା, ନଗଡ଼ାରେ କଂକ୍ରିଟ ରାସ୍ତା ପାଇଁ ୨୦ ଲକ୍ଷ ଟଙ୍କା, ଅଶୋକଝର ପାହାଡ଼ ପାଦଦେଶରୁ ତଳ ନଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ବାବଦକୁ ୧୪୯୫.୬୪ ଲକ୍ଷ ଟଙ୍କା, ଗ୍ରାମ୍ୟ ଆବାସ ନିର୍ମାଣ ବାବଦକୁ ୨୩୦ ଲକ୍ଷ ଟଙ୍କା, ପାନୀୟ ଜଳଯୋଗାଣ ବାବଦକୁ ୫୩.୫୬ ଲକ୍ଷ ଟଙ୍କା ଆଦି ଖର୍ଚ୍ଚ ହୋଇଛି। ତେବେ ଏହି ରିପୋର୍ଟ ଆଧାରରେ ନଗଡ଼ାକୁ ଏକ ପ୍ରତିନିଧି ଦଳ ଗସ୍ତ କରି ସମୀକ୍ଷା କରିବା ପରେ ଆବଣ୍ଟିତ ଅନୁଦାନର ଠିକ୍‌ ବିନିଯୋଗ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ନଗଡ଼ାକୁ ରାସ୍ତା ନିର୍ମାଣ ଅତି ନିମ୍ନମାନର, ବିଦ୍ୟୁତୀକରଣ ସଂଯୋଗ ନହେବା, ନିମ୍ନମାନର ବିଜୁ ପକ୍କାଘର ନିର୍ମାଣ, ପାନୀୟ ଜଳଯୋଗାଣ ନ ହେବା ଆଦି ଅନିୟମିତତା ପ୍ରତିନିଧି ଦଳ ଦେଖିବାକୁ ପାଇଥିଲେ। ଏହାପରେ ଆବାହକ ପ୍ରଧାନ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ କଲ୍‌ ଗ୍ରହଣ କରି ନ ଥିଲେ।

# ଜାମିନ ଖାରଜ: ଝାରପଡ଼ା ଫେରିଲେ ପ୍ରଦୀପ, ପାଠକ ବାପ-ପୁଅ



ବିଧାୟକ ପ୍ରଦୀପ ପାଣିଗ୍ରାହୀ



ଅଭୟକାନ୍ତ ପାଠକ ଓ ଆକାଶ ପାଠକ

**ବ୍ରହ୍ମପୁର ଅଫିସ,୧୬।୪**

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇର ଗୋଟିଏ ପରେ ଗୋଟିଏ ନୂଆ ଫର୍ଦ୍ଦରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ଅଭୟକାନ୍ତ ପାଠକ ଓ ପୁଅ ଆକାଶ ଜଡିତ ହେଉଛନ୍ତି। ଗୁରୁବାର ସେମାନଙ୍କ ଜାମିନ ପାଇଁ ଏସ୍‌ଡିଜେଏମ୍‌ କୋର୍ଟରେ ଆବେଦନ କରାଯାଇଥିଲା। ତିନି ଅଭିଯୁକ୍ତଙ୍କ ପାଇଁ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ଜାମିନ ପାଇଁ ଆବେଦନ କରିଥିଲେ। ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ନାମରେ ମାମଲା ରୁଜୁ କରୁଥିବାରୁ ଜାମିନ ଦେବାକୁ ସେ ଯୁକ୍ତି ବାଢ଼ିଥିଲେ। ଏଥିରେ ଆଇନଜୀବୀ ଅସିତ ଶତପଥୀ ସହଯୋଗ କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ଚାଲିଥିଲା। ଏହାର ଶୁଣାଣି କରି ଶେଷରେ ଏସ୍‌ଡିଜେଏମ୍‌ ଜିତେନ୍ଦ୍ରୀୟ ପାଣିଗ୍ରାହୀ ତାହାକୁ ଖାରଜ କରିଦେଇଛନ୍ତି। ଅନ୍ୟପଟେ ମଣ୍ଡଳ କାରାଗାରରେ ଥିବା ପ୍ରଦୀପ, ପାଠକ ବାପ-ପୁଅଙ୍କ ଶୁକ୍ରବାର ସକାଳେ କୋଭିଡ୍‌ ପରୀକ୍ଷା କରାଯାଇଥିଲା। କୋର୍ଟ ନିର୍ଦ୍ଦେଶ ପ୍ରକାରେ ସେମାନଙ୍କୁ ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍‌ ଭୁବନେଶ୍ୱର ଏସ୍‌ଡିଜେଏମ୍‌ କୋର୍ଟରେ ହାଜର କରିଥିଲା। ପରେ ସେମାନଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି ବୋଲି ତାଙ୍କ ଓକିଲ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଟାଟା ମୋଟର୍ସ ଚାକିରି ନାଁରେ ଠକେଇ ମାମଲା

ସୂଚନାଯୋଗ୍ୟ, ବୈଦ୍ୟନାଥପୁର ଥାନାରେ କାର୍ଯ୍ୟରତ କନଷ୍ଟେବଳ କାର୍ତ୍ତିକ ପ୍ରଧାନଙ୍କ ପୁଅକୁ ଟାଟା ମୋଟର୍ସରେ ଚାକିରି କରାଇ ଦେବାକୁ କହି ପ୍ରଦୀପ ୬ଲକ୍ଷ ଟଙ୍କା ଠକେଇ କରିଥିଲେ ବୋଲି ବୈଦ୍ୟନାଥପୁର ଥାନାରେ ସେ ଅଭିଯୋଗ କରିଥିଲେ। ଏଥିରେ ପାଠକ ବାପ-ପୁଅଙ୍କ ସମ୍ପୃକ୍ତି ଥିବା ନେଇ ଦର୍ଶାଇଥିଲେ। ପୋଲିସ ସେମାନଙ୍କ ବିରୋଧରେ ୮୧/୨୧ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱର ଝାରପଡା ଜେଲରେ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ଅଣାଯିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିଥିଲା। ଏଣୁ ସମସ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲରୁ ଅଣାଯାଇ ଗୁରୁବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା।



ରମ୍‌ଜାନ ଉପଲକ୍ଷେ ଶୁକ୍ରବାର ମୁସଲିମ ସମ୍ପ୍ରଦାୟ ଲୋକମାନେ ୟୁନିଟ୍‌-୪ ମସ୍‌ଜିଦରେ ସମୂହ ନମାଜ ପାଠ କରୁଛନ୍ତି।

# ୨ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପିଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୧୬।୪(ବ୍ୟୁରୋ):** ଓଡ଼ିଶା ପୋଲିସରେ ୨ଜଣ ଅତିରିକ୍ତ ଏସ୍‌ପି ଓ ୬ଜଣ ଡିଏସ୍‌ପି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା ଓ ସୀତାରାମ ଶତପଥୀଙ୍କୁ ଏସ୍‌ପି ର୍ୟାଙ୍କକୁ ପଦୋନ୍ନତି ସହ ନୂଆ ନିଯୁକ୍ତି ଦିଆଯାଇଛି। ଅରୁଣ ଏସ୍‌ଆର୍‌ପି ରାଉରକେଲା(ଇନ୍‌ଚାର୍ଜ) ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ଏସ୍‌ଆର୍‌ପି ରାଉରକେଲା ଭାବେ ନିଯୁକ୍ତି କରାଯାଇଛି। ସେହିପରି ସୀତାରାମ ସୋନପୁର ଏସ୍‌ପି (ଇନ୍‌ଚାର୍ଜ) ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ସୋନପୁର ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ୬ଜଣ ଡିଏସ୍‌ପି ପାହ୍ୟାର ଅଫିସରଙ୍କୁ ଅତିରିକ୍ତ ଏସ୍‌ପିକୁ ପଦୋନ୍ନତି କରାଯାଇଛି। ସେମାନେ ହେଲେ ସରୋଜ କୁମାର ମହାପାତ୍ର, ଅନୀଲ କୁମାର ମିଶ୍ର, ସୁରେଶ ଚନ୍ଦ୍ର ପାତ୍ର, କିଶୋର ଚନ୍ଦ୍ର ଦାଶ, ମନୋରଞ୍ଜନ ବିଶ୍ୱାଳ ଓ ଉଦୟ ଭାନୁ ମିଶ୍ର। ସେମାନଙ୍କ ପୋଷ୍ଟିଂ ଅର୍ଡର ପୋଲିସ ଡିଜିଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ସୂଚନା ମିଳିଛି।

# ବକେୟା ପାଇଁ ଠିକାଦାରଙ୍କୁ ହତ୍ୟା, ଶ୍ରମିକ ଗିରଫ

**କବିସୂର୍ଯ୍ୟନଗର,୧୬।୪**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏ. ବରିଡ଼ା ଗାଁ ଦାଣ୍ଡରେ ଶୁକ୍ରବାର ଜଣେ ଶ୍ରମିକ ଠିକାଦାରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଠିକାଦାର ବକେୟା ୨ ହଜାର ଟଙ୍କା ନ ଦେବାରୁ ଏ. ବରିଡ଼ାର ଜଣେ ଶ୍ରମିକ ତାଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତକ ହେଲେ ଭାଟପଡ଼ା ଗ୍ରାମର ଟୁକୁନା ଛଟାଇ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତ ଶ୍ରମିକ ରାଧାକୃଷ୍ଣ ସାହୁଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରାଯାଇଛି।

ପ୍ରକାଶ ଯେ, ଭାଟପଡ଼ାର ଟୁକୁନା ସ୍ଥାନୀୟ ଅଞ୍ଚଳରୁ ଆନ୍ଧ୍ରକୁ ଶ୍ରମିକ ପଠାନ୍ତି। ତାଙ୍କ ସହ ଯୋଗାଯୋଗ କରି ଏ. ବରିଡା ଗ୍ରାମର ରାଧାକୃଷ୍ଣ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ସେ ୨୦୦୦ ଟଙ୍କା ପ୍ରାପ୍ୟ ପାଇବାକୁ ଥିବାବେଳେ ବାରମ୍ବାର ଠିକାଦାରଙ୍କୁ ମାଗି ନିରାଶ ହୋଇଥିଲେ। ଶୁକ୍ରବାର ସକାଳେ ଟୁକୁନା ଶ୍ରମିକ ଯୋଗାଡ଼ ପାଇଁ ଗୋବିନ୍ଦପୁର ଆସିଥିଲେ। ଏହା ଜାଣିବା ପରେ ବରିଡ଼ା ଗ୍ରାମ ଜଗନ୍ନାଥ ମନ୍ଦିର ସାମ୍ନାରେ ରାଧାକୃଷ୍ଣ ତାଙ୍କୁ ଅଟକାଇ ବକେୟା ମାଗିଥିଲେ। ଟଙ୍କା ପରେ ଦେବି ଟୁକୁନା କହିବାରୁ ତାଙ୍କୁ ସେ ଛୁରି ଭୁସି ଦେଇଥିଲେ। ପ୍ରାଣବିକଳରେ ଟୁକୁନା ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ରାଧାକୃଷ୍ଣ ତାଙ୍କ ପେଟକୁ ବାରମ୍ବାର ଛୁରି ଭୁସି ଚାଲିଥିଲେ। ଫଳରେ ଅନ୍ତବୁଜୁଳି ବାହାରି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବାଲିଛାଇ ଫାଣ୍ଡି ଅଧିକାରୀ, କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ ସାହୁ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ନେଇ ଟୁକୁନାଙ୍କ ବାପା ଜୟରାମ ଛଟାଇଙ୍କ ଏତଲା ପ୍ରକାରେ ନଂ.୧୩୮/୨୧ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

# ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ ଲାଗି ଆଇଟି ଜ୍ଞାନକୌଶଳ ଆବଶ୍ୟକ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଏମ୍‌ଏସ୍‌ଏମ୍‌ଇ ଉତ୍ପାଦଗୁଡ଼ିକର ପ୍ରୋତ୍ସାହନ ନିମନ୍ତେ ଆଇଟି ଜ୍ଞାନକୌଶଳର ଉପଯୋଗ କରିବାକୁ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପରାମର୍ଶ ଦେଇଛନ୍ତି। ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ କାର୍ଯ୍ୟକ୍ରମ ସମୀକ୍ଷାବେଳେ ସେ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମିଶ୍ର ମେସର୍ସ ଭାଲେଣ୍ଟିନା ପାଇପ୍ସ , ମେସର୍ସ ଟେରା ବ୍ଲକ୍‌ ମେଶିନାରି ପ୍ରା. ଲିଃ ଏବଂ ମେସର୍ସ ସୁପରକ୍ଲୋଜରର ଉଦ୍ୟୋଗୀମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ଉଦ୍ୟୋଗୀମାନେ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ପାଉଥିବା ସହାୟତା ସନ୍ତୋଷଜନକ ଥିବା ଏହି ଅବସରରେ ସେ କହିଛନ୍ତି। ସେମାନେ ତାଙ୍କ ଉତ୍ପାଦଗୁଡ଼ିକର ବିକ୍ରିବଟା ନିମନ୍ତେ ଅଧିକ ବଜାର ସୁବିଧା ଯୋଗାଇଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ ଏ ସମ୍ପର୍କରେ ଅନ୍ୟ ବିଭାଗଗୁଡ଼ିକ ସହ ଆଲୋଚନା କରି ଅଧିକ ସଫଳତା ପାଇଁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଇନ୍‌ଭେଷ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦୀପକ ବାଘ୍‌ଲାଙ୍କୁ ନିମନ୍ତ୍ରଣ କରି ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଉତ୍ପାଦର ଉତ୍ତମ ବଜାର ସକାଶେ ଦିଗ୍‌ଦର୍ଶନ ଦେବା ସହ ମାର୍କେଟିଂ ପାଇଁ ଏକ ରୋଡ୍‌ମ୍ୟାପ୍‌ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରୀ ବିଭାଗଗୁଡ଼ିକ ଇ-ଗଭର୍ନାନ୍ସ ପ୍ରଚଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ପଦ ହରାଇଲେ ଦୈସିଂ ସରପଞ୍ଚ

### ଓଡ଼ିଆ ଲେଖି ପଢ଼ି ପାରିଲେନି

**ଭଦ୍ରକ ଅଫିସ, ୧୬।୪:** ଭଦ୍ରକ ଜିଲା ସଦର ବ୍ଲକ ଦୈସିଂ ସରପଞ୍ଚ ପାର୍ବତୀ ମାଝୀ ଓଡ଼ିଆ ଲେଖାପଢ଼ା ଜାଣି ନ ଥିବାରୁ ପଦ ହରାଇଛନ୍ତି। ଜିଲା ଜଜ୍‌ କୋର୍ଟ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ସହ ଭଦ୍ରକ ବିଡିଓ ତୁରନ୍ତ ସରପଞ୍ଚ ପଦ ପୂରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ଦୈସିଂ ସରପଞ୍ଚ ପଦବୀ ତଫସିଲଭୁକ୍ତ ଜନଜାତି ପାଇଁ ସଂରକ୍ଷିତ ଥିଲା। ମୋଟ ୨ ଜଣ ପ୍ରାର୍ଥୀ ପାର୍ବତୀ ଓ ବାଗନ ସିଂ ନାମାଙ୍କନ ପତ୍ର ଦାଖଲ କରିଥିଲେ ଏବଂ ପାର୍ବତୀ ନିର୍ବାଚିତ ହୋଇଥିଲେ। ପାର୍ବତୀ ଓଡ଼ିଆ ଲେଖାପଢ଼ା ଜାଣି ନ ଥିବାରୁ ପଞ୍ଚାୟତ ଆଇନର ଧାରା ୧୧(ଖ) ଅନୁଯାୟୀ ସେ ଅଯୋଗ୍ୟ ଥିବା ନେଇ ପରାଜିତ ପ୍ରାର୍ଥୀ ବାଗନଙ୍କ ଆବେଦନ କ୍ରମେ ଭଦ୍ରକ କନିଷ୍ଠ ଦେୱାନୀ ଅଦାଲତରେ ସେହି ଆଇନର ଧାରା ୩୧ରେ ଏକ ମାମଲା ନିର୍ବାଚନ ମିସ୍‌ କେଶ୍‌-୫୮/୧୭ ରୁଜୁ ହୋଇଥିଲା। ନିମ୍ନ ଅଦାଲତ ଦରଖାସ୍ତକାରୀଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ ହେଁ ପାର୍ବତୀଙ୍କ ସାକ୍ଷ୍ୟ ନ ନେଇ ମାମଲାକୁ ଖାରଜ କରିଦେଇଥିଲେ। ନିମ୍ନ ଅଦାଲତର ଏହି ରାୟକୁ ଚ୍ୟାଲେଞ୍ଜ କରି ବାଗନ ଭଦ୍ରକ ଜିଲା ଜଜ୍‌ଙ୍କ ଅଦାଲତରେ ଏକ ନିର୍ବାଚନ ଅପିଲ-୪୩/୧୮ ଦାଖଲ କରିଥିଲେ। ଜିଲା ଜଜ୍‌ ଶିଶିର କୁମାର ରଥ ପାର୍ବତୀଙ୍କୁ କୋର୍ଟକୁ ଡକାଇ ଓଡ଼ିଆ ଲେଖାପଢ଼ାର ପରୀକ୍ଷା ସାକ୍ଷ୍ୟ ମାଧ୍ୟମରେ କରିଥିଲେ। ଯାହାକି ପାର୍ବତୀଙ୍କ ପକ୍ଷେ ସମ୍ଭବ ହୋଇପାରି ନ ଥିଲା। ଏଣୁ ଗତ ୧୩ ତାରିଖରେ କୋର୍ଟ ତାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି।

# ପୂଜକ ବେଶରେ ଅଭିଯୁକ୍ତ ଗିରଫ

**ଦେବଗଡ଼,୧୬।୪(ଡି.ଏନ.ଏ.)**

### ବ୍ୟବସାୟୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକେଇ ଘଟଣା

ଦେବଗଡ଼ ସହରର ଜଣେ କପଡା ବ୍ୟବସାୟୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକିନେଇ ଫେରାର ହୋଇଯାଇଥିବା ଯୁବକ ଅତୁଲ୍ୟ ମିଶ୍ରଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇଦିଆଯାଇଛି। ଅଭିଯୁକ୍ତ ଯୁବକ ଛଦ୍ମବେଶରେ ରହିଥିଲେ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଚମ୍ପାମାଲ ଗ୍ରାମରେ ରହି ନିକଟସ୍ଥ ପଥରଘାଟ ହନୁମାନ ମନ୍ଦିର ପୂଜକ ଭାବେ କାର୍ଯ୍ୟ କରୁଥିଲେ। ଅତୁଲ୍ୟଙ୍କ ଘର ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରେ।

କିଛିବର୍ଷ ହେଲା ଦେବଗଡ଼ ଥାନା ଅନ୍ତର୍ଗତ ସରତଳା ଗ୍ରାମରେ ରହି ଅତୁଲ୍ୟ ବ୍ୟବସାୟ କରୁଥିଲେ। ଗତ ୨୦୨୦ ଜାନୁୟାରୀରେ ଦେବଗଡ଼ ସହର ମୁଖ୍ୟ ବଜାରର ରାଜେଶ ଗୋଏଲ ନାମକ ଜଣେ ବ୍ୟବସାୟୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇଥିଲେ। ବ୍ୟବସାୟୀ ରାଜେଶ ଏ ସମ୍ପର୍କରେ ସେହିମାସ ୫ ତାରିଖରେ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ବିରୋଧରେ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ଅଭିଯୁକ୍ତ ଅତୁଲ୍ୟ ଫେରାର ହୋଇଯିବାରୁ ତାଙ୍କୁ ଗିରଫ କରିପାରି ନ ଥିଲା। ପରବର୍ତ୍ତୀ ସମୟରେ ପୋଲିସ କୋର୍ଟ ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଏହା ସଫଳ ହୋଇ ନ ଥିଲା। ଅତୁଲ୍ୟ ନିଜର ବେଶ ବଦଳାଇ ମନ୍ଦିର ପୂଜକ ସାଜିଥିଲେ। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଏସ୍‌ପି ମନୋଜ କୁମାର ମାହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଦେବଗଡ଼ ଏସ୍‌ଡିପିଓ ପ୍ରତ୍ୟୁଷ ମହାପାତ୍ର, ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ସବ୍‌ଇନ୍ସପେକ୍ଟର ଡି.ଦଳେଇ ଚମ୍ପାମାଲ ଗ୍ରାମକୁ ଯାଇ ଚଢାଉ କରିଥିଲେ। ଅତୁଲ୍ୟଙ୍କ ନାମରେ ବିଭିନ୍ନ ଥାନାରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲା ରହିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।



ଗିରଫ ଅତୁଲ୍ୟ ମିଶ୍ର

# ନୂତନ ପଞ୍ଚାୟତ ଦାବିରେ ପ୍ରଜାମେଳି

**ମାଲକାନଗିରି/ କୋରୁକୋଣ୍ଡା, ୧୬।୪ (ଡି.ଏନ୍‌.ଏ.)**

ମାଲକାନଗିରି ଜିଲା ନାକାମାମୁଡି ପଞ୍ଚାୟତ ଅଧୀନରେ ଥିବା ବାୟାଗୁଡାକୁ ପଞ୍ଚାୟତ ଘୋଷଣା କରିବା ଦାବିରେ ଶୁକ୍ରବାର ବାୟାଗୁଡା ଗ୍ରାମରେ ଏକ ପ୍ରଜାମେଳି ହୋଇଛି। ୧୭ଟି ଗ୍ରାମର ପ୍ରାୟ ୧ହଜାର ଆଦିବାସୀ ଏକାଠି ହୋଇ ସେମାନଙ୍କ ମୁଖ୍ୟ ଦାବି ନୂତନ ପଞ୍ଚାୟତ ଗଠନ ସହ ଅନ୍ୟାନ୍ୟ ଦାବି ଉପସ୍ଥାପନ କରିଥିଲେ। ବାୟାଗୁଡା ଗ୍ରାମଠାରୁ ନାକାମାମୁଡି ପଞ୍ଚାୟତକୁ ଯିବାକୁ ହେଲେ ସେମାନଙ୍କୁ ରୁ ୬୦ କି.ମି. ଜଙ୍ଗଲ ପଥୁରିଆ ଓ ଘାଟି ରାସ୍ତା ଦେଇ ଯିବାକୁ ପଡୁଛି। ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏଥିସହ ସେମାନଙ୍କ ଅନ୍ୟାନ୍ୟ ଦାବି ମଧ୍ୟରେ ବାୟାଗୁଡାରୁ ଟିକରପଡାକୁ ନିର୍ମାଣ ହେଉଥିବା ରାସ୍ତା ଅତି ନିମ୍ନମାନର ହେଉଥିବାରୁ ତାହାକୁ ପୁନଃ ନିର୍ମାଣ କରିବା, ନୂତନ ମେଡିକାଲ ପ୍ରତିଷ୍ଠା, ଅଙ୍ଗନୱାଡି କର୍ମୀ ଠିକ୍‌ ସମୟରେ ଶିଶୁ ଓ ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ନ ଦେବା, ବୃଦ୍ଧାବୃଦ୍ଧଙ୍କୁ ମାସିକ ଭତ୍ତା ନ ମିଳିବା, ରାଶନ ସାମଗ୍ରୀ ଚାଉଳ ଓ କିରୋସିନ ନିୟମିତ ଦେବା, ଉକ୍ତ ଅଞ୍ଚଳର ପ୍ରତି ଗ୍ରାମକୁ ରାଜସ୍ୱ ଗ୍ରାମ ରୂପେ ଘୋଷଣା କରିବାକୁ ଦାବି କରିଛନ୍ତି। ଏସବୁ ସମସ୍ୟା ନେଇ ସେମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ, କୋରୁକୋଣ୍ଡା ବିଡିଓ, ଜିଲାପାଳ, ସ୍ଥାନୀୟ ଏମ୍‌ପି ଓ ବିଧାୟକଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏବେ ମେଳି କରିବାକୁ ବାଧ୍ୟ ହେଲେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହାର ପ୍ରତିକାର କରା ନ ଗଲେ ୧୭ ଗ୍ରାମର ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ବ୍ଲକ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଚେତାବନୀ ଦେଇଛନ୍ତି।



ପ୍ରଜାମେଳିରେ ଏକାଠି ହୋଇଥିବା ୧୭ ଗ୍ରାମର ଗ୍ରାମବାସୀ।

- ନିୟମିତ ମିଳୁନି ରାଶନ ସାମଗ୍ରୀ, ଭତ୍ତା
- ପ୍ରତି ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

**ଅଜୟ୍ ସେଠ୍ ନୂଆ ଅର୍ଥନୈତିକ ବ୍ୟାପାର ସଚିବ**

ନୂଆ ଅର୍ଥନୈତିକ ବ୍ୟାପାର ସଚିବ ଭାବେ ଅଜୟ୍ ସେଠ୍ ଶୁକ୍ରବାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେ ୧୯୮୭ ବ୍ୟାଚ୍ କର୍ଣାଟକ କ୍ୟାଡର ଆଇଏଏସ୍ ଅଧିକାରୀ। ପୂର୍ବରୁ ତରୁଣ ବଜାଜ ଏହି ପଦବୀରେ କାମ କରୁଥିବା ବେଳେ ସେ ଏବେ ରାଜସ୍ୱ ସଚିବ ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେଠ୍‌ଙ୍କ ଦାୟିତ୍ୱ ଗ୍ରହଣ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି।

# ଆର୍ଥିକ ସୁଧାର ବାଧାପ୍ରାପ୍ତ ହେବ

**ବ୍ୟାଙ୍କ ଅଫ୍ ଆମେରିକା ରିପୋର୍ଟ**

ମୁମ୍ବାଇ,୧୬।୪

ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ଯୋଗୁ ଦେଶ ମଧ୍ୟରେ ସଂକ୍ରମଣ ବଢ଼ିଚାଲିଛି। ଏଭଳି ସ୍ଥିତି ଲାଗି ରହିଲେ ଆର୍ଥିକ ସୁଧାରକୁ ବାଧା ପହଞ୍ଚାଇବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୦-୨୧ ଆର୍ଥିକ ବର୍ଷର ମାର୍ଚ୍ଚ ତ୍ରୈମାସରେ ଜିଡିପି ୩% ବଢିବ ବୋଲି ପୂର୍ବରୁ ଯେଉଁ ଆକଳନ କରାଯାଇଥିଲା ତାହା ମଧ୍ୟ ହାସଲ କରିବା ଦିଗରେ ଚ୍ୟାଲେଞ୍ଜ ଉପୁଜିବ ବୋଲି ୱାଲ୍‌ଷ୍ଟ୍ରିଟର ବ୍ରୋକ୍‌ରେଜ କମ୍ପାନୀ ବ୍ୟାଙ୍କ ଅଫ୍ ଆମେରିକା ପକ୍ଷରୁ ଶୁକ୍ରବାର ଏକ ରିପୋର୍ଟ ପ୍ରକାଶ ପାଇଛି। ସଂକ୍ରମଣ ବଢୁଥିବାରୁ ଅଭିବୃଦ୍ଧି ଉପରେ ଏହାର ପ୍ରଭାବକୁ ଏଡାଇ ଦିଆଯାଇ ନ ପାରେ ବୋଲି ଏହି ସଂସ୍ଥା ଆକଳନ କରିଛି। ଏହା ଅର୍ଥ ବ୍ୟବସ୍ଥାର ବିଭିନ୍ନ ଦିଗକୁ ମଧ୍ୟ ସଙ୍କଟ ସ୍ତରକୁ ନେବାର ଆଶଙ୍କା ରହିଛି। ମାର୍ଚ୍ଚ ତ୍ରୈମାସରେ ଜିଡିପି କେତେ ରହିବ ସେ ନେଇ ଏହା ସ୍ପଷ୍ଟ ଭାବେ କିଛି କହିନାହିଁ।

# ସଫଳତା ଧାରା ଜାରି ରଖିଛି ସିମ୍‌ସି

ଭୁବନେଶ୍ୱର,୧୬।୪

ସାରା ବିଶ୍ୱରେ ଓଡ଼ିଶାର ହୋଟେଲ ଏବଂ ପର୍ଯ୍ୟଟନ ଶିଳ୍ପକୁ ପରିଚିତ କରାଇବା କ୍ଷେତ୍ରରେ ସ୍ୱସ୍ତି ହୋଟେଲ ଆଣ୍ଡ ଟ୍ରାଭେଲ୍ସ ଏକ ଉଲ୍ଲେଖନୀୟ ଯୋଗଦାନ ରଖିଛି। ହୋଟେଲ ଶିଳ୍ପ ପାଇଁ ଆବଶ୍ୟକ ଦକ୍ଷତା ଟ୍ରେନିଂ ଓ ଶିକ୍ଷାକୁ ଧ୍ୟାନରେ ରଖି ସ୍ୱସ୍ତି ଗ୍ରୁପ୍ ପକ୍ଷରୁ

**ଜଟଣୀରେ ନୂଆ କ୍ୟାମ୍ପସ**

୨୦୧୩ରେ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ(ସିମ୍‌ସି) ଆରମ୍ଭ ହୋଇଥିଲା। ଦୀର୍ଘ ୮ ବର୍ଷ ମଧ୍ୟରେ ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଏହା ନିଜକୁ ପ୍ରତିଷ୍ଠିତ କରାଇପାରିଛି। ଏହା ଓଡିଶା ସରକାର ଏବଂ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଦେଶ ବିଦେଶରେ ହୋଟେଲ ଏବଂ ପର୍ଯ୍ୟଟନ ଶିଳ୍ପ ଏବଂ ସାମାଜିକ ଅନୁଷ୍ଠାନଗୁଡିକରେ ନିଯୁକ୍ତି ଲାଭ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଏଠାରେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଉଛି। ବିଭିନ୍ନ ନାମୀଦାମୀ ହୋଟେଲ ଏବଂ ଟୁରିଜମ ସଂସ୍ଥାରେ ଛାତ୍ରୀଛାତ୍ର ଇଣ୍ଟର୍ନଶିପ କରିବାର ସୁଯୋଗ ପାଉଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଏହି ଶିକ୍ଷାନୁଷ୍ଠାନ ସ୍ଥାନୀୟ ଜଟଣୀ ଅଞ୍ଚଳରେ ନୂତନ କ୍ୟାମ୍ପସକୁ ଶୀଘ୍ର ସ୍ଥାନାନ୍ତର ହେବାକୁ ଯାଉଛି। ଅତ୍ୟାଧୁନିକ କ୍ୟାମ୍ପସ ସହ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏହା କାର୍ଯ୍ୟ କରିବ। ଚଳିତ ଶିକ୍ଷାବର୍ଷଠାରୁ ଏହା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦକ୍ଷତାବିକାଶ କାର୍ଯ୍ୟକ୍ରମ ସହ ଜଡିତ ହୋଇ ବିଭିନ୍ନ ଶିକ୍ଷା ଓ ଟ୍ରେନିଂ କୋର୍ସ ପ୍ରଦାନ କରିବ। କେନ୍ଦ୍ର ସରକାରଙ୍କ ଡିଡିୟୁଜିକେୱାଇ, ଏଚ୍‌ଏସ୍‌ଆର୍‌ଟି କାର୍ଯ୍ୟକ୍ରମ ସହ ବିଶ୍ୱ ସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ରରେ ପରିଣତ କରିବା ଲାଗି ଅନୁଷ୍ଠାନ ବଦ୍ଧପରିକର ବୋଲି ଏହାର ମୁଖ୍ୟ ଜେ.କେ. ମହାନ୍ତି ସୂଚନା ଦେଇଛନ୍ତି। ଅନୁଷ୍ଠାନରେ ସ୍ନାତକ ମ୍ୟାନେଜମେଣ୍ଟର ଡିପ୍ଲୋମା, ସାର୍ଟିଫିକେଟ କୋର୍ସ, ବାର୍ ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ସାଇନ୍ସରେ ଏମ୍‌ସିଏ, ପିଜି ଡିପ୍ଲୋମା, ସାପ୍ ଆଣ୍ଡ ଟାଲି ଭଳି ଦକ୍ଷତା ବିକାଶ କୋର୍ସ ଏଠାରେ ଯୋଗାଇ ଦିଆଯାଉଛି। ଶୀଘ୍ର ଯୁକ୍ତ ୨ କଳା ଏବଂ ବାଣିଜ୍ୟ ଶିକ୍ଷା ସହ ରୁରାଲ ମ୍ୟାନେଜ ମେଣ୍ଟରେ ଏମ୍‌ବିଏ ପାଠ୍ୟକ୍ରମ ମଧ୍ୟ ଏଠାରେ ଆରମ୍ଭ ହେବ ବୋଲି ମହାନ୍ତି କହିଛନ୍ତି।




## ନାବାର୍ଡ ଓଡ଼ିଶା ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଭୁବନେଶ୍ୱର,୧୬।୪

ନାବାର୍ଡ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଭାରତରତ୍ନ ଡ. ବି.ଆର୍. ଆମ୍ବେଡକରଙ୍କ ୧୩୦ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ଆମ୍ବେଡକରଙ୍କ ଯୋଗଦାନର ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ନାବାର୍ଡ ସିଜିଏମ୍ ସି.ଉଦୟ ଭାସ୍କର ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କରୋନା କଟକଣାକୁ ପାଳନ କରି ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ନାବାର୍ଡ ପ୍ରୋଗ୍ରେସିଭ ଏମ୍ପ୍ଲଇ ୱେଲ୍‌ଫେୟାର ଆସୋସିଏଶନ ମଧ୍ୟ ଯୋଗଦେଇଥିଲା। ମନ୍ତ୍ରୀ ସାରକା ନାବାର୍ଡ ପ୍ରୋଗ୍ରେସିଭ ଏମ୍ପ୍ଲଇ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ଏକ ପାଠାଗାରକୁ ଶୁଭାରମ୍ଭ କରିଥିଲେ।

## ପିଏନ୍‌ବିର ନୂତନ ଆଞ୍ଚଳିକ ପ୍ରବନ୍ଧକ

ଭୁବନେଶ୍ୱର,୧୬।୪



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି), ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଭାବେ ସଞ୍ଜୀବ ଭରଦ୍ୱାଜ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ୧୯୯୭ରେ ପିଏନ୍‌ବିରେ ମିଶ୍ରଣ ହୋଇଥିବା ପୂର୍ବତନ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସରେ ଆଇଟି ଅଫିସର ଭାବେ ଯୋଗଦେଇଥିଲେ। ୨୦୨୦ରେ ମହାପ୍ରବନ୍ଧକ ପଦବୀକୁ ଉତ୍ତୀର୍ଣ୍ଣ ହୋଇଥିବା ଭରଦ୍ୱାଜଙ୍କର ୨୩ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଏହା ପୂର୍ବରୁ ସେ ଫିନ୍‌ଟେକ୍ ଡିଭିଜନର ଡିଭିଜନାଲ ହେଡ୍ ଭାବେ କାର୍ଯ୍ୟରତ ଥିଲେ ।

## ଯାନ ଦର ବଢ଼ାଇଲା ମାରୁତି ସୁଜୁକି

ନୂଆଦିଲ୍ଲୀ,୧୬।୪

ଦେଶର ପ୍ରମୁଖ କାର୍ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ଏହାର ବଛାବଛା ମଡେଲର ଦର ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ କମ୍ପାନୀର ବଛାବଛା ମଡେଲ ଦର ପ୍ରାୟ ୨୨,୫୦୦ ଟଙ୍କା ଯାଏ ମହଙ୍ଗା ହେବ ବୋଲି ଜଣାପଡିଛି। ଇନପୁଟ ଖର୍ଚ୍ଚରେ ବୃଦ୍ଧି ଯୋଗୁ କମ୍ପାନୀ ଦର ବୃଦ୍ଧି ନେଇ ନିଷ୍ପତ୍ତି ନେଇଥିବା ଏହା ଷ୍ଟକ ଏକ୍ସଚେଞ୍ଜକୁ ଫାଇଲିଂରେ ସୂଚନା ଦେଇଛି। ସେଲେରିଓ ଓ ସ୍ୱିଫ୍ଟ ବାଦ ଅନ୍ୟ ସବୁ ମଡେଲରେ ଏହି ଦରବୃଦ୍ଧି ଲାଗୁ ହେବ। ଦର ବୃଦ୍ଧି ନେଇ କମ୍ପାନୀ ପୂର୍ବରୁ ଘୋଷଣା କରିଥିଲା।


**PARADIP PORT TRUST**

CORRIGENDUM TO TENDER CALL NOTICE
No. EM/MM/P/IOHP-02/2021/57 Dt. 01.04.2021
FOR SUPPLY OF NYLON NYLON CONVEYOR BELT

The due date of submission of Tender & opening of Technical Bid is hereby further extended as below. (1) Last date of submission of tender **up to 5.00 PM of 27.04.2021**. (2) Opening of EMD Bid at **3.30 PM of 30.04.2021**. All other terms and conditions in the original tender remained unaltered. For details, log on to our website : **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**
**PPT/PR/14/21-22 Dt : 16.04.2021**

**OFFICE OF THE NOTIFIED AREA COUNCIL, KHARIAR**
**AT/PO KHARIAR, Dist- NUAPADA, PIN-766107**
**OFFICE PH. NO.-06671-224294, e-mail: khariarn.hud@ori.nic.in**

**Letter No. 961/** **Dated 15.04.21**

**CORRIGENDUM**

No. C-107:- In response to this Office Tender Call Notice No.933 dtd.07.04.2021 the Sl. No. 7 the estimate cost of the work is read as 2,94,907.00 instead of 29,49,000.00 and item No.15 is not applicable in the term & condition and work Sl. No.2,3 & 4 tender fee payable to Executive Officer, NAC, Khariar instead of E.E. RW Division, Baripada. The dates are extended as detailed below:-

| | | | |
|---|---|---|---|
| 1. | The last date of Availability of the document is extended upto | : | 23.04.2021 |
| 2. | Last date/time for receipt of Bids in the portal. | : | Upto 5.30 PM of dt.23.04.2021 |
| 3. | Offline submission of Bid | : | 07.00 AM of dt.26.04.2021 to 1.00 PM of 28.04.2021 |
| 4. | Date of Opening of Bid | : | 11.00 AM of Dt.30.04.2021 |

**Sd./- Executive Officer, Notified Area Council, Khariar**
**OIPR-13136/11/0003/2122**

**THE ODISHA STATE POLICE HOUSING & WELFARE CORPORATION LTD.**
**(A Government of Odisha Undertaking)**
**JANAPATH, BHOINAGAR, BHUBANESWAR-22**
**Ph.: -0674-2541545, 2542921, Fax: 0674-2541543,**
**E-mail: ophwc.od@nic.in, Website: www.ophwc.nic.in**
**e-procurement Notice No.-01/OPHWC/2020-21**

No. CAD-114:- **INVITATION FOR BIDS (IFB)**

| | | | |
|---|---|---|---|
| 1 | The Chief Engineer (OSPH&WC), Odisha, Bhubaneswar invites percentage rate bid in double cover system in ONLINE MODE only, for the work as detailed below: | | |
| 2 | Nature of work | : | Building Works |
| 3 | No. of works | : | 11 Nos. |
| 4 | Bid cost | : | Rs.11,800/- (To be paid online) |
| 5 | Value of tender | : | Rs.50.00 lakhs to Rs.10.00 Cr. |
| 6 | Class of contractor | : | 'B' Class to 'Super' Class |
| 7 | Availability of bid documents in the website | : | Dt. 23.04.2021 to Dt.10.05.2021 |
| 8 | Last date / time of receipt of bids in the portal | : | Dt.10.05.2021 upto 5.00 P.M. |
| 9 | Date of opening bid | : | Dt. 11.05.2021 at 11.30 A.M. |
| 10. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website. | | |

**Sd./- Chief Engineer (OSPH&WC), Odisha**

N.B.: The quoted rate should be all inclusive but excluding G.S.T. as applicable under works contract.

OIPR-12025/11/0003/2122

**PANCHAYAT SAMITI, BARIPADA**
**TENDER CALL NOTICE**
**BID Identification No.: 01/2021-22/BDO, BARIPADA**

No. i-17:- Name of work, **"Construction of 8 nos. of Model AWC under Baripada Block"**

| | |
|---|---|
| Date of Receipt of Tender: | 15.04.2021, 10.00 AM to 29.04.2021 5.00 PM |
| Date of Opening of Tender: | 30.04.2021, 9.00 AM |

The details are uploaded in the district website **www.mayurbhanj.nic.in.**

**Sd./- Block Development Officer, Baripada**
**OIPR-19109/11/0003/2122**

**INTEGRATED TRIBAL DEVELOPMENT AGENCY, KORAPUT**

**Phone & Fax No. 06852 251345 // E-Mail id: paitdakpt@nic.in**
No.1530/VI-113/21 Date: 15.04.2021

**EXPRESSION OF INTEREST**

No. CAD-110:- Expression of Interest is hereby invited from the intending Firms/Agencies/Manufacturers having past experience to quote their rates for 1. Installation of Multifarious Aromatic Oil Extraction Unit (Black Pepper, Ginger, Nagarmutha, Lemongrass, Curry Leaf, Citader, Vertiver, Turmeric etc .) at Kundar village (Ledriguda Hamlet under Laxmipur Block) & 2. Installation of Lemongrass Oil Processing Unit at Padeiput in A. Malkangiri G.P. under Dasamanthpur Block as per the terms and conditions **(Available in the Website www.koraput.nic.in / Office Notice Board)** which should reach to the **Office of the Project Administrator, ITDA, Koraput** in between **15.04.2021 to 30.04.2021 (Up to 5.30 P.M ) (Through Registered Post & Speed Post) only, which will be opened on 03.05.2021 at 11.00 A.M by the purchase Committee.**

**Sd./- Collector-cum-Chairman, ITDA, Koraput**
**OIPR-19070/11/0001/2122**

**ଭୁବନେଶ୍ୱର ମହାନଗର ନିଗମ**
ଫୋନ୍: ୦୬୭୪-୨୪୩୧୨୫୩; ଫାକ୍ସ: ୦୬୭୪-୨୪୩୨୮୯୫
ଇମେଲ୍: info@bmc.gov.in; ୱେବ୍: bmc.gov.in

No. 25912 DATE: 16.04.2021

**ନିବେଦନ**

No. C-114:- କେତେକ ସମ୍ବାଦପତ୍ରରେ ପ୍ରକାଶିତ ଖବରରୁ ଜାଣିବାକୁ ମିଳିଛି ଯେ, ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ହୋଲ୍ଡିଂ ଟ୍ୟାକ୍ସ ଜନିତ ମାମଲା (ଡବ୍ଲ୍ୟୁ ପି ସି ନଂ.-୯୯୨୯/୨୦୨୦) ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କ ଅଧୀନରେ ବିଚାରାଧୀନ ଥିବାରୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ପୁରାତନ ଦର ହିସାବରେ ମହାନଗର ନିଗମକୁ ହୋଲ୍ଡିଂ ଟ୍ୟାକ୍ସ ଦେବାକୁ କୁହାଯାଇଛି । କିନ୍ତୁ, ଅନ୍‌ଲାଇନ୍‌ରେ ହୋଲ୍ଡିଂ ଟ୍ୟାକ୍ସ ବର୍ଦ୍ଧିତ ଦରରେ ଉପଲବ୍ଧ ଥିବାରୁ କିଛି ନାଗରିକ ବର୍ଦ୍ଧିତ ଦରରେ ହୋଲ୍ଡିଂ ଟ୍ୟାକ୍ସ ଦେଉଛନ୍ତି ।

ତେବେ ଏହି ପରିପ୍ରେକ୍ଷୀରେ ଆମେ କହିରଖୁଛୁ ଯେ, ବେଞ୍ଚମାର୍କ ମୂଲ୍ୟାୟନ ୨୦୧୯କୁ ଭିତ୍ତି କରି ବିଏମ୍‌ସି ସୀମା ମଧ୍ୟରେ ଥିବା ପ୍ରାୟ ଏକ ଲକ୍ଷ ଦଶ ହଜାର ହୋଲ୍ଡିଂର ବର୍ଦ୍ଧିତ ଆକଳନ ହୋଇସାରିଛି, ଯାହା ନିର୍ଦ୍ଦିଷ୍ଟ ପୋର୍ଟାଲ୍‌ରେ ଚଢ଼ାଇ ଦିଆଯାଇଛି । ଏହାକୁ ବର୍ତ୍ତମାନ ସଂଶୋଧନ କରିବା ସମ୍ଭବ ନୁହେଁ କାରଣ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କ ଅଦାଲତରେ ଉକ୍ତ ହୋଲ୍ଡିଂ ଟ୍ୟାକ୍ସ ମାମଲା ବିଚାରାଧୀନ ରହିଛି, ଯାହାକି ମାନ୍ୟବର ଅଦାଲତଙ୍କ ଚୂଡ଼ାନ୍ତ ରାୟ ଆସିବା ପରେ ଏହାକୁ ଭିତ୍ତି କରି ଆକଳନ ଦରକୁ ସଂଶୋଧନ କରାଯିବ । ତେଣୁ ଟିକସ ହାରକୁ ବାରମ୍ବାର ସଂଶୋଧନ କରିବାକୁ ପଡ଼ିବ ନାହିଁ ।

ଏଣୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଉଅଛି କି, ଆପଣମାନେ ବର୍ତ୍ତମାନ ପୁରୁଣା ଦରରେ ସମ୍ପୃକ୍ତ ୱାର୍ଡ ଅଫିସରଙ୍କୁ ନଗଦ ଟଙ୍କା କିମ୍ବା ଚେକ୍‌ରେ ଅଥବା ବିଏମ୍‌ସି ଦ୍ୱାରା ନିୟୋଜିତ ଏସ୍‌ଏଚ୍‌ଜିଙ୍କୁ ଚେକ୍ ଦ୍ୱାରା ହୋଲ୍ଡିଂ ଟ୍ୟାକ୍ସ ଦିଅନ୍ତୁ ।

**ସ୍ୱା./- ଉପ ଆୟୁକ୍ତ (ରାଜସ୍ୱ)**
**ଭୁବନେଶ୍ୱର ମହାନଗର ନିଗମ**
OIPR-13002/11/0013/2122

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, ODISHA, BHUBANESWAR**
**(E-Mail address – cerw_bbsr@yahoo.com)**
**Lr.No.12096 // Dt. 13.04.2021**
**"e" Procurement Notice for bridge work in Odisha**
**1st corrigendum to Online-01 (Bridge)/2021-22 dt. 05.04.2021**

No.O-71:- 1. Name of the work : Construction of bridge work (Balance work). 2. Total No. of works : 01 (One) No. 3. Estimated cost : Rs 1254.94 lakh. 4. Class of contractor : Special & Super Class. 5. Period of completion : 24 (Twenty Four) calendar months. 6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer (Buildings), Rural Works, Odisha, Bhubaneswar | Online-01 (Bridge) / 2021-22 | 01 (One) No. | 23.04.2021 at 11.00 A.M. | 13.05.2021 upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in

**Sd./- Chief Engineer (Buildings), Rural Works, Odisha, Bhubaneswar**
OIPR-25123/11/0002/2122

**GOVERNMENT OF ODISHA** **No. C-113**
**OFFICE OF THE EXECUTIVE ENGINEER, P.H. DIVISION, BALANGIR**
**Ph. No. (06652-234647), Email ID: eephbgr@yahoo.co.in**
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. EE PH BGR 03/2021-22 Dt.13.04.2021**

| | | |
|---|---|---|
| 01. Name of the Work | : | Supply of ISI Marked DI (K-7) pipes for "Provision of Water Supply to R.R. Colony at Larkipali and Sadeipali of Lower Suktel Irrigation Project" |
| 02. Estimated Cost | : | Rs.68.75 lakhs |
| 03. Period of Completion | : | 2 (Two) Calendar Months |
| 04. Date & Time of availability of bid document in the portal | : | From 11.00 A.M. of Dt.20.04.2021 to 5.00 P.M. of Dt.30.04.2021 |
| 05. Last date/time of receipt of bids in the portal | : | 5 P.M. of Dt.30.04.2021 |
| 06. Date & time of Opening of Bids | : | At11.30 A.M. of Dt.01.05.2021 |
| 07. Name and address of the Officer Inviting Bid | : | Executive Engineer, P.H. Division, Balangir, At: Tulsinagar, Dist.-Balangir - 767001 |

Further details can be seen from the website **http://tenders.ori.nic.in or www.tendersorissa.gov.in**.

**Sd./- Executive Engineer, P.H. Division, Balangir**
**OIPR13005/11/0003/2122**

**ODISHA ADARSHA VIDYALAYA SANGATHAN**
**N-1/9, NAYAPALLI, PO.- SAINIK SCHOOL, BHUBANESWAR - 751005**

**NOTICE TO THE SHORTLISTED CANDIDATES FOR INTERVIEW**

**No. n-06:-** Reference to the detailed advertisement No. 01/2020 published on the website and in the newspapers, EdCIL (India) ltd. on behalf of Odisha Adarsha Vidyalaya Sangathan under the School & Mass Education Department, Government of Odisha has planned to conduct the Interviews from **23rd April to 30th April, 2021** for the shortlisted candidates who are found provisionally eligible after the Computer Based Tests for the post of **Principal, TGT Math, TGT Social Studies, TGT English, TGT Odia, TGT Science, PGT English, PGT Chemistry, PGT Biology, PGT Physics, PGT Math, PET & Computer Teacher** held from 25th, 29th and 30th January, 2021 subject to verification of their original documents and also fulfilling the eligibity conditions as mentioned in the advertisement.

Accordingly, SMS and E-mail intimation for interview has been sent to shortlisted candidates in their registered email-Id's. The schedule of the Interview and the list of shortlisted candidates are also available in the OAVS website. Candidates can download their call letters for interview from the link which will be provided in the website http://www.oav.edu.in.

The call letters for the interviews to the shortlisted candidates for all categories of posts are "Purely Provisional" subject to subsequent verification of original documents and also fulfilling the eligibility conditions as advertised at the time of interview. In case any shortlisted candidate do not receive the email intimation or unable to download the Interview call letter, he/she may report at the Interview venue as per their Interview Schedule along with original educational testimonials / certificates and experience certificates, NOC (if applicable) etc. The venue for interview is: Prasar Bharati, National Academy of Broadcasting & Multimedia, All India Radio and Doordarshan, Chandrashekharpur, OMFED Square, Bhubaneswar - 751017.

It is mandatory to use mask, sanitizer and maintain social distancing following COVID-19 guideline during interview by the candidates.

OAVS does not conduct the CBT Exam or CBT evaluation which is done by EdCIL, GOI, PSU on behalf of OAVS.

For latest updates, please visit OAVS website regularly i.e. http://www.oav.edu.in.

The schedule of interview may be changed in case of any orders of the Government in view of COVID-19 situation in the State. This will be informed on website.

**Sd./- State Project Director**
OIPR-27029/11/0001/2122

See Career Appointment on every **Wednesday & Saturday**

**ORISSA WATER SUPPLY AND SEWERAGE BOARD**
**3rd FLOOR, UNNATI BHAWAN, SATYANAGAR, BHUBANESWAR-7**
**e-mail: ce.septage@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**

No.A-40:- **Invitation For Bids (IFB) Dtd.15.04.2021**

| Sl. No. | Name of work | Bid reference No. | Estimated cost excluding GST (Rs.in Lakh) |
|---|---|---|---|
| 1 | Construction, Testing, Commissioning & Trial Run of Septage Treatment Facility (10 KLD) each in Bhanjanagar Town & Bellaguntha Town of Ganjam District, Odisha. | 03 (01) / CESEPTAGE / 2021-22 Dt.15.04.2021 | 529.81 |
| 2 | Construction, Testing, Commissioning & Trial Run of Septage Treatment Facility (10 KLD) each in Buguda Town and Kodala Town of Ganjam District, Odisha. | 03 (02) / CESEPTAGE / 2021-22 Dt.15.04.2021 | 539.80 |
| 3 | Construction, Testing, Commissioning & Trial Run of Septage Treatment Facility in Chikiti Town (10 KLD) of Ganjam District and Koraput Town (20 KLD) of Koraput District, Odisha. | 03 (03) / CESEPTAGE / 2021-22 Dt.15.04.2021 | 558.21 |
| 4 | Construction, Testing, Commissioning & Trial Run of Septage Treatment Facility (20 KLD) in Jajpur Town of Jajpur District, Odisha | 03 (04) / CESEPTAGE / 2021-22 Dt.15.04.2021 | 307.89 |

- Period of completion for works at Sl. No. 1 to 4: Construction : 06 months, Trial Run and O&M: 1 Month.
- Availability of bid document for online bidding for each work: From Dt.23.04.2021 (16.00 hrs.) to Dt.11.05.2021 (17.00 hrs.)
- Name & address of Officer Inviting Bid: Chief Engineer (Septage), OWSSB, 3rd Floor, Unnati Bhawan, Satyanagar, Bhubaneswar-7, E-mail: ce.septage@gmail.com.
- Further details can be seen from the e-Procurement portal https://www.tendersodisha.gov.in.
- Corrigendum, Clarification, if any for the above works shall be uploaded in the website only intending bidders are urged to visit the above website regularly to keep themselves updated.

OIPR-13007/11/0001/2122 **Sd./- Chief Engineer (Septage)**

**ତହସିଲ କାର୍ଯ୍ୟାଳୟ, ପରଜଙ୍ଗ, ଜିଲ୍ଲା - ଢେଙ୍କାନାଳ**
ବିଜ୍ଞାପନ ସଂଖ୍ୟା 1049/ତାରିଖ ୧୨.୦୪.୨୦୨୧

**ଲଘୁ ଖଣିଜ ସକାଶେ ଦୀର୍ଘ ମିଆଦୀ ଲିଜ୍ ଇସ୍ତାହାର**

No. F-18:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ପରଜଙ୍ଗ ତହସିଲ, ଜିଲ୍ଲା – ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ପରଜଙ୍ଗଙ୍କ ଦ୍ୱାରା ତା.୧୧.୦୫.୨୦୨୧, ତା.୧୮.୦୫.୨୦୨୧ ଓ ତା.୨୫.୦୫.୨୦୨୧ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ପୂର୍ବାହ୍ନ ୯ ଘଟିକା ସମୟରେ ନିଲାମ କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.inରେ ଉପଲବ୍ଧ ହେବ ।

ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସ, ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ୧୦.୦୫.୨୦୨୧, ୧୭.୦୫.୨୦୨୧ ଓ ୨୪.୦୫.୨୦୨୧ ତାରିଖ ୧ ଘଟିକା ୩୦ ମିନିଟ୍ ପର୍ଯ୍ୟନ୍ତ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣ ଯୋଗ୍ୟ ହେବନାହିଁ ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

**ସ୍ୱା./- ତହସିଲଦାର, ପରଜଙ୍ଗ**
OIPR-24114/11/0001/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, SAMBALPUR**
**Tel.: 0663-2548268, E-mail id: serwcirclesbp@yahoo.com**

**No. 971** **e-Procurement** **Dated: 13.04.2021**

No. O-50: Superintending Engineer, Rural Works Circle, Sambalpur on behalf **Odisha State Rural Roads Agency** invites **Percentage (%)** bids through e-Procurement from eligible class of experienced bidders for construction of roads and CD works including maintenance for 5 years of rural roads under **Pradhan Mantri Gram Sadak Yojana, PMGSY-III, Batch-II (2021-22)**.

| | | | |
|---|---|---|---|
| 1 | Name of work | : | Construction of road and CD works including five years maintenance under PMGSY-III, Batch-II (2021-22) |
| 2 | Class of Contractor | : | As per Annexure (Information in DTCN will be Final) |
| 3 | No. of Packages | : | 06 Nos. of Package |
| 4 | Estimated Cost | : | Varies from Rs.666.33 lakh to Rs.1772.12 lakh (Information in DTCN will be Final) |
| 5 | Bid submission fee | : | Rs.10,000/- (Non-refundable) per set of package |
| 6 | Mode of submission of tender | : | Only through online in website **www.pmgsytenders.gov.in**. |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of Tender Online for Bidding | | Last date & time for seeking clarification | Last date and time of submission of Original documents | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| Superintending Engineer, Rural Works Circle, Sambalpur | PMGSY-Online-RWCSBP- 04/2021 | 16.04.2021 From 11.00 A.M. | 06.05.2021 upto 05.00 P.M. | 05.05.2021 upto 04.00 P.M. | 11.05.2021 By 5.00 P.M. | 07.05.2021 at 11.00 A.M. | 17.05.2021 at 11.00 |

***Special Conditions** 1. EMD - 2% of the amount put to tender as per DTCN., 2. EPF registration is mandatory before drawl of agreement., 3. Rate quoted by the contractor shall be excluding GST., 4. Original EMD, Bid submission fee and original affidavits should be submitted at the O/o. Superintending Engineer, Rural Works Circle, Sambalpur **OR** O/o. Executive Engineer of Concern Rural Works Division.

* Details can be seen from the e-procurement portal **www.pmgsytenders.gov.in**.

* Subsequent modification/corrigendum/addendum if required shall be appeared in the website only.

**Superintending Engineer, Rural Works Circle, Sambalpur**
**OIPR-25091/11/0003/2122**

**GOVT. OF ODISHA**
**OFFICE OF THE SUPERINTENDING ENGINEER, RURAL WORKS CIRCLE, SUNDARGARH**
**Email ID: serw_sundargarh@gmail.com**

**No. O-68** **Bid Identification No. Online-PMGSY/RWSESNG-02 of 2021-22**
**No. 1340 // Date: 15.04.2021**

| | | |
|---|---|---|
| 1. Name of the Work | : | Construction of Road & CD works under PMGSY Programme |
| 2. Total No. of Packages | : | 5 Nos. individual package (Road with Bridge) |
| 3. Estimated Cost of Individual Packages | : | Varies from Rs.384.74 to Rs.1125.51 lakh |
| 4. Period of Completion | : | 12 Calendar Months for works above Rs.5.00 Cr. & 11 Calendar Months for works below Rs.5.00 Cr. upto Rs.3.00 Cr. and 9 Calendar Months for works below Rs.3.00 Cr. as specified in DTCN. |
| 5. Other Details | : | |

| Procurement Officer | Bid Identification No. | No. of Packages | Availability of tender Online for Bidding | | Date & Time of Technical Bid Opening | Date & Time of Financial Bid Opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | PMGSY/ RWSESNG-02 of 2021-22 | 5 Nos. | 19.04.2021 at 11.00 A.M. | 06.05.2021 upto 5.00 P.M. | 07.05.2021 at 11.00 A.M. | 17.05.2021 at 11.00 A.M. |

- Further details can be seen from the website: **www.pmgsytenders.gov.in**.

**OIPR-25133/11/0003/2122** **Sd./- Superintending Engineer, Rural Works Circle, Sundargarh**

# କିଙ୍ଗ୍ସ ଲଢ଼େଇରେ ଚେନ୍ନାଇ ଜିତ୍

**ମୁମ୍ବାଇ,୧୬।୪**

ଆଇପିଏଲର ଶୁକ୍ରବାର ଅନୁଷ୍ଠିତ କିଙ୍ଗ୍ସ ଲଢ଼େଇରେ ଚେନ୍ନାଇ ସୁପରକିଙ୍ଗ୍ସ ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଯୁବ ଦ୍ରୁତ ବୋଲର ଦୀପକ ଚହରଙ୍କ ଚମତ୍କାର ବୋଲିଂ ବଳରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ଚଳିତ ଆଇପିଏଲରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଲୋ ସ୍କୋରିଂ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୦ ଓଭରରେ ୮ ଉଇକେଟ ହରାଇ ୧୦୬ ରନ କରିଥିଲା। ଜବାବରେ ଚେନ୍ନାଇ ୧୫.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

୧୦୭ ରନ ଛୋଟିଆ ଟାର୍ଗେଟର ପିଛା କରି ଚେନ୍ନାଇ ୨୪ ରନରେ ପ୍ରଥମ ଉଇକେଟ ହରାଇଥିଲା। ଯୁବ ଓପନର ଋତୁରାଜ ଗାଏକ୍ୱାଡ ୫ ରନ କରି ଅର୍ଶଦୀପ ସିଂଙ୍କ ବଲ୍‌ରେ ଡିପ୍ ମିଡ୍ ଉଇକେଟରେ ଦୀପକ ହୁଡାଙ୍କୁ କ୍ୟାଚ୍ ଦେଇଥିଲେ। ଦ୍ୱିତୀୟ ଉଇକେଟରେ ଫାଫ ଡୁପ୍ଲେସି ଓ ମୋଇନ ଅଲି ୪୬ ବଲରୁ ଦ୍ରୁତ ୬୬ ରନ ସଂଗ୍ରହ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ତେବେ ମୋଇନ ୩୧ ବଲରୁ ୭ ଚୌକା ଓ ୧ ଛକା ସହ ୪୬ ରନକରି ମୁରୁଗାନ ଅଶ୍ୱିନଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ଶାହାରୁଖ ଖାଁଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ସୁରେଶ ରାଇନା ୮ ରନକରି ମହମ୍ମଦ ସାମିଙ୍କ ବାଉନ୍ସରରେ କିପର ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପର ବଲ୍‌ରେ ସାମି ଅମ୍ବାତି ରାୟୁଡୁଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ରାୟୁଡୁ ବିନା ସ୍କୋରରେ କଭରରେ ନିକୋଲାସ ପୁରନଙ୍କୁ କ୍ୟାଚ୍ ଦେଇଥିଲେ। ଫଳରେ ୧୦୦ ରନ ଭିତରେ ଚେନ୍ନାଇ ୪ ଉଇକେଟ ହରାଇଥିଲା। ଶେଷରେ ଡୁପ୍ଲେସି ୩୬ (୩୩ ବଲ, ୩ ଚୌକା, ୧ ଛକା) ଓ ସାମ କୁରାନ ୫ ରନକରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ପଞ୍ଜାବ ପକ୍ଷରୁ ସାମି ୨, ଅର୍ଶଦୀପ ଓ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ୨୬ ରନରେ ଟପ୍ ଅର୍ଡରର ୫ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା ଓ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଚେନ୍ନାଇ ଦ୍ରୁତ ବୋଲର ଦୀପକ ଚହରଙ୍କ ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲେ ପଞ୍ଜାବ ବ୍ୟାଟ୍ସମ୍ୟାନ। ୪ ଓଭର ବୋଲିଂ କରି ମାତ୍ର ୧୩ ରନ ବ୍ୟୟ କରି ଦୀପକ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିଥିଲେ। ସେ ଗୋଟିଏ ମେଡେନ ଓଭର ମଧ୍ୟ ନେଇଥିଲେ। ଦଳର ଟପ୍ ଅର୍ଡର ୫ଜଣ ବ୍ୟାଟ୍ସମ୍ୟାନ ମିଳିତ ଭାବେ ମାତ୍ର ୨୫ ରନ ସଂଗ୍ରହ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ଚହର।

ଓପନର ମୟଙ୍କ ଅଗ୍ରୱାଲ ଖାତା ଖୋଲିବା ପୂର୍ବରୁ ଦୀପକଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅଧିନାୟକ ଲୋକେଶ ରାହୁଲ ୫ ରନ କରି ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଦଳ ତରଫରୁ ଶାହରୁଖ ଖାଁ ୩୬ଟି ବଲ୍ ଖେଳି ୪ ଚୌକା ଓ ୨ ଛକା ସହ ସର୍ବାଧିକ ୪୭ ରନ ସଂଗ୍ରହ କରିଥିଲେ। ସେହିପରି ଝେ ରିଚାର୍ଡସନ ୧୫ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଷଷ୍ଠ ଉଇକେଟରେ ଶାହରୁଖ ଓ ରିଚାର୍ଡସନ ୩୬ ବଲରୁ ୩୧ ଓ ସପ୍ତମ ଉଇକେଟରେ ଶାହୁରଖ ଓ ମୁରୁଗାନ ଅଶ୍ୱିନ ୨୮ ବଲରୁ ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଦୀପକ ସର୍ବାଧିକ ୪, ସାମ କୁରାନ, ମୋଇନ ଅଲି ଓ ଡ୍ୱେନ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦୀପକ ଚହର ଚମତ୍କାର ବୋଲିଂ ନିଜ ୪ ଓଭର ସ୍ପେଲରେ ଗୋଟିଏ ମେଡେନ ନେବାସହ କରି ମୟଙ୍କ, ଗେଲ୍, ଦୀପକ ହୁଡା ଓ ପୁରନଙ୍କୁ ଆଉଟ କରିଥିଲେ। ଉଭୟ ଦଳରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୦୬/୮ (ଶାହରୁଖ- ୪୭, ଦୀପକ ଚହର- ୪/୧୩, ସାମ୍ କୁରାନ- ୧/୧୨, ମୋଇନ ଅଲି- ୧/୧୭, ଡ୍ୱେନ ବ୍ରାଭୋ- ୧/୧୦)।

ଚେନ୍ନାଇ ସୁପର କିଙ୍ଗ୍ସ ୧୫.୪ ଓଭରରେ ୧୦୭/୪ (ମୋଇନ- ୪୬, ଡୁପ୍ଲେସି- ୩୬*, ସାମି- ୨/୨୧, ଅର୍ଶଦୀପ- ୧/୭, ମୁରୁଗାନ ଅଶ୍ୱିନ- ୧/୩୨)।

**ଆଜିର ମ୍ୟାଚ**

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ସନ୍‌ରାଇଜର୍ସ ହାଇଦ୍ରାବାଦ



ସ୍ଥାନ : ଚେନ୍ନାଇ
ସମୟ : ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୪ | +୦.୧୭୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୨ | ୧ | ୧ | ୨ | +୦.୬୧୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୧ | ୧ | ୨ | +୦.୨୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୧ | ୧ | ୨ | +୦.୧୯୫ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୦.୦୫୨ |
| ନାଇଟ ରାଇଡର୍ସ | ୨ | ୧ | ୧ | ୨ | ୦.୦୦୦ |
| ପଞ୍ଜାବ କିଙ୍ଗ୍ସ | ୨ | ୧ | ୧ | ୨ | -୦.୯୦୯ |
| ସନ୍‌ରାଇଜର୍ସ | ୨ | ୦ | ୨ | ୦ | -୦.୪୦୦ |

# ଧୋନୀ, ରାଇନାଙ୍କୁ ସ୍ୱତନ୍ତ୍ର ଗୀତ ଉତ୍ସର୍ଗ କଲେ ରହମାନ


ଏ.ଆର୍. ରହମାନ, ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା।

**ଚେନ୍ନାଇ,୧୬।୪**

ଓସ୍କାର ବିଜେତା ସଙ୍ଗୀତକାର ଏ.ଆର. ରହମାନ ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ୨୦୦୧ର ଫିଲ୍ମ 'ଲଗାନ'ର ଲୋକପ୍ରିୟ ଗୀତ 'ଚଲେ ଚଲୋ' ଗୀତ ଉତ୍ସର୍ଗ କରିଛନ୍ତି। ସେହିପରି ଚେନ୍ନାଇର ତାରକା ବ୍ୟାଟ୍ସମ୍ୟାନ ସୁରେଶ ରାଇନାଙ୍କୁ ୧୯୯୫ର ବଲିଉଡ ସିନେମା 'ରଙ୍ଗିଲା'ର ହିଟ୍ ଗୀତ 'ମାଙ୍ଗତା ହେ କ୍ୟା' ଉତ୍ସର୍ଗ କରିଛନ୍ତି। ଏହି ଦୁଇଟି ଫିଲ୍ମରେ ରହମାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏକାଠି ଖେଳିବା ପାଇଁ ଓ ଚେନ୍ନାଇର ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ରହମାନ ଏହି ଦୁଇଟି ଗୀତ ଦୁଇ ତାରକା ଖେଳାଳିଙ୍କୁ ଉତ୍ସର୍ଗ କରିଛନ୍ତି ବୋଲି କହିଛନ୍ତି। ବାଙ୍ଗାଲୋର ଯେତେବେଳେ ଯାଇଥାଏ ସେଠାରେ ଲୋକେ ରଙ୍ଗିଲାର ଗୀତ ଶୁଣିଥିବାର ଲକ୍ଷ୍ୟ କରିଛି ବୋଲି ରହମାନ କହିଛନ୍ତି।

ଏହାପୂର୍ବରୁ ଧୋନୀ ୪ କିମ୍ବା ୫ ନମ୍ବରରେ ବ୍ୟାଟିଂ କରିବା ଉଚିତ ବୋଲି ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର କହିଛନ୍ତି। ଏହାପରେ ଧୋନୀ ବ୍ୟାଟିଂ କଲେ କୌଣସି ଫାଇଦା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଧୋନୀ ସାଧାରଣତଃ ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥାନ୍ତି। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ ବିପକ୍ଷରେ ସେ ୨ଟି ବଲ୍ ଖେଳି ଖାତା ଖୋଲିପାରି ନ ଥିଲେ। ୧୮୯ ରନ ସଂଗ୍ରହ କରିଥିଲେ ମଧ୍ୟ ଚେନ୍ନାଇ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ପରାସ୍ତ ହୋଇଥିଲା। ଧୋନୀ ମଧ୍ୟ ନିଜ ସ୍ୱାଭାବିକ ଢଙ୍ଗରେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ଉପରେ ଧ୍ୟାନ ଦେବା ଉଚିତ ବୋଲି ଗମ୍ଭୀର କହିଛନ୍ତି।

# ସମସ୍ତ କ୍ରୀଡ଼ା ଛାତ୍ରାବାସ ୧୯ରୁ ବନ୍ଦ

**ଭୁବନେଶ୍ୱର, ୧୬।୪(କ୍ରୀଡ଼ା ପ୍ରତିନିଧି)**

କୋଭିଡ୍-୧୯ ସଂକ୍ରମଣ ସଂଖ୍ୟା ଦିନକୁଦିନ ବଢ଼ୁଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଚଳିତ ମାସ ୧୯ ତାରିଖରୁ ସମସ୍ତ କ୍ରୀଡ଼ା ଛାତ୍ରାବାସ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ପରିସ୍ଥିତିରେ ସୁଧାର ଆସିଲେ ଏହାକୁ ପୁଣି ଖୋଲିବାକଥା ଚିନ୍ତା କରାଯିବ। ସମସ୍ତ ଅନ୍ତେବାସୀ ଯେପରି ସୁରୁଖୁରୁରେ ଘରକୁ ଯାଇପାରିବେ ତା'ର ଦାୟିତ୍ୱ ଇନ୍-ଚାର୍ଜଙ୍କ ଉପରେ ନ୍ୟସ୍ତ କରାଯାଇଛି। ଛୋଟ ପିଲାମାନଙ୍କୁ ଘରକୁ ନେଇଯିବାକୁ ଅଭିଭାବକମାନଙ୍କୁ ସୂଚିତ କରାଇ ଦିଆଯାଇଛି। ତେବେ କ୍ରୀଡ଼ା ଛାତ୍ରାବାସ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ସେମାନଙ୍କ ହଷ୍ଟେଲରେ ଉପସ୍ଥିତ ରହି କ୍ରୀଡ଼ା ସମ୍ପର୍କିତ କର୍ମଶାଳା ଏବଂ କୋଚ୍ ଉନ୍ନୟନ ପ୍ରୋଗ୍ରାମ କରିବେ। ''ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟକୁ ଆମେ ପ୍ରାଥମିକତା ଦେଉଛୁ। ସେମାନେ ଯେପରି ସୁରକ୍ଷିତ ଭାବେ ଘରକୁ ଫେରିପାରିବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ହଷ୍ଟେଲରୁ ବାହାରେ ରହିଲେ ହେଁ ପିଲାମାନେ ଯେପରି କୋଭିଡ୍-୧୯ ଗାଇଡ୍‌ଲାଇନ ମାନି ଚଳିବେ ସେ ସମ୍ପର୍କରେ ଇନ୍-ଚାର୍ଜମାନେ ସେମାନଙ୍କୁ ଭର୍ଚୁଆଲ ମୋଡ୍‌ରେ ଅବଗତ କରାଇବେ। ସ୍ଥିତିରେ ସୁଧାର ଆସିଲେ ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ ଏବଂ ଏ ସମ୍ପର୍କରେ ପିଲାମାନଙ୍କୁ ବହୁ ପୂର୍ବରୁ ଅବଗତ କରାଇ ଦିଆଯିବ'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି।

# ଅଲିମ୍ପିକ୍ସରେ ଭାଗ ନେବେନି କୋଲମ୍ୟାନ

**ଜେନେଭା, ୧୬।୪ (ଏପି):** ଆମେରିକାନ୍ ସ୍ପ୍ରିଣ୍ଟର କ୍ରିଷ୍ଟିଆନ୍ କୋଲମ୍ୟାନ ଅଲିମ୍ପିକ୍ସରେ ଭାଗ ନେଇପାରିବେ ନାହିଁ। ଜାଣିଶୁଣି ଡୋପିଂ ଟେଷ୍ଟ ଦେଇ ନ ଥିବାରୁ ତାଙ୍କ ଉପରେ ୧୦୦ମିଟର ବିଶ୍ୱଚାମ୍ପିୟନଙ୍କୁ ୨ବର୍ଷ ବାସନ୍ଦ କରାଯାଇଥିଲା। ତାହାକୁ ଉଠାଇବା ଲାଗି ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଅପିଲ କରିଥିଲେ। କୋର୍ଟ ଏହାର ପରିମାଣ ୧୮ ମାସ ହ୍ରାସ କରିଛନ୍ତି, ଯାହା ଆସନ୍ତା ନଭେମ୍ବର ମାସ ପର୍ଯ୍ୟନ୍ତ ରହିବ। ଅର୍ଥାତ ସେତେବେଳକୁ ଅଲିମ୍ପିକ୍ସ ଶେଷ ହେବାର ୩ ମାସ ପୂରଣ ହୋଇଯାଇଥିବ। ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ ଦ୍ୱାରା ୨ ବର୍ଷ ବାସନ୍ଦ ଦଣ୍ଡ ବିରୋଧରେ କୋଲ୍‌ମ୍ୟାନ ଗତ ଅକ୍ଟୋବରରେ ଚ୍ୟାଲେଞ୍ଜ କରିଥିଲେ।

# ସୋମବାର ଷ୍ଟୋକ୍ସଙ୍କ ଅସ୍ତ୍ରୋପଚାର

**ଲଣ୍ଡନ, ୧୬।୪(ପି.ଟି.)**

ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ବାମହାତ ବିଶି ଅଙ୍ଗୁଳିରେ ଅସ୍ତ୍ରୋପଚାର ଆସନ୍ତା ସୋମବାର ହେବ। ଫଳରେ ସେ ଅତିକମ୍‌ରେ ୧୨ ସପ୍ତାହ ପାଇଁ କ୍ରିକେଟରୁ ଦୂରେଇ ରହିବେ। ଦ୍ୱିତୀୟ ଥର ପାଇଁ ଏକ୍ସ-ରେ ଓ ସିଟି ସ୍କାନରୁ ଜଣାପଡ଼ିଛି ଯେ ଷ୍ଟୋକ୍ସଙ୍କ ବାମହାତ ବିଶି ଅଙ୍ଗୁଳି ଭାଙ୍ଗିଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଫିଲ୍ଡିଂ ବେଳେ ସେ ଆଘାତ ପାଇଥିଲେ। ଏବେ ସେ ନିଜ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ସହ ଭାରତରେ ଅଛନ୍ତି। ଶନିବାର ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ''ସୋମବାର ଲିଡ୍ସରେ ଷ୍ଟୋକ୍ସଙ୍କ ଅଙ୍ଗୁଳି ଅସ୍ତ୍ରୋପଚାର ହେବ। ଫଳରେ ସେ ୧୨ ସପ୍ତାହ ଖେଳିପାରିବେନି'' ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଶୁକ୍ରବାର ଏକ ବିବୃତିରେ ପ୍ରକାଶ କରାଯାଇଛି। ଗତ ସୋମବାର ପଞ୍ଜାବ କିଙ୍ଗ୍ସର କ୍ରିସ୍ ଗେଲ୍‌ଙ୍କ କ୍ୟାଚ ଧରିବା ଅବସରରେ ସେ ଆହତ ହୋଇଥିଲେ। ଫଳରେ ସେ ସମ୍ପୂର୍ଣ୍ଣ ଆଇପିଏଲରୁ ଓହରିବାକୁ ବାଧ୍ୟ ହୋଇଥିଲେ।




# କରୋନାରୁ ଆରୋଗ୍ୟ ହେଲେ ହରମନପ୍ରୀତ୍

**ନୂଆଦିଲ୍ଲୀ, ୧୬।୪ (ପି.ଟି.):** ଭାରତୀୟ ମହିଳା ଟି୨୦ କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ୍ କୌର କରୋନାରୁ ଆରୋଗ୍ୟ ଲାଭ କରିଥିବା ନିଜେ ଶୁକ୍ରବାର ଘୋଷଣା କରିଛନ୍ତି। ଗତ ମାର୍ଚ୍ଚ ୩୦ରେ ହୋଇଥିବା କୋଭିଡ୍ ଟେଷ୍ଟରେ ହରମନପ୍ରୀତ ପଜିଟିଭ ଥିବା ଜଣାପଡ଼ିଥିଲା। ଦୁଇ ସପ୍ତାହ ପରେ ତାଙ୍କର ଆର୍‌ଟି-ପିସିଆର୍ ରିପୋର୍ଟ ନେଗେଟିଭ୍ ଆସିଛି। ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି। ହରମନପ୍ରୀତ୍ ତାଙ୍କର ଏକ ବର୍ତ୍ତାରେ କହିଛନ୍ତି, କରୋନା ଏକ ବିପଜ୍ଜନକ ଭୂତାଣୁ ହୋଇଥିବାରୁ ଆମ ସମସ୍ତଙ୍କୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଧାର୍ଯ୍ୟ ପ୍ରୋଟୋକଲ ମାନି ଚଳିବାକୁ ହେବ। ସ୍ୱାସ୍ଥ୍ୟ ପ୍ରତି ଆମକୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ।

# ଅବସରରୁ ଫେରିପାରନ୍ତି ଡି'ଭିଲର୍ସ

**କେପଟାଉନ, ୧୬।୪**

ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି'ଭିଲର୍ସ ଅବସରରୁ ଫେରିପାରନ୍ତି। ଆସନ୍ତା ଟି୨୦ ବିଶ୍ୱକପରେ ତାଙ୍କୁ ପୁଣି ଦକ୍ଷିଣ ଆଫ୍ରିକା ଜର୍ସିରେ ଦେଖିବାକୁ ମିଳିପାରେ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଦକ୍ଷିଣ ଆଫ୍ରିକା କୋଚ୍ ମାର୍କ ବାଉଚର। ଡି'ଭିଲର୍ସ ଅନ୍ତର୍ଜାତୀୟ କ୍ରିକେଟରୁ ୩ ବର୍ଷ ହେଲା ଅବସର ନେଇଥିଲେ ହେଁ ଆସନ୍ତା ଅକ୍ଟୋବରରେ ଭାରତରେ ହେବାକୁ ଥିବା ବିଶ୍ୱକପ ପାଇଁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ବାଉଚର ଅନୁଭବ କରୁଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୦ ଏବଂ ୨୦୨୧ ଆରମ୍ଭରେ ଡି'ଭିଲର୍ସ ଚମତ୍କାର ପ୍ରଦର୍ଶନ କରିଛନ୍ତି। କୋଭିଡ୍-୧୯ ମହାମାରୀ ପାଇଁ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଅଧିକ ଆଲୋଚନା ହୋଇପାରି ନ ଥିଲେ ହେଁ ତାଙ୍କୁ ଦଳକୁ ଆଣିବାକୁ ଯୋଜନା ରହିଛି ବୋଲି ବାଉଚର ପ୍ରକାଶ କରିଛନ୍ତି। ଚଳିତ ଆଇପିଏଲ ପୂର୍ବରୁ ଡି'ଭିଲର୍ସଙ୍କ ସହ ବାଉଚର ଆଲୋଚନା କରିଛନ୍ତି। ଏହା ଫଳପ୍ରଦ ହୋଇଛି ବୋଲି ସେ କହିଛନ୍ତି। ଏବେ ଭାରତୀୟ ପରିବେଶରେ ଡି'ଭିଲର୍ସ ଆଇପିଏଲ ଖେଳୁଛନ୍ତି। ଆଇପିଏଲ ଖେଳାଯାଉଥିବା ଷ୍ଟାଡିୟମ ଗୁଡ଼ିକରେ ଟି୨୦ ବିଶ୍ୱକପ ଅନୁଷ୍ଠିତ ହେବ। ଚଳିତ ବର୍ଷ ଆରମ୍ଭରେ ଡି'ଭିଲର୍ସ ଭଲ ଟଚ୍‌ରେ ଥିବା ଜଣାଯାଇଛି। ସେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୭ ବଲ୍‌ରୁ ମ୍ୟାଚ ବିଜୟୀ ୪୮ ରନର ଇନିଂସ ଖେଳିଥିଲେ। ଫଳରେ ବିରାଟ କୋହଲିଙ୍କ ଦଳ ଚେପକ୍‌ରେ ଲଢ଼ୁଆ ବିଜୟ ହାସଲ କରିଥିଲା।



# କ୍ୱାର୍ଟରରେ ଅରୁନ୍ଧତୀ, ବେବିରୋଜିସାନା

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ପୋଲାଣ୍ଡର କିଏଲ୍‌ସିଠାରେ ପୁରୁଷ ଓ ମହିଳାଙ୍କୁ ନେଇ ଚାଲିଥିବା ଯୁବ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଖେଲୋ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ବିଜୟିନୀ ଅରୁନ୍ଧତି ଚୌଧୁରୀ ୬୯ କେ.ଜି. ବର୍ଗରେ ଓ ବେବିରୋଜିସାନା ଚାନୁ ୫୧ କେ.ଜି. ବର୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ୩ଜଣ ଭାରତୀୟ ବକ୍ସର ମଧ୍ୟ ପ୍ରାରମ୍ଭିକ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ତେବେ ୫୨ କେ.ଜି. ବର୍ଗରେ ବିକାଶ ଓ ୫୪ କେ.ଜି. ବର୍ଗରେ ଅର୍ଶୀ ଖାଁ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ଅରୁନ୍ଧତି ଓ ଚାନୁଙ୍କୁ ବାଦ୍ ଦେଲେ ୬୦ କେ.ଜି. ବର୍ଗରେ ଆକାଶ ଗୋର୍ଖା, ୬୯ କେ.ଜି. ବର୍ଗରେ ସୁମିତ ଓ ୪୮ କେ.ଜି. ବର୍ଗରେ ଗୀତିକା ବିଜୟୀ ହୋଇଛନ୍ତି। ଖେଲୋ ଇଣ୍ଡିଆ ଗେମ୍ସରେ ୩ଥର ସ୍ୱର୍ଣ୍ଣ ପଦକ ଜିତିଥିବା ଅରୁନ୍ଧତି କଲମ୍ବିଆର ଡେୟାନେଇରା କାସାସ ଜେରେଜଙ୍କୁ ୫-୦ରେ ପରାସ୍ତ କରିଛନ୍ତି। କ୍ୱାର୍ଟରରେ ସେ ୟୁକ୍ରେନ୍‌ର ଆନା ସେଜକୋଙ୍କୁ ଭେଟିବେ। ସେହିପରି ଇମ୍ଫାଲସ୍ଥିତ ଏମ୍‌ସି ମେରିକମ ଏକାଡେମୀର ପ୍ରତିଭା ଚାନୁ ଇଣ୍ଡୋନେସିଆର ଗୋରିସନାଜାଙ୍କୁ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି।

ପୁରୁଷ ବିଭାଗରେ ଆକାଶ ୫-୦ରେ ଜର୍ମାନୀର ଏନ୍‌ରିକୋ କ୍ଲିସ୍କଙ୍କୁ ହରାଇଥିବା ବେଳେ ସୁମିତ ଭେନେଜୁଏଲାର ରାଫାଏଲ ଆଣ୍ଟୋନିଓ ପେରଡୋମୋଙ୍କୁ ମାତ୍ର ୫ ମିନିଟ ମଧ୍ୟରେ ପରାସ୍ତ କରିଥିଲେ। ଆକାଶ ଏବେ ମଙ୍ଗୋଲିଆର ଜାନ- ଏରଡେନ ଗାନବାତାରଙ୍କୁ କ୍ୱାର୍ଟରରେ ଭେଟିବେ। ସେହିପରି ସୁମିତ ସ୍ଲୋଭାକିଆର ଲାଡିସ୍ଲାଭ ହୋରଭାଥଙ୍କୁ ଭେଟିବେ। ଗୀତିକା ରୁଷିଆର ଡାଏନା ଏରମାକୋଭାଙ୍କୁ ହରାଇଛନ୍ତି। ସେ ଏବେ କାଜାଖସ୍ତାନର ଆରାଇଲି ମାରାତଙ୍କୁ ଦ୍ୱିତୀୟ ରାଉଣ୍ଡରେ ଭେଟିବେ। ତେବେ ବିକାଶ ୧-୪ରେ ମଙ୍ଗୋଲିଆର ସୁଖବାତ୍ ଏନ୍‌ଖଜୋରିଟଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିପରି ଅର୍ଶୀ ମଧ୍ୟ ୧-୪ରେ ଉଜ୍‌ବେକିସ୍ତାନର ନିଗିନା ଉକ୍ତାମୋଭାଙ୍କଠାରୁ ପରାସ୍ତ ହୋଇଛନ୍ତି।



ଅରୁନ୍ଧତୀ ଚୌଧାରୀ

# ଭିନେଶ ଓ ଅଂଶୁଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଅଲମାଟି, ୧୬।୪ (ପି.ଟି.)**

ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ରେସ୍‌ଲର ଭିନେଶ ଫୋଗତ ଓ ଅଂଶୁ ମଲିକ ଏସିଆନ ଚାମ୍ପିୟନଶିପ୍‌ରେ ସେମାନଙ୍କର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାଇନିଜ ଓ ଜାପାନିଜ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ଅନୁପସ୍ଥିତିରେ ଭିନେଶ ଶୁକ୍ରବାର ଗୋଟିଏ ହେଲେ ପଏଣ୍ଟ ନ ହରାଇ ୫୩ କେଜି କାଟେଗୋରିରେ ଟାଇଟଲ ଜିତିଥିଲେ। ଏହି ସଂସ୍କରଣ ପୂର୍ବରୁ ସେ ଏସିଆନ ମିଟ୍‌ରେ ୭ଥର ପୋଡିୟମ ଫିନିଶ କରିପାରିଛନ୍ତି। ତନ୍ମଧ୍ୟରେ ୩ ରୌପ୍ୟ ପଦକ ଅନ୍ତର୍ଭୁକ୍ତ। ଭିନେଶ ମଙ୍ଗୋଲିଆର ଓଟଗୋଁଜାର୍ଗାଲ ଗାନବାଟାର ଏବଂ ତାଇପେର ମେଙ୍ଗ ହୁଆନ୍ ହିଏଙ୍କୁ ଟେକ୍ନିକାଲ ସୁପରିଅରିଟିରେ ପରାସ୍ତ କରିଥିବାବେଳେ ସେମିଫାଇନାଲରେ ଇଞ୍ଜୁରି ଯୋଗୁ କୋରିଆର ହ୍ୟୁନ୍‌ୟଙ୍ଗ ଓହ ଲଢ଼ିବାକୁ ଆସି ନ ଥିଲେ। ଏହି ମହାଦେଶୀୟ ଚାମ୍ପିୟନଶିପ୍‌ର ଦିଲ୍ଲୀ ସଂସ୍କରଣରେ ବ୍ରୋଞ୍ଜ ଜିତିଥିବା ଭିନେଶ ଫାଇନାଲରେ ହିଏଙ୍କୁ ୬-୦ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ କିଛିଦିନ ପୂର୍ବରୁ ଏହି ଭେନ୍ୟୁରେ ଅଲିମ୍ପିକ କୋଟା ହାସଲ କରିଥିବା ଅଂଶୁ ୫୭କେଜି ଶ୍ରେଣୀରେ ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ ସେ ମଙ୍ଗୋଲିଆର ବାଟ୍‌ସେଟ୍‌ସେଗ୍ ଅଲଟାଣ୍ଟସେଟସେଗଙ୍କୁ ୩-୦ରେ ପରାସ୍ତ କରିଥିଲେ। ଆରମ୍ଭରେ ଡବଲ ଲେଗ୍ ଆଟାକ୍ ବ୍ୟତୀତ ମଙ୍ଗୋଲିଆନ ପ୍ରତିଦ୍ୱନ୍ଦ୍ୱୀ ବାଉଟ୍‌ରେ ଅଧିକାଂଶ ସମୟ ନିଜକୁ ଡିଫେଣ୍ଡ କରିବାକୁ ଚେଷ୍ଟା କରିଥିଲେ। ୧୯ ବର୍ଷୀୟା ଏହି ବକ୍ସର ଉଜ୍‌ବେକିସ୍ତାନର ସେମେରା ଇସ୍‌ମୁରେଟୋଭା ଏବଂ ସେମିଫାଇନାଲରେ କିରଗିଜସ୍ତାନର ନାଜିରା ମାର୍ସବେକ୍‌ଙ୍କ ବିପକ୍ଷ ତାଙ୍କ ପ୍ରଥମ ଦୁଇଟି ବାଉଟ୍‌ରେ ଟେକ୍ନିକାଲ ସୁପରିଅରିଟି ଭିତ୍ତିରେ ଜିତିଥିଲେ। ୬୫କେଜି କାଟେଗୋରିରେ ଭାଗ ନେଉଥିବା ସାକ୍ଷୀ ମଲିକ ମଧ୍ୟ ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱର୍ଣ୍ଣ ପଦକ ପାଇଁ ସେ ମଙ୍ଗୋଲିଆର ବୋଲରଟୁଙ୍ଗାଲାଗ୍ ଜୋର୍ଗିଟ୍‌ଙ୍କ ସହ ମୁକାବିଲା କରିବେ।


ଅଂଶୁ ମଲିକ ଓ ଭିନେଶ ଫୋଗଟ।

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

## ଦୁଇ କରୋନା ଔଷଧ ଅବଧି ବୃଦ୍ଧି

ଭୁବନେଶ୍ୱର,(ବ୍ୟୁରୋ)- କରୋନା ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଦୁଇଟି ଔଷଧର ବ୍ୟବହାର ଅବଧି (ଏକ୍ସପାଏରୀ ଡେଟ୍)କୁ ବୃଦ୍ଧି କରାଯାଇଛି। ରେମ୍‌ଡେସିଭିର୍ (୧୦୦ଏମ୍‌ଜି) ଇଞ୍ଜେକ୍ସନ ଓ ଫାବିପିରାଭିର୍(୨୦୦ଏମ୍‌ଜି) ଟାବ୍‌ଲେଟ୍‌ର ଏକ୍ସପାଏରୀ ସମୟକୁ ଡ୍ରଗ୍ସ କଣ୍ଟ୍ରୋଲ ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ୩ ମାସରୁ ବର୍ଷେ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଲୋକଙ୍କୁ ସଚେତନ କରିବା ପାଇଁ ଶୁକ୍ରବାର ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରେମ୍‌ଡେସିଭିର୍ ଇଞ୍ଜେକ୍ସନ ତିନୋଟି କମ୍ପାନୀ ଯୋଗାଉଥିବାବେଳେ ଫାବିପିରାଭିର ଟାବ୍‌ଲେଟ୍ ଅନ୍ୟ ତିନୋଟି କମ୍ପାନୀ ଯୋଗାଉଛନ୍ତି।

## ସଂକ୍ଷେପରେ

### କୂଅରୁ ନିଖୋଜ ଯୁବତୀଙ୍କ ମୃତଦେହ ମିଳିଲା

**ମାହାଙ୍ଗା,୧୬।୪(ସ୍ୱ.ପ୍ର.):** କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ରାହାଣିଆ ଗ୍ରାମର ଏକ କୂଅ ଭିତରୁ ଶୁକ୍ରବାର ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଗ୍ରାମର ସୁରେନ୍ଦ୍ର କୁମାର ନାୟକଙ୍କ ଝିଅ ଜ୍ୟୋତିପ୍ରିୟା ନାୟକ(୨୧)। ପଡ଼ୋଶୀ ପ୍ରଭାକର ନାୟକ ତାଙ୍କ କୂଅରେ ମୃତଦେହ ଭାସୁଥିବା ଦେଖି ପୋଲିସ ଓ କୁଆଁପାଳ ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି କୂଅରୁ ମୃତଦେହ ବାହାର କରିଥିଲେ। ଏନେଇ ସୁରେନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଅପମୃତ୍ୟୁ ମାମଲା (ନଂ.୫/୨୧) ରୁଜୁ କରିଛି। ଗୁରୁବାରଠାରୁ ଜ୍ୟୋତି ନିଖୋଜ ଥିଲେ ମଧ୍ୟ ପରିବାର ପକ୍ଷରୁ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଛି।

### ଦିଅର ଟାଙ୍ଗିଆ ଚୋଟରେ ଭାଉଜ ମୃତ, ପୁତୁରା ଗୁରୁତର

**ଦେବଗଡ଼,୧୬।୪(ଡି.ଏନ୍.ଏ.):** ପୈତୃକ ଜମି ଭାଗବଣ୍ଟାକୁ କେନ୍ଦ୍ରକରି ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ତୁଙ୍ଗାମାଳ ଗ୍ରାମରେ ହତ୍ୟାକାଣ୍ଡ ଘଟିଛି। ଦିଅର ଟାଙ୍ଗିଆ ଚୋଟରେ ଭାଉଜ ଗୋଲାପ ସାହୁ(୬୦)ଙ୍କ ମୃତ୍ୟୁ ଘଟିଥିବାବେଳେ ପୁତୁରା ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଶୁକ୍ରବାର ପୋଲିସ ଅଭିଯୁକ୍ତ ଦିଅର ହାଡ଼ିବନ୍ଧୁ ସାହୁ (୫୫)ଙ୍କୁ ଗିରଫ କରିଛି। ପୈତୃକ ଜମି ଭାଗବଣ୍ଟାକୁ କେନ୍ଦ୍ରକରି ତୁଙ୍ଗାମାଳ ଗ୍ରାମର ଜଗବନ୍ଧୁ ସାହୁ ଓ ତାଙ୍କ ସାନଭାଇ ହାଡ଼ିବନ୍ଧୁଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଏହି ବିବାଦକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ଗୁରୁବାର ରାତିରେ ପୁଣି ଗଣ୍ଡଗୋଳ ହୋଇଥିଲା। ଜଗବନ୍ଧୁ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ ଗୋଲାପଙ୍କ ସହିତ ହାଡିବନ୍ଧୁଙ୍କର ଝଗଡ଼ା ହୋଇଥିଲା। ଉତ୍କ୍ଷିପ୍ତ ହୋଇ ହାଡ଼ିବନ୍ଧୁ ଏକ ଟାଙ୍ଗିଆ ସାହାଯ୍ୟରେ ଭାଉଜ ଗୋଲାପଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ପୁତୁରା (ଗୋଲାପଙ୍କ ପୁଅ) ସନ୍ତୋଷ (୩୫) ମା'ଙ୍କୁ ବଞ୍ଚାଇବା ପାଇଁ ଧାଇଁ ଆସିଥିଲେ। ହାଡ଼ିବନ୍ଧୁ ତାଙ୍କୁ ମଧ୍ୟ ଟାଙ୍ଗିଆ ଦ୍ୱାରା ଆକ୍ରମଣ କରିଥିଲେ। ଟାଙ୍ଗିଆ ଚୋଟରେ ମା' ପୁଅ ଉଭୟେ ଗୁରୁତର ଆହତ ହୋଇଥିଲେ। ସାହିପଡ଼ିଶା ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଅନୁଗୋଳ ଜିଲାର ଛେଣ୍ଡିପଦା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଗୋଲାପଙ୍କର ମୃତ୍ୟୁ ଘଟିଥିଲା ଓ ସନ୍ତୋଷ ଏବେ ମଧ୍ୟ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଏନେଇ ସନ୍ତୋଷଙ୍କ ସ୍ତ୍ରୀ ବିନତି ସାହୁ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ହାଡ଼ିବନ୍ଧୁଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ଗୋଲାପଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ୧୬ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

**ନିମାପଡ଼ା,୧୬।୪(ଡି.ଏନ୍.ଏ.):** ପୁରୀ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କୋଣାର୍କ, ଗୋପ, ଜୁଣେଇଁ, କୁଶୁପୁର, ବେଗୁନିଆ, ଚାରିଛକ, ଅର୍ଜୁନପୁର, ସାଇଲୋ ଛକ ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ୧୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରାଯିବା ସହ ସମ୍ପୃକ୍ତ ୨ ବେପାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ ପଠାଇ ଦିଆଯାଇଛି। ସେମାନେ ହେଲେ ନିମାପଡ଼ା ଥାନା ଅଧୀନ ଅର୍ଜୁନପୁର ଗ୍ରାମର ଦୁର୍ଯ୍ୟୋଧନ ଭୋଇ ଓ ଜଗନ୍ନାଥ ଭୋଇ। ଦୁର୍ଯ୍ୟୋଧନଙ୍କୁ ଗୋପ ଥାନା ଅଧୀନ କୁଶୁପୁରରେ ଗିରଫ କରି ତାଙ୍କଠାରୁ ୫୨ ଗ୍ରାମ ବ୍ରାଉନସୁଗାର ଓ ଜଗନ୍ନାଥଙ୍କୁ ଅର୍ଜୁନପୁରରେ ଗିରଫ କରି ତାଙ୍କଠାରୁ ୧୦୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ନଂ.୪/୨୧ ଓ ପୁରୀ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ନଂ. ୨୩/୨୧ରେ ପୃଥକ ୨ଟି ମାମଲା ରୁଜୁ କରାଯାଇଛି। ଜିଲାପାଳ ସମର୍ଥ ବର୍ମା ଓ ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡର ଉପନିରୀକ୍ଷକ ଲକ୍ଷ୍ମୀଧର ପ୍ରଧାନ ଓ ଏଏସ୍‌ଆଇ ଜାଗିନ ରାଓ, ଲୋକନାଥ ପାତ୍ର, ସୁବାସ ଚନ୍ଦ୍ର ମହାପାତ୍ର, ଏସ୍.କେ.ଓ୍ୱାରିସ, ସନ୍ତୋଷ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସଦଳବଳ ଚଢ଼ାଉ କରିଥିଲେ।

# ସ୍ମାର୍ଟ ହେବ ଶିକ୍ଷାଦାନ

**ଗାନ୍ଧୀ ଜୟନ୍ତୀରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

- ପ୍ରଥମ ପର୍ଯ୍ୟାୟରେ ୧୫ ସ୍କୁଲ ସାମିଲ
- ସ୍ମାର୍ଟ କ୍ଲାସ୍‌ରୁମ୍ ସହ ଲାଇବ୍ରେରି ସୁବିଧା
- ଶାରୀରିକ ବିକାଶକୁ ମଧ୍ୟ ଗୁରୁତ୍ୱ

**ସମ୍ବଲପୁର,୧୬।୪(ବ୍ୟୁରୋ)**

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍କୁଲରେ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରି ଶିକ୍ଷାଦାନ କରିବାକୁ ଯୋଜନା କରିଛନ୍ତି। ଶିକ୍ଷା ବିଭାଗ ଓ ୫-ଟି ବିଭାଗ ମିଳିତ ଭାବେ ପରିଚାଳନା ଓ ଯୋଜନାର ଦାୟିତ୍ୱ ନେଇଛନ୍ତି। ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ଶିକ୍ଷାବର୍ଷ ୨୦୨୧-୨୨ରୁ ଶିକ୍ଷାଦାନ ଆରମ୍ଭ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭାବେ କାମ ଆରମ୍ଭ ହୋଇଛି। ଜିଲାପାଳ ପ୍ରତ୍ୟକ୍ଷ ଭାବେ ଏହି ଯୋଜନା ଉପରେ ଫୋକସ୍ କରୁଛନ୍ତି। ଏଥିରେ ହାଇସ୍କୁଲଗୁଡିକର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପାଇଁ ଅନୁଦାନ ଯୋଗାଇ ଦେବେ। ସମ୍ବଲପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ମହାନଗର ନିଗମର ୪ ଓ ବ୍ଲକ ଅଞ୍ଚଳର ୧୧ ମୋଟ ୧୫ ଗୋଟି ସ୍କୁଲକୁ ସାମିଲ କରାଯାଇଛି। ଘରୋଇ ସ୍କୁଲଠାରୁ



ଯୁଯୁମୁରା ବ୍ଲକର ଚିହ୍ନଟ ହୋଇଥିବା କେଜିଏମ୍‌ଏନ୍ ହାଇସ୍କୁଲ ।

ଅଧିକ ଉନ୍ନତମାନର ଭିତ୍ତିଭୂମିର ବିକାଶ ଓ ଶିକ୍ଷାଦାନ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ଶିକ୍ଷାଦାନ ପ୍ରଣାଳୀର ପରିବର୍ତ୍ତନ କରାଯିବ।

ମିଳିଥିବା ରିପୋର୍ଟ ଅନୁସାରେ ବ୍ଲକ ଶିକ୍ଷା ଅଧିକାରୀ ଓ ବିଡିଓଙ୍କ ସହ ଆଲୋଚନା କରାଯାଇ ସ୍କୁଲଗୁଡିକୁ ଚିହ୍ନଟ କରାଯାଇଛି। ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଭିତ୍ତିଭୂମି ଥିବା ସ୍କୁଲଗୁଡିକ ରହିଛି। ଉକ୍ତ ସ୍କୁଲରେ ଲାଇବ୍ରେରି, କମ୍ପ୍ୟୁଟର ହଲ୍, ସ୍ମାର୍ଟ କ୍ଲାସରୁମ୍ ନିର୍ମାଣ କରାଯିବ। ଶାରୀରିକ ବିକାଶ ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଇନ୍‌ଡୋର ଓ ଆଉଟଡୋର ଖେଳକୁଦ ବ୍ୟବସ୍ଥା କରାଯିବ। ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସମନ୍ୱୟ ରହି ଶିକ୍ଷାଦାନ ହେବ। ଯଦି ସ୍କୁଲରେ ଶିକ୍ଷକଙ୍କ ଅଭାବ ରହିଥିବ ବ୍ଲକର ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯିବ। ସେମାନେ ପର୍ଯ୍ୟାୟକ୍ରମେ କିଭଳି ଶିକ୍ଷାଦାନ କରିବେ ସେ ନେଇ ତାଲିମ ଦିଆଯିବ। ଡିପିସିଙ୍କ କାର୍ଯ୍ୟାଳୟରୁ ମିଳିଥିବା ରିପୋର୍ଟ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୧୫ ସ୍କୁଲ ଚିହ୍ନଟ କରାଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ଶିକ୍ଷାଦାନ କରାଯିବ। ବ୍ଲକ ସ୍ତରରେ ଚିହ୍ନଟ ହୋଇଥିବା ସ୍କୁଲଗୁଡିକରେ ନିର୍ମାଣ କାମ ଆରମ୍ଭ ହୋଇଯାଇଛି। ବିଡିଓମାନେ ଏହାର ତଦାରଖ କରୁଛନ୍ତି। ଶୀଘ୍ର ଆନୁଷଙ୍ଗିକ ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୫-ଟି ବିଭାଗ ନିୟମ ଅନୁସାରେ ସ୍କୁଲ ପରିଚାଳନା ହେବ। ପରବର୍ତ୍ତୀ ସମୟରେ ଜିଲାର ଅନ୍ୟ ସ୍କୁଲଗୁଡିକୁ ହାତକୁ ନିଆଯିବ ବୋଲି କୁହାଯାଇଛି।

# ଆଇନଜୀବୀଙ୍କୁ ଆକ୍ରମଣ, ୨ ଅଟକ

**ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ବାଲେଶ୍ୱର ବନ୍ଦ ଚେତାବନୀ**

**ବାଲେଶ୍ୱର ଅଫିସ,୧୬।୪**

ବାଲେଶ୍ୱର କଚେରି ପରିସରରେ ଥିବା ବାର୍ ଆସୋସିଏଶନ ଅଫିସ୍‌ରେ ଶୁକ୍ରବାର ଅପରାହ୍ନରେ ଆଇନଜୀବୀ ଭବେନ୍ଦୁ ଶେଖର ଉପାଧ୍ୟାୟଙ୍କୁ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଏହି ସମୟରେ ଅନ୍ୟ ଆଇନଜୀବୀମାନେ ୨ ଆକ୍ରମଣକାରୀଙ୍କୁ କାବୁ କରି ସହଦେବଖୁଣ୍ଟା ମଡେଲ ଥାନାକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଆଇନଜୀବୀ ଉପାଧ୍ୟାୟଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୧୨୧/୨୧) ରୁଜୁ କରାଯାଇଥିବା ସବ୍ ଇନ୍ସପେକ୍ଟର ନୀଳମଣି ନାୟକ କହିଛନ୍ତି।

ସୂଚନା ଅନୁଯାୟୀ, କଚେରିରୁ ସବ୍‌ରେଜିଷ୍ଟ୍ରାର ଅଫିସ୍ ସମ୍ମୁଖରେ ଥିବା ରାସ୍ତାରେ ଆଇନ୍‌ଜୀବୀ ଉପାଧ୍ୟାୟ କୌଣସି କାମରେ ଆସୁଥିବା ବେଳେ ସ୍କୁଟିରେ ୨ ଯୁବକ ଦ୍ରୁତଗତିରେ ଯାଉଥିଲେ। ଏହାକୁ ସେ ବିରୋଧ କରିବାରୁ ସେମାନେ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଆଇନଜୀବୀମାନେ ଜଣେ ଯୁବକଙ୍କୁ ବାର୍ ଆସୋସିଏଶନ ଅଫିସ୍‌ରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ପଳାଇ ଯାଇଥିଲେ। କିଛି ସମୟ ପରେ ସେ ୭/୮ ଜଣ ସହଯୋଗୀଙ୍କୁ ନେଇ କଚେରିରେ ପହଞ୍ଚି ବାର୍ ଅଫିସ୍ ଭିତରେ ବନ୍ଧୁକ ଦେଖାଇ ଗଣ୍ଡଗୋଳ ଓ ପାଟିତୁଣ୍ଡ କରିବା ସହ ଅଟକ ଯୁବକଙ୍କୁ ଛଡ଼ାଇବା ପାଇଁ ଚେଷ୍ଟା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଯିବାରୁ ଅନ୍ୟ ସମସ୍ତେ ପଳାଇଯାଇଥିବା ବେଳେ ଆଉ ଜଣେ ଯୁବକଙ୍କୁ ଆଇନଜୀବୀମାନେ ଅଟକାଇଥିଲେ। ପରେ ସେମାନେ ସମ୍ପୃକ୍ତ ୨ ଯୁବକଙ୍କୁ ପୋଲିସ ଜିମା ଦେଇଥିଲେ। ଅଟକ ଦୁଇ ଯୁବକ ହେମନ୍ତ ସିଂ ଓ ବାପି ମନ୍ତ୍ରୀ ବୋଲି ଜଣାପଡ଼ିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

ଏ ନେଇ ବାଲେଶ୍ୱର ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ମନୋଜ ନାୟକ କହନ୍ତି, ବାଲେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ବାର୍ ଆସୋସିଏଶନ ଅଫିସ୍ ଭିତରେ ଆଇନଜୀବୀଙ୍କୁ ମାରିବାର ଧମକ ଦେବା ନିନ୍ଦନୀୟ ଘଟଣା। ଏହି ଘଟଣା ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତ କରାଯାଇଛି। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବାଲେଶ୍ୱର ବନ୍ଦ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଓପିଏସ୍‌ସି ବାର୍ଷିକ ପରୀକ୍ଷା ସୂଚୀ ପ୍ରକାଶ



ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ପରୀକ୍ଷା ସୂଚୀ ସମ୍ପର୍କରେ ୱେବ୍‌ସାଇଟ୍‌ରେ ଦର୍ଶାଉଛନ୍ତି।

- ୧୭ ପରୀକ୍ଷା ତାଲିକା ୱେବ୍‌ସାଇଟ୍‌ରେ ରହିଛି
- ଖୁବ୍‌ଶୀଘ୍ର ପ୍ରକାଶ ପାଇବ ୫ ପରୀକ୍ଷାର ବିଜ୍ଞପ୍ତି

**କଟକ ଅଫିସ,୧୬।୪**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ବାର୍ଷିକ ପରୀକ୍ଷା ସୂଚୀ ଶୁକ୍ରବାର ପ୍ରକାଶ ପାଇଛି। କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଓପିଏସ୍‌ସି ୱେବ୍‌ସାଇଟରେ ଏହି ପରୀକ୍ଷା ସୂଚୀକୁ ଅପ୍‌ଲୋଡ୍ କରିଛନ୍ତି। ୧୭ଟି ପରୀକ୍ଷାର ଏକ ତାଲିକା ଓପିଏସ୍‌ସି ୱେବସାଇଟ୍ opsc.gov.inରେ ରହିଛି। ଏତଦ୍‌ବ୍ୟତୀତ ଅନ୍ୟ ୫ଟି ପରୀକ୍ଷାର ସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ସେଥିମଧ୍ୟରେ ହୋମିଓପାଥିକ ଏବଂ ଆୟୁର୍ବେଦ ଡାକ୍ତର, ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଆସୋସିଏଟ ପ୍ରଫେସର, ମହାବିଦ୍ୟାଳୟ ପାଇଁ ସହକାରୀ ପ୍ରାଧ୍ୟାପକ, ସରକାରୀ ଶିକ୍ଷକ ତାଲିମ ପ୍ରତିଷ୍ଠାନ, ସଚିବାଳୟର ଏଏସ୍‌ଓ ସାମିଲ ରହିଛି।

ଓପିଏସସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଧାରରେ ପରୀକ୍ଷା ପଦ୍ଧତିରେ ସଂସ୍କାରମୂଳକ ପଦକ୍ଷେପ ଅଣାଯାଇଛି। ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ, ଆଡ୍‌ମିଟ୍ କାର୍ଡ ଏବଂ ପରୀକ୍ଷା ସେଣ୍ଟର ନିରୂପଣ, ନିଜସ୍ୱ ସଫ୍ଟୱେର ମାଧ୍ୟମରେ ଫଳାଫଳ ପ୍ରକାଶ କରାଯାଇପାରୁଛି। ଏହାଛଡା ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ଏବଂ ପରୀକ୍ଷା କେନ୍ଦ୍ରରେ ବେଆଇନ କାର୍ଯ୍ୟ କଳାପ ଉପରେ ଧ୍ୟାନ ଦେବା ପାଇଁ ସିସିଟିଭି ଏବଂ ବାୟୋମେଟ୍ରିକ ବ୍ୟବସ୍ଥା କରାଯାଉଛି। ଏଥିସହ କମ୍ପ୍ୟୁଟର ମାଧ୍ୟମରେ ପରୀକ୍ଷା ସମ୍ପାଦନ କରିବା ପାଇଁ ଓପିଏସ୍‌ସି ପ୍ରସ୍ତୁତ ହୋଇଛି। ସେହିପରି ସଫଳ ଭାବେ ସ୍ୱାସ୍ଥ୍ୟ ବୀମା ଅଫିସର ନିଯୁକ୍ତି ପରୀକ୍ଷା ଅନ୍‌ଲାଇନ୍ ମାଧ୍ୟମରେ କରିସାରିଥିବା ବେଳେ ନିକଟରେ ସହଯୋଗୀ ସର୍ଜନ ପରୀକ୍ଷା ମଧ୍ୟ ଅନ୍‌ଲାଇନ୍‌ରେ ହେବାକୁ ଯାଉଛି। ଏହି ଅବସରରେ ଓପିଏସ୍‌ସି ସଭ୍ୟ ବିଭୂତି ଭୂଷଣ ପଟ୍ଟନାୟକ, ସଚିବ ଅଶୋକ କୁମାର ଦାଶ, ପ୍ରଫେସର ସୁଧାଂଶୁ ଶେଖର ରଥ, ଡ. ସଙ୍ଗୀତା ରଥ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧାହେଲେ ଗଦାଶିଳା ଆର୍‌ଆଇ

**ଢେଙ୍କାନାଳ ଅଫିସ, ୧୬।୪**

କାର୍ଯ୍ୟାଳୟରେ ଅନୈତିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୋଗରେ ନିଲମ୍ବିତ ହୋଇଥିବା ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ଗଦାଶିଳା ରାଜସ୍ୱ ନୀରିକ୍ଷକ (ଆର୍‌ଆଇ) ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଡାକ୍ତରୀ ପରୀକ୍ଷା କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ଅଭିଯୋଗକାରିଣୀ ମହିଳାଙ୍କ ସହ ଅଭିଯୁକ୍ତ ଆର୍‌ଆଇ ୧୩ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏକାଧିକ ଥର ଗର୍ଭ ନଷ୍ଟ ମଧ୍ୟ କରିଥିଲେ। ପୀଡ଼ିତା ମହିଳା ଏବେ ୨ମାସର ଗର୍ଭବତୀ ଅଛନ୍ତି। ଅଭିଯୁକ୍ତ ଆର୍‌ଆଇ ତାଙ୍କୁ ଧମକଚମକ ଦେଉଥିବା ନେଇ ସେ ବୁଧବାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୬୩/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ଶୁକ୍ରବାର ସହରସ୍ଥିତ ହାଟରୋଡରୁ ରଞ୍ଜନଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଥିଲା। ସୂଚନାଯୋଗ୍ୟ, କାର୍ଯ୍ୟାଳୟରେ ଅନୈତିକ କାର୍ଯ୍ୟ ଚାଲୁଥିବା ଘଟଣାର ଭିଡିଓ ପ୍ରଘଟ ପରେ ଗତ ରବିବାର ଅପରାହ୍ନରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମ୍ପୃକ୍ତ ରାଜସ୍ୱ ନୀରିକ୍ଷକଙ୍କୁ ନିଲମ୍ବିତ କରିଥିଲେ।



ନିଲମ୍ବିତ ଆର୍‌ଆଇଙ୍କୁ ଗିରଫ କରି ନିଆଯାଉଛି।

# ସର୍ବଧର୍ମର ବାର୍ତ୍ତା ବାଣ୍ଟୁଥିବା ଛାତ୍ରୀଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ ମାମୁନି ଓ ତାଙ୍କ ପରିବାର ବର୍ଗ।

**ବାଲିଆପାଳ,୧୬।୪(ସ୍ୱ.ପ୍ର)**

ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବାଣ୍ଟୁଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର ମାମୁନି ଖାତୁନ। ଏ ଖବର ପାଇ ସ୍ଥାନୀୟ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମାମୁନିଙ୍କ ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତର ସୁନାରଶଇ ଗ୍ରାମରେ ଥିବା ଘରେ ଶୁକ୍ରବାର ପହଞ୍ଚିଥିଲେ।

କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ ଆଗରେ ମାମୁନି ପ୍ରାଞ୍ଜଳ ଭାବରେ ଗୀତାର ଶ୍ଳୋକ ସହ ମହାମୃତ୍ୟୁଞ୍ଜୟ ମନ୍ତ୍ର ବୋଲି ସମସ୍ତଙ୍କୁ ଆଚମ୍ବିତ କରିଦେଇଥିଲା। ଏଥିସହିତ ସେ ପିଲାଟି ବେଳରୁ ଜଗନ୍ନାଥ, ସରସ୍ୱତୀ, ଗଣେଶଙ୍କ ସମେତ ବହୁ ହିନ୍ଦୁ ଦେବାଦେବୀଙ୍କ ମନ୍ତ୍ର ସୁନ୍ଦର ଭାବେ ବୋଲି ପାରୁଥିବା କଥା ବାପା ଶ୍ୟାମସୁଦ୍ଦିନ ଶାହା କହିଛନ୍ତି। ସଂସ୍କୃତ ପ୍ରତି ମାମୁନିର ଆଗ୍ରହ ରହିଛି। ସଂସ୍କୃତ ଭାଷାରେ ଅଧ୍ୟାପିକା ହେବାକୁ ତାଙ୍କର ଲକ୍ଷ୍ୟଥିବା ସେ ମନ୍ତ୍ରୀଙ୍କ ଆଗରେ ପ୍ରକାଶ କରିଥିଲେ। ତାଙ୍କ ବାପା ଜଣେ ଦିନ ମଜୁରିଆ। ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସରକାରୀ ସାହାଯ୍ୟ ମିଳିନି। ଏପରିକି ଘର ଖଣ୍ଡେ ମଧ୍ୟ ପାଇପାରି ନାହାନ୍ତି ବୋଲି କହିଥିଲେ ଶ୍ୟାମସୁଦ୍ଦିନ। ଏସବୁ ଶୁଣିବା ପରେ ମନ୍ତ୍ରୀ ଷଡ଼ଙ୍ଗୀ ମାମୁନିଙ୍କୁ ୫ହଜାର ଟଙ୍କା ଦେବା ସହିତ ସମସ୍ତ ପାଠ ପଢ଼ା ଖର୍ଚ୍ଚ ବହନ କରିବେ ଏବଂ ତାଙ୍କ ପରିବାରକୁ ଯଥାସାଧ୍ୟ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ସହିତ ତାଙ୍କ ପ୍ରତିନିଧି ମହେଶ୍ୱର ଜେନା, ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯତ୍ନ ଅଭାବରୁ ଆଖି ବୁଜିଲା ୮ ମାସର ଶିଶୁକନ୍ୟା

**ବୈପାରିଗୁଡା,୧୬।୪ (ଡି.ଏନ୍.ଏ)**

ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। ମାତ୍ର ସରକାରୀ କଳର ଉଦାସୀନାତା କାରଣରୁ ଏହି ଯୋଜନା ଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ। ଏହାର ଏକ ନମୁନା ବୈପାରିଗୁଡ଼ା ବ୍ଲକରେ ଦେଖିବାକୁ ମିଳିଛି। ସରକାରୀ ଉଦାସୀନତା ଯୋଗୁ ଜଣେ ୮ ମାସର ଶିଶୁ କନ୍ୟାର ମୃତ୍ୟୁ ହୋଇଛି।

ଖବରରୁ ଜଣାପଡିଛି ୮ ମାସ ତଳେ ବୈପାରିଗୁଡ଼ା ବ୍ଲକ ମହୁଲି ପଞ୍ଚାୟତ ଉପରଗୁଞ୍ଜି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ଅଚିହ୍ନା ଆଦିବାସୀ ମହିଳା ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଗ୍ରାମର କେତେଜଣ ଲୋକେ ଏହି ମା' ଓ ଶିଶୁଙ୍କୁ ଉଦ୍ଧାର କରି ଗ୍ରାମକୁ ଆଣିଥିଲେ। ଗ୍ରାମର ସନାଇ ମାଝି ସେମାନଙ୍କୁ ଘରେ ଆଶ୍ରୟ ଦେଇଥିଲେ। ମହିଳା ଜଣଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବା ବେଳେ ତାଙ୍କ ପରିଚୟ ଜଣାପଡି ନ ଥିଲା। ସନାଇଙ୍କ ୩ଟି ପୁତ୍ର ସନ୍ତାନ ଥିବା ବେଳେ ଶିଶୁନ୍ୟାଟିକୁ ଖୁସିରେ ଗ୍ରହଣ କରି ନେଇଥିଲେ। ନାଁ ଦେଇଥିଲେ ଦୀପାଳି। ଏହି ଘଟଣା ପ୍ରଘଟ ହେବାପରେ ସେତେବେଳେ



ଛୁଆ ସହ ପାଗଳି ମା (ଫାଇଲ୍ ଫଟୋ)।

ବିଡିଓ ଅଭିମନ୍ୟୁ କବିଶତପଥୀଙ୍କ ସହ ଏକ ଡାକ୍ତରୀ ଟିମ୍ ଗ୍ରାମକୁ ଯାଇ ଉଭୟ ମା' ଓ ଶିଶୁଙ୍କୁ ଉଦ୍ଧାରକରି ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦିନକ ପରେ ମା ଓ ଶିଶୁକୁ ଉପରଗୁଞ୍ଜି ଗ୍ରାମବାସୀ ଫେରାଇ ନେଇଥିଲେ । ତେବେ ମା' ଓ ଶିଶୁଙ୍କ ସୁରକ୍ଷା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ଦିନେ ଶିଶୁଟିର ମା' ହଠାତ୍ ଶିଶୁକନ୍ୟାକୁ ଘରୁ ନେଇ ଜମିରେ ପକାଇ ଦେଇ କୁଆଡ଼େ ଚାଲିଗଲେ। ସେଠାରୁ ସେ ତାକୁ ଉଦ୍ଧାର କରି ଘରକୁ ଆଣିଥିଲେ ବୋଲି ସନାଇ କହିଛନ୍ତି। ସେ ଶିଶୁଟିର ସମସ୍ତ ଦାୟିତ୍ୱ ବୁଝୁଥିଲେ। ତେବେ ଗତ କିଛି ଦିନ ହେବ ଦୀପାଳିର ବାନ୍ତି ହେଉଥିଲା। ତାକୁ ସନାଇ ମେଡିକାଲ ନେବା ବଦଳରେ ଦିଶାରୀ ଗୁଣିଆଙ୍କଠାରୁ ଔଷଧ ଆଣି ଖୁଆଉଥିଲେ। ପରେ ବାନ୍ତି ସହ ଝାଡା ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ସନାଇ ବୁଧବାର ଦୀପାଳିକୁ ନେଇ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ରଖି ଚିକିତ୍ସା କରିବା ବଦଳରେ କେବଳ ଦେଖିଦେଇ ବାହାରୁ ଔଷଧ କିଣିବାକୁ କହି ଛାଡି ଦେଇଥିଲେ। ଗୁରୁବାର ଦୀପାଳିର ମୃତ୍ୟୁ ହୋଇଛି। ଅପରପକ୍ଷେ ବ୍ଲକ ପ୍ରଶାସନ ଥରଟିଏ ବ୍ୟତୀତ ଅନ୍ୟ କୌଣସି ଦିନ ସେମାନଙ୍କ ସମ୍ପର୍କରେ ବୁଝିନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନୀରବ ରହିଥିଲା। ଏହି ଅସହାୟ ମା' ଓ ଶିଶୁଙ୍କ ସୁରକ୍ଷା ନେଇ ପ୍ରଶାସନ ପଦକ୍ଷେପ ନେଇଥିଲେ ଦୀପାଳି ଅକାଳରେ ଝରିପଡି ନ ଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ବିଡିଓ ଶତପଥୀଙ୍କୁ ପଚାରିବାରୁ ସେ କହିଲେ,

**ଗ୍ରାମବାସୀ ସହଯୋଗ କଲେନି: ବିଡିଓ**



ଛୁଆଟିକୁ ପାଳିଥିବା ସନାଇ।

ଉଭୟ ମା' ଓ ଶିଶୁଙ୍କ ଥଇଥାନ ପାଇଁ ଚେଷ୍ଟା କରିଥିଲି। ମାତ୍ର ଗ୍ରାମବାସୀ ଏଥିରେ ସହଯୋଗ କଲେନାହିଁ ।

# କୋଭିଡ୍ ନିୟମ ମାନି ଚାଷୀଙ୍କ ସେବାରେ ନିୟୋଜିତ ହୁଅ

**କ୍ଷେତ୍ର ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷଠାରୁ ଯୋଜନାରେ ଆବଣ୍ଟିତ ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରନ୍ତୁ। ଏହାସହ ଯୋଜନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ନିର୍ଦ୍ଦେଶାଳୟ ଏବଂ ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ କରିବାକୁ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କୋରାନର ଦ୍ୱିତୀୟ ଲହର ଦ୍ରୁତ ସଂକ୍ରାମକ ପାଲଟିଥିବାରୁ କ୍ଷେତ୍ର ଅଧିକାରୀମାନେ ସମସ୍ତ ସତର୍କତା ପାଳନ ପୂର୍ବକ କୃଷକଙ୍କ ସେବାରେ ନିୟୋଜିତ ହେବାକୁ ମନ୍ତ୍ରୀ କହିଛନ୍ତି। କୃଷି ଭବନଠାରେ ଶୁକ୍ରବାର ଆୟୋଜିତ ଦକ୍ଷିଣାଞ୍ଚଳ ରାଜସ୍ୱ ଜିଲାର ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକଙ୍କ ବୈଠକରେ ଯୋଗଦେଇ ମନ୍ତ୍ରୀ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାକୁ ଠିକ୍ ଭାବେ ରୂପାୟନ କରି ଚାଷୀଙ୍କ ପାଖରେ ଏହାର ସୁଫଳ ପହଞ୍ଚାଇବା ଆବଶ୍ୟକ। ଚାଷୀଙ୍କ ହିତ ନିମନ୍ତେ ଜିଲାରେ ଅଏଲ୍‌ପାମ୍ ଯୋଜନାକୁ ତତ୍ପରତାର ସହ କାର୍ଯ୍ୟକାରୀ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ ଜିଲାରେ କିଆ ଫୁଲର ଅଧିକ ଉତ୍ପାଦନ ଓ ବିପଣନ ଦିଗରେ ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ। ଗଞ୍ଜାମ ଜିଲାରେ ନଡ଼ିଆ ଚାଷର ପର୍ଯ୍ୟାପ୍ତ ସୁଯୋଗ ଥିବାରୁ ଅଧିକରୁ ଅଧିକ ନଡ଼ିଆ ଚାରା ଉତ୍ପନ୍ନ କରି ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଅଧିକାରୀଙ୍କୁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ଜିଲାଗୁଡ଼ିକରେ ପଣସ, ଜାମୁ, ବେଲ, ଅଁଳା ଆଦିର ବ୍ୟାପକ ଉତ୍ପାଦନ ଏବଂ ତାହାର ପ୍ରକ୍ରିୟାକରଣ ଉପରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ବୌଦ୍ଧ ଓ ନୂଆପଡ଼ା ଜିଲାରେ ଉତ୍ପାଦିତ ପିଆଜର ଉପଯୁକ୍ତ ସଂରକ୍ଷଣ ନିମନ୍ତେ ଉପଲବ୍ଧ ସୁବିଧା ସମ୍ପର୍କରେ ସେ ବିଶଦ୍ ଆଲୋଚନା କରିଛନ୍ତି।



ବଲିଉଡ୍‌ର କିଙ୍ଗ୍ ଖାନ ଶାହାରୁଖ ଦୀର୍ଘଦିନ ପରେ ବଡ଼ ପରଦାକୁ ଫେରୁଛନ୍ତି। ଫିଲ୍ମ 'ପଠାନ' ପାଇଁ ଏବେ ସେ ଚର୍ଚ୍ଚାରେ। ଏଥିରେ ସଲମାନ ଖାନ୍ ମଧ୍ୟ ଏକ ଛୋଟିଆ ଚରିତ୍ରରେ ଦେଖିବାକୁ ମିଳିବେ। ଏହି ଦୁଇ କଳାକାରଙ୍କୁ ଏକାଠି ଗୋଟିଏ ଫିଲ୍ମରେ ଦେଖିବା ପାଇଁ ପ୍ରଶଂସକମାନେ ଚାହିଁ ବସିଛନ୍ତି। ତେବେ ଫିଲ୍ମରେ ସଲମାନଙ୍କ ଅତିଥି ଚରିତ୍ରକୁ ନେଇ ଏକ ନୂଆ କଥା ଶୁଣିବାକୁ ମିଳୁଛି। ଆଦିତ୍ୟ ଚୋପ୍ରାଙ୍କ ଏହି ଫିଲ୍ମରେ ୧୦ ଦିନର ଅତିଥି ଚରିତ୍ର ପାଇଁ ସଲମାନ କଠିନ ପରିଶ୍ରମ କରୁଛନ୍ତି। ତେବେ ସଲମାନ 'ପଠାନ' ପାଇଁ କୌଣସି ପାଉଣା ନେବେ ନାହିଁ ବୋଲି ଶୁଣିବାକୁ ମିଳୁଛି। ଏ ନେଇ ସଲମାନ କହିଛନ୍ତି, ଶାହାରୁଖ ତାଙ୍କ ଭାଇ ଭଳି। ମୁଁ ତାଙ୍କ ପାଇଁ କିଛି ବି କରିପାରିବି।

# ବିଜ୍ଞ ସାଧୁମଣ୍ଡଳୀ 'ନିରଞ୍ଜନୀ ଆଖଡ଼ା'

**ଦେଶରେ ରେକର୍ଡ ଭାଙ୍ଗୁଛି କୋଭିଡ୍-୧୯ର ଦ୍ୱିତୀୟ ଲହର। ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳାରେ କରୋନା ବିସ୍ଫୋରଣ ଅଧିକ ଚିନ୍ତାଜନକ ବିଷୟ ହୋଇଛି। ମହାମାରୀ ଭିତରେ କୁମ୍ଭମେଳାରୁ ନିଜକୁ ଦୂରେଇ ରଖିବାକୁ ନିଷ୍ପତ୍ତି ନେଇଛି 'ନିରଞ୍ଜନୀ ଆଖଡ଼ା'। ବିଜ୍ଞ ସାଧୁଗୋଷ୍ଠୀକୁ ନେଇ ସମୃଦ୍ଧ 'ନିରଞ୍ଜନୀ ଆଖଡ଼ା'ର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଅନ୍ୟ ସାଧୁଗୋଷ୍ଠୀ। ସେମାନେ ମଧ୍ୟ ଏହି ଧାରାରେ ସାମିଲ ହେବା ସମ୍ଭାବନା ରହିଛି। ଏସବୁ ଭିତରେ ଚର୍ଚ୍ଚାର ପରିଧିକୁ ଆସିଛି ଶିକ୍ଷିତ ସାଧୁମଣ୍ଡଳୀ 'ନିରଞ୍ଜନୀ ଆଖଡ଼ା'।**



**ନୂଆଦିଲ୍ଲୀ:** ଦେଶର ସବୁଠାରୁ ବଡ଼ ଏବଂ ଶିକ୍ଷିତ ସାଧୁସନ୍ଥଙ୍କ ମଣ୍ଡଳୀ 'ନିରଞ୍ଜନୀ ଆଖଡ଼ା' ଚଳିତ କୁମ୍ଭମେଳାରୁ ହଟିବା ଲାଗି ଘୋଷଣା କରିଛି। ଦେଶର ୧୩ ଆଖଡ଼ା ମଧ୍ୟରେ ପ୍ରମୁଖ ଏହି ଆଖଡ଼ାକୁ ଜୁନା ଆଖଡ଼ା ପରେ ସବୁଠାରୁ ଅଧିକ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ନିରଞ୍ଜନୀ ଆଖଡ଼ାର ଅନ୍ୟଏକ ପରିଚୟ ହେଲା ଏହା ବିଜ୍ଞ ସାଧୁସନ୍ଥଙ୍କୁ ନେଇ ସମୃଦ୍ଧ। ସାଂସାରିକ ମୋହମାୟାକୁ ପଛ କରି ଅନେକ ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ପ୍ରଫେଶନାଲ ଏହି ଆଖଡ଼ାରେ ସାମିଲ ହୋଇଛନ୍ତି, ଯାହା ଅନ୍ୟତ୍ର ଦେଖାଯାଏ ନାହିଁ।

ହରିଦ୍ୱାର ମହାକୁମ୍ଭ ମେଳାରେ ୧୫୦୦ରୁ ଉର୍ଦ୍ଧ୍ୱ ସାଧୁସନ୍ଥ କରୋନା ପଜିଟିଭ୍ ଚିହ୍ନଟ ହେଲେଣି। ଧୀରେ ଧୀରେ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। କେତେ ଜଣ ସନ୍ଥଙ୍କ ମୃତ୍ୟୁ ମଧ୍ୟ ଘଟିଲାଣି। ଦେଶରେ ବଢୁଥିବା ସଂକ୍ରମଣ ଚିନ୍ତାର କାରଣ ପାଲଟିଥିବାବେଳେ କୁମ୍ଭମେଳାରୁ ଦୂରେଇ ଯିବାକୁ ଘୋଷଣା କରି ଚର୍ଚ୍ଚାର ପରିଧିକୁ ଆସିଛି ହଜାରେ ବର୍ଷ ପୁରୁଣା ନିରଞ୍ଜନୀ ଆଖଡ଼ା। 'ନିରଞ୍ଜନୀ ଆଖଡ଼ା'ର ସ୍ଥାପନା ୯୦୪ ଖ୍ରୀଷ୍ଟାବ୍ଦ ବିକ୍ରମ ସମ୍ବତ୍ ୯୬୦ କାର୍ତ୍ତିକ କୃଷ୍ଣପକ୍ଷ ସୋମବାର ତିଥିରେ ଗୁଜରାଟର ମାଣ୍ଡବୀ ନାମକ ସ୍ଥାନରେ ହୋଇଥିଲା। ମହନ୍ତ ଅଜି ଗିରି, ମୌନି ସରଯୂନାଥ ଗିରି, ପୁରୁଷୋତ୍ତମ ଗିରି, ହରିଶଙ୍କର ଗିରି, ରଣଛୋର ଭାରତୀ, ଜଗଜୀବନ ଭାରତୀ, ଅର୍ଜୁନ ଭାରତୀ, ଜଗନ୍ନାଥ ପୁରୀ, ସ୍ୱଭାବ ପୁରୀ, କୈଳାସ ପୁରୀ, ଖଡ୍‌ଗ ନାରାୟଣ ପୁରୀ ମିଳିତ ଭାବେ ଏହାକୁ ସ୍ଥାପନ କରିଥିଲେ। ଆଖଡ଼ାର ମୁଖ୍ୟ କାର୍ଯ୍ୟାଳୟ ତୀର୍ଥରାଜ ପ୍ରୟାଗରେ ରହିଛି। ଉଜ୍ଜୟିନୀ, ହରିଦ୍ୱାର, ତ୍ରିମ୍ବକେଶ୍ୱରରେ ଆଖଡ଼ାର ସ୍ୱତନ୍ତ୍ର ଆଶ୍ରମ ରହିଛି। ଏକ ରିପୋର୍ଟ ଅନୁଯାୟୀ, ନିରଞ୍ଜନୀ ଆଖଡ଼ାର ସାଧୁସନ୍ଥମାନେ ଶୈବ ଉପାସକ। ଆଖଡ଼ାର ହାରାହାରି ୭୦% ସାଧୁସନ୍ଥ ଉଚ୍ଚଶିକ୍ଷିତ। ସେମାନଙ୍କ ମଧ୍ୟରେ ବହୁ ଓକିଲ, ଡାକ୍ତର, ପ୍ରଫେସର, ସଂସ୍କୃତ ବିଦ୍ୱାନ ଅଛନ୍ତି। ଏହି ଆଖଡ଼ାର ଜଣେ ସନ୍ଥ ସ୍ୱାମୀ ଆନନ୍ଦ ଗିରି ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଆଇଆଇଟି ଖଡ଼ଗପୁର, ଆଇଆଇଟି ସିଲଂର ଛାତ୍ରୀଛାତ୍ରଙ୍କୁ ପାଠପଢ଼ାଇ ଚର୍ଚ୍ଚାକୁ ଆସିଥିଲେ। ଏବେ ସେ ବନାରସରେ ରହି ପି.ଏଚ୍‌ଡି କରିଛନ୍ତି।

ଏବେ ଆଖଡ଼ାରେ ୧୦ ହଜାରରୁ ଅଧିକ ନାଗାସାଧୁ ଥିବାବେଳେ ମହାମଣ୍ଡଳେଶ୍ୱର ସଂଖ୍ୟା ୩୩। ସେହିପରି ମହନ୍ତ, ଶ୍ରୀମହନ୍ତଙ୍କ ସଂଖ୍ୟା ୧୦୦୦ରୁ ଅଧିକ। କୁମ୍ଭମେଳାରେ ଭବ୍ୟ ସମାରୋହ ଭିତରେ ନିଜକୁ ସାମିଲ କରିବା ନିରଞ୍ଜନୀ ଆଖଡ଼ାର ବହୁ ବର୍ଷ ପୁରୁଣା ପରମ୍ପରା। ଶୋଭାଯାତ୍ରାରେ ରଥ, ଘୋଡ଼ା, ହାତୀ, ଓଟ ଅଂଶଗ୍ରହଣ କରିଥାଆନ୍ତି, ଯାହା ବେଶ୍ ଚିତ୍ତାକର୍ଷକ।

## ମହାମଣ୍ଡଳେଶ୍ୱର ପାଇଁ ନାହିଁ ବୟସ ସୀମା

'ନିରଞ୍ଜନୀ ଆଖଡ଼ା'ର ଅନ୍ୟତମ ସର୍ବମାନ୍ୟ ପଦବୀ ହେଉଛି ମହାମଣ୍ଡଳେଶ୍ୱର। ଏମାନେ ନିଜକୁ ପାରିବାରିକ ଜଞ୍ଜାଳରୁ ମୁକ୍ତ ରଖିଥାଆନ୍ତି। ଏଥିଲାଗି ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବ୍ୟକ୍ତିଙ୍କୁ ବୈରାଗ୍ୟ ଏବଂ ସନ୍ନ୍ୟାସ ବ୍ରତ ଧାରଣ କରିବା ଉପରେ ବେଶି ଗୁରୁତ୍ୱ ଦିଆଯାଏ। ମହାମଣ୍ଡଳେଶ୍ୱର ହେବାକୁ ହେଲେ କୌଣସି ବୟସ ସୀମା ନ ଥାଏ। ତେବେ ସମ୍ପୃକ୍ତ ବ୍ୟକ୍ତି ବେଦ, ପୁରାଣ, ସଂସ୍କୃତ, ପ୍ରବଚନ ଦେବାରେ ପ୍ରବୀଣ ହୋଇଥିବା ଜରୁରୀ। ସେହିପରି ବାଲ୍ୟାବସ୍ଥା ଅଥବା ଜୀବନର ଚତୁର୍ଥ ପର୍ଯ୍ୟାୟରେ ବାନପ୍ରସ୍ଥ ଗ୍ରହଣ କରିଥିବା ଜଣେ ବ୍ୟକ୍ତି ମହାମଣ୍ଡଳେଶ୍ୱର ହୋଇପାରିବେ। ଏସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଆଖଡ଼ା ପକ୍ଷରୁ ପରୀକ୍ଷା କରାଯାଇଥାଏ। କିଛିବର୍ଷ ତଳେ ରିୟଲ ଇଷ୍ଟେଟ୍ ବ୍ୟବସାୟୀ ତଥା ବାର୍ ସଞ୍ଚାଳକ ସଚିନ ଦତ୍ତଙ୍କୁ ମହାମଣ୍ଡଳେଶ୍ୱର ସଚ୍ଚିଦାନନ୍ଦ ଗିରି ଭାବେ ଘୋଷଣା କରାଯାଇଥିଲା। ଏହାକୁ ନେଇ ବିବାଦ ଘେରକୁ ଆସିଥିଲା 'ନିରଞ୍ଜନୀ ଆଖଡ଼ା'।

## ଇଷ୍ଟଦେବ କାର୍ତ୍ତିକେୟ, ଧର୍ମଧ୍ୱଜା ଗେରୁଆ

ନିରଞ୍ଜନୀ ଆଖଡ଼ାର ଇଷ୍ଟଦେବ କାର୍ତ୍ତିକେୟ ସ୍ୱାମୀ ଏବଂ ଧର୍ମଧ୍ୱଜା ଗେରୁଆ। ଆଖଡ଼ାର ବର୍ତ୍ତମାନର ପ୍ରମୁଖ ପୀଠାଧୀଶ ସ୍ୱାମୀ ପୁଣ୍ୟାନନ୍ଦ ଗିରି ଜୀ ମହାରାଜ। ଅନୁଷ୍ଠାନର ସଚିବ ମହନ୍ତ ମହେନ୍ଦ୍ର ଗିରି ଏକ ସାକ୍ଷାତ୍‌କାରରେ କହିଥିଲେ, ସନାତନ ଧର୍ମର ସଂରକ୍ଷଣ ଲାଗି ଆଖଡ଼ା ପକ୍ଷରୁ ନିରନ୍ତର ଉଦ୍ୟମ ଜାରି ରହିଛି। ଏଥିସହ ଆଖଡ଼ା ପକ୍ଷରୁ ବିଭିନ୍ନ ସଂସ୍କୃତ ବିଦ୍ୟାଳୟରେ ଦେୟମୁକ୍ତ ଶିକ୍ଷା ବ୍ୟବସ୍ଥା କରାଯାଇଛି।



# କିଆରାଙ୍କୁ ଭେଟିବାକୁ ପ୍ରଶଂସକ ବ୍ୟାକୁଳ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ ସୋସିଆଲ ମିଡିଆରେ ବହୁତ ସକ୍ରିୟ। ପ୍ରଶଂସକଙ୍କ ପାଇଁ ସେ ସବୁବେଳେ ନୂଆ ନୂଆ ଫଟୋ ଶେୟାର କରୁଛନ୍ତି। ପ୍ରଶଂସକମାନେ ମଧ୍ୟ ତାଙ୍କ ଫଟୋ ଏବଂ ଭିଡିଓକୁ ଦେଖିବା ପାଇଁ ଚାହିଁ ବସିଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଏବେ ଦେଖିବାକୁ ମିଳିଛି। କିଆରାଙ୍କର ଜଣେ ପ୍ରଶଂସକ ତାଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେ ଫ୍ୟାନ ପେଜ୍ ମାଧ୍ୟମରେ ତାଙ୍କୁ ଭେଟିବାକୁ ଚାହୁଁଥିବା ଜଣାଇଥିଲେ। ଏଥିସହ ସେ ଏକ ବଡ଼ ନୋଟ ମଧ୍ୟ ଲେଖିଥିଲେ। ସେ ଲେଖିଥିଲେ, ମୋ ପାଇଁ କିଆରା ମ୍ୟାଡମ ଜଣେ ଆଦର୍ଶ। ତାଙ୍କୁ ଭେଟିବା ମୋ ପାଇଁ ସୁବୁଠାରୁ ସୁନ୍ଦର ମୁହୂର୍ତ୍ତ ହେବ। କିନ୍ତୁ ମୁଁ ଦୁଃଖିତ ଯେ, ମ୍ୟାଡମ ବହୁତ ଥର ଦିଲ୍ଲୀ ଆସିସାରିଛନ୍ତି କିନ୍ତୁ ମୁଁ ତାଙ୍କୁ ସାକ୍ଷାତ କରିପାରୁ ନାହିଁ। ଆଗକୁ ମୁଁ ତାଙ୍କୁ ନିଶ୍ଚୟ ଭେଟିବି। ମୋର ଏହି ସ୍ୱପ୍ନ ଶୀଘ୍ର ପୂରଣ ହେବ ବୋଲି ମୁଁ ଆଶା କରୁଛି। ଏହାର ଉତ୍ତରରେ କିଆରା ଲେଖିଛନ୍ତି, ସ୍ୱପ୍ନ ସତ ହୁଏ ଏବଂ ପୂରଣ ମଧ୍ୟ ହୁଏ। ବହୁତ ଶୀଘ୍ର ଆପଣଙ୍କର ଏହି ସ୍ୱପ୍ନ ପୂରଣ ହେବ। କିୟାରାଙ୍କ ଏହି ଉତ୍ତର ପ୍ରଶଂସକଙ୍କୁ ବହୁତ ପସନ୍ଦ ଆସିଛି।

# ଆଜି ବିଶ୍ୱ ହେମୋଫିଲିଆ ଦିବସ

ପୃଥିବୀରେ ଦେଖାଯାଉଥିବା ଜଟିଳ ତଥା ବଂଶାନୁକ୍ରମିକ ରୋଗ ମଧ୍ୟରେ 'ହେମୋଫିଲିଆ' ଅନ୍ୟତମ। ଏହି ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୧୭ ତାରିଖକୁ 'ବିଶ୍ୱ ହେମୋଫିଲିଆ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି– 'ପରିବର୍ତ୍ତନକୁ ଗ୍ରହଣ କରି ନୂତନ ବିଶ୍ୱରେ ଦୀର୍ଘସ୍ଥାୟୀ ସେବାକୁ ଗୁରୁତ୍ୱ ଦେବା'। ଆମେ ପରସ୍ପର ମାନସିକ ସ୍ତରରେ ଏକାଠି ହୋଇ ଏହାର ପ୍ରତିକାର ନିମନ୍ତେ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି; ଯଦ୍ଦ୍ୱାରା ଉକ୍ତ ରୋଗରେ ପୀଡ଼ିତ ବହୁ ବ୍ୟକ୍ତି ଏହାର କୁପ୍ରଭାବରୁ ରକ୍ଷା ପାଇପାରିବେ। ଏହି ରୋଗ ସମ୍ପର୍କରେ ଡା. ବସନ୍ତ କୁମାର ଷଡ଼ଙ୍ଗୀ କହନ୍ତି, "ଚିକିତ୍ସା ଶାସ୍ତ୍ରର ଅଧ୍ୟୟନରୁ ଜଣାଯାଏ ଯେ, ଏହି ରୋଗ ଇଂଲଣ୍ଡର ଭିକ୍ଟୋରିଆ ରାଜ ପରିବାରରେ ପ୍ରଥମେ ଦେଖାଦେଇଥିଲା। ହେମୋଫିଲିଆର ଅର୍ଥ 'ଅସ୍ୱାଭାବିକ ରକ୍ତସ୍ରାବ' ଅର୍ଥାତ୍, ମନୁଷ୍ୟ ଶରୀରର କୌଣସି ଅଙ୍ଗପ୍ରତ୍ୟଙ୍ଗରେ ଆଘାତ ହେବା କାରଣରୁ କ୍ଷତ ହେଲେ ଉକ୍ତ ସ୍ଥାନରୁ ଅଧିକ ତଥା ଦୀର୍ଘସମୟ ଧରି ରକ୍ତସ୍ରାବ ହୋଇଥାଏ। କେବଳ ସେତିକି ନୁହେଁ, ରକ୍ତ ଶୀଘ୍ର ଜମାଟ ବାନ୍ଧି ନ ଥାଏ। ସାଧାରଣ ମନୁଷ୍ୟଙ୍କଠାରେ କୌଣସି କ୍ଷତ ହେଲେ ନିର୍ଦ୍ଦିଷ୍ଟ ସମୟ ଭିତରେ ରକ୍ତସ୍ରାବ ସ୍ୱାଭାବିକ ଭାବେ ବନ୍ଦ ହେଉଥିବାବେଳେ ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କଠାରେ ଏହା ଅସ୍ୱାଭାବିକ ତଥା ଅନିର୍ଦ୍ଦିଷ୍ଟ ସମୟ ଯାଏ ରକ୍ତସ୍ରାବ ଦେଖାଦେଇଥାଏ। ହେମୋଫିଲିଆ ପୁରୁଷଙ୍କଠାରେ ଅଧିକ ଦେଖାଦେଇଥାଏ। ଏହା ଏକ ବଂଶାନୁକ୍ରମିକ ରୋଗ। ହେମୋଫିଲିଆ ରୋଗୀ ସର୍ବଦା ସନ୍ତୁଳିତ ଖାଦ୍ୟ ଖାଇବା ଜରୁରୀ। ଭିଟାମିନ୍-'କେ'ଯୁକ୍ତ ଖାଦ୍ୟ ଖାଇବା ସହ କୌଣସି କାରଣରୁ ଶରୀର କ୍ଷତ ହେବାଠାରୁ ଦୂରେଇ ରହିବା ନିମନ୍ତେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଦୈନନ୍ଦିନ କାର୍ଯ୍ୟ ତଥା ଗାଡ଼ି ମୋଟରରେ ଯାତାୟାତ ବେଳେ ସତର୍କ ରହିବା ଜରୁରୀ। ନିଜର ବୟସ ଅନୁଯାୟୀ ଓଜନ ଠିକ୍ ରଖିବା ସହ ଶରୀରର ଦୁର୍ବଳତା ଦୂର ପାଇଁ ସତର୍କ ରହିବା, ବ୍ଲଡପ୍ରେସର, ଡାଇବେଟିସ୍ ଆଦିଠାରୁ ଦୂରେଇ ରହିବା ନିମନ୍ତେ ଯତ୍ନବାନ ହେବା ଆବଶ୍ୟକ। କୌଣସି କାରଣରୁ ଶରୀରରେ କ୍ଷତ ଘଟିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।




# ନିଜ ପରିସ୍ରା ପିଇ ସୁସ୍ଥ

**ନୂଆଦିଲ୍ଲୀ:** ଗୋମୂତ୍ର ଶରୀର ପାଇଁ ଲାଭଦାୟକ ବୋଲି ଶୁଣାଯାଇଛି। ହେଲେ ଜଣେ ଯୁବକ ନିଜ ପରିସ୍ରା ପିଇବା ସହ ଏହାଦ୍ୱାରା ତାଙ୍କର ଅନେକ ଲାଭ ହେଉଥିବା ଦାବି କରିଛନ୍ତି। ଏକ ଖବର ଅନୁଯାୟୀ, ବ୍ରିଟେନର ହାମ୍ପଶାୟାରରେ ରହୁଥିବା ଫାର୍ନବୋରଫ୍ ଅଞ୍ଚଳର ହେରି ମେଟାଡିନ୍ ନାମକ ଯୁବକ ପ୍ରତିଦିନ ନିଜ ପରିସ୍ରା ପିଅନ୍ତି। ଏହା ତାଙ୍କ ଶରୀରକୁ ମଏଶ୍ଚରାଇଜ୍ କରିଥାଏ ବୋଲି ସେ କୁହନ୍ତି। ୩୩ ବର୍ଷୀୟ ହେରି ପ୍ରତିଦିନ ଏଜ୍‌ଡ ୟୁରିନ୍(କିଛି ସପ୍ତାହ କିମ୍ବା ମାସେ ପୁରୁଣା ପରିସ୍ରା) ପିଅନ୍ତି। ଆରମ୍ଭରେ ତାଙ୍କୁ ଏହା ଖରାପ ଲାଗୁଥିଲେ ମଧ୍ୟ ପରେ ଭଲ ଲାଗିଥିଲା। ଏହାଦ୍ୱାରା ସେ ନିଜକୁ ଅଧିକ ସୁସ୍ଥ, ଆନନ୍ଦିତ ଏବଂ ସ୍ମାର୍ଟ ଅନୁଭବ କରୁଥିବା କୁହନ୍ତି। ଏମିତିକି ନିଜ ପରିସ୍ରା ପିଇବା ଦ୍ୱାରା ସେ ମାନସିକ ଅବସାଦ ମଧ୍ୟ ଦୂର କରିପାରିଛନ୍ତି ବୋଲି ଦାବି କରନ୍ତି। ହେରି ଏହାକୁ ନେଇ ୨ଟି ପୁସ୍ତକ ମଧ୍ୟ ଲେଖିଥିବାବେଳେ ଏହି ଉପଚାର ବିଷୟରେ ସମସ୍ତେ ଜାଣନ୍ତୁ ବୋଲି ଚାହାନ୍ତି। ପରିସ୍ରା ପିଇବାକୁ ନେଇ ହେରିଙ୍କୁ ତାଙ୍କ ବାପା ଲେଖି ଗାଳି ଦେଇଥିବା ସେ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।



# କଏଦୀ ପ୍ରେମରେ ମହିଳା ଜେଲର

**ଲଣ୍ଡନ:** ପ୍ରେମ କାହା ସହ କେତେବେଳେ କେଉଁ ପରିସ୍ଥିତିରେ ହେବ କହିବ ମୁସ୍କିଲ। ଠିକ ଏମିତି ଘଟିଛି ବ୍ରିଟେନର ଜଣେ ମହିଳା ଜେଲରଙ୍କ କ୍ଷେତ୍ରରେ। ଏହି ମହିଳା ଜେଲର ଜଣକ କଏଦୀଙ୍କ ପ୍ରେମରେ ପଡ଼ିବା ପରେ ତାଙ୍କୁ ଜେଲ ଦଣ୍ଡାଦେଶ ହୋଇଛି। ସ୍କାରଲେଟ ଏଲ୍ଡ୍ରିଚ ନାମକ ଏହି ମହିଳା ଜଣେ ଅପରାଧୀଙ୍କ ସହ ପ୍ରେମସମ୍ପର୍କ ରଖିଥିଲେ। ଜେଲ ଅଧିକାରୀଙ୍କୁ ଏକଥା ଜଣାପଡ଼ିଲା ଯେତେବେଳେ ମହିଳା ଜେଲର ଡାକ୍ତରୀ ପରୀକ୍ଷା ଦେବାକୁ ଗଲେ। ସ୍କାରଲେଟ ତାଙ୍କ ଗୋଡ଼ରେ ଏକ ସିକ୍ରେଟ ଟାଟୁ ଆଙ୍କିଥିଲେ। ଏହି ଟାଟୁରେ କଏଦୀଙ୍କ ନମ୍ବର ଲେଖାଥିଲା। ଜେଲ ଅଧିକାରୀ ଏ ବିଷୟ ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ସ୍କାରଲେଟ ଏବଂ ତାଙ୍କ ପିତା ହେଉଛନ୍ତି ପୋଲିସ ଅଫିସର। ସେମାନେ ୟାର୍କର ଫୁଲ ସଟନ ଜେଲରେ କାମ କରନ୍ତି। ଏହି ସମୟରେ ଜଣେ ଅପରାଧୀଙ୍କ ପ୍ରେମରେ ପଡ଼ିଥିଲେ ସ୍କାର୍ଲେଟ। ସେ କଏଦୀଙ୍କୁ ପ୍ରେମ ଚିଠି ବି ଦେଉଥିଲେ। ସମସ୍ତ ବିଷୟ ଜଣାପଡ଼ିବା ପରେ ମହିଳା ଜେଲରଙ୍କୁ ଅପରାଧୀଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ଜେଲ ଦଣ୍ଡାଦେଶ ଦିଆଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

EASY FINANCE
Mini Loan, Personal Loan, Business Loan, Mortgage Loan, Home Loan, Agricultural Loan.
Above loans are available in " EASY FINANCE "
Address : 32-E, The Chandan, Ground Floor, Ashok Nagar, Bhubaneswar, Land mark-Hotel Rail View,
Ph: 0674-3561582, 0674-3569237
Website www.easyfinance.org.in
Bhubaneswar : 8093095943, 8093095941
Nayagarh : 8093095930
Khurda : 8093095931, 8093095935, 8093095940
Jagatsinghpur : 8093095932, 8093095934
Puri : 8093095936, 8093095957
REST OF ODISHA (RM) 7077318777

Pratichi
ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ ଓଡ଼ିଶାର ପ୍ରତି ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲି., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଜପତି ଜିଲାରେ ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଅନ୍ୟ ଜିଲାରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଶନିବାର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଓ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ ରହିବା ନେଇ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୫ | ୨୬.୫ |
| ଚାନ୍ଦବାଲି | ୩୭.୯ | ୨୪.୮ |
| କଟକ | ୩୮.୦ | ୨୩.୦ |
| ପାରାଦୀପ | ୩୩.୨ | ୨୫.୬ |
| ଭୁବନେଶ୍ୱର | ୩୯.୩ | ୨୪.୬ |
| ଗୋପାଳପୁର | ୩୨.୪ | ୨୫.୩ |
| ପୁରୀ | ୩୩.୪ | ୨୬.୦ |
| ଅନୁଗୋଳ | ୩୯.୧ | ୨୨.୬ |
| ବାରିପଦା | ୩୯.୫ | ୨୭.୦ |
| ଝାରସୁଗୁଡ଼ା | ୩୯.୪ | ୨୨.୮ |
| କେନ୍ଦୁଝର | ୩୭.୦ | ୨୪.୮ |
| ସମ୍ବଲପୁର | ୩୮.୪ | ୨୨.୪ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୭.୫ | ୨୧.୯ |
| ତାଳଚେର | ୩୮.୧ | ୨୩.୫ |
| ଭବାନୀପାଟଣା | ୩୭.୬ | ୨୦.୬ |
| ବଲାଙ୍ଗୀର | – | ୧୯.୨ |
| କୋରାପୁଟ | ୩୨.୫ | ୧୮.୫ |
| ଫୁଲବାଣୀ | ୩୪.୪ | ୧୭.୫ |
| ଟିଟିଲାଗଡ଼ | ୩୮.୦ | ୨୧.୮ |
| ମାଲକାନଗିରି | ୩୮.୫ | ୨୨.୦ |
| ସୋନପୁର | ୩୮.୪ | ୨୧.୨ |
| ଦାରିଙ୍ଗବାଡ଼ି | ୩୩.୫ | ୧୮.୦ |
| ନୟାଗଡ଼ | ୩୮.୦ | ୨୩.୦ |
| ବୌଦ୍ଧ | ୩୮.୦ | ୨୦.୦ |
| ଛତ୍ରପୁର | ୩୫.୦ | ୨୫.୦ |
| ପାରଳାଖେମୁଣ୍ଡି | ୩୪.୫ | ୨୩.୫ |
| ରାୟଗଡ଼ା | ୩୫.୬ | ୧୭.୬ |

ଡିଗ୍ରୀ ସେଲ୍‌ସିୟସ୍


ମନେ ପଡ଼ନ୍ତି
ଦ୍ୱାଦଶ କର୍ମ ଉପଲକ୍ଷେ



ଚନ୍ଦ୍ରମା ନାୟକ
ଶାସ୍ତ୍ରୀନଗର Plot-255/1645
ଆବିର୍ଭାବ: ୦୩।୦୨।୧୯୪୩
ତିରୋଧାନ: ୦୬।୦୪।୨୦୨୧
ଆମ୍ଭମାନଙ୍କର ଚିରସ୍ମରଣୀୟ ମା' ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପଦ ଚରଣରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଭିକାରୀ, ବସନ୍ତ, ଶରତ, ମୀନାକ୍ଷୀ, ସୁପ୍ରଭା, ସନ୍ତୋଷିନୀ, ରାଜା, ରାହୁଲ, ରୋନକ୍, ବନ୍ଧୁ ପରିଷଦ।
ଧ-୨୦୫୨୯

# କ ବି ତା



## ଖରା ଦାଉ

ତାତିଲାଣି ଧରା ଆସିଲାଣି ଖରା
ବହୁଛି ପବନ ଝାଞ୍ଜି,
ଶୁଖିଯାଏ ପାଣି ତଳକୁ ତଳକୁ
ଗଛରେ ଶୁଖିଲା ରାଞ୍ଜି।
ଖାଲି ପାଦେ ଆଉ ଚାଲି ହୁଏନାହିଁ
ଟହଟହ ତାତେ ବାଲି,
ଭୋକ ହେଉ ନାହିଁ ଶୋଷ ହୁଏ ବେଶି
ଥଣ୍ଡା ପାଣି ଖୋଜେ ଖାଲି।



ଛତା ସାଥେ ଥିବ ପାଣି ବୋତଲଟେ
ବାହାରକୁ ଯେବେ ଯିବ,
ଅଂଶୁଘାତରୁ ରକ୍ଷା ପାଇବାକୁ
ଓଦା ଗାମୁଛାଟେ ନେବ।
ଗଛ କାଟି ଆମେ ସଫା କରିଦେଲେ
କାହାକୁ ବା ଦେବା ଦୋଷ,
ଖରାର ଦାଉକୁ ସହି ନ ପାରିକି
ଜୀବଜନ୍ତୁ ହେବେ ଶେଷ।
**-ଝରଣା ବାରିକ**
ସମଲ, ତାଳଚେର, ଅନୁଗୋଳ

## ଜନମଭୂମି

ନଦୀ ନାଳ ଘେରା ସେ ବନ ପାହାଡ଼
ଦିଶେ ଭାରି ମନୋହର,
ବୁଢ଼ୀ ଜାଗୁଳାଇ ଜଗି ବସିଥାଏ
ଗାଁ ଶେଷମୁଣ୍ଡେ ଯାହାର।
କେତେ ଜାତି ପକ୍ଷୀ ଉଡୁଥାନ୍ତି ନିତି
ଶୁଭେ କୋଇଲିର ସ୍ୱର,
ସଞ୍ଜ ନଇଁଗଲେ କୋକିଶିଆଳର
ଡାକ ଶୁଭେ ନିରନ୍ତର।
ପୁନେଇ ପରବ ମେଳା ମହୋତ୍ସବ
ଆନନ୍ଦର ପଟୁଆର,
ଗାଁ ଦାଣ୍ଡ ଯେବେ ଉଚ୍ଛୁଳି ଉଠଇ
ସଭିଏ ହୁଅନ୍ତି ବିଭୋର।



ସ୍କୁଲ ଜୀବନର ସାଙ୍ଗ ସାଥୀ ମେଳ
ଅପାସୋରା ଅତୀତର,
ସେଇଠି ମୋ ଗାଁ ମୋ ଏନ୍ତୁଡ଼ିଶାଳ
ଜନମଭୂମି ସେ ମୋର।
**-ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪,ସଲଟ ଲେକ,
କୋଲକାତା

## ସ୍ୱଚ୍ଛ ପରିବେଶ

ଯାଇଥିଲେ ଜେଜେ ଡିହକୁଳା ହାଟ
ଆଣିଲେ ତିରିଶି ଚାରା,
ପୋତିଲେ ଯତନେ ବାଡ଼ିରେ ଆମର
ପଡୁଥିଲା ଯେଣେ ଖରା।
ପାଖକୁ ଆସିଲା ନାତି,
କହିଲା ଜେଜେଙ୍କୁ ଏଠି କିଆଁ ପୋତ
ପଡ଼ିବ ଖରାର ତାତି।
ମୁଣ୍ଡଫଟା ଖରା ହେଉଛି ଏମିତି
ପାରୁନାହୁଁ ଆମେ ସହି,
କେମିତି ସହିବ ଛୋଟିଆ ଚାରାଟେ
ପାରିବକି ମତେ କହି।
ମୁରୁକି ହସିଲେ ଜେଜ,
କହିଲେ ହଇରେ ବୋକା ବଦମାସ
କହୁଛି କଥାକୁ ହେଜ।
ଖରା ଯଦି କୋଉ ଗଛରେ ନ ପଡ଼େ
ବଢ଼ିବନି ସେଇ ଗଛ,
ଫଳିବନି ଫୁଲ ଫଳ କିଛି ଜମା
ଏକଥା ନୁହଁଇ ମିଛ।
ଯେତେ ସାଙ୍ଗ ତମେ ଅଛ
ଫାଙ୍କା ଜାଗା ଦେଖି ଲଗେଇବ ଚାରା
ପରିବେଶ ହେବ ସ୍ୱଚ୍ଛ।
**-ଧୀରେନ୍ଦ୍ର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର



## ନିଆଁ

ତତଲା ଧରଣୀ କଷଣ ଦେଖିଲେ
ହୃଦୟ ହୁଏ ଛାନିଆଁ
ଦେଖିଛୁକି କୁନା ବଣ ଜଂଗଲରେ
ଲାଗିଛି କେମିତି ନିଆଁ।



ଡାଳ ଘଷି ନିଆଁ ଆଉ କି ଲାଗୁଛି
ଗଛର ଘନତା କାହିଁ?
ସେଦିନ ଆଦିମ ଶିଖିଥିଲା ସିନା
ଦରବକୁ ପୋଡି ଖାଇ।
ଆଜି ପୋଡୁଅଛି ଜଙ୍ଗଲ ସମ୍ପଦ
କେଡେ କଠୋର ତା' ଛାତି
ଉଭିଦେ ସଂହାରି ସାଜିଛି ବଇରୀ
ସ୍ୱାର୍ଥରେ ଯାଇଛି ମାତି।
ଛାଇ ଟିକେ ନାହିଁ ପାଣି ଟିକେ ନାହିଁ
ଡହଳ ବିକଳ ବିଶ୍ୱ
ନିଦାଘ ସାଥିରେ ଭୂତାଣୁ ପ୍ରକୋପ
କରି ସବୁଙ୍କୁ ନାଶ।
ପୃଥିବୀ ଶୀତଳା ଅଭିଯାନ ଯେବେ
ଆରମ୍ଭିବା ସର୍ବେ ମିଶି
ଗଛ ଲଗାଇଲେ ଯତନ କରିଲେ
ହସୁଥିବେ ରବି ଶଶୀ।
**-ବିଜୟଲକ୍ଷ୍ମୀ ପାଣିଗ୍ରାହୀ**
କୁନ୍ଦୁରା, ଜୟପୁର, କୋରାପୁଟ

## ଆଇନା




## ଖିଲିଖିଲି ହସ

**୧**

ଚିଣ୍ଟୁ- ମୁଁ ବଡ଼ ହୋଇ ପାଇଲଟ୍ ହେବାକୁ ଚାହୁଁଛି।
ମଣ୍ଟୁ- ମୁଁ ବୈଜ୍ଞାନିକ ହେବାକୁ ଚାହୁଁଛି।
ସାଣ୍ଟୁ- ମୁଁ ବଡ଼ ହୋଇ ଇଞ୍ଜିନିୟର ହେବି।
ବଲ୍ଟୁ- ମୁଁ ବଡ଼ ହେଲେ ପୁଣି ଥରେ ଛୋଟ ପିଲାଟିଏ ହେବାକୁ ଚାହିଁବି ଆଉ ସବୁବେଳେ ଖେଳିବି।

**୨**

ଶିକ୍ଷକ- ଝିଟିପିଟି ଆଉ କୁମ୍ଭୀର ଭିତରେ ପାର୍ଥକ୍ୟ କ'ଣ ?
ଛାତ୍ର- ସାର୍ ଝିଟିପିଟି ହେଉଛି ଏକ ଗରିବ, କୁମ୍ଭୀର ଯିଏ କି ହର୍ଲିକ୍ସ ଖାଏନି।

**୩**

ଶିକ୍ଷକ- ଆଚ୍ଛା ପିଲାମାନେ କିଏ କହିପାରିବ କି ସ୍ୱଚ୍ଛ ପଦାର୍ଥ କହିଲେ ତୁମେ କ'ଣ ବୁଝ ?
ଛାତ୍ର- ସାର୍ ସ୍ୱଚ୍ଛ ମାନେ ଯାହା ମଧ୍ୟ ଦେଇ ଆମେ ଦେଖି ପାରିବା।
ଶିକ୍ଷକ- ଉଦାହରଣ ଦିଅ
ଛାତ୍ର- ଝରକା

**୪**

ଶିକ୍ଷକ- ଚିଣ୍ଟୁ ନିୟୁଟନଙ୍କ ଲ' କ'ଣ କୁହ ?
ଚିଣ୍ଟୁ- ସାର୍ ମୋର କେବଳ ଶେଷ ଲାଇନ୍‌ଟା ମନେ ଅଛି।
ଶିକ୍ଷକ- ଆଚ୍ଛା କ'ଣ ମନେରଖିଛ କୁହ।
ଚିଣ୍ଟୁ- ଏହାକୁ ହିଁ ନିୟୁଟନଙ୍କ ଲ' କୁହନ୍ତି।

ଗିନିଜ୍ ୱାର୍ଲ୍ଡ ରେକର୍ଡ

## ୯୦ ବର୍ଷରେ ମ୍ୟାନେଜର




ପିଲାମାନେ ତୁମେ ତ ଜାଣିଛ କି ଚାକିରି କରିଥିବା ସବୁ ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ ବୟସ ଆସିଲେ ଅବସର ନେବାକୁ ପଡ଼େ। କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନେ ଅବସର ପରେ ବି କାମ କରିବା ଛାଡ଼ି ନ ଥାନ୍ତି। କିନ୍ତୁ ପିଲାମାନେ ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ ୯୦ ବର୍ଷ ବୟସରେ ବି ଚାକିରି କରିଛନ୍ତି। ଏତେ ବର୍ଷ ବୟସରେ ବି ଏକ କମ୍ପାନୀରେ ମ୍ୟାନେଜରଭାବେ କାମ କରୁଛନ୍ତି ଚାଇନାର ୟାସୁକୋ ତମାକୀ। ଏକ ଟ୍ରେଡିଂ କମ୍ପାନୀ ସନ୍‌କୋ ଇଣ୍ଡଷ୍ଟ୍ରିଜ୍‌ରେ ସେ ୧୯୫୬ ମସିହାରୁ କାମ କରୁଛନ୍ତି। ଏମିତି କି ସପ୍ତାହକୁ ୫ ଦିନ ପର୍ଯ୍ୟନ୍ତ ସେ ସକାଳ ୭ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନ୍ୟମାନଙ୍କ ଭଳି ଶିଫ୍ଟରେ କାମ କରୁଛନ୍ତି। ଏଥିପାଇଁ ତ ଏବେ ସେ ସବୁଠୁ ଅଧିକ ବୟସର କର୍ମଚାରୀଭାବେ ଗିନିଜ୍ ରେକର୍ଡ କରିଛନ୍ତି। ୟାସୁକୋ କହନ୍ତି, ସେ ଅବସର ନେବାକୁ ପସନ୍ଦ କରନ୍ତି ନାହିଁ। ସେଥିପାଇଁ ସେ ଏହି ବୟସରେ ମ୍ୟାନେଜରଭାବେ କାମ କରି କମ୍ପାନୀର ସବୁ ଦାୟିତ୍ୱକୁ ଠିକ୍‌ଭାବେ ତୁଲାଇ ପାରୁଛନ୍ତି।

ଆସ ଜାଣିବା

## ରତ୍ନ ଦ୍ୱୀପ ଖୋକୋସ୍

ସମୁଦ୍ର ମଧ୍ୟରେ ରହିଥିବା ବିଭିନ୍ନ ଦ୍ୱୀପ ସମ୍ପର୍କରେ ଜାଣିବା ପାଇଁ ପ୍ରାୟ ସମସ୍ତଙ୍କର ମନରେ ଉତ୍କଣ୍ଠା ରହିଥାଏ। ଏଥିପାଇଁ ଅନେକ ଜଳଯାତ୍ରା କରି ବିଭିନ୍ନ ଦ୍ୱୀପକୁ ବୁଲିବାକୁ ବି ଯାଇଥାନ୍ତି। ଠିକ୍ ଏମିତି ଏକ ଦ୍ୱୀପ ସମ୍ପର୍କରେ ଆସନ୍ତୁ ଜାଣିବା। କୋଷ୍ଟାରିକା ଅନ୍ତର୍ଗତ ଖୋକୋସ୍ ଦ୍ୱୀପ ହେଉଛି ଗୋଟିଏ ବିଶ୍ୱ ଐତିହ୍ୟ ସ୍ଥଳ। ଭୂଖଣ୍ଡ ଠାରୁ ପ୍ରାୟ ୫୫୦କି.ମି. ଦୂରରେ ପ୍ରଶାନ୍ତ ମହାସାଗର ଅବସ୍ଥିତ। ଏହି ଦ୍ୱୀପର କ୍ଷେତ୍ରଫଳ ହେଉଛି ପ୍ରାୟ ୨୦୦ହେକ୍ଟର। ଏହା ହେଉଛି ୮କି.ମି. ଦୈର୍ଘ୍ୟ ଓ ୩କି.ମି. ଚଉଡ଼ାର ଗୋଟିଏ ପ୍ରାୟ ଆୟତକାର ଦ୍ୱୀପ। ଏହାର ଜଳବାୟୁ ଓ ପରିବେଶର ନାନା ପ୍ରକାର ବିବିଧତା ଦେଖାଯାଏ। ଏଠାରେ ସ୍ଥାୟୀ ବସତି ନାହିଁ। ଏହାକୁ ୧୭୯୮ମସିହାରୁ କୋଷ୍ଟାରିକା ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି। ୟୁନେସ୍କୋ ୧୯୯୭ ମସିହାରେ ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ଦେଇଛି।

ଖୋକୋସ୍ ଦ୍ୱୀପକୁ ପୃଥିବୀର ସାତଟି ପ୍ରାକୃତିକ ଆଶ୍ଚର୍ଯ୍ୟ ମଧ୍ୟରେ ଗଣାଯାଏ। ଏଠାରେ ଅନେକ ଛୋଟ ଛୋଟ ନଦୀ ପ୍ରବାହିତ ହେଉଛି ଏବଂ ଏଠାରେ ପ୍ରାୟ ୨୦୦ଟି ଜଳପ୍ରପାତ ଅଛି। ଏଠାରେ ଘଞ୍ଚ କ୍ରାନ୍ତୀୟ ଜଙ୍ଗଲ ଦେଖାଯାଏ। ଏହା ହେଉଛି ଏକମାତ୍ର ବିଷୁବ ମଣ୍ଡଳୀୟ ପୂର୍ବ ପ୍ରଶାନ୍ତ ମହାସାଗର ଦ୍ୱୀପ ଯେଉଁଠି ବୃଷ୍ଟି ଅରଣ୍ୟ(rain forest) ଦେଖାଯାଏ। ସ୍ପେନର ଜଳଯାତ୍ରୀ ଜୁଆନ ଦେ କାବେଜାସ ୧୫୨୬ ମସିହାରେ ଏହାକୁ ଆବିଷ୍କାର କରିଥିଲେ।

ଖୋକୋସ୍ ଦ୍ୱୀପର ଜୈବ ବିବିଧତା ମଧ୍ୟରେ ୨୩୫ ପ୍ରଜାତିର ଉଦ୍ଭିଦ, ୪୦୦ ପ୍ରଜାତିର କୀଟପତଙ୍ଗ, ୫ ପ୍ରଜାତିର ସରୀସୃପ ଓ ୧୦୦ ପ୍ରଜାତିର ପକ୍ଷୀ ଅଛନ୍ତି। ଏମାନଙ୍କ ମଧ୍ୟରୁ କେତେକ କେବଳ ଏହି ଦ୍ୱୀପରେ ଦେଖାଯାଆନ୍ତି। ଏହା ନିକଟ ଜଳଭାଗରେ ୩ ପ୍ରଜାତିର ସାମୁଦ୍ରିକ କଇଁଛ, ୫୦ ପ୍ରଜାତିର ଗେଣ୍ଡା ଓ ଶାମୁକା, ୩୦ପ୍ରଜାତିର ପ୍ରବାଳ, ୬୦ ପ୍ରଜାତିର କଙ୍କଡ଼ା ଓ ଚିଙ୍ଗୁଡ଼ି ଏବଂ ୨୫୦ ପ୍ରଜାତିର ମାଛ ଅଛନ୍ତି।

ଖୋକୋସ୍ ଦ୍ୱୀପର ୧୬୦୦ ମସିହାରୁ ୧୮୦୦ ମସିହା ମଧ୍ୟରେ ଜଳଦସ୍ୟୁମାନେ ରହି ଜାହାଜକୁ ଲୁଣ୍ଠନ କରୁଥିଲେ। ଦସ୍ୟୁମାନେ ଏହି ଦ୍ୱୀପରେ ଧନରତ୍ନ ଲୁଚାଇ ରଖିଥିବାର ବିଶ୍ୱାସ କରାଯାଏ। ଜଳଦସ୍ୟୁ ଦଳର ଜଣେ ସଭ୍ୟଙ୍କ ଲେଖାରୁ ଜଣାଯାଏ ଯେ ଜାହାଜ ଲୁଣ୍ଠନ ପରେ ସେମାନେ ସୁନା, ରୁପାକୁ ମୁଖ୍ୟ ଭୂମିକୁ ଆଣି ନ ପାରି ସେହି ଦ୍ୱୀପରେ ପୋତି ଦେଇଛନ୍ତି। ଅନେକ ବ୍ୟକ୍ତି ଏହି ଚୋରା ଧନ ଆଶାରେ ସେଠାକୁ ଯାଇ ଖୋଜିଥାନ୍ତି। ଅବଶ୍ୟ ସେମାନେ ଏଥିରେ ନିରାଶ ହୋଇଛନ୍ତି। କିନ୍ତୁ ତଥାପି ଏଠାରେ ଲୁପ୍ତ ଧନରତ୍ନ ଥିବାର କିମ୍ବଦନ୍ତୀ ରହିଛି ଏବଂ ଏହା ଲୋକମୁଖରେ 'ରତ୍ନଦ୍ୱୀପ' ନାମରେ ଜଣାଯାଇଛି। ଏହାକୁ ନେଇ ଅନେକ ଗଳ୍ପ ଓ ଉପନ୍ୟାସ ଲେଖାଯାଇଛି। ସବୁଠାରୁ ଲୋକପ୍ରିୟ ଶିଶୁ ଉପନ୍ୟାସ ହେଉଛି ରବର୍ଟ ଷ୍ଟିଭେନସନଙ୍କ ରଚିତ 'ଟ୍ରେଜର ଆଇଲାଣ୍ଡ' (ଅର୍ଥାତ ରତ୍ନଦ୍ୱୀପ) ସେ ଏହି ଦ୍ୱୀପର କିମ୍ବଦନ୍ତୀକୁ ଆଧାର କରି ଏହି ଉପନ୍ୟାସ ଲେଖିଛନ୍ତି।



"କୋଷ୍ଟାରିକା ଅନ୍ତର୍ଗତ ଖୋକୋସ୍ ଦ୍ୱୀପ ହେଉଛି ଗୋଟିଏ ବିଶ୍ୱ ଐତିହ୍ୟ ସ୍ଥଳ। ଭୂଖଣ୍ଡ ଠାରୁ ପ୍ରାୟ ୫୫୦କି.ମି. ଦୂରରେ ପ୍ରଶାନ୍ତ ମହାସାଗର ଅବସ୍ଥିତ। ଏହି ଦ୍ୱୀପର କ୍ଷେତ୍ରଫଳ ହେଉଛି ପ୍ରାୟ ୨୦୦ହେକ୍ଟର। ଏହା ହେଉଛି ୮କି.ମି. ଦୈର୍ଘ୍ୟ ଓ ୩କି.ମି. ଚଉଡ଼ାର ଗୋଟିଏ ପ୍ରାୟ ଆୟତକାର ଦ୍ୱୀପ।"

**-ଇଂ. ମାୟାଧର ସ୍ୱାଇଁ**
୭୦ ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର, ମୋ:୯୪୩୮୬୯୩୭୨୪

## କହିଲ ଦେଖି

**(୧)**

ଗଛରେ ବସି ଗାଉଛି ଗୀତ
କେତେ ମଧୁର ସୁରେ
ଶୁଣିଲେ ଥରେ ଶୁଣିବା ପାଇଁ
ମନ ହିଁ ତାକୁ ଝୁରେ।
ରଙ୍ଗଟି ସିନା ଅଟଇ କଳା
ସାଜେ ସଭିଙ୍କ ପ୍ରିୟ
କିଏ ଜାଣିଛ ନାମଟି ତାର
ଜଲଦି ଟିକିଏ କୁହ।

ଉ- **କୋଇଲି**



**(୨)**

ଯତନରେ ବୁଢ଼ାକଖାରୁ କାଟି
ଭେଦା ଯାଇଥିବା ବିରିକୁ ବାଟି
ଦୁହିଁକୁ ଭଲରେ ମିଶେଇ ଦେଇ
କଇଁରେ ତିଆରି ଝାମ୍ପ ବିଛେଇ
ଦରବଟେ ଗଢ଼ା ହୁଅଇ ମୁହିଁ
କିଏ ସେ ପାରିବ ମୋ ନାମ କହି।

ଉ- **ବଡ଼ି**



**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ,
ପ୍ରୀତିପୁର, ଯାଜପୁର






ଆୟୁଷ୍ମାନ୍ ମହାନ୍ତି
କ୍ଲାସ- ୩, ଷ୍ଟୁଆର୍ଟ ସ୍କୁଲ, ଭୁବନେଶ୍ୱର




ସାଇଶୁଭମ୍ ପୁରୀ,କ୍ଲାସ-୧, ସେଣ୍ଟ ଜାଭିଅର ହାଇସ୍କୁଲ, ଖାନନଗର, କଟକ




ସତ୍ୟନାରାୟଣ ବାରିକ
କ୍ଲାସ- ୯, ବି.ବି. ହାଇସ୍କୁଲ, ଢେଙ୍କାନାଳ

## ଟଗଲା ଭୀମୁ



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬.୦୪.୨୦୨୧

| | |
|---|---|
| ୧,୩୦,୪୦୭ ଟଙ୍କା | |
| ସୁନା | ୨ ଗ୍ରାମ |
| ରୁପା | ୩୧.୧୦୦ ଗ୍ରାମ |

# ୫୫ ସଙ୍ଗରୋଧ କେନ୍ଦ୍ରର ଆସବାବପତ୍ର ଗାଏବ

**ସଂକ୍ରମଣ ବଢୁଥିବା ସତ୍ତ୍ୱେ କେନ୍ଦ୍ର ଖୋଲିବା ନେଇ ଆଶଙ୍କା**

ଗୋପ,୧୬।୪(ଡି.ଏନ୍.ଏ.)

କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଗ୍ରାମାଞ୍ଚଳରେ ଏବେ ପୁଣି ଭୟର ବାତାବରଣ ଦେଖାଦେଇଛି। ପ୍ରବାସୀମାନେ ଘରମୁହାଁ ହେଉଥିବାବେଳେ ରାଜ୍ୟ ସରକାର ସମସ୍ତ ଅଧିକାରୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଗୋପ ବ୍ଲକ ଅଞ୍ଚଳରେ ପୂର୍ବ ବର୍ଷ ଖୋଲାଯାଇଥିବା ୫୫ଟି ସଙ୍ଗରୋଧ କେନ୍ଦ୍ରର ଆସବାବପତ୍ର ଗାଏବ ହୋଇଯାଇଛି। ଅନ୍ୟପଟେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ପୁଣି ସଙ୍ଗରୋଧ କେନ୍ଦ୍ର ଖୋଲିବା ନେଇ ଆଶଙ୍କା ଦେଖାଦେଇଛି। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରବାସୀମାନେ କିଭଳି ରହିବେ ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ କରୋନାକୁ ନେଇ ସରକାରଙ୍କ ପକ୍ଷରୁ ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀମାନଙ୍କ ପାଇଁ ଗୋପ ବ୍ଲକର ୩୧ ପଞ୍ଚାୟତରେ ୫୫ଟି ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିଲା। ପ୍ରବାସୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ସରକାର ପ୍ରତି ପଞ୍ଚାୟତକୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଲାଗି ନିର୍ଦ୍ଦେଶ ମଧ୍ୟ ରହିଥିଲା। ପଞ୍ଚାୟତ ପକ୍ଷରୁ ସଙ୍ଗରୋଧ କେନ୍ଦ୍ରର ମରାମତି, ବିଦ୍ୟୁତ୍ ସରଞ୍ଜାମ, ଇନ୍‌ଭର୍ଟର, ଫ୍ୟାନ, ଆକ୍ୱାଗାର୍ଡ, ଖଟ, ବେଡସିଟ, ବାଲଟି ଆଦି ଜରୁରୀ ସାମଗ୍ରୀ କିଣାଯାଇଥିଲା। ନିୟମ ଅନୁଯାୟୀ ସଙ୍ଗରୋଧ କେନ୍ଦ୍ର ବନ୍ଦ ପୂର୍ବରୁ ସମସ୍ତ ଆସବାବପତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ରହିବ। ହେଲେ ବର୍ତ୍ତମାନ ଗୋଟିଏ ହେଲେ ବି ସାମଗ୍ରୀ ବ୍ଲକର କୌଣସି ପଞ୍ଚାୟତରେ ମଧ୍ୟ ନାହିଁ। ଏହିସବୁ ସାମଗ୍ରୀକୁ ସଙ୍ଗରୋଧ କେନ୍ଦ୍ରର ଦାୟିତ୍ୱରେ ଥିବା କର୍ମୀ, ଅଧିକାରୀମାନେ ହଡ଼ପ କରିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ନେଇ ଗ୍ରାମବାସୀ ଦାବି କ କରିଛନ୍ତି। ଅନ୍ୟପଟେ ଏହି ୫୫ଟି କେନ୍ଦ୍ରରେ ୨୮୧୫ଜଣ ପ୍ରବାସୀ ରହିଥିବା ବ୍ଲକ ପକ୍ଷରୁ ସୂଚନା ମିଳିଥିବା ବେଳେ ଏ ପର୍ଯ୍ୟନ୍ତ ମଧ୍ୟ କେତେଜଣ ପ୍ରବାସୀଙ୍କୁ ସରକାରଙ୍କ ନିର୍ଦ୍ଦେଶରେ ମିଳୁଥିବା ଅର୍ଥ ମିଳି ନାହିଁ। ଏବେ ଅଧିକାଂଶ ରାଜ୍ୟରେ ଲକଡାଉନ ସ୍ଥିତି ହେଉଥିବାରୁ ପ୍ରବାସୀ ସବୁ ଘରକୁ ଫେରୁଛନ୍ତି। ଏଥିପାଇଁ ପୁଣି ସଙ୍ଗରୋଧ ଖୋଲିବାକୁ ସରକାରୀ ପକ୍ଷରୁ ଆଲୋଚନା ସରିଥିବା ବେଳେ ଗୋପ ବ୍ଲକ ରେ ଏହି କେନ୍ଦ୍ର ଖୋଲିବା ନେଇ ଆଶଙ୍କାରେ ରହିଛି। ଏ ଅଭିଯୋଗ ନେଇ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ସଙ୍ଗରୋଧ କେନ୍ଦ୍ର ଲାଗି କିଣା ଯାଇଥିବା ଆସବାବପତ୍ର ପ୍ରତ୍ୟେକ ପଞ୍ଚାୟତରେ ଅଛି। ତଥାପି ପୁଣି ସଙ୍ଗରୋଧ କେନ୍ଦ୍ର ଖୋଲାଯିବା ପୂର୍ବରୁ ତାହା ପରଖାଯିବ ବୋଲି ସେ କହିଛନ୍ତି ।



ଚାରି ଆଶ୍ରମ ବିଜେ ନୀତି ଅବସରରେ ବାଡ଼ିନୃସିଂହଙ୍କୁ ନଗର ପରିକ୍ରମା କରାଯାଉଛି।

## ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ

ପୁରୀ ଅଫିସ, ୧୬।୪

ଚୈତ୍ରମାସ କୃଷ୍ଣପକ୍ଷ ଚତୁର୍ଥୀ ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ମହାମାରୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିହତ କରିବା ପାଇଁ ବାଡ଼ିନୃସିଂହ ବିଜେ ନୀତି ପାଳନ କରାଯାଇଥାଏ। ଶୁକ୍ରବାର ମଧ୍ୟାହ୍ନ ଧୂପ ବଢ଼ିବା ପରେ ଦକ୍ଷିଣୀଘରୁ ନୃସିଂହଦେବ ରତ୍ନସିଂହାସନ ନିକଟକୁ ବିଜେ ହୋଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନୃସିଂହ ଦେବଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକଙ୍କ ହସ୍ତରେ ନୃସିଂହ ଦେବ ଝୁଲଣମଣ୍ଡପ ନିକଟ ପାଲିଙ୍କିକୁ ବିଜେ କରିଥିଲେ। ପରେ ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ବିମାନରେ ବାଡ଼ିନୃସିଂହଙ୍କୁ ସିଂହଦ୍ୱାର ଦେଇ ମାର୍କଣ୍ଡେୟ, ଅଙ୍ଗିରା, କଣ୍ଡୁ ଓ ଭୃଗୁ ଆଶ୍ରମ ବିଜେ କରାଇଥିଲେ। ସେଠାରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ନଗର ପରିକ୍ରମା ବେଳେ ମଠ, ଆଖଡା, ଦେବାଳୟ ଆଦି ୪୨ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ ଅର୍ପଣ କରାଯାଇଥିଲା। ପରେ ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ୧୯୦୩ରୁ ୧୯୦୫ ମସିହା ମଧ୍ୟରେ ପୁରୀରେ ହଇଜା ବ୍ୟାପିଥିଲା। ଏହି ସମୟରେ ଶ୍ରୀମନ୍ଦିର କମାଣ୍ଡର ଏହାର ନିରାକରଣ ପାଇଁ ମୁକ୍ତିମଣ୍ଡପ ସହ ଆଲୋଚନା କରିଥିଲେ। ମୁକ୍ତିମଣ୍ଡପର ବ୍ରାହ୍ମଣଙ୍କ ସମେତ ସେବାୟତମାନେ ମହାପ୍ରଭୁଙ୍କ ନିକଟରେ ଶରଣ ପଶିଥିଲେ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁଯାୟୀ ନୃସିଂହ ଦେବଙ୍କୁ ସହର ପରିକ୍ରମା କରାଯାଇଥିଲା। ଏହାପରେ ଶ୍ରୀକ୍ଷେତ୍ରରୁ ବାଡ଼ି ବା ହଇଜା ଲୋପ ପାଇଯାଇଥିଲା ବୋଲି ବିଶ୍ୱାସ ରହିଛି। ସେବେଠୁ ବାଡ଼ିନୃସିଂହ ନାମ ହେଲା। ବର୍ଷକରେ ଦୁଇଥର ଏହି ନଗର ପରିକ୍ରମା ପରମ୍ପରା ପାଳନ କରାଯାଇଥାଏ।

### ଆଜି କ'ଣ କେଉଁଠି

ପୁରୀ

- ବିଜୁ ଯୁବ ଜନତା ଦଳ ପକ୍ଷରୁ ସମୂହ ଦୀପଦାନ, ସିଂହଦ୍ୱାର ସମ୍ମୁଖ, ସକାଳ ୭ଟା ୩୦।
- ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ, ମ୍ୟୁନିସିପାଲିଟି ମାର୍କେଟ ଛକ, ସକାଳ ୮ଟା ୩୦।
- ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ, ଗୋପବନ୍ଧୁ ଆୟୁର୍ବେଦ ବିଦ୍ୟାଳୟ, ସକାଳ ୯ଟା।
- ଓଡ଼ିଶା ମୋ ପରିବାର ପକ୍ଷରୁ ଚାରାରୋପଣ, ବିଶ୍ୱମ୍ଭର ବିଦ୍ୟାପୀଠ, ସକାଳ ୯ଟା।
- ପ୍ରିୟପାତ୍ର ପକ୍ଷରୁ ଓଡ଼ିଆ ନବବର୍ଷ ଓ ଚିତ୍ର ସାହିତ୍ୟ ଉତ୍ସବ, ଯୁଥ ହଷ୍ଟେଲ ପରିସର, ଅପରାହ୍ନ ୩ଟା।



ପୁରୀ ବେଳାଭୂମିରେ ଶୁକ୍ରବାର ସୂର୍ଯ୍ୟାସ୍ତ ସମୟର ମନୋରମ ଦୃଶ୍ୟ।

## ବ୍ଲକସ୍ତରୀୟ ଗୋପାଳନ ପ୍ରଶିକ୍ଷଣ ଶିବିର

ନିମାପଡ଼ା,୧୬।୪(ଡି.ଏନ୍.ଏ.)

ନିମାପଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ସହାୟତାରେ ୨ଦିନିଆ ବ୍ଲକସ୍ତରୀୟ ଗୋପାଳନ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥି ଭାବେ ନିମାପଡ଼ା ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡା.ଜଗବନ୍ଧୁ ବେହେରା, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ ସାହୁ, ଭ୍ରାମ୍ୟମାଣ ନିମାପଡ଼ା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଆକାଶ ମିଶ୍ର ପ୍ରମୁଖ ଯୋଗଦେଇ ମହିଳା ଗୋ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଗୋ ପାଳନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଗୋପାଳନ ଜରିଆରେ ଗୋଚାଷୀମାନେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ୨୦ଜଣ ମହିଳା ଚାଷୀ ଯୋଗଦେଇ ଗୋପାଳନ ସମ୍ପର୍କରେ ତାଲିମ ନେଇଥିଲେ।

## ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ

**କଲେଜରୁ ବିଦା ହେଲେ ୨ ଅଧ୍ୟାପକ**

ପୁରୀ ଅଫିସ, ୧୬।୪

ଗୁରୁ-ଶିଷ୍ୟା ଭଳି ପବିତ୍ର ସମ୍ପର୍କରେ କଳଙ୍କର ଛିଟା ପଡ଼ିଛି। ପୁରୀ ସହରସ୍ଥିତ ଏକ ମହିଳା ମହାବିଦ୍ୟାଳୟରେ ଦୁଇଜଣ ଛାତ୍ରୀଙ୍କୁ ୨ଜଣ ଅଧ୍ୟାପକ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ କଲେଜର ରସାୟନ ବିଭାଗରେ ଗେଷ୍ଟ ଫାକଲ୍‌ଟି ଭାବେ କାର୍ଯ୍ୟ କରୁଥିବା ୨ଜଣ ଅଧ୍ୟାପକ ସମ୍ପୃକ୍ତ ଛାତ୍ରୀ ଦ୍ୱୟଙ୍କୁ ଫୋନ କଲ କରି ଓ ମେସେଜ୍ ପଠାଇ ପ୍ରେମ ନିବେଦନ କରିବା ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଏପରି ନ କରିବା ପାଇଁ ଛାତ୍ରୀଦ୍ୱୟ କହିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ବରଂ ପରୀକ୍ଷାରେ ଫେଲ କରାଇଦେବାକୁ ଧମକ ଦେଉଥିଲେ। ଶେଷରେ ଛାତ୍ରୀଦ୍ୱୟ ଗତ ୧୦ ତାରିଖରେ ଏ ନେଇ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇଥିଲେ। ଏହାପରେ ଅଭିଯୁକ୍ତ ଅଧ୍ୟାପକ ଦ୍ୱୟଙ୍କୁ ୧୪ ତାରିଖରେ କଲେଜରୁ ବିଦା କରି ଦିଆଯାଇଥିବା ଜଣାପଡ଼ିଛି।

## ବିଶ୍ୱ କଲ୍ୟାଣ ପାଇଁ ସୁନ୍ଦରାକାଣ୍ଡ ପାଠ

ପୁରୀ ଅଫିସ, ୧୬।୪

ଶ୍ରୀରାମ ସୁନ୍ଦରାକାଣ୍ଡ ସତ୍‌ସଙ୍ଗ ପରିବାର ପକ୍ଷରୁ ଶାରଦା ଗାର୍ଡେନ ପରିସରସ୍ଥିତ ମହାବୀରଙ୍କ ଦୁଗ୍ଧ ଅଭିଷେକ ଓ ପୂଜନ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜ୍ୟୋତିଷ ଆଚାର୍ଯ୍ୟ ନିତ୍ୟାନନ୍ଦ କର ଓ ବଳରାମ ମିଶ୍ର ପୁରୋଧା କାର୍ଯ୍ୟ ତୁଲାଇଥିଲେ। ଶ୍ରୀରାମ ସୁନ୍ଦରାକାଣ୍ଡ ସତ୍‌ସଙ୍ଗ ପରିବାର ସଦସ୍ୟମାନେ ସୁନ୍ଦରାକାଣ୍ଡ ପାଠ କରିବା ସହ କିଭଳି ବିଶ୍ୱରୁ କରୋନା ମହାମାରୀ ଦୂର ହେବ, ବିଶ୍ୱବାସୀଙ୍କ କଲ୍ୟାଣ ଓ ଗୋମାତାଙ୍କ ସୁରକ୍ଷା ନିମନ୍ତେ ପ୍ରାର୍ଥନା କରିଥିଲେ। ଦୁର୍ଗାମଣି ପ୍ରତିହାରୀ, ରାଜଲକ୍ଷ୍ମୀ ପ୍ରତିହାରୀ, ପଣ୍ଡିତ କିଶୋରୀ ମୋହନ ତ୍ରିପାଠୀ, ସ୍ନେହାଶିଷ ମହାନ୍ତି, କାର୍ତ୍ତିକ ଚରଣ ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପବିତ୍ର ପଣ୍ଡା ଏବଂ ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରଜତ କୁମାର ପ୍ରତିହାରୀ ଏବଂ ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ପୂଜାକାର୍ଯ୍ୟ ପରିଚାଳନା କରିଥିଲେ।

## ଦାଦାବଟି, ଚୋରି ଅଭିଯୋଗରେ ଯୁବକ ଗିରଫ

ପୁରୀ ଅଫିସ,୧୬।୪

ପୁରୀ ତାଳବଣିଆ ଥାନା ପୋଲିସ ଦାଦାବଟି ଓ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସିଦ୍ଧମହାବୀର ସେଣ୍ଟ୍ରାଲ ସ୍କୁଲ ଅଞ୍ଚଳର ଦୀପୁ ପ୍ରଧାନ ଓରଫ କାହ୍ନା। ତାଙ୍କଠାରୁ ପୋଲିସ ଗୋଟିଏ ମନିପର୍ସ ଓ ଏକହଜାର ଟଙ୍କା ଜବତ କରିଛି। ଏ ନେଇ କେସ୍ ନଂ. ୫୪/୨୧ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଦୀପୁ ତାଳବଣିଆ ଥାନା ଦାଦାବାଡ଼ି ଅଞ୍ଚଳରେ ରହୁଥିବା ରୁବି ପୁଷ୍ପାଳକଙ୍କୁ ଦାଦାବଟି ମାଗିବା ସହ ତାଙ୍କ ପରିବାର ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ସ୍ୱାମୀଙ୍କ ମନିପର୍ସ ଚୋରାଇ ଫେରାର ହୋଇଯାଇଥିଲେ। ଏନେଇ ରୁବି ତାଳବଣିଆ ଥାନାରେ ଏତଲା ଦେଇଥିଲେ।

## ସଂକ୍ଷେପରେ

### ମାଢ଼ିପୁର ଗ୍ରାମରୁ ହରିଣ ଉଦ୍ଧାର



କଣାସ,୧୬।୪(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଅଣ୍ଡାଳସିଂହ ପଞ୍ଚାୟତର ମାଢ଼ିପୁର ଗ୍ରାମବାସୀ ଭୋରରୁ ଏକ ହରିଣ ଗ୍ରାମରେ ବୁଲୁଥିବା ଦେଖି କାବୁ କରିଥିଲେ। ଖବରପାଇ ଡେଲାଙ୍ଗ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହରିଣଟିକୁ ଉଦ୍ଧାର କରି କୁମୁକା ଜଙ୍ଗଲରେ ଛାଡିଦେଇଛନ୍ତି। ଖବର ଅନୁଯାୟୀ, ଉକ୍ତ ହରିଣଟି କୁମୁକା ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ କଣାସ ଅଞ୍ଚଳକୁ ଚାଲିଆସିଥିଲା । ପ୍ରକାଶ ଥାଉ କି ଜଙ୍ଗଲ ହ୍ରାସ ଯୋଗୁ ହାତୀପଲ ମଧ୍ୟ ବାରମ୍ବାର କଣାସ ଅଞ୍ଚଳରେ ପ୍ରବେଶ କରି ବ୍ୟାପକ ଫସଲ ନଷ୍ଟ କରିବା ସହିତ ଅନେକ ଧନଜୀବନ ହାନି କରୁଛନ୍ତି। ୮ଦିନ ମଧ୍ୟରେ ଗୋଟିଏ ଦନ୍ତାହାତୀ କଣାସ ଅଞ୍ଚଳରେ ୨ଥର ପ୍ରବେଶକରି ଆତଙ୍କ ସୃଷ୍ଟି କରିଛି । ଯାହା କି ବନ ବିଭାଗ କର୍ମଚାରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି ।

## କରୋନା ସ୍ଥିତି ସମୀକ୍ଷା କଲେ ଗଣଶିକ୍ଷା ମନ୍ତ୍ରୀ

ନିମାପଡ଼ା,୧୬।୪(ଡି.ଏନ୍.ଏ.)



ସମୀକ୍ଷା ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅଧିକାରୀମାନେ।

ମହାମାରୀ କରୋନାର ମୁକାବିଲା ପାଇଁ ଆମେ ସମସ୍ତେ ମିଳିମିଶି ସଂକଳ୍ପ ନେବା ଓ ଲଢ଼େଇ କରିବା ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଆୟୋଜିତ ଏହି ବୈଠକରେ ଅତିଥିଭାବେ ମନ୍ତ୍ରୀ ଦାଶ, ବିଡିଓ ମନୋଜ ବେହେରା, ଅତିରିକ୍ତ ତହସିଲଦାର ନିଶା ଗୋଏଙ୍କା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ନିମାପଡ଼ା ଏନ୍‌ଏସି ସମେତ ଖୁବଶୀଘ୍ର ୫ ଟିଏମ୍‌ସି ଖୋଲାଯିବା, କଲେଜରେ କୋଭିଡ୍ ସେଣ୍ଟର ଖୋଲିବା, ମାସ୍କ ଚେକିଂ, ସାମାଜିକ ଦୂରତ୍ୱ ରକ୍ଷା ଦିଗରେ କଡ଼ା ପଦକ୍ଷେପ ନିଆଯିବା, ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇ ତୁରନ୍ତ କୋଭିଡ୍ ପରୀକ୍ଷା କରାଯିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ସରପଞ୍ଚ, ପିଇଓମାନେ ପଞ୍ଚାୟତରେ କରୋନା ସ୍ଥିତି ତଦାରଖ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ବୁଲି ସର୍ଭେ କରି ରିପୋର୍ଟ ଦେବାକୁ କୁହାଯାଇଥିଲା। ବୈଠକରେ ପୋଲିସ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ସମସ୍ତ ସରପଞ୍ଚ, ପିଇଓ ଯୋଗଦେଇଥିଲେ।

## ସେବାୟତଙ୍କୁ ହୋମିଓପାଥିକ୍ ଔଷଧ ବଣ୍ଟନ

ପୁରୀ ଅଫିସ,୧୬।୪

ଶ୍ରୀମନ୍ଦିର ସେବାୟତଙ୍କ ପାଇଁ କରୋନା ପ୍ରତିରୋଧ ଶକ୍ତିବର୍ଦ୍ଧକ ହୋମିଓପାଥି ଔଷଧ ବଣ୍ଟନ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚମ ପର୍ଯ୍ୟାୟରେ ୩୫୦ ଜଣ ସେବାୟତ ଓ ପରିବାର ସଦସ୍ୟଙ୍କୁ ଔଷଧ ଦିଆଯାଇଛି। ଶ୍ରୀମନ୍ଦିର କର୍ମଚାରୀମାନେ ମଧ୍ୟ ଏହି ଔଷଧ ନେଇଛନ୍ତି। ଆୟୁଷ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ଏହି ଔଷଧ ନିଶୁଳ୍କ ଯୋଗାଇ ଦିଆଯାଇଛି। ଚଳିତ ମାସ ୧୨ତାରିଖରୁ ନିଳାଦ୍ରୀ ଭକ୍ତନିବାସରେ ଔଷଧ ବଣ୍ଟନ କରାଯାଇଥିଲା। ହୋମିଓପାଥି ଗବେଷଣା ସଂସ୍ଥାର ଗବେଷଣା ଅଧିକାରୀ ଉମାକାନ୍ତ ପୃଷ୍ଟି ଏବଂ ଅକ୍ଷୟ କୁମାର ପୃଷ୍ଟି ହୋମିଓପାଥିର ପ୍ରଭାବ ଓ ବ୍ୟବହାର କିଭଳି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ପାରିବ ସେନେଇ ଆଲୋକପାତ କରିଥିଲେ। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କାର୍ଯ୍ୟ ତଦାରଖ କରିଥିଲେ। ଶ୍ରୀମନ୍ଦିର ସେବାୟତ କଲ୍ୟାଣ ଚିକିତ୍ସାଳୟର ହୋମିଓପାଥିକ୍ ଚିକିତ୍ସାଧିକାରୀ ପଞ୍ଚାନନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସଂଘମିତ୍ରା ଦଣ୍ଡମହାପାତ୍ର, ପ୍ରଫୁଲ୍ଲକାନ୍ତି ଦେ, ଶୁଭ୍ରାଂଶୁ ଶେଖର ନାୟକ ଓ ବନଲତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅସ୍ତରଙ୍ଗରେ ୧୧, କଣାସରେ ୧୪ କୋଭିଡ୍ ପଜିଟିଭ ଚିହ୍ନଟ

ଅସ୍ତରଙ୍ଗ/କଣାସ, ୧୬।୪ (ଡି.ଏନ୍.ଏ./ସ୍ୱ,ପ୍ର.)

କରୋନାର ଦ୍ୱିତୀୟ ଲହର ବୃଦ୍ଧି ପାଉଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳରେ ୧୧ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ବ୍ୟକ୍ତିମାନେ ବାହାର ରାଜ୍ୟରୁ ଆସି ଏଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। କିଛିଦିନ ହେବ ଏମାନେ ଅସ୍ତରଙ୍ଗର ନୂଆଗଡ ନଦୀବନ୍ଧରେ କାର୍ଯ୍ୟ କରୁଥିଲେ। ଶ୍ରମିକଙ୍କ ମଧ୍ୟରୁ ଶୁକ୍ରବାର ୨ଜଣଙ୍କୁ ଜ୍ୱର ହୋଇଥିଲା। ସେମାନେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କର ପଜିଟିଭ ବାହାରିଥିଲା। ଡାକ୍ତର ତୁରନ୍ତ ଅନ୍ୟ ୯ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ମଧ୍ୟ ପଜିଟିଭ ବାହାରିଥିଲା। ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେମାନେ ରାଞ୍ଚି ଅଞ୍ଚଳରୁ ଆସିଛନ୍ତି।

ସେହିପରି କଣାସ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୧୪ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଗୁରୁବାର ବ୍ଲକର ବିଭିନ୍ନ ଗ୍ରାମରୁ ୪ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ପୂର୍ବରୁ ୧୦ଜଣ ଚିହ୍ନଟ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣାପଡ଼ିଛି। କଣାସ ବ୍ଲକ ବିଭିନ୍ନ ପଞ୍ଚାୟତର ହାଟ ଓ ବଜାରଗୁଡ଼ିକରେ ସାମାଜିକ ଦୂରତ୍ୱ ଲୋକ ରଖୁ ନ ଥିବା ବେଳେ ଅନେକ ମାସ୍କ ନ ପିନ୍ଧି ବୁଲୁଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ ଲୋକେ ସଚେତନତା ରହୁ ନ ଥିବାରୁ ଦିନକୁ ଦିନ କରୋନା ସଂକ୍ରମିତ ସଂଖ୍ୟା ବଢ଼ିଚାଲିଛି। ଲୋକମାନଙ୍କୁ ସଚେତନ କରିବା ପାଇଁ ଜିଲାପାଳ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଲୋଚନ ଦାସ ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇବାପରେ ପ୍ରତ୍ୟେକ ସରପଞ୍ଚଙ୍କୁ ଗ୍ରାମରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସଚେତନତା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପଞ୍ଚାୟତରେ ସରପଞ୍ଚମାନେ ସଚେତନତା ପ୍ରତି ସେତେଟା ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି ।

# ପରୀକ୍ଷା ବାତିଲ ଦାବିରେ ରାସ୍ତାରୋକୋ



ଛାତ୍ରୀଛାତ୍ରମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ପୁରୀ ଅଫିସ/ନିମାପଡ଼ା, ୧୬।୪ (ଡି.ଏନ୍.ଏ.)

କରୋନା ମହାମାରୀ ପାଇଁ ଗତବର୍ଷ ଓ ଚଳିତବର୍ଷ ପୁରୀସ୍ଥିତ ସୁରଜମଲ୍ଲ ଶାହା କଲେଜରେ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଠିକ୍ ଭାବେ ପାଠପଢ଼ା ହୋଇପାରି ନ ଥିବାବେଳେ ସମସ୍ତ କୋର୍ସ ସରିନାହିଁ। ଏପରି ସ୍ଥଳେ ପରୀକ୍ଷା କରିବା ପାଇଁ କର୍ତ୍ତୃପକ୍ଷ ଘୋଷଣା କରିଥିବାରୁ ଶୁକ୍ରବାର ଛାତ୍ର ଅସନ୍ତୋଷ ଦେଖାଦେଇଛି। ଶତାଧିକ ଛାତ୍ର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଯୁକ୍ତ ତିନି ବିଭାଗର ଅଧିକାଂଶ କ୍ଲାସ ସରି ନ ଥିବାରୁ ପରୀକ୍ଷା ବାତିଲ କିମ୍ବା ଘୁଞ୍ଚାଇବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

ସେହିପରି ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଛି। ବିକ୍ଷୋଭର ଦ୍ୱିତୀୟ ଦିନରେ ପ୍ରାୟ ୨ଶହ ଛାତ୍ରୀଛାତ୍ର କଲେଜ ଫାଟକ ଓ ମେନ୍ ବ୍ଲକ ଫାଟକରେ ତାଲା ପକାଇବା ସହ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଆସନ୍ତା ୨୨ତାରିଖରେ ହେବାକୁ ଥିବା ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ୩ୟ ସେମିଷ୍ଟର ପରୀକ୍ଷାକ ବାତିଲ କରି ଅଫଲାଇନ ବଦଳରେ ଅନଲାଇନରେ କରାଯିବା ଦାବିରେ ଏହି ଆନ୍ଦୋଳନ ହୋଇଥିଲା। ପରେ କଲେଜ ଅଧ୍ୟକ୍ଷ ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଜିତ ପ୍ରସାଦ ସାବୁତ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରଙ୍କ ସହ ଆଲୋଚନା କରି ସରକାର ନିର୍ଦ୍ଦେଶ ଅନୁସାରେ କିଭଳି ପରୀକ୍ଷା ହେବ ସେନେଇ ଛାତ୍ରୀଛାତ୍ରଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ହଟିଥିଲେ। ଅନ୍ୟପଟେ କଲେଜ ଫାଟକରେ ତାଲା ପଡ଼ିରହିବାରୁ ଭିତରେ ଥିବା ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ କିଛି ସମୟ ପାଇଁ ହଟହଟା ହୋଇଥିଲେ। ଛାତ୍ର ସୁଶୀଲ କୁମାର ଭୋଇ, ରୁଦ୍ର ନାରାୟଣ ବଳିୟାର ସିଂ, ସୁବ୍ରତ ବିଶ୍ୱାଳ, ଅଂଶୁମାନ ବେହେରା, ବିଶାଳ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା।



ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ଧୂଳକୁଟି ବସ୍ତିରେ ଜଣେ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଲେ ନିରଞ୍ଜନ ବେହେରା। ନିରଞ୍ଜନଙ୍କ ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ହୋଇଥିବା ବେଳେ ସେ ଧୂଳକୁଟି ବସ୍ତିରେ ସପରିବାର ରୁହନ୍ତି। ଗତ ଗୁରୁବାର ନିରଞ୍ଜନ ଘରକୁ ଫେରୁଥିବା ବେଳେ ଉକ୍ତ ସାହିର ଜଣେ ପଡୋଶୀ ତାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଅଭିଯୁକ୍ତ ଏକ ଛୁରିରେ ତାଙ୍କ ଦେହ ଓ ହାତକୁ କାଟି ପକାଇଥିଲେ। ନିରଞ୍ଜନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଯୁବକ ଗୁରୁତର

**ଖୋର୍ଦ୍ଧା ଅଫିସ,୧୬।୪:** ବାଇକ୍ ଦୁର୍ଘଟଣାରେ ଶୁକ୍ରବାର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମହୁଲ ଗ୍ରାମର ଦୁର୍ଗା ପ୍ରସାଦ ଶାସମଲ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଟାଙ୍ଗିଆପଡ଼ା ପଞ୍ଚାୟତ ଉଇଲକିଶନ ନଗର ଅଁଲାଇ ମନ୍ଦିର ନିକଟରେ ଏହି ଦୁର୍ଘଟଣା ଘଟିଛି। ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ସେ ଖୋର୍ଦ୍ଧାରୁ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

## ଚୋରି ମାମଲାରେ ଜଣେ ଗିରଫ

**ଜଟଣୀ,୧୬।୪(ଡି.ଏନ୍.ଏ.):** ଜଟଣୀ ଜିଆର୍‌ପି ପୋଲିସ ଏକ ଚୋରି ମାମଲାରେ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଜଟଣୀ ପାଇକରାପୁର ଅଞ୍ଚଳର ଭାଗ୍ୟ ସବର। ସୂଚନା ମୁତାବକ,ଗତ ଜାନୁଆରୀ ୨୭ରେ ଜଟଣୀ ରେଲୱେ ଷ୍ଟେଶନ ନିକଟରୁ ବୃଦ୍ଧ ଦମ୍ପତିଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ, ସୁନାଚେନ ଏବଂ ୨୫୦୦ଟଙ୍କା ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ଜିଆର୍‌ପି ପୋଲିସ ମାମଲା (ନଂ.୩୭/୨୧)ରୁଜୁକରି ତଦନ୍ତ ଚଳାଇଥିଲା। ଗୁରୁବାର ଜିଆରପି ପୋଲିସ ଚୋରି ଯାଇଥିବା ସମସ୍ତ ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତ ସବରଙ୍କୁ ଗିରଫ କରିଥିଲା।

## ବାଣପୁର ରାଜା ସାହେବଙ୍କ ସହଧର୍ମିଣୀଙ୍କ ପରଲୋକ

**ବାଣପୁର,୧୬।୪(ଡି.ଏନ୍.ଏ.):** ବାଣପୁର ବ୍ଲକ ଭାଟପଡ଼ା ଗଡ଼ର ରାଜା ସାହେବ ମାନବେନ୍ଦ୍ର ମହାରଥାଙ୍କ ସହଧର୍ମିଣୀ କବିତା ମହାରଥାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଗତ କିଛିଦିନ ହେବ ପୀଡ଼ିତ ଥିଲେ। ଅନ୍ତିମ ସଂସ୍କାରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କ ସମେତ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ବିଧାୟକ ରଘୁନାଥ ସାହୁ, ପୂର୍ବତନ ବିଧାୟକ ଡ.ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ବ୍ଲକ ଅଧକ୍ଷ ମାନସ ରଞ୍ଜନ ପ୍ରଧାନ, ପୂର୍ବତନ ଜିଲାପରିଷଦ ସଭ୍ୟ ଗୋପୀନାଥ ମହାରଣା, ବ୍ଲକ ଉପାଧକ୍ଷ ଅଜୟ ରାଉଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପୁଅ କୁମାର ଜଗତ ବଲ୍ଲଭ ମହାରଥା ମୁଖାଗ୍ନି ଦେଇଥିଲେ।

## ଆର୍‌ଟି-ପିସିଆର୍ ରିପୋର୍ଟ ବାଧ୍ୟତାମୂଳକ

**ପୁରୁଣା ଭୁବନେଶ୍ୱର,୧୬।୪(ଡି.ଏନ୍.ଏ.):** ଆସନ୍ତା ୨୦ତାରିଖରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଚଳିତ ବର୍ଷ ରଥ ଉପରେ ୨୫ଜଣ ସେବାୟତ ରହିବା ଲାଗି ସ୍ଥିର ହୋଇଛି। ରଥକୁ ଚଢ଼ିବା ପୂର୍ବରୁ ଆର୍‌ଟି-ପିସିଆର ଟେଷ୍ଟ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ଶୁକ୍ରବାର ପାଳିଆ ସେବାୟତଙ୍କୁ ନେଇ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବୋର୍ଡ କାର୍ଯ୍ୟନିର୍ବାହୀ ପ୍ରସନ୍ନ କୁମାର ଦାଶ ଅଧକ୍ଷତା କରି ଏହା କହିଛନ୍ତି। ବିନା ଭକ୍ତରେ ଏହି ଯାତ୍ରା ଅନୁଷ୍ଠିତ ହେବ।

# ପୂର୍ବତନ ପିଇଓ ନିଲମ୍ବିତ

**ସାନପଦର ପଞ୍ଚାୟତ ଅର୍ଥ ଆତ୍ମସାତ ଘଟଣା**
- ଜିପିଇଓଙ୍କୁ କାରଣ ଦର୍ଶାଅ ନୋଟିସ
- ସରପଞ୍ଚଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ବଳକା ଅର୍ଥ ଫେରସ୍ତ ଲାଗି ସରପଞ୍ଚଙ୍କୁ ନିର୍ଦ୍ଦେଶ

**ଖୋର୍ଦ୍ଧା ଅଫିସ,୧୬।୪**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତକୁ କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନଙ୍କ ପକ୍ଷରୁ ଆସିଥିବା ଅନୁଦାନ ଅର୍ଥ ଆତ୍ମସାତ କରାଯାଇଥିବା ମାମଲାରେ ଉକ୍ତ ପଞ୍ଚାୟତର ପୂର୍ବତନ ପିଇଓ ସୁଜିତ୍ କୁମାର ବିଶ୍ୱାଳଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଜିପିଇଓ ତ୍ରିନାଥ ରାଉଳଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପଞ୍ଚାୟତ ଆକ୍ଟ ପ୍ରକାରେ ସରପଞ୍ଚ ରେଣୁବାଳା ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପଞ୍ଚାୟତିରାଜ ବିଭାଗକୁ ଚିଠି ଲେଖାଯାଇଛି। ସରପଞ୍ଚ ସାହୁ ପୂର୍ବରୁ ୧୩ ଲକ୍ଷ ୪୦ହଜାର ଡିପୋଜିଟ କରିସାରିଛନ୍ତି। ବଳକା ଟଙ୍କା ତୁରନ୍ତ ଡିପୋଜିଟ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି।

ସୂଚନା ମୁତାବକ, କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନଙ୍କ ପକ୍ଷରୁ ପଞ୍ଚାୟତରେ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ନେଇ ବିଭିନ୍ନ ସମୟରେ ଅର୍ଥ ଯୋଗାଇ ଦିଆଯାଇଥାଏ। ଏହି ଅନୁଦାନରୁ ସରପଞ୍ଚ ସାହୁ ବିଭିନ୍ନ ସମୟରେ ୧୭ଲକ୍ଷ ୮୦ହଜାର ଟଙ୍କା ଆତ୍ମସାତ କରିଥିବା ଧରାପଡ଼ିଥିଲା। ମାର୍ଚ୍ଚ ଏବଂ ଏପ୍ରିଲ ମାସ ମଧ୍ୟରେ ଏହି ଟଙ୍କା ଜମା କରିବାକୁ ଚୁକ୍ତିନାମା କରିଥିଲେ। ଏହି ଚୁକ୍ତିନାମାରେ ସାନପଦର ପଞ୍ଚାୟତ ଜିଆରଏସ ଶେଖ ସଲାଉଦ୍ଦିନ, ପିଇଓ କରୁଣାକର ସୁବୁଦ୍ଧି, ସାନପଦର ଏକ୍ସପିଇଓ ସୁଜିତ କୁମାର ବିଶ୍ୱାଳ ଏବଂ ବୋଲଗଡ଼ ବ୍ଲକ ଜିପିଇଓ ତ୍ରିନାଥ ରାଉଳ ପ୍ରମୁଖ ସ୍ୱାକ୍ଷର କରିଥିଲେ। ଉକ୍ତ ଅର୍ଥ ରାଶି ଆତ୍ମସାତ କରାଯାଇଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏପିଡି (ଫାଇନାନ୍ସ) ଏବଂ ଜିଲା ପଞ୍ଚାୟତ ଅଧିକାରୀ ମିଳିତଭାବେ ତଦନ୍ତ କରିଥିଲେ। ଅସାମ୍ବିଧାନିକ ଭାବେ ବିନା କାର୍ଯ୍ୟାଦେଶରେ ଏହି ଟଙ୍କା ଉଠାଯାଇଥିଲା ବୋଲି ତଦନ୍ତ ବେଳେ ପ୍ରମାଣିତ ହୋଇଥିଲା।

## ରୋଲ ମଡେ଼ଲ ହେବ ଆଦର୍ଶ ଶ୍ମଶାନ


ବୈଠକରେ ଉପଜିଲାପାଳ, ଅଧିକାରୀ ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୬।୪**

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଶ୍ମଶାନ ଗୁଡ଼ିକର ଉନ୍ନତୀକରଣ ପାଇଁ ଉପଜିଲାପାଳ ଅଶୋକ ବେହୁରିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ୧ କୋଟି ବ୍ୟୟ ଅଟକଳରେ ଟିଏଲ୍‌ସି ରୋଡରେ ଚାଲିଥିବା ଶ୍ମଶାନର ଚୁଡାନ୍ତ ରୁପରେଖ ସମ୍ପର୍କରେ ଆଲୋଚନା ହୋଇଥିଲା। ପୌରନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଥିଲେ, ଶ୍ମଶାନ ପରିସରରେ ଶବଦାହ ଲାଗି ୩ଟି ପୃଥକ ପିଣ୍ଡି ବ୍ୟବସ୍ଥା କରାଯିବ। ଏହାର ପରିସରରେ ଶୌଚାଳୟ, ବିଶ୍ରାମାଗାର, ପାନୀୟଜଳ ଯୋଗାଣ, ଆଲୋକୀକରଣ, ପଥ ଶ୍ରାଦ୍ଧ, ଶବଦାହ ଲାଗି ଜାଳେଣି କାଠ ବ୍ୟବସ୍ଥା ସହ ଔଷଧୀୟ ଗୁଳ୍ମ ଉଦ୍ୟାନ କରାଯିବ। ଏହି ଶ୍ମଶାନ ଉପରେ ସହରର ଅଧିକାଂଶ ଲୋକେ ନିର୍ଭର କରୁଛନ୍ତି। ସହରରେ ରହିଥିବା ଅନ୍ୟ ଶ୍ମଶାନ ଗୁଡ଼ିକର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ। ଆଦର୍ଶ ଶ୍ମଶାନକୁ ରାଜ୍ୟରେ ଏକ ରୋଲ ମଡେଲ ଭାବେ ଗଢ଼ିବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବାର ସଭାପତି ଅଜିତ ପଟ୍ଟନାୟକ, ବ୍ୟବସାୟୀ ମହାସଂଘ ସମ୍ପାଦକ ଜୟନ୍ତ ରାୟ, ବୁଦ୍ଧିଜୀବୀ ଶକ୍ତିଶଙ୍କର ମିଶ୍ର, ଶୁଭ୍ରାଂଶୁ ସାମନ୍ତରାୟ, ରଞ୍ଜିତ୍ ସାମନ୍ତରାୟ, ନରେନ୍ଦ୍ର ପୃଷ୍ଟି, ବିଭୁପ୍ରସାଦ ସାହୁ, ଅନିଲ ରାମ, ଗିରିଶ ପଟ୍ଟନାୟକ, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଲମା ଫେଷ୍ଟ ଉଦ୍‌ଘାଟିତ

**ଜଟଣୀ,୧୬।୪(ଡି.ଏନ୍.ଏ.)**

ଜଟଣୀ ଅରୁଗୁଳସ୍ଥିତ ଆଇଆଇଟି, ଭୁବନେଶ୍ୱରରେ ୧୨ତମ ଆଲମା ଫେଷ୍ଟ-୨୦୨୧ ଭର୍ଚୁଆଲ ମୋଡରେ ଉଦ୍‌ଘାଟିତ ହୋଇଯାଇଛି। ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଫେଷ୍ଟରେ ଓସମ୍‌ମ ବାୟୋ ସଲ୍ୟୁଶନ ଏବଂ ମ୍ୟାପମିଜେନୋମର ପ୍ରତିଷ୍ଠାତା ତଥା ସିଇଓ ଅନୁରାଧା ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଭର୍ଚୁଆଲ ମୋଡରେ ଏହି ଫେଷ୍ଟର ଶୁଭାରମ୍ଭ କରିଥିଲେ।`ଆଇଆଇଟି ଡାଇରେକ୍ଟର ପ୍ରଫେସର ଆର୍.ଭି.ରାଜକୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ। ମହିଳାମାନେ କିପରି ସଶକ୍ତ ହୋଇପାରିବେ ମୁଖ୍ୟ ଅତିଥି ଆଚାର୍ଯ୍ୟ ଆଲୋକପାତ କରିଥିଲେ। କରୋନା ସମୟରେ ଅନେକ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ ସଫଳ ହୋଇଥିବା ବେଳେ ଆଲମା ଫେଷ୍ଟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭା ଓ ଅଭିଜ୍ଞତା ପ୍ରଦର୍ଶନ କରିବାର ଏକ ମାଧ୍ୟମ ବୋଲି ରାଜକୁମାର କହିଥିଲେ। ଏହି କାର୍ଯ୍ୟକ୍ରମକୁ ଡ.ରାକେଶ ରୋଶନ ଦାଶ, ଡ.ମନସ୍ୱିନୀ ବେହେରା, ଅନମୋଲ ସୁରାନା ପ୍ରମୁଖ ପରିଚାଳନା କରିଥିଲେ। ଡ.ଶଙ୍କର୍ଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସ୍ତ୍ରୀଙ୍କୁ ନେବାକୁ ଆସି ମାଡ଼ ଖାଇଲେ ସ୍ୱାମୀ

**ପୁରୁଷ ବନ୍ଧୁଙ୍କ ସହ ସ୍ତ୍ରୀ ରହୁଥିବା ଅଭିଯୋଗ**

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ସ୍ତ୍ରୀଙ୍କୁ ନେବାକୁ ଆସି ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ସ୍ୱାମୀ। ପୁରୁଷ ବନ୍ଧୁଙ୍କ ସହ ମିଶି ସ୍ତ୍ରୀ ମାଡ଼ ମାରି ଲହୁଲୁହାଣ କରିବା ପରେ ସ୍ୱାମୀ ଶୁକ୍ରବାର ମଞ୍ଚେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ ସହଯୋଗ ନ ମିଳିବାରୁ ସେ ସନ୍ଧ୍ୟାରେ ଥାନା ସାମ୍ନା ରାସ୍ତା କଡ଼ରେ ବସି କାନ୍ଦୁଥିଲେ। ସ୍ଥାନୀୟ ଲୋକେ ଏହାଦେଖି ତାଙ୍କୁ ପଚରାଉଚରା କରିବାରୁ ସେ ପୂରା ଘଟଣା କହିଥିଲେ। ଉକ୍ତ ବ୍ୟକ୍ତିଙ୍କ ଘର ଅନୁଗୋଳ ଜିଲା କଣିଆ ବ୍ଲକର ରେଙ୍ଗାଲି ଗ୍ରାମରେ ଓ ତାଙ୍କ ନାଁ ବିଜୟ କୁମାର ସାହୁ (୩୨)। ବାହଘରକୁ ୧୧ ବର୍ଷ ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ହେଲେ ବର୍ଷେ ହେଲା ତାଙ୍କ ସ୍ତ୍ରୀ ଆଉଜଣେ ପୁରୁଷଙ୍କ ସହ ଘରୁ ଲୁଚି ପଳାଇ ଆସିଥିଲେ। ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ମଞ୍ଚେଶ୍ୱରର ଝରଣା ସାହି (କ) ବସ୍ତିରେ ରହୁଥିବା ଜାଣିବା ପରେ ସେ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଧରି ଶୁକ୍ରବାର ଭୁବନେଶ୍ୱର ଆସି ତାଙ୍କ ଘରେ ପହଞ୍ଚିଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ସ୍ତ୍ରୀଙ୍କ ସହ ରହୁଥିବା ପୁରୁଷ ବନ୍ଧୁ ଓ ଅନ୍ୟ କେତେଜଣ ଯୁବକ ତାଙ୍କୁ ଘେରି ଯାଇ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଜୀବନ ବିକଳରେ ମାଡ଼ଖାଇ ଉଭୟ ସେଠାରୁ ଖସି ଆସି ଥାନାରେ ପହଞ୍ଚିଥିଲେ। ସ୍ତ୍ରୀଙ୍କ ଇଙ୍ଗିତରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଆକ୍ରମଣ କରିଥିବା ବିଜୟ କହିଛନ୍ତି। ପୋଲିସ ସବୁକଥା ବୁଝିବା ପରେ ବିଜୟଙ୍କୁ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।


ଥାନା ସମ୍ମୁଖରେ କାନ୍ଦୁଥିବା ବିଜୟ ସାହୁ।

## ଗଣ୍ଡଗୋଳ: ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

**ବାଲିପାଟଣା,୧୬।୪(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ଆଳଇ ଗ୍ରାମରେ ଋଣ ଟଙ୍କା ଫେରସ୍ତ ନ କରିବାରୁ ଗଣ୍ଡଗୋଳ ଘଟି ଜଣେ ଗୁରୁତର ଆହତ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶ ସାହୁ। ମୃତକଙ୍କ ସ୍ତ୍ରୀ କବିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୦୫/୨୧)ରୁଜୁକରି ଅଭିଯୁକ୍ତ ଦୀପକ ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। କବିତା ମହିଳା ମଣ୍ଡଳରୁ ୧୬ହଜାର ଟଙ୍କା ଋଣ ଆଣିଥିଲେ। ଋଣ ଟଙ୍କା ଶୁଝି ନ ପାରିବାରୁ ମଣ୍ଡଳ ସଭ୍ୟା ରଶ୍ମିମଣି ସାହୁ ଗତ ୧୨ତାରିଖରେ ତାଙ୍କ ଘରକୁ ଟଙ୍କା ମାଗିବାକୁ ଆସିଥିଲେ। କବିତାଙ୍କ ସ୍ୱାମୀ ଗଣେଶ ହସ୍ତକ୍ଷେପ କରିବାରୁ ରଶ୍ମିମଣିଙ୍କ ପୁଅ ଦୀପକ ତାଙ୍କୁ ରାସ୍ତାରେ କଚାଡ଼ି ଦେବାରୁ ଗୁରୁତର ହୋଇଥିଲେ।

## ୨୦ରେ କପିଳେଶ୍ୱର ଦେବଙ୍କ ରଥଯାତ୍ରା

**ନିରାକାରପୁର,୧୬।୪(ଡି.ଏନ୍.ଏ.)**

ଆସନ୍ତା ୨୦ତାରିଖରେ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥ ଯାତ୍ରା। ପାରମ୍ପରିକ ରୀତିନୀତି ସହ ହୋମଯଜ୍ଞ କରାଯାଇ ନିର୍ମାଣାଧୀନ ରଥରେ ନାହାକା ସଂଯୋଗ କରାଯାଇଛି। ରଥଯାତ୍ରା ପାଇଁ କପିଳେଶ୍ୱର ଦେବଙ୍କ ବଡ଼ଭାଇ ତଥା ଆରେଡି ଗ୍ରାମର ଇଷ୍ଟଦେବ ଗ୍ରାମେଶ୍ୱର ଦେବଙ୍କୁ ସେବାୟତ ବୀର ମହାପାତ୍ର, ପରିଚାଳନା କମିଟିର କିଶୋର କୁମାର ଦାସ ନିମନ୍ତ୍ରଣ କରିଛନ୍ତି। ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ଟାଙ୍ଗୀ ତହସିଲଦାର ଯୁଗଳ କିଶୋର ମିଶ୍ର, ସଭ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ନେଇ ଫେରିଛନ୍ତି। ଏହି ରଥଯାତ୍ରା ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ କରୋନା କଟକଣା ମଧ୍ୟରେ ପାଳିତ ହେବ।

# କର୍ଫ୍ୟୁ ପାଇଁ ବଜାର ବୁଲି ସଚେତନ କଲେ

**ଖୋର୍ଦ୍ଧା ଅଫିସ,୧୬।୪**

- ଗୋଟିଏ ମୋବାଇଲ ଶୋ'ରୁମ୍ ସିଲ୍
- ସ୍ଥାନାନ୍ତର ହେବେ ଫୁଟ୍‌ପାଥ ବ୍ୟବସାୟୀ

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏନେଇ ସରକାରଙ୍କ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଛି। ରାଜ୍ୟର ସବୁ ସହରରେ ଶନିବାର ରାତି ୯ଟାରୁ ଭୋର ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ କରାଯାଇଛି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ସନ୍ଧ୍ୟାରେ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଖୋର୍ଦ୍ଧା ସହରରେ ମକଡ୍ରିଲ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ପୋଲିସ ଭ୍ୟାନରେ ସାଇରନ ବଜାଇ ସହର ପରିକ୍ରମା କରିଥିଲେ। ଏସ୍‌ବିଆଇ ଛକ, ଟ୍ରାଫିକ ଛକରେ ଦୋକାନ ବଜାର ବୁଲି ସ୍ଥିତି ଅନୁଧ୍ୟାନ ସହ କୋଭିଡ୍ ଗାଇଡ୍‌ଲାଇନ ପାଳନ ଲାଗି ତାଗିଦ୍ କରିଥିଲେ। କୋଭିଡ୍ ଗାଇଡ୍‌ଲାଇନ ପାଳନ କରୁ ନ ଥିବା ଏକ ମୋବାଇଲ ଶୋ'ରୁମକୁ ସିଲ୍ କରାଯାଇଛି। ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଉପଜିଲାପାଳ ଅଶୋକ ବେହୁରିଆ, ଏସ୍‌ପି ରାଜକିଶୋର ଦୋରା, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ, ତହସିଲଦାର ପଦ୍ମଚରଣ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।


ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଏକ ଦୋକାନରେ ସଚେତନ କରୁଛନ୍ତି।

ପୌର ପ୍ରଶାସନ ପକ୍ଷରୁ ପୂର୍ବାହ୍ନରେ ନାଇଟ କର୍ଫ୍ୟୁ ସମ୍ପର୍କରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯିବ। ଗାଇଡ୍‌ଲାଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋକାନ, ବଜାରରେ ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ନ ରହିଲେ ଜରିମାନା ସହ ଆବଶ୍ୟକ ପଡିଲେ ଦୋକାନକୁ ସିଲ୍ କରାଯିବ। ଫୁଟପାଥ ବେପାରୀଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ ଅସ୍ଥାୟୀ ପରିବା ବଜାରକୁ ସ୍ଥାନାନ୍ତର କରାଯିବ। ବ୍ୟବସାୟୀ ପରସ୍ପରଠାରୁ ୨ମିଟର ଦୂରତା ରକ୍ଷା କରି ବେପାର କରିବେ। ନାଇଟ କର୍ଫ୍ୟୁ ସମୟରେ ଜରୁରୀ ସେବାଗୁଡିକୁ ବାଦ୍ ଦିଆଯାଇଛି। ସେବାଭୁକ୍ତ କର୍ମଚାରୀ ନିଜ ସଂସ୍ଥାର ପରିଚୟପତ୍ର ଦେଇ ଯାତାୟାତ କରିପାରିବେ। କର୍ଫ୍ୟୁ ସମୟରେ ବିନା କାରଣରେ ସହରରେ ବୁଲିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ମହାନ୍ତି କହିଛନ୍ତି। ସେହିପରି ଏସ୍‌ପି ଦୋରା କହିଛନ୍ତି, ଜରୁରୀ କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ଜିଲାର ସମସ୍ତ ସହରାଞ୍ଚଳରେ ପୋଲିସ ମୁତୟନ କରାଯିବ। ବିଭିନ୍ନ ଛକ ସ୍ଥାନରେ ବ୍ଲକିଂ କରାଯାଇ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାବୁଲି


@ ସ୍ୱାଗତ


@ ରାଜଦୀପ


@ ସୁଧା


@ ସୌମ୍ୟରଞ୍ଜନ


@ ସନ୍ତୋଷ


@ ସୁବ୍ରତ

## ଚାରିଛକରେ ଶୌଚାଳୟ ନିର୍ମାଣ ଦାବି

**ନିମାପଡ଼ା,୧୬।୪(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଏକ ପୁରାତନ ବଜାର ଓ ବ୍ୟବସାୟିକ କେନ୍ଦ୍ର। ଏଠାରେ ଦୈନିକ ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, ନୟାହାଟ, ନିଆଳି ଆଦି ଅଞ୍ଚଳର ହଜାର ହଜାର ଜନତାଙ୍କ ସମାଗମ ହେଉଥିବାବେଳେ ଚାରିଛକ ରୁଟ୍‌ରେ ଦୈନିକ ଶହ ଶହ ଯାନବାହନ ଚଳାଚଳ କରିଥାଏ। ହେଲେ ଏହି ଜନଗହଳିପୂର୍ଣ୍ଣ ବଜାରରେ ଅଦ୍ୟାବଧି ଏକ ଶୌଚାଳୟଟିଏ ନାହିଁ। ଏ ନେଇ ଶତାଧିକ ବ୍ୟବସାୟୀ, ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଥିଲେ ହେଁ କୌଣସି ସମାଧାନ ହୋଇପାରି ନାହିଁ। ଏହାସହ ସିପିଆଇ ପକ୍ଷରୁ ମଧ୍ୟ ଚାରିଛକରେ ଏକ ଶୌଚାଳୟ ନିର୍ମାଣ କରିବାକୁ ଦାବି କରିଛି। ଆସନ୍ତା ମାସେ ମଧ୍ୟରେ ଶୌଚାଳୟ ନିର୍ମାଣ ନ ହେଲେ ଚାରିଛକରେ ଦଳ ପକ୍ଷରୁ ଗଣଆନ୍ଦୋଳନ କରାଯିବ ବୋଲି ସିପିଆଇ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ସନ୍ତୋଷ ବେହେରା, ଶଙ୍କର ସ୍ୱାଇଁ, କାଳନ୍ଦୀ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବୀଣାପାଣି ସ୍ୱାଇଁ କହିଛନ୍ତି, ଚାରିଛକରେ ଶୌଚାଳୟ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଛି। ପଞ୍ଚାୟତର ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନରେ ନିର୍ବାଚନ ଆଚରଣବିଧି ଉଠିବା ପରେ ଖୁବଶୀଘ୍ର ଶୌଚାଳୟ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com   ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23.   ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୭/୨୦୨୧   Bhubaneswar,   Saturday, April 17/ 2021














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ